# ଧରିତ୍ରୀ
DHARITRI

ସମ୍ବଲପୁର, ଶୁକ୍ରବାର, ଅଗଷ୍ଟ ୫/୨୦୨୨ (୧୬ ପୃଷ୍ଠା) | Sambalpur, Friday, August 5/2022 | Page 16 | ₹ 7.00 | ★★

୧୮ଶ ଭାଗ ୨୨୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ₹୭/-




**ଆଲିଆଙ୍କ 'ଡାର୍ଲିଂ'କୁ ବଏକଟ୍**

ଅଭିନେତ୍ରୀ ଆଲିଆ ଭଟ୍ଟଙ୍କ ସିନେମା 'ଡାର୍ଲିଂ' ରିଲିଜ୍ ପୂର୍ବରୁ ଏହାକୁ ବଏକଟ୍ କରିବାକୁ ସୋସିଆଲ ମିଡିଆରେ ଦାବି ହେଉଛି।

୧୨

୧୪

**ହରମନପ୍ରୀତ୍‌ଙ୍କ ହ୍ୟାଟ୍ରିକ୍**

ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ୱେଲ୍ସ ବିପକ୍ଷ ହକି ମ୍ୟାଚରେ ଭାରତର ହରମନପ୍ରୀତ୍ ସିଂ ହ୍ୟାଟ୍ରିକ ଗୋଲ ସ୍କୋର କରିଛନ୍ତି।



# ମା'ଝିଅଙ୍କୁ ଗାଡ଼ି ମଡ଼ାଇ ହତ୍ୟା

## ଟିପ୍ପର ଧକ୍କାରେ ମୃତ୍ୟୁ ଘଟଣା ଭିନ୍ନ ମୋଡ଼ ନେଲା

ଧର୍ମଶାଳା/ଜେନାପୁର, ୪।୮ (ଡି.ଏନ.ଏ.)

ଯାଜପୁର ଜିଲା ଜେନାପୁର ଥାନା ଅନ୍ତର୍ଗତ ୫୩ ନମ୍ବର ଜାତୀୟ ରାଜପଥର ବରଡ଼ା ଛକ ନିକଟରେ ବୁଧବାର ଟିପ୍ପର ଧକ୍କାରେ ମା'ଝିଅଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣା ଗୁରୁବାର ଭିନ୍ନମୋଡ଼ ନେଇଛି। ଟିପ୍ପର ଚାଳକ ସାମାନ୍ୟ ବଚସାରେ ଉତ୍ତ୍ୟକ୍ତ ହୋଇ ଗାଡ଼ି ମଡ଼ାଇ ସେହି ମା'ଝିଅଙ୍କୁ ଅତି ନିର୍ମମ ଭାବେ ହତ୍ୟା କରିଛନ୍ତି ବୋଲି ପୋଲିସ କହିଛି। ମୃତକ ହେଲେ ଯାଜପୁର ଜିଲା ସୁକିନ୍ଦା ବ୍ଲକ ଅଧୀନ ରଥପଡ଼ିଆର ଅଶୋକ ଚକ୍ରବର୍ତ୍ତୀଙ୍କ ସ୍ତ୍ରୀ ଶ୍ରୀତିକା ଚକ୍ରବର୍ତ୍ତୀ(୪୭) ଓ ତାଙ୍କ ଝିଅ ସୋମାଲୀ ଚକ୍ରବର୍ତ୍ତୀ(୨୬)। ଏନେଇ ପୋଲିସ ନିଜ ଆଡୁ ଏକ ହତ୍ୟା ମାମଲା ରୁଜୁ କରିବା ସହ ଅଭିଯୁକ୍ତ ଗାଡ଼ି ଚାଳକଙ୍କୁ ଗୁରୁବାର ଗିରଫ କରି ତଦନ୍ତ ଚଳାଇଛି। ଗିରଫ ଚାଳକ ହେଲେ ଉକ୍ତ ଥାନା ଅଧୀନ ସଂପାରୁ ପଞ୍ଚାୟତ ତୋଟାକଣ ଗ୍ରାମର ଅମର ସ୍ୱାଇଁ। ଶୁକ୍ରବାର ତାଙ୍କୁ କୋର୍ଟଚାଲାଣ କରାଯିବ। ଚାଳକଙ୍କୁ ପଚରାଉଚରା ବେଳେ ସେ ନିଜ ଭୁଲ୍ ସ୍ୱୀକାର କରିଥିବା କଥା ଏସ୍‌ପି ରାହୁଲ୍ ପିଆର୍ ସୂଚନା ଦେଇଛନ୍ତି। ଏଥିସହିତ ଜେନାପୁର ଥାନା ଅଧିକାରୀ ଉମାକାନ୍ତ ନାୟକ ଆରୁହା ଛକରେ ପହଞ୍ଚି ପ୍ରତ୍ୟକ୍ଷଦର୍ଶୀଙ୍କଠାରୁ ଅନେକ ତଥ୍ୟ ସଂଗ୍ରହ କରିଛନ୍ତି।



ମା'ଝିଅଙ୍କ ଫଟୋ।

ଏ ସମ୍ପର୍କରେ ଥାନା ଅଧିକାରୀ କହିଛନ୍ତି, ଶ୍ରୀତିକା ତାଙ୍କ ବାପାଙ୍କ ଶୁଦ୍ଧିକ୍ରିୟା ପାଇଁ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ଗ୍ରାମକୁ ଝିଅ ସହ ଯାଇଥିଲେ।

- ନିଜ ପକ୍ଷରୁ ମାମଲା ରୁଜୁକଲା ପୋଲିସ
- ଚାଳକ ଗିରଫ, ହତ୍ୟା ମାମଲା ରୁଜୁ



ଗିରଫ ଗାଡ଼ି ଚାଳକ।

ଶୁଦ୍ଧିକ୍ରିୟା ସାରି ମା',ଝିଅ ବୁଧବାର ଅପରାହ୍ନରେ ଏକ ସ୍କୁଟି(ନଂ.ଓଡି୦୬ଜି ୭୯୨୯)ରେ ଘରକୁ ଫେରୁଥିଲେ। ଆରୁହା ଛକ ନିକଟରେ ଶ୍ରୀତିକା,ସୋମାଲୀ ଓ ଟ୍ରକ୍ ଚାଳକ ଅମରଙ୍କ ମଧ୍ୟରେ ବଚସା ହୋଇଥିଲା। ସ୍ଥାନୀୟ ଲୋକେ ଏହା ଦେଖି ସେଠାରେ ରୁଣ୍ଡ ହୋଇ ଯାଇଥିଲେ। ତେବେ କ'ଣ ପାଇଁ ଏହି ବଚସା ଚାଲିଛି ବୋଲି ପଚାରିବାରୁ ଶ୍ରୀତିକା, ସୋମାଲୀ କହିଥିଲେ, ସ୍କୁଟିରରେ ଆସୁଥିବା ବେଳେ ଟିପ୍ପର ଚାଳକ ସେମାନଙ୍କୁ ସାଇଡ୍ ମାରିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ତେଣୁ ସେମାନେ ଆରୁହା ଛକରେ ଟ୍ରକ୍‌କୁ ଅଟକାଇ ସମ୍ପୃକ୍ତ ଚାଳକଙ୍କୁ ପଚାରିବାରୁ ଚାଳକ ତାଙ୍କୁ ଗାଳିଗୁଲଜ କରିଥିଲେ। ସ୍ଥାନୀୟ ଲୋକେ ଏହି ଘଟଣାର ଆପୋସ ସମାଧାନ କରି ଶ୍ରୀତିକା ଓ ସୋମାଲୀଙ୍କୁ ବିଦା କରିଦେଇଥିଲେ। ତେବେ ଏହାର କିଛି ସମୟ ପରେ ଟିପ୍ପର ଚାଳକ ସେହି ରାସ୍ତାରେ ଗାଡ଼ି ନେଇ ଯାଇଥିଲେ। ମାତ୍ର ୧୫ରୁ ୨୦ ମିନିଟ ପରେ ସେମାନଙ୍କୁ ବରଡ଼ା ଛକରେ ଦେଖି ଗାଡ଼ି ଚଢ଼ାଇ ଦେଇଥିଲେ। ଫଳରେ ଘଟଣାସ୍ଥଳରେ ମା'ଝିଅଙ୍କ ମୃତ୍ୟୁ ହୋଇଥିଲା। ଚାଳକ ଜାଣିଶୁଣି ଗାଡ଼ି ଚଢ଼ାଇ ହତ୍ୟା କରି ଦୁର୍ଘଟଣାର ରୂପଦେବାକୁ ଚେଷ୍ଟା କରିଥିଲେ ବୋଲି ☞ପୃଷ୍ଠା-୪

## ଜଷ୍ଟିସ୍ ୟୁ.ୟୁ. ଲଳିତ ପରବର୍ତ୍ତୀ ସିଜେଆଇ



ନୂଆଦିଲ୍ଲୀ,୪।୮: ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏନ୍.ଭି. ରମନା ଗୁରୁବାର ତାଙ୍କ ଉତ୍ତରାଧିକାରୀ ଭାବେ ଜଷ୍ଟିସ ଉଦୟ ଉମେଶ ଲଳିତ (ୟୁ.ୟୁ.ଲଳିତ)ଙ୍କ ନାମ ସରକାରଙ୍କୁ ସୁପାରିସ କରିଛନ୍ତି। ଜଷ୍ଟିସ ରମନାଙ୍କ କାର୍ଯ୍ୟକାଳ ଅଗଷ୍ଟ ୨୬ରେ ଶେଷ ହେଉଥିବାବେଳେ ☞ପୃଷ୍ଠା-୪









### ଆଜିର ମନ୍ତବ୍ୟ

"ଗାନ୍ଧୀ ପରିବାର ଆଇନରୁ ଊର୍ଦ୍ଧ୍ୱରେ ନୁହନ୍ତି। ନ୍ୟାଶନାଲ ହେରାଲ୍ଡ ମାମଲାରେ ଇଡି ପ୍ରଶ୍ନର ଉତ୍ତର ଦେବାକୁ ସେମାନେ ବାଧ୍ୟ। ଦୁର୍ନୀତି, ଆଇନ ଉଲ୍ଲଂଘନ, ତଦନ୍ତକାରୀ ସଂସ୍ଥାକୁ ଧମକ ଦେବାରେ ଏହି ପରିବାର ଭୟ କରନ୍ତି ନାହିଁ।

- ଗୌରବ ଭାଟିଆ, ଭାଜପା ମୁଖପାତ୍ର

### ଆଜିର ସମ୍ପାଦକୀୟ

**ସଚେତନ ହେବାର ବେଳ**

# ୨୨୫୩.୧୫ କୋଟିରେ ହେବ ୧୧ ପ୍ରକଳ୍ପ

- ୩,୮୧୭ ଜଣଙ୍କୁ ମିଳିବ ପ୍ରତ୍ୟକ୍ଷ ନିଯୁକ୍ତି ସୁଯୋଗ
- ସୁନ୍ଦରଗଡ଼ରେ ଲୁହାପଥର ବେନିଫିକେଶନ କାରଖାନା
- ଖୋର୍ଦ୍ଧାରେ କ୍ଲାଉଡ୍ ହୋଷ୍ଟିଂ ସର୍ଭିସ୍ ସୁବିଧାଯୁକ୍ତ ଡାଟାସେଣ୍ଟର
- ଢେଙ୍କାନାଳରେ ଶସ୍ୟଭିତ୍ତିକ ଇଥାନଲ ପ୍ଲାଣ୍ଟ

ଭୁବନେଶ୍ୱର, ୪।୮ (ବ୍ୟୁରୋ)

ରାଜ୍ୟରେ ଖୁବ୍‌ଶୀଘ୍ର ୧୧ ନୂଆ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବ। ଏଥିରେ ମୋଟ ୨୨୫୩.୧୫ କୋଟି ଟଙ୍କାର ପୁଞ୍ଜିନିବେଶ କରାଯିବ। ପ୍ରକଳ୍ପଗୁଡ଼ିକରେ ମୋଟ୍ ୩,୮୧୭ ଜଣଙ୍କୁ ପ୍ରତ୍ୟକ୍ଷ ନିଯୁକ୍ତି ସୁଯୋଗ ମିଳିବ। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଗୁରୁବାର ଅନୁଷ୍ଠିତ ରାଜ୍ୟ ଏକକ ବାତାୟନ (ସିଙ୍ଗିଲ ୱିଣ୍ଡୋ) କମିଟି ବୈଠକରେ ଏଥିଲାଗି ନୀତିଗତ ଅନୁମୋଦନ ମିଳିଛି।

ସୁନ୍ଦରଗଡ଼ରେ ୫୩୩.୨୫ କୋଟି ଟଙ୍କା ବିନିଯୋଗରେ ଫିଡର୍ସ ଇଲେକ୍ଟ୍ରିକ୍ ଏବଂ ଇଞ୍ଜିନିୟରିଂ ଲିମିଟେଡ୍ ପକ୍ଷରୁ ଲୁହାପଥର ବେନିଫିକେଶନ କାରଖାନା ସ୍ଥାପନ ହେବ। ଏଥିରେ ୧୦୨୯ ଜଣଙ୍କୁ ନିଯୁକ୍ତି ମିଳିବ। ସେହିପରି ସୁନ୍ଦରଗଡ଼ରେ ୫୨୦ କୋଟି ଟଙ୍କା ବିନିଯୋଗରେ ଏନ୍‌ଭିରୋକେୟାର୍ ଇନ୍‌ଫ୍ରାସଲ୍ୟୁଶନ ପ୍ରାଇଭେଟ ☞ପୃଷ୍ଠା-୪

## ୮୭ ପ୍ରତିଶତ ବୁଷ୍ଟର ଡୋଜ୍ ନେଇନାହାନ୍ତି

ଭୁବନେଶ୍ୱର, ୪।୮ (ବ୍ୟୁରୋ)

କରୋନା ମହାମାରୀର ମୁକାବିଲା ପାଇଁ ସବୁଠୁ ବଡ଼ ଅସ୍ତ୍ର ଭାବେ ଟିକାକରଣକୁ ଗୁରୁତ୍ୱ ଦିଆଯାଉଛି। ରାଜ୍ୟରେ ପ୍ରଥମ ଓ ଦ୍ୱିତୀୟ ଟିକାକରଣ ପରେ ଏବେ ବୁଷ୍ଟର ଡୋଜ୍ ଜାରି ରହିଛି। ମାତ୍ର ଅଧିକାଂଶ ଲୋକ ବୁଷ୍ଟର ଡୋଜ୍ ନେବାକୁ ଆଗ୍ରହ ଦେଖାଉ ନାହାନ୍ତି। ଏବେ ସୁଦ୍ଧା ରାଜ୍ୟର ମାତ୍ର ୪୨ ଲକ୍ଷ ୭୦ହଜାର ୪୮୭ ଜଣ (୧୩%) ବୁଷ୍ଟର ଡୋଜ୍ ନେଇଛନ୍ତି। ବାକି ୮୭ ପ୍ରତିଶତ ବା ୨କୋଟି ୮୪ ଲକ୍ଷ ଲୋକ ବୁଷ୍ଟର ଡୋଜ୍ ନେଇ ନାହାନ୍ତି। ଏହାକୁ ନେଇ ଚିନ୍ତା ପ୍ରକଟ କରାଯାଇଛି। ସେହିପରି ରାଜ୍ୟରେ ୨୫ ଲକ୍ଷ ଲୋକ ଦ୍ୱିତୀୟ ଡୋଜ ଟିକା ନେଇନାହାନ୍ତି। ରାଜ୍ୟର ୬ଟି ଜିଲା ଯଥା କଟକ, ଖୋର୍ଦ୍ଧା, ଜଗତ୍‌ସିଂହପୁର, ସୁନ୍ଦରଗଡ଼, ପୁରୀ, ଅନୁଗୋଳରେ ୯୦ ପ୍ରତିଶତରୁ କମ୍ ପ୍ରଥମ ଡୋଜ ଟିକାକରଣ ହୋଇଛି। ତେବେ କେନ୍ଦ୍ର ସରକାରଙ୍କ ଦ୍ୱାରା ଦିଆଯାଉଥିବା ମାଗଣା ଟିକାକରଣକୁ ଆଉ କମ୍ ଦିନ ବାକି ଥିବାରୁ ସମସ୍ତଙ୍କୁ ଯଥାଶୀଘ୍ର ବୁଷ୍ଟର ଡୋଜ୍ ନେବା ପାଇଁ ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ ଅନୁରୋଧ କରିଛନ୍ତି। ଏଥିସହିତ ରାଜ୍ୟରେ କୋଭିଶିଲ୍ଡ ଟିକା କମ୍ ଥିବାରୁ ଏନେଇ ସ୍ୱାସ୍ଥ୍ୟ ବିଭାଗ କେନ୍ଦ୍ରକୁ ଚିଠି ଲେଖିଛି।


DSPL - 127

## ଡାଇରିଆ (ତରଳ ଝାଡା) ପ୍ରତି ସତର୍କ ଓ ସଚେତନ ରୁହନ୍ତୁ

NATIONAL HEALTH MISSION

**ଡାଇରିଆର ଲକ୍ଷଣ :**

ଦିନକୁ ୩ ଥର ବା ତା'ଠାରୁ ଅଧିକ ପତଳା ଝାଡା, ଦେହହାତ ଘୋଳାବିନ୍ଧା, ହାଲିଆ ଲାଗିବା ସହ ଜିଭ ଏବଂ ଓଠ ଶୁଖିଯିବା, ଅଧିକ ଶୋଷ ଲାଗିବା ଓ ପରିସ୍ରା କମ୍ ହେବା। ଏପରି କ୍ଷେତ୍ରରେ ତୁରନ୍ତ ଆଶା କିମ୍ବା ସ୍ୱାସ୍ଥ୍ୟକର୍ମୀଙ୍କୁ ସୂଚନା ଦେବା ସହିତ ଓ.ଆର୍.ଏସ୍ କିମ୍ବା ଘରେ ମିଳୁଥିବା ତୋରାଣି, ପଇଡ ପାଣି, ଚିନି ଲୁଣ ସର୍ବତ ଆଦି ଯଥେଷ୍ଟ ପରିମାଣରେ ପିଇବାକୁ ଦିଅନ୍ତୁ।

**ଡାଇରିଆର ପ୍ରତିରୋଧ :**

**କରନ୍ତୁ :**

- ✓ ବାହାରେ ଝାଡା ନଯାଇ କେବଳ ପାଇଖାନା ବ୍ୟବହାର କରନ୍ତୁ।
- ✓ ପାଇଖାନା ଯିବା ସମୟରେ ଚପଲ ବ୍ୟବହାର କରନ୍ତୁ।
- ✓ ଶୌଚ ପରେ, ଖାଦ୍ୟ ପରଷିବା କିମ୍ବା ଖାଇବା ପୂର୍ବରୁ ହାତକୁ ଭଲ ଭାବରେ ସାବୁନ୍‌ରେ ଧୁଅନ୍ତୁ।
- ✓ ବିଶୋଧିତ ପାଇପ୍ ପାଣି, ଗଭୀର ନଳକୂଅ ପାଣି, ହାଲୋଜେନ ବଟିକା ପଡିଥିବା ପାଣି କିମ୍ବା ଫୁଟା ପାଣି ପିଅନ୍ତୁ।
- ✓ ତରଳ ଝାଡା ସମୟରେ ଜଳ ଶୁଷ୍କତାରୁ ରକ୍ଷା ପାଇବା ପାଇଁ ଓ.ଆର୍.ଏସ୍ କିମ୍ବା ଘରେ ମିଳୁଥିବା ତୋରାଣି, ପଇଡ ପାଣି, ଚିନି ଲୁଣ ସର୍ବତ ଆଦି ପିଅନ୍ତୁ।
- ✓ ପିଇବାପାଣି ପାତ୍ରରେ ହାତ ନବୁଡାଇ ଡଙ୍କି ବ୍ୟବହାର କରନ୍ତୁ।
- ✓ ତଟକା ଓ ଗରମ ଖାଦ୍ୟ ଖାଆନ୍ତୁ।

**କରନ୍ତୁ ନାହିଁ :**

- ✗ ନଇ, ଝରଣା, ଚୂଆ ବା ପୋଖରୀ ଆଦି ପାଣି ପିଅନ୍ତୁ ନାହିଁ।
- ✗ କୂଅ, ନଳକୂଅ ପାଖରେ ବାସନକୁସନ ଧୁଅନ୍ତୁ ନାହିଁ କିମ୍ବା ଲୁଗାପଟା ସଫାକରନ୍ତୁ ନାହିଁ।
- ✗ ବାସି, ପଚାସଢ଼ା ବା ମାଛିବସା ଖାଦ୍ୟ ଖାଆନ୍ତୁ ନାହିଁ।
- ✗ ଝାଡା ରୋଗୀର ଅପରିଷ୍କାର ଲୁଗାପଟା ନଦୀ, ପୋଖରୀ ଓ ଝରଣା ଆଦିରେ ଧୁଅନ୍ତୁ ନାହିଁ।



ଡାଇରିଆର ଚିକିତ୍ସା ସମସ୍ତ ସରକାରୀ ଡାକ୍ତରଖାନାରେ ବିନାମୂଲ୍ୟରେ ଉପଲବ୍ଧ। ତୁରନ୍ତ ଚିକିତ୍ସା ଦ୍ୱାରା ଜୀବନ ରକ୍ଷା ସମ୍ଭବ।

OIPR-10003/13/0057/2223

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

facebook.com/HFWOdisha | http://www.health.odisha.gov.in/ | @HFWOdisha



ପେଲୋସିଙ୍କ ଗସ୍ତକୁ ନେଇ ତାଇୱାନ୍ ଓ ଆମେରିକା ଉପରେ କ୍ଷୁବ୍ଧ ଚାଇନା ସମରାଭ୍ୟାସ ଆଳରେ ଆତଙ୍କ ସୃଷ୍ଟି କରିଛି। ଶତାଧିକ ଲଢୁଆ ବିମାନ ଓ ୧୦ରୁ ଊର୍ଦ୍ଧ୍ୱ ଯୁଦ୍ଧଜାହାଜକୁ ସକ୍ରିୟ କରି ଯୁଦ୍ଧ ପ୍ରସ୍ତୁତିର ସଙ୍କେତ ଦେଇଛି। ତାଇୱାନ୍ ପ୍ରଣାଳୀରେ ଡ୍ରାଗନ୍‌ର କ୍ଷେପଣାସ୍ତ୍ର ମାଡ଼ ସହ ସୀମାରେ ସୈନ୍ୟ ଓ ଅସ୍ତ୍ର ଠୁଳ ତାଇପେଇର ଚିନ୍ତା ବଢ଼ାଇଛି। ଚାଇନାର ୨୨ ଫାଇଟର ଜେଟ୍ ମେଡିଆନ୍ ଲାଇନ୍ ଅତିକ୍ରମ କରିଥିବା ତାଇୱାନ୍ ଅଭିଯୋଗ ଆଣିଛି। ଜାପାନର ଇକୋନୋମିକ୍ ଜୋନ୍‌ରେ ଚାଇନାର ୫ଟି ମିଶାଇଲ୍ ପଡ଼ିଥିବା ଟୋକିଓ କହିଛି।



ପିଏଲ୍‌ଏର ଇଷ୍ଟର୍ନ କମାଣ୍ଡ ଅଧୀନ ଗ୍ରାଉଣ୍ଡ ଫୋର୍ସ ଗୁରୁବାର ତାଇୱାନ୍ ପ୍ରଣାଳୀରେ ଦୂରଗାମୀ କ୍ଷେପଣାସ୍ତ୍ର ପରୀକ୍ଷଣ କରୁଛି।

# ଘୋଟିଲା ଯୁଦ୍ଧ ବାଦଲ

**ବେଜିଂ/ତାଇପେଇ/ୱାଶିଂଟନ,୪।୮**

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ୟୁକ୍ରେନ୍ ଦଖଲ ଉଦ୍ୟମର ଦୁଷ୍ପରିଣାମ କେବଳ ଦୁଇ ପଡ଼ୋଶୀ ଭୋଗୁ ନାହାନ୍ତି। ଫେବୃୟାରୀ ୨୪ରୁ ଚାଲିଥିବା ଯୁଦ୍ଧ ସାରା ବିଶ୍ୱର ଅର୍ଥନୀତିକୁ ପ୍ରଭାବିତ କରିଛି। ଏହାର ଅବସାନ କେବେ ଘଟିବ ଆକଳନ କରି ହେଉ ନ ଥିବାବେଳେ ମସ୍କୋକୁ ଅନୁସରଣ କରି ତାଇୱାନ ଉପରେ ଅନୁରୂପ ଭାବେ ଦାଉସାଧୁଛି ବେଜିଂ। ୟୁକ୍ରେନ୍ ଆକ୍ରମଣକୁ ଅନେକ ରାଷ୍ଟ୍ର ନିନ୍ଦା କରିଥିବାବେଳେ ଆମେରିକାର ତାଗିଦ ସତ୍ତ୍ୱେ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍ ରୁଷୀୟ ପ୍ରତିପକ୍ଷ ପୁଟିନ୍‌ଙ୍କୁ ସମର୍ଥନ କରିଆସିଛନ୍ତି। ଚାଇନାର ସାମରିକ ବାହିନୀ ଗୁରୁବାରଠାରୁ ୪ ଦିନିଆ ଯୁଦ୍ଧଖେଳ ଆରମ୍ଭ କରିଛି। ସମରାଭ୍ୟାସ ନାମରେ ତାଇୱାନ ପ୍ରଣାଳୀରେ ଘନଘନ ବାଲିଷ୍ଟିକ୍ ମିଶାଇଲ ମାଡ଼ କରାଯାଉଛି। ଗଣମାଧ୍ୟମରେ ପ୍ରସାରିତ କ୍ଷେପଣାସ୍ତ୍ର ଛଡ଼ାଯିବାର ଛାତିଥରା ଦୃଶ୍ୟ ବିଶ୍ୱବାସୀଙ୍କ ମନରେ ଭୟ ସଞ୍ଚାର କରିଛି। ଆଗକୁ ଚାଇନା-ତାଇୱାନ୍ ସଂଘର୍ଷ ଘଟିଲେ ସ୍ଥିତି କେଉଁ ଆଡ଼କୁ ମୁହାଁଇବ ଠଉରାଇବା ମୁସ୍କିଲ ନୁହେଁ। ଗୋଟିଏ ଯୁଦ୍ଧ ସରିନାହିଁ। ବିଶ୍ୱର ତିନି ମହାଶକ୍ତି ଆମେରିକା, ଚାଇନା ଓ ରୁଷିଆ ମଧ୍ୟରେ ଚାଲିଥିବା ବାଣିଜ୍ୟିକ-ସାମରିକ-କୂଟନୈତିକ ପ୍ରତିଦ୍ୱନ୍ଦ୍ୱିତାରୁ ଶୁଭାଗଲାଣି ଆଉ ଏକ ସମ୍ଭାବ୍ୟ ଯୁଦ୍ଧର ପଦଧ୍ୱନି।

ଆମେରିକା ପ୍ରତିନିଧି ସଭା ସ୍ପିକର ନାନ୍ସି ପେଲୋସିଙ୍କ ତାଇୱାନ ଗସ୍ତ ପରେ ତତ୍କାଳ ପ୍ରତିକ୍ରିୟାଶୀଳ ହୋଇଉଠିଛି ଚାଇନା। ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍‌ଏ)ର ଇଷ୍ଟର୍ନ କମାଣ୍ଡ ଗୁରୁବାର ତାଇୱାନ ପ୍ରଣାଳୀରେ ସମରାଭ୍ୟାସ ଆରମ୍ଭ କରିଛି, ଯାହାକି ରବିବାର ପର୍ଯ୍ୟନ୍ତ ଚାଲିବ। ଚାଇନା ସେନାର ନୂଆ ଶାଖା ରକେଟ ଫୋର୍ସ ପକ୍ଷରୁ ଦ୍ୱୀପରାଷ୍ଟ୍ରର ଉତ୍ତର-ପୂର୍ବ ଓ ଦକ୍ଷିଣ-ପଶ୍ଚିମ ଉପକୂଳରେ ୧୧ଟି ଦୂରଗାମୀ କ୍ଷେପଣାସ୍ତ୍ର ଉତ୍କ୍ଷେପଣ କରାଯାଇଛି। ଫଳରେ ବ୍ୟସ୍ତବହୁଳ ଜଳପଥରେ ତାଇୱାନର ଜାହାଜ ଚଳାଚଳ ଓ ଆକାଶ ମାର୍ଗରେ ବିମାନ ଉଡ଼ାଣ ବାଧାପ୍ରାପ୍ତ ହୋଇଛି। ଅନ୍ୟ ମାର୍ଗ ଦେଇ ମାଲ ପରିବହନ କରାଯାଉଥିବାରୁ ବୈଶ୍ୱିକ ଯୋଗାଣ ଶୃଙ୍ଖଳ ବିଳମ୍ବିତ ହେବା ଆଶଙ୍କା ଉପୁଜିଛି। ତାଇୱାନର ତାଓୟୁଆନ୍ ଅନ୍ତର୍ଜାତୀୟ ବିମାନବନ୍ଦରରୁ ୫୦ରୁ ଊର୍ଦ୍ଧ୍ୱ ଇଣ୍ଟରନ୍ୟାଶନାଲ ଫ୍ଲାଇଟ୍‌କୁ ବାତିଲ କରାଯାଇଛି। ଚାଇନାର ଘନିଷ୍ଠ ସହଯୋଗୀ ଉତ୍ତର କୋରିଆ କିଛି ମାସ ତଳେ ସମ୍ପୃକ୍ତ ଅଞ୍ଚଳରେ ଡିଏଫ୍ ସିରିଜ୍‌ର ମିଶାଇଲ ପରୀକ୍ଷଣ କରି ଉତ୍ତେଜନା ବୃଦ୍ଧି କରିଥିବାବେଳେ ବେଜିଂ ଏହାକୁ ଅନୁସରଣ କରି ମିଶାଇଲ୍ ମାଡ଼ କରୁଥିବା ତାଇପେଇ ଅଭିଯୋଗ ଆଣିଛି।

## ଦକ୍ଷିଣ କୋରିଆରେ ପେଲୋସି

ସିଙ୍ଗାପୁର ପରେ ମାଲେସିଆରୁ ତାଇୱାନ ଗସ୍ତ ଶେଷ କରି ଜାପାନ ଦେଇ ଗୁରୁବାର ଦକ୍ଷିଣ କୋରିଆରେ ପହଞ୍ଚିଛନ୍ତି ଆମେରିକା ହାଉସ୍ ସ୍ପିକର ନାନ୍ସି ପେଲୋସି। ସିଓଲରେ ସେ ଦକ୍ଷିଣ କୋରିଆ ନ୍ୟାଶନାଲ ଆସେମ୍ବ୍ଲି ସ୍ପିକର କିମ୍ ଜିନ୍ ପ୍ୟୋ ଓ ବରିଷ୍ଠ ସାଂସଦମାନଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। କିନ୍ତୁ ତାଙ୍କ ଗସ୍ତ ଯୋଗୁ ଉପୁଜିଥିବା ଚାଇନା-ତାଇୱାନ ଉତ୍ତେଜନା ଉପରେ ମନ୍ତବ୍ୟ ଦେବାକୁ ଉଚିତ ମଣିନାହାନ୍ତି। ଉତ୍ତର କୋରିଆରେ ପ୍ରାୟ ୨୮,୫୦୦ ଆମେରିକୀୟ ସୈନ୍ୟ ଅଛନ୍ତି।



ନାନ୍ସି ପେଲୋସି



"ତାଇୱାନ୍ ଯୁଦ୍ଧ ପାଇଁ ଉସୁକାଇବ ନାହିଁ। କିନ୍ତୁ ନିଜ ସାର୍ବଭୌମତ୍ୱ ଓ ଜାତୀୟ ସୁରକ୍ଷାକୁ ଦୃଢ଼ ଭାବେ ସୁରକ୍ଷା ଦେବ।

**-ତାଇୱାନ୍ ରାଷ୍ଟ୍ରପତି ସାଇ ଇଙ୍ଗ୍-ୱେନ୍**

## ଚାଇନା ବନାମ ତାଇୱାନ

- ୧୯୪୦ ଦଶକରେ ଗୃହଯୁଦ୍ଧ ସମୟରେ ଚାଇନାଠାରୁ ତାଇୱାନ୍ ପୃଥକ୍ ହୋଇଥିଲା। ଚାଇନା ଏହି ସ୍ୱୟଂଶାସିତ ଭୂଖଣ୍ଡକୁ ନିଜର ଦାବି କରି ବଳପୂର୍ବକ ଦଖଲ କରିବାକୁ ଚାହେଁ।
- ତାଇୱାନର ନିଜସ୍ୱ ସମ୍ବିଧାନ ରହିଛି। ଗଣତାନ୍ତ୍ରିକ ଉପାୟରେ ନିର୍ବାଚିତ ରାଷ୍ଟ୍ରପତି ସରକାର ଚଳାନ୍ତି। ଏହାର ସଶସ୍ତ୍ର ବଳରେ ପ୍ରାୟ ୩ ଲକ୍ଷ ସକ୍ରିୟ ସୈନ୍ୟ ଅଛନ୍ତି।
- ତାଇୱାନକୁ ଅଳ୍ପ କେତୋଟି ଛୋଟ ଦେଶ ସ୍ୱତନ୍ତ୍ର ରାଷ୍ଟ୍ର ରୂପେ ସ୍ୱୀକୃତି ଦେଇଛନ୍ତି। ଅଧିକାଂଶ ଦେଶ ଏହାକୁ ଚାଇନାର ଏକ ଅଂଶ ବିବେଚନା କରି ବେଜିଂ ପରିଚାଳିତ ସରକାରକୁ ମାନ୍ୟତା ଦେଇଥାଆନ୍ତି।
- ତାଇୱାନ ସହ ଆମେରିକାର ଆନୁଷ୍ଠାନିକ କୂଟନୈତିକ ସମ୍ପର୍କ ନାହିଁ। କିନ୍ତୁ ଏକ ଚୁକ୍ତି ଅନୁସାରେ ଆମେରିକା ଏହି ଦ୍ୱୀପରାଷ୍ଟ୍ରକୁ ଅସ୍ତ୍ରଶସ୍ତ୍ର ବିକ୍ରି କରିଥାଏ। ତାଇୱାନକୁ ଆତ୍ମରକ୍ଷା ପାଇଁ ଜରୁରୀ ସାମରିକ ସହାୟତା ଦେବା ଲାଗି ଉଦ୍ଦିଷ୍ଟ ଏକ ଆଇନ ରହିଥିବା ୱାଶିଂଟନ କହିଥାଏ।

## କ'ଣ ପାଇଁ ଲଢ଼େଇ

ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍ ତୃତୀୟ ଥର ପାଇଁ ୫ ବର୍ଷିଆ ଶାସନ କ୍ଷମତାରେ ରହିବାକୁ ଚାହୁଁଛନ୍ତି। ସେ ନିଜ ପରବର୍ତ୍ତୀ କାର୍ଯ୍ୟକାଳ ମଧ୍ୟରେ ତାଇୱାନକୁ ଚାଇନା ମୂଳ ଭୂଖଣ୍ଡରେ ସାମିଲ କରି ଦେଶବାସୀଙ୍କ ନଜରରେ 'ହିରୋ' ସାଜିବାକୁ ଯଥାସାଧ୍ୟ ଉଦ୍ୟମ କରୁଛନ୍ତି। ତାଙ୍କ ବିସ୍ତାରବାଦୀ ମହତ୍ତ୍ୱାକାଂକ୍ଷାକୁ ଚରିତାର୍ଥ କରିବା ସକାଶେ 'ୱାନ୍ ଚାଇନା ପଲିସି' ବଡ଼ ଅସ୍ତ୍ର ପାଲଟିଛି। କିଛି ମାସ ପରେ କମ୍ୟୁନିଷ୍ଟ ପାର୍ଟି ଅଫ୍ ଚାଇନା ଜିନ୍‌ପିଙ୍ଗ୍‌ଙ୍କ ଦାବିକୁ ସମର୍ଥନ କରିବା ଏକପ୍ରକାର ନିଶ୍ଚିତ ଥିବାବେଳେ ତାଙ୍କ ପରାକ୍ରମକୁ ଦୁର୍ବଳ କରିବା ପାଇଁ ଆମେରିକା ଉଦ୍ୟମ ଚଳାଇଛି। ବିଶେଷକରି ବର୍ଷକ ତଳେ ଆଫଗାନିସ୍ତାନରୁ ଆମେରିକୀୟ ସୈନ୍ୟଙ୍କ ପ୍ରତ୍ୟାବର୍ତ୍ତନ ପରେ କାବୁଲରେ ଗଣତାନ୍ତ୍ରିକ ସରକାରର ପତନ ଏବଂ ଗତ ଫେବୃୟାରୀରେ ତାଗିଦ୍ ସତ୍ତ୍ୱେ ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ବିଶ୍ୱସ୍ତରରେ ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ଭାବମୂର୍ତ୍ତିକୁ ଦୁର୍ବଳ କରିଦେଇଛି। ଏଥିଲାଗି ବାଇଡେନ୍ ନିଜ ଛବି ସୁଧାରିବା ପାଇଁ ଅଲ୍-କାଏଦା ମୁଖ୍ୟ ଅୟମନ୍ ଅଲ୍-ଜୱାହିରିଙ୍କୁ ନିପାତ କରିବା ଭଳି ପଦକ୍ଷେପ ନେଉଛନ୍ତି। ନିକଟରେ ବାଇଡେନ୍‌ଙ୍କ ସହ ଭର୍ଚୁଆଲ ଆଲୋଚନା ବେଳେ ଚାଇନା ପ୍ରତିପକ୍ଷ ଜିନ୍‌ପିଙ୍ଗ୍ ତାଙ୍କୁ ନିଆଁ ସହ ଖେଳିଲେ ପୋଡ଼ିଯିବ ବୋଲି ଚେତାବନୀ ଦେଇଥିଲେ। ଏହାକୁ ଭ୍ରୂକ୍ଷେପ ନ କରି ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ସ ସ୍ପିକର ନାନ୍ସି ପେଲୋସି ତାଇୱାନ ଗସ୍ତ କରିଥିଲେ। ପେଲୋସିଙ୍କ ନେତୃତ୍ୱରେ ତାଇୱାନ ଗସ୍ତ ଶେଷକରି ବୁଧବାର ଫେରିଥିବା କଂଗ୍ରେସ ପ୍ରତିନିଧି ଦଳକୁ ଆମେରିକା ବାୟୁସେନା ବିମାନଗୁଡ଼ିକ ଏସ୍କର୍ଟ କରି ନେଉଥିବା ଦୃଶ୍ୟ ସାମ୍ପ୍ରତିକ ସ୍ଥିତିର ଭୟାବହତାକୁ ସୂଚାଇଛି। ବେଜିଂ ନିଜ ଔଦ୍ଧତ୍ୟକୁ ଯଥାର୍ଥ ପ୍ରତିପାଦିତ କରିବାକୁ ଯାଇ କହିଛି, ଚାଇନାର ସାର୍ବଭୌମତ୍ୱ ଓ କ୍ଷେତ୍ରୀୟ ଅଖଣ୍ଡତା ଅକ୍ଷୁର୍ଣ୍ଣ ରଖିବା ଲାଗି ଆମେ ସମରାଭ୍ୟାସ କରୁଛୁ। ଆମେରିକା ଭଳି ଆମେ କୌଣସି ଅନ୍ତର୍ଜାତୀୟ ଆଇନର ଉଲ୍ଲଂଘନ କରୁନାହୁଁ।



ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ | ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍

## ମିଥିଲେଶ ଚତୁର୍ବେଦୀଙ୍କ ପରଲୋକ

**ମୁମ୍ବାଇ, ୪।୮:** ବରିଷ୍ଠ ଅଭିନେତା ମିଥିଲେଶ ଚତୁର୍ବେଦୀ(୬୭)ଙ୍କ ଗୁରୁବାର ସକାଳେ ପରଲୋକ ହୋଇଛି। ୧୦ ଦିନ ପୂର୍ବରୁ ହୃଦ୍‌ଘାତର ଶିକାର ହେବା ପରେ ମୁମ୍ବାଇର କୋକିଲାବେନ୍ ଧିରୁବାଇ ଅମ୍ବାନୀ ହସ୍ପିଟାଲରେ ତାଙ୍କୁ ଭର୍ତ୍ତି କରାଯାଇଥିଲା। ଗଦର: ଏକ୍ ପ୍ରେମ କଥା, ତାଲ୍, ଫିଜା, ଅଶୋକା, ବଣ୍ଟି ଔର ବବ୍‌ଲି, କୋଇ ମିଲ୍ ଗୟା, କ୍ରିଶ୍, ରେଡୀ, ଗୁଲାବୋ ସିତାବୋ ଆଦି ଅନେକ ଫିଲ୍ମ ସମେତ ୱେବ୍ ସିରିଜ୍ 'ସ୍କାମ ୧୯୯୨'ରେ ମିଥିଲେଶ ଅଭିନୟ କରିଥିଲେ।



## ୧୪୦୦ କୋଟିର ଡ୍ରଗ୍ସ ଜବତ: ପିଜି ଛାତ୍ରଙ୍କ ସମେତ ୫ ଗିରଫ

**ମୁମ୍ବାଇ,୪।୮:** ମୁମ୍ବାଇ ପୋଲିସର ଆଣ୍ଟିନାର୍କୋଟିକ୍ସ ସେଲ୍ ମହାରାଷ୍ଟ୍ରର ପାଲଘର ଜିଲା ଅନ୍ତର୍ଗତ ନାଲାସୋପରାରେ ଥିବା ଏକ ଡ୍ରଗ୍ସ କାରଖାନାରେ ଚଢ଼ାଉ କରି ୭୦୦ କିଲୋଗ୍ରାମ ମେଫିଡ୍ରନ ଜବତ କରିଛି। ଏହାର ମୂଲ୍ୟ ୧,୪୦୦ କୋଟି ଟଙ୍କା ହେବ। ଚଢ଼ାଉ ବେଳେ ଅର୍ଗାନିକ କେମେଷ୍ଟ୍ରି ସ୍ନାତକୋତ୍ତର ଛାତ୍ରଙ୍କ ସମେତ ୫ ଜଣଙ୍କୁ ଗିରଫ କରାଯାଇଛି। ମୁମ୍ବାଇରୁ ୪ ଜଣ ଏବଂ ନାଲାସୋପରାରୁ ଜଣେ ଗିରଫ ହୋଇଛନ୍ତି।

# ଇଡି ପାଇଁ ସଂସଦରେ ଅଚଳାବସ୍ଥା

**ନୂଆଦିଲ୍ଲୀ,୪।୮**

କେନ୍ଦ୍ର ସରକାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଅପବ୍ୟବହାର କରୁଥିବା ନେଇ ଗୁରୁବାର ଲୋକ ସଭାରେ କଂଗ୍ରେସ ସଦସ୍ୟମାନେ ସ୍ଲୋଗାନ ଦେବା ସହ ହଟ୍ଟଗୋଳ କରିବାରୁ ଗୃହକୁ ଗୋଟିଏ ଦିନ ପାଇଁ ମୁଲତବୀ ଘୋଷଣା କରାଯାଇଛି। ପୂର୍ବାହ୍ନରେ ଗୃହ କାର୍ଯ୍ୟ ଆରମ୍ଭ ହେବା କ୍ଷଣି କଂଗ୍ରେସ ସଦସ୍ୟମାନେ ଇଡି କାର୍ଯ୍ୟାନୁଷ୍ଠାନ ଏବଂ ଦରଦାମ୍ ବୃଦ୍ଧି ବିରୋଧରେ ପ୍ଲାକାର୍ଡ ଧରି ହୋହଲ୍ଲା କରିଥିଲେ। କଂଗ୍ରେସ ସହ ଅନ୍ୟ ବିରୋଧୀ ସଦସ୍ୟ ମିଶି ଇଡି କାର୍ଯ୍ୟାନୁଷ୍ଠାନ, ଅତ୍ୟାବଶ୍ୟକ ସାମଗ୍ରୀ ଉପରେ ଜିଏସ୍‌ଟି ଏବଂ ଦରଦାମ୍ ବୃଦ୍ଧି ପ୍ରସଙ୍ଗରେ ହଟ୍ଟଗୋଳ କରିବାରୁ ବାଚସ୍ପତି ଓମ୍ ବିର୍ଲା ଅପରାହ୍ନ ୨ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖିଥିଲେ। ୨ଟାରେ ଗୃହକାର୍ଯ୍ୟ ଆରମ୍ଭ ହେବା ପରେ କଂଗ୍ରେସ ସଦସ୍ୟଙ୍କ ପ୍ରତିବାଦ ଓ ସ୍ଲୋଗାନ ମଧ୍ୟରେ ଦୁଇଟି ପ୍ରସ୍ତାବ ଧ୍ୱନିମତରେ ଗୃହୀତ ହୋଇଥିଲା। ତେବେ ସ୍ଲୋଗାନବାଜି ଜାରି ରହିବାରୁ ଗୃହରେ ଅଧ୍ୟକ୍ଷତା କରୁଥିବା କିରୀଟ ସୋଲାଙ୍କି ହଟ୍ଟଗୋଳ କରୁଥିବା ସଦସ୍ୟମାନଙ୍କୁ ସେମାନଙ୍କ ଆସନକୁ ଫେରିଯିବା ଲାଗି ଅନୁରୋଧ କରିଥିଲେ। ତେବେ ସେମାନେ ହଟ୍ଟଗୋଳ ଜାରି ରଖିବାରୁ ଗୃହକୁ ଦିନକ ପାଇଁ ମୁଲତବୀ ଘୋଷଣା କରାଯାଇଥିଲା।

ରାଜ୍ୟ ସଭାରେ ମଧ୍ୟ ଇଡି କାର୍ଯ୍ୟାନୁଷ୍ଠାନ ପ୍ରସଙ୍ଗର ପ୍ରତିବାଦ କରାଯାଇଥିଲା। କେନ୍ଦ୍ର ସରକାର ରାଜନୈତିକ ଉଦ୍ଦେଶ୍ୟରେ ଇଡି ଭଳି ସ୍ୱୟଂକ୍ରିୟ ସଂସ୍ଥାଗୁଡ଼ିକର ଅପବ୍ୟବହାର କରୁଥିବା ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ ଅଭିଯୋଗ କରିଥିଲେ। ପାର୍ଲାମେଣ୍ଟ ଚାଲିଥିବାବେଳେ ତାଙ୍କୁ ନ୍ୟାଶନାଲ ହେରାଲ୍ଡ ମାମଲାରେ ହାଜର ହେବା ଲାଗି ଇଡି କିପରି ସମନ କରୁଛି ବୋଲି ସେ ପ୍ରଶ୍ନ କରିଥିଲେ। ନ୍ୟାଶନାଲ ହେରାଲ୍ଡ କାର୍ଯ୍ୟାଳୟ ଉପରେ ଇଡି ଚଢ଼ାଉ ପରେ ବୁଧବାର ଏହାକୁ ଚଳାଉଥିବା ୟଙ୍ଗ ଇଣ୍ଡିଆ ଲିମିଟେଡ୍‌ର କାର୍ଯ୍ୟାଳୟକୁ ସିଲ୍ କରିଥିଲା। ଖାର୍ଗେ ଉକ୍ତ କମ୍ପାନୀର ପ୍ରାଧିକୃତ ପ୍ରତିନିଧି ରହିଛନ୍ତି। ବୁଧବାର ଇଡି କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଏବଂ ରାହୁଲ ଗାନ୍ଧୀଙ୍କ ଘରକୁ ଅବରୋଧ କରିଥିଲା। ଏଭଳି ସ୍ଥିତିରେ ଗଣତନ୍ତ୍ର ବଞ୍ଚିବ କି ଏବଂ ସମ୍ବିଧାନ ଅନୁଯାୟୀ ଆମେ କାର୍ଯ୍ୟ କରିପାରିବା କି ବୋଲି ଖାର୍ଗେ ପ୍ରଶ୍ନ କରିଛନ୍ତି।

## ସଞ୍ଜୟଙ୍କ ସ୍ତ୍ରୀଙ୍କୁ ସମନ



**ମୁମ୍ବାଇ,୪।୮:** ପତ୍ରା ଚଲ୍ ପୁନର୍ବିକାଶ କାର୍ଯ୍ୟରେ ହୋଇଥିବା ଆର୍ଥିକ ଅନିୟମିତତା ମାମଲାରେ ଇଡି ଗୁରୁବାର ଶିବସେନା ଏମ୍‌ପି ସଞ୍ଜୟ ରାଉତଙ୍କ ସ୍ତ୍ରୀ ବର୍ଷାଙ୍କୁ ସମନ ଜାରି କରିଛି। ଉକ୍ତ ମାମଲାରେ ଗିରଫ ହୋଇଥିବା ସଞ୍ଜୟଙ୍କ ଇଡି ହାଜତ ମିଆଦକୁ ଏକ ସ୍ୱତନ୍ତ୍ର କୋର୍ଟ ଅଗଷ୍ଟ ୮କୁ ବୃଦ୍ଧି କରିଛନ୍ତି। ଗତ ରବିବାର ଇଡି ରାଉତଙ୍କୁ ଅଟକ ରଖି ଜେରା କରିବା ପରେ ମଧ୍ୟରାତ୍ରରେ ଗିରଫ କରିଥିଲା। ସୋମବାର ଇଡି ତାଙ୍କୁ ଅଗଷ୍ଟ ୪ ପର୍ଯ୍ୟନ୍ତ ହାଜତକୁ ନେଇଥିଲା।

## ପାକିସ୍ତାନରେ ଖୋଲିଲା ୧୨ଶହ ବର୍ଷ ପୁରୁଣା ମନ୍ଦିର

**ଲାହୋର, ୪।୮:** ଦୀର୍ଘଦିନର ଆଇନଗତ ଲଢ଼େଇ ପରେ ପାକିସ୍ତାନର ପଞ୍ଜାବ ପ୍ରଦେଶରେ ଏକ ୧୨ଶହ ବର୍ଷ ପୁରୁଣା ବାଲ୍ମିକୀ ମନ୍ଦିର ସର୍ବସାଧାରଣଙ୍କ ପାଇଁ ଖୋଲାଯାଇଛି। ଏକ ଖ୍ରୀଷ୍ଟିଆନ ପରିବାର ଏହାକୁ କବଜା କରି ରଖିବା ଯୋଗୁ ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ଏଠାରେ ସବୁବର୍ଗର ହିନ୍ଦୁ ପୂଜାର୍ଚ୍ଚନା କରିପାରୁ ନ ଥିଲେ। କୃଷ୍ଣ ମନ୍ଦିର ବ୍ୟତୀତ ଲାହୋରରେ ବାଲ୍ମିକୀ ମନ୍ଦିର ଏକମାତ୍ର କାର୍ଯ୍ୟକ୍ଷମ ହିନ୍ଦୁ ମନ୍ଦିର। ଖ୍ରୀଷ୍ଟିଆନରୁ ହିନ୍ଦୁ ଧର୍ମକୁ ଗ୍ରହଣ କରିଥିବା ଦାବି କରି ଉକ୍ତ ପରିବାର ସେଠାରେ କେବଳ ବାଲ୍ମିକୀ ଜାତିର ହିନ୍ଦୁମାନଙ୍କୁ ମନ୍ଦିରରେ ପ୍ରବେଶ ପାଇଁ ଅନୁମତି ଦେଉଥିଲେ। ବୁଧବାର ଏହି ମନ୍ଦିର ଖୋଲାଯାଇଥିବାବେଳେ ଏଠାରେ ଶତାଧିକ ହିନ୍ଦୁ, ଶିଖ୍, ଖ୍ରୀଷ୍ଟିଆନ ଓ ମୁସଲମାନ ସମ୍ପ୍ରଦାୟର ଲୋକେ ଉଦ୍‌ଘାଟନୀ ସମାରୋହରେ ଯୋଗଦେଇଥିଲେ।

## ସୁପ୍ରିମକୋର୍ଟ: ୧୦ ବର୍ଷ ହେଲା ବିଚାରାଧୀନ ୧୦ ହଜାର ମାମଲା

**ନୂଆଦିଲ୍ଲୀ, ୪।୮**

ସୁପ୍ରିମକୋର୍ଟରେ ଅଦ୍ୟାବଧି ୭୧ ହଜାରରୁ ଊର୍ଦ୍ଧ୍ୱ ମାମଲା ପଡ଼ିରହିଥିବାବେଳେ ସେଥିମଧ୍ୟରୁ ୧୦ ହଜାରରୁ ଅଧିକ ଗତ ଦଶନ୍ଧି ଧରି ଗଡୁଛି। ଏ ନେଇ ଆଇନମନ୍ତ୍ରୀ କିରେନ ରିଜିଜୁ ଗୁରୁବାର ରାଜ୍ୟ ସଭାରେ ସୂଚନା ଦେଇଛନ୍ତି। ଏକ ଲିଖିତ ଉତ୍ତରରେ ମନ୍ତ୍ରୀ କହିଛନ୍ତି, ଅଗଷ୍ଟ ୨ ସୁଦ୍ଧା ସୁପ୍ରିମକୋର୍ଟରେ ୭୧,୪୧୧ ମାମଲା ବିଚାର ହୋଇ ନ ପାରି ପଡ଼ିରହିଛି। ସେଥିମଧ୍ୟରୁ ୫୬ ହଜାରରୁ ଊର୍ଦ୍ଧ୍ୱ ଦେୱାନି ଏବଂ ୧୫ ହଜାରରୁ ଊର୍ଦ୍ଧ୍ୱ ଆପରାଧିକ ମାମଲା ରହିଛି। ୧୦ ବର୍ଷ ହେଲା ୧୦,୪୯୧ କେସ୍ ସର୍ବୋଚ୍ଚ ଅଦାଲତରେ ବିଚାରାଧୀନ ଅଛି। ୫ ବର୍ଷରୁ କମ୍ ସମୟର ମାମଲା ପ୍ରାୟ ୪୨ ହଜାର ଥିବାବେଳେ ୫ରୁ ୧୦ ବର୍ଷର କେସ୍ ସଂଖ୍ୟା ୧୮,୧୩୪ ରହିଛି। ସେହିପରି ୨୦୧୬ରେ ବିଭିନ୍ନ ହାଇକୋର୍ଟରେ ୪୦,୨୮,୫୯୧ ମାମଲା ବିଚାର ହୋଇ ନ ଥିବାବେଳେ ୨୦୨୨ ଜୁଲାଇ ୨୯ ସୁଦ୍ଧା ତାହା ୫୦% ବୃଦ୍ଧି ପାଇ ୫୯,୫୫,୯୦୭ରେ ପହଞ୍ଚିଛି। ଜିଲା ଏବଂ ଅଧୀନସ୍ଥ ଅଦାଲତଗୁଡ଼ିକରେ ମଧ୍ୟ ଏହି ଅବଧିରେ ପଡ଼ିରହିଥିବା ମାମଲା ସଂଖ୍ୟା ୫୦% ବୃଦ୍ଧି ପାଇଛି। ୨୦୧୬ରେ ଦେଶବ୍ୟାପୀ ଅଦାଲତଗୁଡ଼ିକରେ ୨.୮୨ କୋଟି ମାମଲା ବିଚାରାଧୀନ ଥିବାବେଳେ ଚଳିତ ବର୍ଷ ତାହା ୪.୨୪ କୋଟିକୁ ବଢ଼ିଛି ବୋଲି ଆଇନମନ୍ତ୍ରୀ କହିଛନ୍ତି।

## ଇସିଙ୍କୁ ହସ୍ତକ୍ଷେପ ନ କରିବାକୁ କହିଲେ ସୁପ୍ରିମକୋର୍ଟ

**ଶିବସେନା ବିବାଦ**

**ନୂଆଦିଲ୍ଲୀ,୪।୮**

ପ୍ରକୃତ ଶିବସେନା କିଏ ଏହାକୁ ନେଇ ଉଦ୍ଧବ ଠାକରେ ଗୋଷ୍ଠୀ ଏବଂ ଏକନାଥ ଶିନ୍ଦେ ଗୋଷ୍ଠୀ ମଧ୍ୟରେ ବିବାଦ ସୁପ୍ରିମକୋର୍ଟରେ ପହଞ୍ଚିଛି। ଶିନ୍ଦେ ଗୋଷ୍ଠୀର ବିଦ୍ରୋହ ଯୋଗୁ ମହାରାଷ୍ଟ୍ରରେ ଉଦ୍ଧବ ଠାକ୍‌ରେ ସରକାରଙ୍କ ପତନ ଘଟିଥିଲା। ଉକ୍ତ ବିଧାୟକମାନଙ୍କୁ ଅଯୋଗ୍ୟ ଘୋଷଣା କରାଯିବା ନେଇ ହୋଇଥିବା ଆବେଦନର ବିଚାର ପାଇଁ ୫ ଜଣିଆ ସାମ୍ବିଧାନିକ ଖଣ୍ଡପୀଠକୁ ପଠାଯିବ କି ନାହିଁ ସେ ନେଇ ୮ ତାରିଖରେ ନିଷ୍ପତ୍ତି ନିଆଯିବ। ତେଣୁ ବର୍ତ୍ତମାନ ପାଇଁ ନିର୍ବାଚନ କମିଶନ (ଇସି) ଶିନ୍ଦେ ଗୋଷ୍ଠୀର ଆବେଦନକୁ ବିଚାରକୁ ନେଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାକୁ ପ୍ରଧାନ ବିଚାରପତି ଏନ୍.ଭି. ରମନାଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଫଳରେ ଉଦ୍ଧବ ଗୋଷ୍ଠୀ ସାମୟିକ ଆଶ୍ୱସ୍ତ ହୋଇଛନ୍ତି।

ମହାରାଷ୍ଟ୍ର ରାଜନୈତିକ ସଙ୍କଟ ବେଳେ ଶିବସେନା ଓ ଏହାର ବିଦ୍ରୋହୀ ବିଧାୟକଙ୍କ ଦ୍ୱାରା ଦାଏର ପିଟିଶନର ଶୁଣାଣି ବେଳେ ଏଥିରେ ଦଳ ବିଭାଜନ, ରାଜନୈତିକ ଦଳଗୁଡ଼ିକର ମିଶ୍ରଣ, ଦଳବଦଳ ଓ ଅଯୋଗ୍ୟ ଘୋଷଣା ଭଳି ସାମ୍ବିଧାନିକ ପ୍ରସଙ୍ଗ ଉଠିଥିଲା। ଶିନ୍ଦେ ଗୋଷ୍ଠୀ ପକ୍ଷରୁ ବରିଷ୍ଠ ଆଇନଜୀବୀ ହରିଶ ସାଲ୍‌ଭେ ଏବଂ ଉଦ୍ଧବ ଗୋଷ୍ଠୀ ପକ୍ଷରୁ ବରିଷ୍ଠ ଆଇନଜୀବୀ କପିଲ ସିବଲ ମାମଲା ଲଢୁଛନ୍ତି। ଗୋଟିଏ ଗୋଷ୍ଠୀ ଦ୍ୱାରା ଦାବି ଉଠିଲେ ଜନପ୍ରତିନିଧି ଆଇନ ଅନୁଯାୟୀ ଭାରତର ନିର୍ବାଚନ କମିଶନ କାର୍ଯ୍ୟାନୁଷ୍ଠାନ ନେବାକୁ ବାଧ୍ୟ ବୋଲି ଇସିଙ୍କ ପକ୍ଷରୁ ଆଇନଜୀବୀ ଅରବିନ୍ଦ ଡଟାର କହିଥିଲେ। ଶେଷରେ ମାମଲା ସାମ୍ବିଧାନିକ ପୀଠକୁ ଯିବା ନେଇ ସୋମବାର ନିଷ୍ପତ୍ତି ନିଆଯିବ ବୋଲି ସିଜେଆଇଙ୍କ ଖଣ୍ଡପୀଠ କହିଥିଲେ।



# ମହିମାନନ୍ଦ ମିଶ୍ରଙ୍କ ଘରେ ସିବିଆଇ ଚଢ଼ାଉ

- ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ
- ପାରାଦୀପ ଗେଷ୍ଟ ହାଉସରେ ରାତିରେ ମହିମାନନ୍ଦଙ୍କୁ ଜେରା
- ବଡ଼ପୁଅ ଚନ୍ଦନଙ୍କୁ ଭୁବନେଶ୍ୱର ନେଲେ
- ସିବିଆଇ ହେପାଜତରେ ସିଇଏମ୍ଇ ସରୋଜ ଦାସ

ଭୁବନେଶ୍ୱର(ବ୍ୟୁରୋ)/
କଟକ ଅଫିସ୍/ପାରାଦୀପ(ସ୍ୱ.ପ୍ର.),୪।୮

ଶିଳ୍ପପତି ମହିମାନନ୍ଦ ମିଶ୍ରଙ୍କ ଘରେ ଗୁରୁବାର ସିବିଆଇ ଚଢ଼ାଉ କରିଛି। କଟକ ଓ ପାରାଦୀପଠାରେ ମହିମାଙ୍କ ବିଭିନ୍ନ ଅଫିସ ଓ ଘରେ ସିବିଆଇର ଏକାଧିକ ଟିମ୍ ଚଢ଼ାଉ କରିଥିଲା। ଚଢ଼ାଉ ସମ୍ପର୍କରେ ସିବିଆଇ ପକ୍ଷରୁ କୌଣସି ବିଧିବଦ୍ଧ ସୂଚନା ମିଳି ନ ଥିବାବେଳେ କଟକ ଓଡ଼ିଆ ବଜାରସ୍ଥିତ ମହିମାଙ୍କ ଘର ଓ ଲିଙ୍କ୍‌ରୋଡ୍‌ସ୍ଥିତ ଓଡ଼ିଶା ଷ୍ଟିଭେଡର୍ସ ଲିମିଟେଡ୍(ଏଏସ୍ଏଲ୍) ଅଫିସ୍‌ରେ ୨ଟି ଟିମ୍ ଚଢ଼ାଉ କରିଛନ୍ତି। ସେହିପରି ପାରାଦୀପରେ ୪ଟି ସ୍ଥାନରେ ଚଢ଼ାଉ ହୋଇଛି। ଚଢ଼ାଉ ସମୟରେ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଥିବା ଜଣାପଡ଼ିଛି। ଏଥିସହ ଅଧିକ ତଦନ୍ତ ଓ ପଚରାଉଚରା ନିମନ୍ତେ ମହିମାଙ୍କ ବଡ଼ ପୁଅ ଚନ୍ଦନ ମିଶ୍ରଙ୍କୁ ସିବିଆଇ ଟିମ୍ ସାଙ୍ଗରେ ନେଇଯାଇଛନ୍ତି। ଏପରି କି ରାତିରେ ପାରାଦୀପସ୍ଥିତ ହଣ୍ଡ୍ରେଡ୍ ମିଲିୟନ ଟନ୍ ଗେଷ୍ଟ ହାଉସରେ ସିବିଆଇ ଅଧିକାରୀମାନେ ମହିମାନନ୍ଦ ଏବଂ ପାରାଦୀପ ପୋର୍ଟର ୩ଜଣ ଅଧିକାରୀଙ୍କୁ ଜେରା କରୁଥିବା ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଛି।

ସୂଚନାନୁସାରେ, ସିବିଆଇର ଦୁଇଟି ଟିମ୍ ଗୁରୁବାର ସକାଳେ ଏକକାଳୀନ ମହିମାନନ୍ଦଙ୍କ କଟକ ଓଡ଼ିଆବଜାରସ୍ଥିତ ଘର ଓ ଲିଙ୍କ୍‌ରୋଡ୍‌ସ୍ଥିତ ଓଏସ୍ଏଲ କାର୍ଯ୍ୟାଳୟରେ ଚଢ଼ାଉ ଆରମ୍ଭ କରିଥିଲେ। ଏହି ସମୟରେ ମହିମାନନ୍ଦ ଘରେ ଅନୁପସ୍ଥିତ ଥିବାବେଳେ ତାଙ୍କ ଦୁଇ ପୁଅ ଉପସ୍ଥିତ ଥିଲେ। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଦିନତମାମ ଚଢ଼ାଉ ଜାରି ରହିଥିଲା। ସିବିଆଇ ଅଧିକାରୀମାନେ ଉଭୟ ସ୍ଥାନରୁ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିବା ସମେତ ଚନ୍ଦନଙ୍କୁ ଭୁବନେଶ୍ୱର ସିବିଆଇ ମୁଖ୍ୟାଳୟକୁ ନେଇଯାଇଥିବା ଜଣାପଡ଼ିଛି। ସେହିପରି ପାରାଦୀପରେ ଚଢ଼ାଉ କରି ଚିଫ୍ ଇଲେକ୍ଟ୍ରିକାଲ ମେକାନିକାଲ ଇଞ୍ଜିନିୟର(ସିଇଏମ୍ଇ) ସରୋଜ କୁମାର ଦାସ ଏବଂ ଠିକା କର୍ମଚାରୀ ସୁମନ୍ତ ରାଉତ(ବନା)ଙ୍କୁ ସିବିଆଇ ନିଜ ହେପାଜତକୁ ନେଇ ପଚରାଉଚରା କରିଥିଲା। ପରେ ସେମାନଙ୍କୁ ଅପରାହ୍ନରେ ଭୁବନେଶ୍ୱର ନିଆଯାଇଥିବା କୁହାଯାଉଛି। ସେହିପରି ସିବିଆଇର ଆଉ ଏକ ଟିମ୍ ଅନ୍ୟତମ ପୋର୍ଟ ୟୁଜର କରମ ଚାନ୍ଦ ଥାପ୍ପର(କେସିଟି) କମ୍ପାନୀ ଅଫିସରେ ପ୍ରାୟ ଦୁଇଘଣ୍ଟା କାଗଜପତ୍ର ଯାଞ୍ଚ କରାଯାଇଥିବା ଜଣାପଡ଼ିଛି। ତେବେ ଏନେଇ ସିବିଆଇ ପକ୍ଷରୁ କୌଣସି ସୂଚନା ଦିଆଯାଇ ନାହିଁ। ବିଶେଷ ସୂତ୍ରରୁ ମିଳିଥିବା ଖବର ଅନୁସାରେ, କେସିଟି କମ୍ପାନୀ ବିଦେଶରୁ ଆମଦାନୀ ଭିତ୍ତିକ କୋଇଲା କାରବାର ପାଇଁ ଅଗ୍ରାଧିକାର ପାଇଛି। ଉକ୍ତ କମ୍ପାନୀର ହ୍ୟାଣ୍ଡଲିଂ ଏଜେଣ୍ଟ ଓଏସ୍ଏଲ। ଉକ୍ତ କୋଇଲା ପ୍ଲଟ ପାଇଁ ସିଇଏମ୍ଇ ସରୋଜ କେସିଟି କମ୍ପାନୀ ଅଧିକାରୀଙ୍କୁ ବିଭିନ୍ନ ସମୟରେ ଲାଞ୍ଚ ମାଗୁଥିଲେ। ଏନେଇ କେସିଟି ସିବିଆଇରେ ଅଭିଯୋଗ କରିବା ପରେ ଚଢ଼ାଉ କରାଯାଇଥିବା ଜଣାପଡ଼ିଛି।

ଉଲ୍ଲେଖଯୋଗ୍ୟ, ପାରାଦୀପ ସିୱେଜ ଶିପିଂ କମ୍ପାନୀର ଜେନେରାଲ ମ୍ୟାନେଜର ମହେନ୍ଦ୍ର ସ୍ୱାଇଁ ହତ୍ୟା ମାମଲାରେ ମହିମାନନ୍ଦ ଏବଂ ତାଙ୍କ ସହଯୋଗୀ ବସନ୍ତ ବଳଙ୍କୁ ଥାଇଲାଣ୍ଡ ପୋଲିସ ବ୍ୟାଙ୍କକ୍‌ର ଏକ ହୋଟେଲରୁ ୨୦୧୬ ଡିସେମ୍ବରରେ ଗିରଫ କରିଥିଲା। ଏହି ଘଟଣାର ୨ ବର୍ଷ ପରେ ତାଙ୍କୁ ହାଇକୋର୍ଟରୁ ସର୍ତ୍ତମୂଳକ ଜାମିନ୍ ମିଳିଥିଲା। ତେବେ ଗୁରୁବାର ଚଢ଼ାଉ ପରେ ମାମଲାର ବିଭିନ୍ନ ଦିଗକୁ ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଛି।

## ୬ରୁ ମୁଖ୍ୟମନ୍ତ୍ରୀଙ୍କ ୩ ଦିନିଆ ଦିଲ୍ଲୀ ଗସ୍ତ

ଭୁବନେଶ୍ୱର, ୪।୮(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସନ୍ତା ୬ ତାରିଖରେ ୩ ଦିନିଆ ନୂଆଦିଲ୍ଲୀ ଗସ୍ତରେ ଯିବାର କାର୍ଯ୍ୟକ୍ରମ ରହିଛି। ଆସନ୍ତା ୭ରେ ବିଜ୍ଞାନ ଭବନ ପରିସରରେ ହେବାକୁ ଥିବା ନୀତି ଆୟୋଗ ୭ମ ପରିଚାଳନା ପରିଷଦ ବୈଠକରେ ମୁଖ୍ୟମନ୍ତ୍ରୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସେହିପରି ୬ ତାରିଖ ଅପରାହ୍ନ ସାଢେ ୪ଟା ସମୟରେ ରାଷ୍ଟ୍ରପତି ଭବନର କଲଚରାଲ ସେଣ୍ଟରଠାରେ ୭୫ତମ ସ୍ୱାଧିନତା ଦିବସ ଉପଲକ୍ଷେ 'ଆଜାଦି କା ଅମୃତ ମହୋତ୍ସବ'ର ଜାତୀୟ କମିଟି ବୈଠକ ଅନୁଷ୍ଠିତ ହେବ। ଏହି ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ସମେତ ବିଭିନ୍ନ ରାଜ୍ୟର ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଥିରେ ମୁଖ୍ୟମନ୍ତ୍ରୀ ଯୋଗଦେବେ ନା ନାହିଁ ସେନେଇ ସ୍ପଷ୍ଟ ହୋଇନାହିଁ। ତେବେ ନୀତି ଆୟୋଗର ସପ୍ତମ ପରିଚାଳନା ପରିଷଦ ବୈଠକରେ ମୁଖ୍ୟମନ୍ତ୍ରୀ ରାଜ୍ୟର କେତେଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ଦାବି ଉପସ୍ଥାପନା କରିବେ ବୋଲି ଜଣାପଡିଛି। ତେବେ ମୁଖ୍ୟମନ୍ତ୍ରୀ ୮ ତାରିଖରେ ଓଡିଶା ଫେରିବାର କାର୍ଯ୍ୟକ୍ରମ ରହିଛି।














**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୮,୫୭,୩୩,୩୭୨ | ୬୪,୨୮,୮୩୬ | ୫୫,୬୨,୮୬,୦୨୯ |
| ଭାରତ | ୪,୪୦,୮୭,୦୩୭ | ୫,୨୬,୫୩୦ | ୪,୩୪,୨୪,୦୨୯ |
| ଓଡ଼ିଶା | ୧୩,୧୬,୪୭୩ | ୯୧୪୪(+୫୩) | ୧୩,୦୧,୯୩୦ |

ଗୁରୁବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର




ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଷୋଡ଼ଶ ଶ୍ରାଦ୍ଧବାର୍ଷିକ ପାଳନ ଅବସରରେ ଗୁରୁବାର ରାଜଭବନ ନିକଟ ଏଲ୍ଆଇସି ଛକସ୍ଥିତ ପ୍ରତିମୂର୍ତ୍ତିସ୍ଥଳରେ ଆୟୋଜିତ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଅନ୍ୟମାନେ। ଉତ୍କଳ ସମ୍ମିଳନୀ ପକ୍ଷରୁ ନନ୍ଦିନୀ ଶତପଥୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଉପସ୍ଥିତ କର୍ମକର୍ତ୍ତା।

# ନନ୍ଦିନୀ ଥିଲେ ନାରୀ ପ୍ରଗତିର ମୂର୍ତ୍ତିମନ୍ତ ପ୍ରତୀକ

- ଉଷାରାଣୀ ମହାନ୍ତିଙ୍କୁ 'ନନ୍ଦିନୀ ଶତପଥୀ ସ୍ମୃତି ସମ୍ମାନ'
- ଶ୍ରଦ୍ଧାଞ୍ଜଳି ଜଣାଇଲେ ଧର୍ମେନ୍ଦ୍ର

ଭୁବନେଶ୍ୱର,୪।୮(ବ୍ୟୁରୋ)

ନନ୍ଦିନୀ ଶତପଥୀ ଥିଲେ ନାରୀ ସଶକ୍ତୀକରଣ ଓ ପ୍ରଗତିର ପ୍ରତୀକ। ନାରୀ ସ୍ୱାଧୀନତା ପାଇଁ ସେ ଆଜୀବନ ଲଢ଼େଇ କରିଥିଲେ। ପ୍ରଶାସନିକ ନିଷ୍ପତ୍ତି ନେବାରେ କଠୋର ଥିବାବେଳେ ଜନକଲ୍ୟାଣ କାର୍ଯ୍ୟରେ ଜଣେ ମା' ଭାବରେ ସ୍ନେହମୟୀର ଭୂମିକା ନିର୍ବାହ କରୁଥିଲେ। ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ, ପ୍ରଥମ ମହିଳା କେନ୍ଦ୍ରମନ୍ତ୍ରୀ, ସୁସାହିତ୍ୟିକା, ସଂଗ୍ରାମୀ ନନ୍ଦିନୀ ଶତପଥୀଙ୍କ ଷୋଡ଼ଶ ଶ୍ରାଦ୍ଧବାର୍ଷିକ ପାଳନ ଅବସରରେ ଅତିଥିମାନେ ଏହି ମତବ୍ୟକ୍ତ କରିଛନ୍ତି।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଗୁରୁବାର ରାଜଭବନ ନିକଟ ତାଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ତଥା ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ପୂର୍ବତନ ଅର୍ଥମନ୍ତ୍ରୀ ତଥା କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା, ପୂର୍ବତନ ମହାନଗରପାଳ ମିହିର ମହାନ୍ତି, ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ଶତପଥୀ, ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ଆବାହକ ପ୍ରବୀର ମହାନ୍ତି, ଉତ୍କଳ ସମ୍ମିଳନୀ ସଭାପତି ପ୍ରଫେସର ଡ. ଅଦ୍ୱୈତ କୁମାର ପାତ୍ର, ନାରୀ ନେତ୍ରୀ ଉଷାରାଣୀ ମହାନ୍ତି, ଅଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ, ଗିରିଜା ମହାପାତ୍ର ପ୍ରମୁଖ ଯୋଗଦେଇ ନନ୍ଦିନୀଙ୍କ ସ୍ମୃତିଚାରଣ କରିଥିଲେ। ସେମାନେ କହିଥିଲେ, ନନ୍ଦିନୀ ସ୍କୁଲ୍ ଜୀବନରୁ ସାମ୍ୟବାଦୀ ଆନ୍ଦୋଳନରେ ସାମିଲ୍ ହୋଇ ବ୍ରିଟିଶ୍ ବିରୋଧରେ ସଂଗ୍ରାମ କରି ବିପ୍ଳବିନୀର ଭୂମିକା ନିର୍ବାହ କରିଥିଲେ। ରେଭେନ୍ସା କଲେଜ ରାଜନୀତିରେ ସାମିଲ ହୋଇ ପରବର୍ତ୍ତୀ ସମୟରେ ପ୍ରତ୍ୟକ୍ଷ ରାଜନୀତିକୁ ଓହ୍ଲାଇଥିଲେ। ପ୍ରଥମେ କମ୍ୟୁନିଷ୍ଟ ପାର୍ଟି ଓ ପରେ କଂଗ୍ରେସରେ ଯୋଗଦେଇଥିଲେ। ଇନ୍ଦିରା ଗାନ୍ଧୀଙ୍କ ଅନ୍ତରଙ୍ଗ ଭାବରେ ରାଜ୍ୟ ସଭାକୁ ନିର୍ବାଚିତ ହୋଇ ୧୯୬୬ରେ କେନ୍ଦ୍ରମନ୍ତ୍ରୀ ହୋଇଥିଲେ। ୧୯୭୨ରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୁକୁଟ ପିନ୍ଧି ରାଜ୍ୟବାସୀ ତଥା ରାଜ୍ୟର ମହିଳାଙ୍କ ପାଇଁ ପ୍ରଭାବଶାଳୀ ପଦକ୍ଷେପ ନେଇଥିଲେ। ୧୯୭୭ରୁ ୧୯୯୦ ପର୍ଯ୍ୟନ୍ତ ଢେଙ୍କାନାଳ ନିର୍ବାଚନମଣ୍ଡଳୀରୁ ଲଗାତର ଜନତାଦଳ, କଂଗ୍ରେସ ଓ ସ୍ୱାଧୀନ ଭାବେ ବିଧାୟିକା ହୋଇଥିଲେ। ୧୯୮୫ରେ ଜାଗ୍ରତ ଓଡ଼ିଶା ଗଠନ କରି ଓଡ଼ିଶାରେ ବିକଳ୍ପ ରାଜନୈତିକ କାର୍ଯ୍ୟକ୍ରମ ଆରମ୍ଭ କରିବା ପାଇଁ ଉଦ୍ୟମ କରିଥିଲେ। ସେ ଏକମାତ୍ର ନାରୀ ନେତ୍ରୀ ଭାବରେ ଅପରାଜେୟର ମର୍ଯ୍ୟାଦା ଲାଭ କରିଥିଲେ ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ। ଏହି ଅବସରରେ ନାରୀନେତ୍ରୀ ଉଷାରାଣୀ ମହାନ୍ତିଙ୍କୁ 'ନନ୍ଦିନୀ ଶତପଥୀ ସ୍ମୃତି ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ବିଭାଗୀୟ ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ନନ୍ଦିନୀଙ୍କ ଶ୍ରାଦ୍ଧବାର୍ଷିକୀରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟୁଇଟ୍ କରି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।


**STATE INSTITUTE OF HOTEL MANAGEMENT, BALANGIR**
Titilagarh Road, Balangir - 767001 (Odisha)
(ESTABLISHED BY MINISTRY OF TOURISM, GOVT. OF INDIA & DEPT. OF TOURISM, GOVT. OF ODISHA) NCHMCT

**ADMISSION OPEN**
**FOR HOTEL MANAGEMENT COURSES**

| COURSES | DURATION | QUALIFICATION | AGE LIMIT |
|---|---|---|---|
| 1. B.Sc In Hospitality & Hotel Administration | 03 Years | 10+2 pass or equivalent with English one of the subjects (Minimum 50% marks) | 25 Years as on 1st July 2022 for General/ OBC candidates & 28 Years for SC/ST candidates |
| 2. Diploma In Front Office Operation | $1\frac{1}{2}$ Year | 10+2 pass or equivalent | |
| 3. Diploma In Food & Beverage Service | $1\frac{1}{2}$ Year | 10+2 pass or equivalent | |
| 4. Diploma In Food Production | $1\frac{1}{2}$ Year | 10+2 pass or equivalent | |
| 5. Diploma In Housekeeping Operation | $1\frac{1}{2}$ Year | 10+2 pass or equivalent | |
| 6. Craftsmanship Certificate Course In Food & Beverage Service | 06 Months | 10th pass | |
| 7. Craftsmanship Certificate Course In Food Production | $1\frac{1}{2}$ Year | 10th pass | |

FOR FURTHER DETAILS
Visit our website - www.sihmbalangir.org, e-mail: admissions@sihmbalangir.org
Contact No. 8447903803, 9348849484






DSPL - 128

**ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶା**
www.ceoorissa.nic.in

**ଆପଣ ଜଣେ ଭୋଟର ଅଟନ୍ତି କି?**
**ଗଣତନ୍ତ୍ରକୁ ସୁଦୃଢ କରିବାରେ ଆପଣ ନିଜର ଭୂମିକା ନିର୍ବାହ କରୁଛନ୍ତି କି?**

ଆପଣଙ୍କ ବୟସ ଯଦି ନିମ୍ନୋକ୍ତ କୌଣସି ଯୋଗ୍ୟ ତାରିଖରେ ୧୮ ବର୍ଷ ହେଉଛି:

୦୧ ଜାନୁଆରୀ
୦୧ ଏପ୍ରିଲ
୦୧ ଜୁଲାଇ
୦୧ ଅକ୍ଟୋବର

ତାହେଲେ ଆପଣ ନିଜର ନାମ ଭୋଟର ତାଲିକାରେ ପଞ୍ଜିକରଣ କରିବା ପାଇଁ ଚିଠା ଭୋଟର ତାଲିକାର ପ୍ରକାଶନ ତାରିଖ (୦୯.୧୧.୨୦୨୨) ଠାରୁ ଅଗ୍ରିମ ଭାବରେ ଆବେଦନ କରିପାରିବେ। ଭୋଟର ପରିଚୟ ପତ୍ର ଯୋଗ୍ୟ ତାରିଖ ପରେ ସ୍ୱତଃ ପ୍ରେରଣ କରାଯିବ।

ଭୋଟର ହେଲ୍ପଲାଇନ ଆପ୍ ମାଧ୍ୟମରେ ଅନଲାଇନରେ ଆବେଦନ କରନ୍ତୁ କିମ୍ବା ନିଜର ବୁଥ୍ ସ୍ତରୀୟ ଅଧିକାରୀଙ୍କ ସହ ଯୋଗାଯୋଗ କରନ୍ତୁ।

ଜାଣନ୍ତୁ ଆପଣଙ୍କ ପାଇଁ ଉଦ୍ଦିଷ୍ଟ
**ଆବେଦନ ଫର୍ମଗୁଡିକ ବିଷୟରେ**

- ଫର୍ମ ୬ ▶ ଭୋଟର ତାଲିକାରେ ନାମ ପଞ୍ଜିକରଣ
- ଫର୍ମ ୮ ▶ ଭୋଟର ତାଲିକାରେ ଥିବା ତଥ୍ୟର ସଂଶୋଧନ ପାଇଁ
- ଫର୍ମ ୭ ▶ ନାମ ବାଦ ଦେବା ପାଇଁ
- ଫର୍ମ ୬ଖ ▶ ଭୋଟର ପରିଚୟ ପତ୍ରକୁ ଆଧାର କାର୍ଡ ସହିତ ସଂଯୋଗ କରିବା ପାଇଁ

ଦୋହରା ଏଣ୍ଟ୍ରିଗୁଡିକୁ ବାଦ ଦେବାକୁ ସକ୍ଷମ କରିବା ପାଇଁ ଆପଣଙ୍କ ଭୋଟର ଫଟୋ ପରିଚୟ ପତ୍ର (EPIC) କୁ ଆଧାର କାର୍ଡ ସହିତ ସଂଯୋଗ କରନ୍ତୁ

www.nvsp.in | www.eci.gov.in | ୧୯୫୦ | ଡାଉନଲୋଡ଼ ଭୋଟର ହେଲପ୍‌ଲାଇନ ଆପ୍

OIPR-12113/13/0003/2223

ଶକ୍ତି ହୋଇଉଠେ ମହାନ୍ -ଯେତେବେଳେ ତାହା କ୍ରୋଧମୁକ୍ତ ହୋଇ ଊର୍ଦ୍ଧ୍ୱଗାମୀ ହୁଏ। କୌଣସି କିଛିର ଧ୍ୱଂସସାଧନ ମଧ୍ୟ ମହିମାମୟ ହୋଇପାରେ। କିନ୍ତୁ ତା'ର ଉତ୍ସ ବା କାରଣ ଯଦି ହୁଏ ପ୍ରତିହିଂସା, ତେବେ ତାହା କାଳିମାମୟ ହୋଇଉଠେ। -ଶ୍ରୀଅରବିନ୍ଦ

# ସଚେତନ ହେବାର ବେଳ



ସାଲ୍‌ଭୋଜ ଜିଜେକ୍

ନିକଟରେ କାନାଡାର ମନସ୍ତତ୍ତ୍ୱବିତ୍ ତଥା ମିଡିଆ ଫିଗ୍ୱର ଜୋର୍ଡାନ ପିଟରସନ 'ରୁଷିଆ ବନାମ ୟୁକ୍ରେନ କିମ୍ବା ପାଶ୍ଚାତ୍ୟରେ ଗୃହଯୁଦ୍ଧ' ଶୀର୍ଷକ ଏକ ଭିଡିଓରେ ୟୁରୋପରେ ଚାଲିଥିବା ଯୁଦ୍ଧ ସହ ଉଦାରବାଦୀ ମୁଖ୍ୟସ୍ରୋତ ଏବଂ ଉତ୍ତର ଆମେରିକା ଓ ୟୁରୋପର ନୂତନ ଲୋକପ୍ରିୟ ଦକ୍ଷିଣପନ୍ଥୀ ସଂଘର୍ଷର ସମ୍ପର୍କ ଥିବା ସ୍ୱୀକାର କରିଥିଲେ। ଯଦିଓ ପିଟରଶନ ଉତ୍ତେଜନାପୂର୍ଣ୍ଣ ଯୁଦ୍ଧ ଲାଗି ଭ୍ଲାଡିମିର ପୁଟିନ୍‌ଙ୍କୁ ଦୋଷାରୋପ କରିଛନ୍ତି, ତଥାପି ତାଙ୍କ ଦୃଷ୍ଟିକୋଣ ଧୀରେ ଧୀରେ ରୁଷିଆର ସିଦ୍ଧାନ୍ତଗତ ସୁରକ୍ଷା ଆଡକୁ ଏକ ପ୍ରକାର ପରିବର୍ତ୍ତନ ହୋଇଛି। ଦୋସ୍ତୋଭିସ୍କିଙ୍କ ଲେଖାଗୁଡ଼ିକର ଦୃଷ୍ଟାନ୍ତ ଦେଇ ସେ କହିଛନ୍ତି ଯେ, ପାଶ୍ଚାତ୍ୟ ୟୁରୋପୀୟ ସୁଖବାଦୀ ବ୍ୟକ୍ତିବାଦ ରୁଷୀୟ ଆଧ୍ୟାତ୍ମିକତା ତୁଳନାରେ ସାମଗ୍ରିକ ଭାବେ ବହୁତ ନିକୃଷ୍ଟ। ସେ ଆଧୁନିକବାଦ ପୂର୍ବ ସମୟକୁ ମାର୍କ୍ସବାଦର ପରିବର୍ତ୍ତିତ ରୂପ ଭାବେ ବର୍ଣ୍ଣନା କରିଛନ୍ତି, ଯାହା ଖ୍ରୀଷ୍ଟିଆନ ସଭ୍ୟତାର ଭିତ୍ତିଭୂମିକୁ ନଷ୍ଟ କରିବାକୁ ଚାହୁଁଛି। ଏ ଦୃଷ୍ଟିରୁ ବିଚାର କଲେ, ୟୁକ୍ରେନରେ ଚାଲିଥିବା ଯୁଦ୍ଧ ହେଉଛି ପାରମ୍ପରିକ ଖ୍ରୀଷ୍ଟିଆନ ମୂଲ୍ୟବୋଧ ଏବଂ କମ୍ୟୁନିଷ୍ଟ ଅଧପତନର ଏକ ନୂଆ ରୂପ ମଧ୍ୟରେ ପ୍ରତିଯୋଗିତା। ଯେଉଁମାନେ ହଙ୍ଗେରୀର ପ୍ରଧାନମନ୍ତ୍ରୀ ଭିକ୍ଟର ଓର୍ବାନଙ୍କୁ କିମ୍ବା ୬ ଜାନୁୟାରୀ ୨୦୨୧ରେ ଆମେରିକା କ୍ୟାପିଟଲରେ ଜବରଦସ୍ତ ପ୍ରବେଶ କରିବା ଘଟଣାକୁ ଜାଣିଥିବେ ସେମାନେ ଏହି କଥାକୁ ଭଲ ଭାବେ ବୁଝିପାରିବେ। ଏହି ଘଟଣାକୁ ଲକ୍ଷ୍ୟ କରି ସେହି ଦିନ ସିଏନଏନ୍‌ର ଜନ୍ ବ୍ଲାକେ କହିଥିଲେ , ଆମେରିକା ବୃଦ୍ଧିପାଉଥିବା ଏକ ଶ୍ୱେତ ଖ୍ରୀଷ୍ଟିଆନ ଜାତୀୟତାବାଦୀ ଆନ୍ଦୋଳନକୁ ସାମ୍ନା କରୁଛି। ଏହି ଆନ୍ଦୋଳନ କୃଷ୍ଣକାୟ ଲୋକ ଓ ଅଣ ଶ୍ୱେତାଙ୍ଗ ପ୍ରବାସୀମାନଙ୍କ ପ୍ରତି ହେଉଥିବା ଲିଙ୍ଗଭେଦ ଏବଂ ଶତ୍ରୁତାକୁ ଲୁଚାଇବା ଲାଗି ଖ୍ରୀଷ୍ଟିଆନ ଶବ୍ଦ ବ୍ୟବହାର କରୁଛି। ଏହା ଶ୍ୱେତ ଖ୍ରୀଷ୍ଟିଆନ ଆମେରିକା ସୃଷ୍ଟି କରିବା ସନ୍ଧାନରେ ରହିଛି। ବିଶ୍ୱସ୍ତରରେ ଉକ୍ତ ଦୃଷ୍ଟିକୋଣ ଏବେ ଧାର୍ମିକ ମୁଖ୍ୟ ସ୍ରୋତରେ ଏତେ ଅଧିକ ପ୍ରବେଶ କରିଛି ଯେ, ବାସ୍ତବରେ ଏହାର ବିଚାରଧାରାକୁ ଚ୍ୟାଲେଞ୍ଜ କରିବାକୁ ଚେଷ୍ଟା କରୁଥିବା ଯେ କେହି ଖ୍ରୀଷ୍ଟିଆନ ଧର୍ମଯାଜକ ସେମାନଙ୍କ କ୍ୟାରିୟରକୁ ବିପଦରେ ପକାଉଛନ୍ତି।

ମୁଖ୍ୟକଥା ହେଉଛି ପିଟରଶନଙ୍କର କମ୍ୟୁନିଷ୍ଟ ବିରୋଧୀ ଭାବ ଏକ ବ୍ୟାପକ ଢାଞ୍ଚାକୁ ସୂଚିତ କରିଛି। ଆମେରିକାରେ ରିପବ୍ଲିକାନ ପାର୍ଟିର ବହୁ ସାଂସଦ ୟୁକ୍ରେନ୍‌କୁ ସମର୍ଥନ କରିବାକୁ ମନା କରିଦେଇଛନ୍ତି। ଡୋନାଲ୍ଡ ଟ୍ରମ୍ପଙ୍କ ସମର୍ଥନରେ ଓହିଓରୁ ରିପବ୍ଲିକାନ ପ୍ରାର୍ଥୀ ହୋଇଥିବା ଜେ.ଡି. ଭ୍ୟାନ୍‌ସେ ପ୍ରକାଶ କରିଛନ୍ତି ଯେ ନିଜ ଦେଶର ସମସ୍ୟାକୁ ଅଣଦେଖା କରି ଯୁଦ୍ଧରେ ଆମେରିକାର ଅନେକ ବିଲିୟନ ଡଲାର ସଂସାଧନ ଉପଯୋଗ କରିବା ଏକ ରଣନୀତିକ ବୋକାମି। ଫ୍ଲୋରିଡାରୁ ପ୍ରତିନିଧିତ୍ୱ କରୁଥିବା ହାଉସ ଅଫ ରିପ୍ରେଜେଣ୍ଟେଟିଭର ରିପବ୍ଲିକାନ ସଦସ୍ୟ ମ୍ୟାଟ୍ ଗେଟ୍‌ଜେ କହିଛନ୍ତି ଯେ,ଚଳିତ ବର୍ଷ ନଭେମ୍ବରରେ ଯଦି ତାଙ୍କ ପାର୍ଟି ଜିତେ ତେବେ ୟୁକ୍ରେନକୁ ସମର୍ଥନ ଦେବ ନାହିଁ। ରୁଷିଆର ଯୁଦ୍ଧ ଏବଂ ଆମେରିକାରେ ଦକ୍ଷିଣପନ୍ଥୀ ସମାନ ପ୍ରକାର ଅଭିଯାନର ସୈନ୍ୟ। ଯଦିଓ ବାମବାଦକୁ ପ୍ରତିରୋଧ କରିବାକୁ ପିଟରସନ ଦାବି କରିଛନ୍ତି, ତଥାପି ସେ ବୈଶ୍ୱିକ ପୁଞ୍ଜିବାଦର ପ୍ରମୁଖ ପରିଣାମକୁ ଆକ୍ରମଣ କରିଛନ୍ତି। ୧୫୦ ରୁ ଅଧିକ ବର୍ଷ ପୂର୍ବେ କମ୍ୟୁନିଷ୍ଟ ମାନିଫାଷ୍ଟୋର ପ୍ରଥମ ଅଧ୍ୟାୟରେ ମାର୍କ୍ସ ଓ ଏଞ୍ଜେଲ୍ସ ଉଲ୍ଲେଖ କରିଥିଲେ ଯେ, ପୁଞ୍ଜିପତି ବର୍ଗ ଯେତେବେଳେ କ୍ଷମତା ପାଇଛି ସେତେବେଳେ ସବୁ ସଂଘୀୟ, ପୁରୁଷପ୍ରାଧାନ୍ୟତା, ସୁଖଦ ଓ ଶାନ୍ତିପୂର୍ଣ୍ଣ ସମ୍ପର୍କକୁ ନଷ୍ଟ କରିଦେଇଛି। ସମସ୍ତ ସ୍ଥାୟୀ ତଥା ଦୃଢ ସମ୍ପର୍କ ସମେତ ସେମାନଙ୍କ ପୁରାତନ ଓ ପୂର୍ବଧାରଣାର ସିଦ୍ଧାନ୍ତ ଏବଂ ମତଗୁଡ଼ିକୁ ମାଟିରେ ମିଶାଇଦିଏ। ଯାହା ବି ନୂଆକରି ଗଢି ଉଠେ ଅପ୍ରଚଳିତ ହୋଇଯାଏ। ଏହି ଅନୁଭବକୁ ବାମପନ୍ଥୀ ସଂସ୍କୃତିର ସିଦ୍ଧାନ୍ତକାରୀ ସତର୍କତାର ସହ ଅଣଦେଖା କରିଛନ୍ତି, ଯେଉଁମାନେ ସେମାନଙ୍କ ପୁରୁଷପ୍ରାଧାନ୍ୟ ବିଚାରଧାରାର ବିଶ୍ଳେଷଣ ବା ମୂଲ୍ୟାଙ୍କନ ଓ ତାହାର ଅଭ୍ୟାସ ଉପରେ ଧ୍ୟାନ ଦେଉଛନ୍ତି। ତଥାପି ବ୍ୟକ୍ତିବାଦ ଏହାକୁ ଧୂଳିସାତ କରିଦେଇଥିବାବେଳେ ପୁରୁଷପ୍ରାଧାନ୍ୟ ସାମାଜିକ ବ୍ୟବସ୍ଥା ଶୀର୍ଷରେ ପହଞ୍ଚିଛି। ଅବଶ୍ୟ ବାମପନ୍ଥୀମାନେ ଉଗ୍ର କାନ୍ତିକାରୀ ବୋଲି ଯୁକ୍ତି କରୁଛନ୍ତି। ଏବେ ପ୍ରାକ୍ ଆଧୁନିକ ସାମାଜିକ ସମ୍ପର୍କ ଏବଂ ଢାଞ୍ଚାକୁ ନଷ୍ଟ କରିବା ଦ୍ୱାରା ତାହା ମାର୍କ୍ସ ଚିନ୍ତା କରିଥିବା ବ୍ୟବସ୍ଥାଠାରୁ ବହୁ ଦୂରକୁ ଚାଲିଯାଇଛି।




ପିଟରସନଙ୍କ ଦୃଷ୍ଟିରେ ବିକଶିତ ପାଶ୍ଚାତ୍ୟ ଦେଶଗୁଡ଼ିକରେ ଗୃହଯୁଦ୍ଧ ହେଉଛି ବିଶ୍ୱର ଏକା ଗୋଷ୍ଠୀର ପୁଞ୍ଜିବାଦୀ ବ୍ୟବସ୍ଥାର ଦୁଇ ସଂସ୍କରଣ ମଧ୍ୟରେ ଏକ ସଂଘର୍ଷ। ଏହା ଅସଂଯମ ଉଦାର ବ୍ୟକ୍ତିବାଦ ବନାମ ନବ ଫାସୀବାଦୀ ରୂଢିବାଦ ମଧ୍ୟରେ ଏକ ଲଢେଇ। ଏହି ସଂଘର୍ଷ ପୁଞ୍ଜିବାଦୀ ଗତିଶୀଳତା ସହ ପାରମ୍ପରିକ ମୂଲ୍ୟ ଓ ପଦାନୁକ୍ରମକୁ ଏକାଠି କରିବାକୁ ଚାହୁଁଛି। ଏଠାରେ ଦୁଇ ବିରୋଧାଭାସ ରହିଛି। ସାମାଜିକ ସମସ୍ୟା ଉପରେ ପାଶ୍ଚାତ୍ୟ ରାଜନୈତିକ ସଚେତନତା ଶ୍ରେଣୀ ସଂଘର୍ଷକୁ ଦୂର କରୁଛି ବୋଲି ପ୍ରତିପାଦିତ କରୁଛି। ଏକ ଉଦାର ଆଭିଜାତ୍ୟ ବର୍ଗ ସୃଷ୍ଟି କରି ବିପଦରେ ଥିବା ଜାତିଗତ ଏବଂ ଲିଙ୍ଗଗତ ଭେଦଭାବର ଶିକାର ହେଉଥିବା ସଂଖ୍ୟାଲଘୁଙ୍କୁ ରକ୍ଷା କରୁଛି ବୋଲି ଦାବି କରୁଛି। ବାସ୍ତବରେ ତାହାର ରାଜନୈତିକ ଓ ଆର୍ଥିକ କ୍ଷମତାଧାରୀ ସଦସ୍ୟମାନଙ୍କ ଦୃଷ୍ଟି ହଟାଇବାକୁ ଏଭଳି କରୁଛି। ଠିକ୍ ଏହି ସମୟରେ ଏଭଳି ଯୁକ୍ତି ଦକ୍ଷିଣପନ୍ଥୀ ଲୋକପ୍ରିୟ ନେତାମାନଙ୍କୁ କର୍ପୋରେଟ ଏବଂ ଅଭିଜାତ୍ୟ ବର୍ଗଙ୍କ ବିରୋଧରେ ଥିବା ଅସଲ ଲୋକଙ୍କ ରକ୍ଷକ ଭାବେ ଦର୍ଶାଇବାକୁ ସୁଯୋଗ ଦେଇଛି। ଏପରି କି ସେମାନେ ମଧ୍ୟ ଆର୍ଥିକ ଓ ରାଜନୀତିର କମାଣ୍ଡିଂ ସ୍ତରରେ ପଦବୀ ଦଖଲ କରୁଛନ୍ତି। ଶେଷରେ ଉଭୟ ପକ୍ଷ ସମ୍ପୂର୍ଣ୍ଣ ଭାବେ ସଲାସୁତୁରା ହୋଇ ଏକ ବ୍ୟବସ୍ଥାକୁ ନଷ୍ଟ କରିବା ଲାଗି ଲଢେଇ କରୁଛନ୍ତି। ଶୋଷିତଙ୍କ ପାଇଁ କୌଣସି ପକ୍ଷ ଠିଆ ହେଉନାହାନ୍ତି କି ଶ୍ରମିକ ଶ୍ରେଣୀର ଏକତା ପ୍ରତି ଆଗ୍ରହ ପ୍ରକାଶ କରୁନାହାନ୍ତି। ଏହାର ଅର୍ଥ ନୁହେଁ ଯେ,ବାମ ଓ ଦକ୍ଷିଣ ପନ୍ଥୀ ଅଦରକାରୀ ହୋଇଯାଇଛନ୍ତି, ବରଂ ଏକ ରାଜନୈତିକ ଇଞ୍ଜିନ ଭାବେ ଯୁଦ୍ଧ ସଂସ୍କୃତି ଏକ ଶ୍ରେଣୀ ସଂଘର୍ଷକୁ ସୂଚିତ କରିଛି।

ଏଭଳି ସ୍ଥିତି ୟୁରୋପକୁ କେଉଁଠି ପହଞ୍ଚାଇଛି, ସେ ସମ୍ପର୍କରେ ଗାର୍ଡିଆନ ଖବର କାଗଜର ସ୍ତମ୍ଭକାର ସିମନ୍ ତିସ୍‌ଦାଲ ଠିକ୍ ଛବି ସାମ୍ନାକୁ ଆଣିଛନ୍ତି। ୟୁରୋପକୁ ବୁଡ଼ାଇବା ପୁଟିନଙ୍କ ଲକ୍ଷ୍ୟ ବୋଲି ସେ ଉଲ୍ଲେଖ କରିଛନ୍ତି। ଶକ୍ତି, ଖାଦ୍ୟ, ଶରଣାର୍ଥୀ, ସୂଚନାକୁ ଅସ୍ତ୍ରକରି ରୁଷିଆର ନେତା ଆର୍ଥିକ ଓ ରାଜନୈତିକ ଯନ୍ତ୍ରଣା ବଢାଉଛନ୍ତି। ସଭିଙ୍କ ପାଇଁ ଏକ ଯୁଦ୍ଧ ଭଳି ସ୍ଥିତି ସୃଷ୍ଟି କରିଛନ୍ତି। ପେନସନ ଭୋଗୀଙ୍କୁ ପ୍ରାପ୍ୟ ନ ଦେବା, ପିଲାଙ୍କୁ ଭୋକିଲା ରଖିବା, ସୁପରମାର୍କେଟ ଖାଲି କରିବା, ମୂଲ୍ୟ ଆଶାତୀତ ଭାବେ ବଢାଇବା, ମଜୁରିର ଅବମୂଲ୍ୟାୟନ, ଆନ୍ଦୋଳନ ଓ ରାସ୍ତା ଅବରୋଧ ଶ୍ରୀଲଙ୍କା ଭଳି ସ୍ଥିତିକୁ ସୂଚାଉଛି। ସମ୍ପୂର୍ଣ୍ଣ ପତନ ରୋକିବାକୁ ହେଲେ ସଶସ୍ତ୍ରବଳ ଦ୍ୱାରା ପ୍ରଶାସନକୁ ପୁନର୍ବାର ସକ୍ରିୟ କରିବା ସହ ଅନ୍ୟ ଦେଶଗୁଡ଼ିକ ସହ ସମନ୍ୱୟ ରକ୍ଷା କରି ଶକ୍ତି, ଖାଦ୍ୟ ବଣ୍ଟନକୁ ସଞ୍ଚାଳନ କରିବାକୁ ପଡ଼ିବ। ୟୁରୋପ ମଧ୍ୟ ଅନ୍ୟର କଲ୍ୟାଣ ପାଇଁ ଆଭିଜାତ୍ୟ ଜୀବନକୁ ପଛରେ ପକାଇବାକୁ ହେବ।

ସେ ସତ କହୁଛନ୍ତି। ୟୁରୋପ ଏବେ ବିପଦରେ। ଏହା ସକ୍ରିୟ ହେବା ଦରକାର। କେବଳ ସାମରିକ କ୍ଷେତ୍ରରେ ନୁହେଁ ବରଂ ସାମାଜିକ ଓ ଆର୍ଥିକ କ୍ଷେତ୍ରରେ ସକ୍ରିୟତା ପ୍ରକାଶ କରିବା ଦରକାର। ଆମେ ସଙ୍କଟରୁ ଶିକ୍ଷା କରିବା ଉଚିତ ଓ ଏହାକୁ ବ୍ୟବହାର କରି ଆମ ଜୀବନର ପଥ ବଦଳାଇବା ଆବଶ୍ୟକ। ଏବକାର ସ୍ଥିତି ଉପରେ ଏବେ ସଚେତନ ହେବାର ବେଳ ଆସିଛି। ଏକ ମୂଲ୍ୟବୋଧକୁ ସ୍ୱୀକାର କରିବା ଯାହା ଆମକୁ ଆଗାମୀ ଦଶନ୍ଧିଗୁଡ଼ିକରେ ଆସୁଥିବା ଏକ ପରିସଂସ୍ଥାଗତ ବିନାଶରୁ ମଧ୍ୟ ରକ୍ଷା କରିପାରିବ । ଏହା ଆମ ପାଇଁ ଏକ ମାତ୍ର ସୁଯୋଗ ବୋଲି ବିଚାର କରିବାକୁ ହେବ।

**ପ୍ରଫେସର ଅଫ୍ ଫିଲୋଶଫି,**
**ୟୁରୋପିଆନ ଗ୍ରାଜୁଏଟ୍ ସ୍କୁଲ**

## ଏଇ ଭାରତରେ

ଗୋଟିଏ କି ଦୁଇଟି ନୁହେଁ, ୭୦୦ରୁ ଅଧିକ କିସମର ବିଦେଶୀ ଫଳ ଉତ୍ପାଦନ କରି ଏକ ଉଦାହରଣ ସୃଷ୍ଟି କରିଛନ୍ତି କର୍ନାଟକର କୃଷକ ଅନିଲ ବଲାଞ୍ଜା। ସେ ଏହି ଫଳର ମଞ୍ଜି ୪୦ଟି ଦେଶରୁ ସଂଗ୍ରହ କରିଛନ୍ତି। ଅନିଲଙ୍କ ପିତା ଜଣେ କୃଷକ ଥିଲେ। ତାଙ୍କ ପିତା ମୁଖ୍ୟତଃ ପଣସ ଓ ଆମ୍ବଚାଷ କରୁଥିଲେ। ପିଲାଦିନେ ଅନିଲ ପିତାଙ୍କ କୃଷିକାର୍ଯ୍ୟ ପ୍ରତି ଆକର୍ଷିତ ହୋଇଥିଲେ। ପରେ ଅନିଲଙ୍କୁ ୧୯ ବର୍ଷ ହୋଇଥିବାବେଳେ ସେ ଆର୍‌କା, ନଡ଼ିଆ ଏବଂ ରବର ଚାଷ ଆରମ୍ଭ କରିଥିଲେ। କିନ୍ତୁ ପାଞ୍ଚବର୍ଷ ପୂର୍ବେ ଫଳଚାଷକୁ ବ୍ୟାପକ କରିବା ଲାଗି ସେ ବିଦେଶୀ ଫଳ ଚାଷ କରିବାକୁ ଯୋଜନା କରିଥିଲେ। ପ୍ରଥମେ ଆମ ଦେଶରେ କରାଯାଉଥିବା ଆଭାକୋଡା, ସାନ୍ତୋଲ, କିପେଲ ଓ ଆଉ କିଛି ଚାଷ ଆରମ୍ଭ କରିଥିଲେ। ଦକ୍ଷିଣ କନ୍ନଡ ଜିଲାରେ ଥିବା ଅନିଲଙ୍କ ୩୦ ଏକର ଫାର୍ମ ଏବେ ୭୦୦ ପ୍ରକାର ବିଦେଶୀ ଫଳଗଛ ଶୋଭା ପାଉଛି। ବିଦେଶରେ ଥିବା ତାଙ୍କ ସାଙ୍ଗମାନେ ଏହିସବୁ ଫଳ ମଞ୍ଜି ପାଇବାରେ ତାଙ୍କୁ ସାହାଯ୍ୟ କରିଛନ୍ତି। ଏହା ବ୍ୟତୀତ ଦେଶରେ ବିଭିନ୍ନ ନର୍ସରୀରୁ ବି ସେ କେତେକ ଚାରା ସଂଗ୍ରହ କରିଛନ୍ତି। ସେ ବୈଜ୍ଞାନିକ ପଦ୍ଧତିରେ ଚାଷ କରୁଛନ୍ତି। ଅଧିକାଂଶ ଫଳଚାରା କିମ୍ବା ମଞ୍ଜି ସେ ମାଲେସିଆ, କାମ୍ବୋଡିଆ, ଭିଏତ୍‌ନାମ, ବ୍ରାଜିଲ ଓ ଥାଇଲାଣ୍ଡ ଆଦି ଦେଶରୁ ସଂଗ୍ରହ କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୫ ଅଗଷ୍ଟ ୧୯୯୭**

- ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କୁ ମରଣୋତ୍ତର ଭାବେ 'ଭାରତରତ୍ନ' ସମ୍ମାନ ପ୍ରଦାନ ପାଇଁ କେନ୍ଦ୍ର ସରକାରଙ୍କ ଲିଖିତ ଘୋଷଣା ଦିଲ୍ଲୀ ହାଇକୋର୍ଟରେ ରଦ୍ଦ।
- ବାଚସ୍ପତି ଚିନ୍ତାମଣି ସାମନ୍ତରାୟଙ୍କ ପୈତୃକ ବାସଭବନରେ ପୋଲିସର ରାତିଅଧିଆ ଚଢ଼ାଉ ଘଟଣାରେ କ୍ଷୁବ୍ଧ ଏବଂ ଅପମାନିତ ହୋଇ ବାଚସ୍ପତି ପଦରୁ ଇସ୍ତଫା ଦେଇଛନ୍ତି।
- ଭାରତର ଅଗ୍ରଣୀ ଘରୋଇ ବ୍ୟାଙ୍କ 'ବ୍ୟାଙ୍କ ଅଫ୍ ରାଜସ୍ଥାନ' ପକ୍ଷରୁ ରାଜ୍ୟରେ ଏହାର ପ୍ରଥମ ଶାଖା ଉଦ୍‌ଘାଟିତ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 7 | | | | | 8 | 9 | 6 |
| | | | | | 4 | | 1 | |
| | 1 | | | | | 4 | | 5 |
| 6 | | | 9 | | | 2 | 5 | |
| 8 | 9 | | 3 | | | | | |
| | | 5 | | 2 | | | | 3 |
| | | | 1 | 5 | 9 | | | 7 |
| | | | | 8 | | | | 1 |
| | | 3 | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 7 | 6 | 4 | 5 | 2 | 8 | 9 | 3 |
| 8 | 4 | 2 | 9 | 1 | 3 | 7 | 6 | 5 |
| 3 | 5 | 9 | 7 | 8 | 6 | 4 | 1 | 2 |
| 7 | 2 | 1 | 3 | 9 | 5 | 6 | 8 | 4 |
| 4 | 9 | 3 | 1 | 6 | 8 | 5 | 2 | 7 |
| 6 | 8 | 5 | 2 | 7 | 4 | 1 | 3 | 9 |
| 5 | 1 | 4 | 8 | 3 | 9 | 2 | 7 | 6 |
| 2 | 3 | 8 | 6 | 4 | 7 | 9 | 5 | 1 |
| 9 | 6 | 7 | 5 | 2 | 1 | 3 | 4 | 8 |

ଗତକାଲିର ଉତ୍ତର

# ବିଜ୍ଞାନରେ ବସୁଧୈବ କୁଟୁମ୍ବକମ



ଡ. ନରେନ୍ଦ୍ର ସେଠୀ

ଜର୍ମାନୀର ମ୍ୟୁନିଚ ସହରରେ ଅବସ୍ଥିତ ମ୍ୟାକ୍ସ ପ୍ଲାଙ୍କ ଇନ୍‌ଷ୍ଟିଚ୍ୟୁଟର ମୁଖ୍ୟ ମହାନ୍ ପଦାର୍ଥ ବିଜ୍ଞାନୀ ହାନ୍ସ-ପିଟର ଡୁରେର୍ ତାଙ୍କ ପଚାଶ ବର୍ଷର ଗବେଷଣାକୁ ଏକାଠି କରି ଯୋଉ ନିଷ୍କର୍ଷରେ ପହଞ୍ଚିଲେ ତାହା ହେଲା ପଦାର୍ଥ ଓ ଶକ୍ତି ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ ସଦୃଶ । ଅର୍ଥାତ୍ ମଣିଷ ନିଜେ ଓ ସଂସାରର ଅନ୍ୟ ଯୋଉ ସବୁ ବିଦ୍ୟମାନ ଜିନିଷ ଦେଖୁଛି ତାହା ପଦାର୍ଥରୁ ତିଆରି ହୋଇନାହିଁ, ଏସବୁ ଶୂନ୍ୟରୁ ତିଆରି ହୋଇଛି । ପଦାର୍ଥକୁ ଶକ୍ତିରେ ଓ ଶୂନ୍ୟରେ ଥିବା ଅଦୃଶ୍ୟ ଶକ୍ତିକୁ ପଦାର୍ଥରେ ପରିଣତ କରିହେବ, ଏହା ଆଇନ ଷ୍ଟାଇନ ମଧ୍ୟ ପ୍ରମାଣିତ କରିଛନ୍ତି । ଜଣେ ମହାନ୍ ବୈଜ୍ଞାନିକ ଭାବରେ ସୂକ୍ଷ୍ମ ସ୍ତରରେ ପଦାର୍ଥକୁ ବିଶ୍ଳେଷଣ କରିବାକୁ ଚେଷ୍ଟା କରି ହାନ୍ସ-ପିଟର ହୃଦୟଙ୍ଗମ କରିଥିଲେ ଯେ ଅଦୃଶ୍ୟ ଶକ୍ତିଠାରୁ ଭିନ୍ନ କିଛି ନାହିଁ। ସେହି ବିଶାଳ ସର୍ବଶକ୍ତିମାନ ଶକ୍ତି ହେଉଛି ବିଶ୍ୱ ଚେତନା (କିମ୍ବା ଭଗବାନ) ଏବଂ ଆମେ ମଣିଷମାନେ ସେହି ଚେତନାର ଏକ ଛୋଟ ଅଂଶ, ଯାହାକୁ ବ୍ୟକ୍ତିଗତ ଚେତନା କୁହାଯାଇପାରେ । ଯେହେତୁ ଉଭୟ ବିଜ୍ଞାନ ଓ ଅଧ୍ୟାତ୍ମ ଅନୁସାରେ ବସ୍ତୁର ବିନାଶ ନାହିଁ ଓ ସବୁ ବସ୍ତୁ ଶକ୍ତିରୁ ସୃଷ୍ଟି, ତେଣୁ ଆମକୁ ଏପରି ଏକ ପରମେଶ୍ୱରଙ୍କ ସନ୍ଧାନ କରିବାକୁ ହେବ ; ଯିଏ ସମସ୍ତଙ୍କୁ ସହଜରେ ଉପଲବ୍ଧ ହେଇପାରୁଥିବେ। ଏସବୁ କରିବା ପାଇଁ ଜଣେ ବିଶେଷ ଜ୍ଞାନୀ ହେବା ଆବଶ୍ୟକ ଦରକାର ନାହିଁ ବରଂ କେବଳ ଏତିକି ବୁଝିବା ଦରକାର ଯେ ଈଶ୍ୱର ଆମ ସମସ୍ତଙ୍କ ଭିତରେ ବିଦ୍ୟମାନ। ଅତୀତରେ ଯାହା ଘଟିତ ହୋଇ ଯାଇଛି ତାହା ଏକ ସ୍ୱପ୍ନ ଥିଲା ଓ ପୃଥିବୀର କୌଣସି ଶକ୍ତି ତାକୁ ଠିକ୍ କରିପାରିବ ନାହିଁ । ଆସନ୍ତାକାଲି ମରୁଭୂମିର ଏକ ମରୀଚିକା ସଦୃଶ ଯାହା କେହି ବି ପୂର୍ବାନୁମାନ କରିପାରିବେ ନାହିଁ । ତେଣୁ ମଣିଷ ଆସନ୍ତାକାଲି ଓ ଗତକାଲି ବିଷୟରେ ବ୍ୟର୍ଥ ଚିନ୍ତା କରିବା ଅପେକ୍ଷା ବର୍ତ୍ତମାନରେ ଜିଇବା ଆବଶ୍ୟକ।

ଉପନିଷଦରେ କୁହାଯାଇଛି ସୁଖ ସେତିକିବେଳେ ପ୍ରାପ୍ତ ହୁଏ ଯେତେବେଳେ ଆମେ ଆଉ କାହାକୁ ସୁଖ ଦେବା ପାଇଁ ସାହାଯ୍ୟ କରୁ । ଭଗବାନଙ୍କୁ ହୃଦୟଙ୍ଗମ କରିବା ପାଇଁ ମଣିଷକୁ ଏତେ ବ୍ୟଗ୍ର ହେବାର ଆବଶ୍ୟକତା ନାହିଁ। ନିୟମିତ ଭାବରେ ପ୍ରାଣାୟାମ ମାଧ୍ୟମରେ ଆମର ଡାହାଣ ମସ୍ତିଷ୍କ ଉପରେ ଧ୍ୟାନ କେନ୍ଦ୍ରିତ କରି ଆମେ ତାହା କରିପାରିବା ; ଯାହା ଆମର ମୁନି ଋଷିମାନେ କରୁଥିଲେ । ସନ୍ ଡିଏଗୋ ବିଶ୍ୱବିଦ୍ୟାଳୟର ସ୍ନାୟୁ ତତ୍ତ୍ୱବିତ ଡେଭିଡ ସ୍କାନଫ ଖାଲସା ନାକରୁ ନିଃଶ୍ୱାସର (କ୍ରିୟା ଯୋଗ) ନିୟନ୍ତ୍ରିତ ଅଭ୍ୟାସକୁ ଉଦାସୀନତା ଏବଂ ଅନ୍ୟାନ୍ୟ ମସ୍ତିଷ୍କଜନିତ ରୋଗର ଚିକିତ୍ସା ପାଇଁ କାର୍ଯ୍ୟ କରି ଏକ ଚମତ୍କାର ଓ ଆଶ୍ଚର୍ଯ୍ୟଜନକ ତଥ୍ୟ ଆବିଷ୍କାର କଲେ । ତାହା ହେଲା ମଣିଷର ମନ ହେଉଛି ସୂକ୍ଷ୍ମ ସ୍ତରରେ ଅନେକ ଆଣବିକ ଶକ୍ତିର ଏକ ସମାହାର । ଆମେ ସ୍କୁଲ କଲେଜରେ ପଢ଼ିଥିବା ପୁସ୍ତକ ପଠିତ ଜ୍ଞାନରେ ଏହା ବୁଝିପାରୁନା ଯେ ଜୀବନ୍ତ କ'ଣ ମୃତ କ'ଣ । ବିଜ୍ଞାନ ପୁସ୍ତକ କେବଳ ଏତିକି କହିପାରେ ଯେ ଜୀବନ୍ତ ଅବସ୍ଥା ଅନେକ ଜୀବନ ନ ଥିବା ଜଟିଳ ପ୍ରକ୍ରିୟାର



ଏକ ସମାହାର କିନ୍ତୁ ପ୍ରକୃତରେ ସତ କଥାଟା ହେଲା ଏହାର ଓଲଟା । ଅସଲ କଥା ହେଲା ଏ ବିଶ୍ୱରେ ସବୁ ପଦାର୍ଥ ଜୀବନ୍ତ। କିନ୍ତୁ ସବୁ ପଦାର୍ଥ ଯଦି ଶକ୍ତିରୁ ଉତ୍ପନ୍ନ ଏବଂ ପଦାର୍ଥ ଓ ଶକ୍ତି ପରସ୍ପରକୁ ଜନ୍ମ ଦିଅନ୍ତି ତାହାଲେ ଏକଥା ମଧ୍ୟ ସତ୍ୟ ଯେ କୌଣସି ମୃତ ବା ଜଡ଼ ପଦାର୍ଥରୁ ଜୀବନ ତିଆରି ହୋଇ ନ ଥିବ ବା ହୋଇପାରିବ ନାହିଁ । ତାହାଲେ ସେହି ଜୀବନ ତିଆରି କରିଥିବା ଶକ୍ତି କ'ଣ ଜୀବନ୍ତ ? ତାହାଲେ ଦୁଇ ଶହ କୋଟି ବର୍ଷ ତଳେ କୌଣସି ଜଡ଼ ପଦାର୍ଥରୁ ଜୀବନ ତିଆରି ହେଲା କେମିତି ? ଆଧୁନିକ ବିଜ୍ଞାନ ଅନୁସାରେ ଆମେ ଯାହା ସବୁ ବାସ୍ତବିକତା ଦେଖୁଛେ ଓ ଅନୁଭବ କରୁଛେ ପ୍ରକୃତରେ ଏସବୁ ସତ ନୁହେଁ ବରଂ ଗୋଟେ ସମ୍ଭାବିତ ବାସ୍ତବତାର ସମ୍ଭାବନା ମାତ୍ର। ଆଧୁନିକ ଶୃଙ୍ଖଳ ତତ୍ତ୍ୱ ଅନୁସାରେ ଏ ସଂସାରର ସବୁ ଜିନିଷ ପରସ୍ପର ସହ ଜଡ଼ିତ ବା ଏକ ସମ୍ପର୍କ ସୂତ୍ରରେ ବନ୍ଧା । ଅର୍ଥାତ୍ ଆମ ପ୍ରତ୍ୟେକ ମଣିଷ ଆମ ଅଜାଣତରେ ଅନ୍ୟମାନଙ୍କ ସହ ସମ୍ପର୍କରେ ଅଛୁ ଓ ଏହା ଏକ ବିଜ୍ଞାନ ପ୍ରମାଣିତ ସତ୍ୟ। ଅନ୍ୟ ଅର୍ଥରେ ଆମେ ସମସ୍ତେ ଏ ସଂସାରରେ ପରସ୍ପରର ସହକର୍ମୀ ସଦୃଶ ଓ ଆମ ଭିତରେ ଏକ ଅଦୃଶ୍ୟ ସମ୍ପର୍କର ଭାଇଚାରା ବିଦ୍ୟମାନ। ତେଣୁ ଏହା ପରୋକ୍ଷ ଭାବରେ ଭାରତୀୟ ପରମ୍ପରା ବସୁଧୈବ କୁଟୁମ୍ବକମ ବା ଏ ସମଗ୍ର ବିଶ୍ୱ ଏକ ପରିବାର ସଦୃଶ ବୋଲି ଆଧୁନିକ ବିଜ୍ଞାନ ମତ ଦେଇଛି ।

ମହାନ୍ ବୈଜ୍ଞାନିକ ଡାରଉଇନ୍ ତାଙ୍କ ଉଦ୍‌ବର୍ତ୍ତନ ତଥ୍ୟରେ ସେହି ଏକା କଥା କହିଥିଲେ ଯେ, ଆମେ ସବୁ ପ୍ରାଣୀ ଗୋଟିଏ ପରେ ଗୋଟିଏ ପରସ୍ପର ମଧ୍ୟରୁ ସମୟ କ୍ରମେ ଆସିଛନ୍ତି। ଅର୍ଥାତ୍ ଆମେ ସବୁ ଜୀବ, କୀଟ, ପତଙ୍ଗ ଗୋଟିଏ ପରିବାର । ତେଣୁ ସମସ୍ତେ ମିଳିମିଶି ରହିବା ପ୍ରକୃତି ଓ ବିଜ୍ଞାନର ନିୟମ ଏବଂ ଆବଶ୍ୟକ। ତେବେ ମୂଳ କଥା ହେଲା, ଯଦି ଶକ୍ତିରୁ ପଦାର୍ଥ ଓ ପଦାର୍ଥର ବିଲୟରେ ଶକ୍ତିର ସୃଷ୍ଟି ତାହାଲେ ଜୀବର ମୃତ୍ୟୁ ହୁଏ ନାହିଁ ବା ଏ ସଂସାରରେ ସମସ୍ତେ ଅଜର ଅମର । ଏହାକୁ ଗୀତାରେ ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ କହିଥିଲେ, ନା ପ୍ରାଣୀ ମରେ ନା ତା'ର ବିନାଶ ହୁଏ । ଖାଲି ଅବସ୍ଥାର ପରିବର୍ତ୍ତନ ହୋଇଥାଏ । ଅର୍ଥାତ୍ ବିଜ୍ଞାନ ଅନୁସାରେ ମୃତ୍ୟୁ ବୋଲି କିଛି ନାହିଁ ଓ ଏହା ଏକ ଅବସ୍ଥାର ପରିବର୍ତ୍ତନ ମାତ୍ର । ଅଢ଼େଇ କୋଟି ବର୍ଷ ପୂର୍ବେ ଜୀବନ ଜଡ଼ ପଦାର୍ଥରୁ ସୃଷ୍ଟି ହେଲା ଓ ଜୀବ ପରେ ପୁଣି ସେଇ ଜଡ଼ ପଦାର୍ଥରେ ଦିନେ ମିଶିଯିବ। ମଣିଷ ଯଦି ତା'ର ମାନକ ପରିବାର ବୃକ୍ଷ ବା ଫାମିଲି ଟ୍ରିକୁ ପଛକୁ ପଛ ଲେଖି ଚାଲିବ ତାହାଲେ କିଛି କୋଟି ବର୍ଷ ପୂର୍ବକୁ ଗଲେ ନିଜ ସମ୍ପର୍କୀୟ ଭାଇ ଭାବେ ବିଶାଳକାୟ ଡାଇନୋସରକୁ ପାଇବ । ଏହା ଦ୍ୱାରା ବିଜ୍ଞାନ ପ୍ରମାଣିତ କରୁଛି ଯେ ଆମେ ଗୋଟିଏ ପରିବାର ଓ ଆମ ଭିତରେ ଗୋଟିଏ ଫରକ ହେଲା ସମୟ। ଏ ସମୟ ଆମ ପାଇଁ ଲମ୍ବା ହୋଇପାରେ କିନ୍ତୁ ସଂସାର ବା ବିଶ୍ୱ ପାଇଁ ଏହା ଏକ ଛୋଟିଆ କାଳଖଣ୍ଡ ମାତ୍ର। ବିଜ୍ଞାନ ଓ ଅଧ୍ୟାତ୍ମର ଏହି ବିଶ୍ଳେଷଣରୁ ଏତିକି ସଂକ୍ଷେପରେ କୁହାଯାଇପାରେ ଯେ ଆମେ ସମସ୍ତେ ସର୍ବଦା ଜୀବିତ ଥିଲେ ଓ ରହିଥିବା ଏବଂ ଏ ସଂସାରର ସବୁ ପ୍ରାଣୀ କୀଟ ପତଙ୍ଗ ଏପରି କି ଜଡ଼ବସ୍ତୁ ପରସ୍ପର ସମ୍ପର୍କୀୟ ଓ ଏକ ପରିବାର ।

**ଯାଦୁଗୁଡା, ପୂର୍ବ ସିଂଭୂମି, ଝାଡ଼ଖଣ୍ଡ,**
**ମୋ:୭୦୦୪୦୬୮୧୧୦**

# ପରିବାରର ଭୂମିକା



ଶ୍ରୁତକୀର୍ତ୍ତି ତ୍ରିପାଠୀ

ପରିବାର ବା କୁଟୁମ୍ବର ସହଯୋଗ ଥିଲେ ବ୍ୟକ୍ତି ସବୁ ପ୍ରକାର ବାଧାବିଘ୍ନକୁ ହସିହସି ସହିଯାଏ। ଏହା ସମାଜର ଏକ ମୌଳିକ ଅଙ୍ଗ। କୋଭିଡ୍ ମହାମାରୀ କାଳରେ ପରିବାରର ଆବଶ୍ୟକତାକୁ ସର୍ବସାଧାରଣ ଅମାନ୍ୟ କରିପାରିବେ ନାହିଁ। ଏଭଳି ଏକ ବିପତ୍ତି କାଳରେ ପରିବାର ନିଜ ସଦସ୍ୟମାନଙ୍କୁ ଦେଇଛି ମାନସିକ, ସାମାଜିକ ଓ ଅର୍ଥନୈତିକ ନିରାପତ୍ତା। ପରିବାର ମଧ୍ୟରେ ରହିଲେ ପ୍ରେମ, ଆନନ୍ଦ, ଶାନ୍ତି ଓ ନିରାପତ୍ତା ଅନୁଭବ ହୁଏ। ତେଣୁ କୁହାଯାଏ, ଯେଉଁ ଦେଶରେ ସମ୍ପୂର୍ଣ୍ଣ ପରିବାର ସଂଖ୍ୟା ଯେତେ ବେଶି, ସେ ଦେଶ ସେତେ ସମୃଦ୍ଧ ଓ ସଶକ୍ତ। ଇଂଲିଶ୍‌ରେ କଥାଟିଏ ଅଛି- "A family is not only an important thing, it is every-thing." ଏହାର ବାସ୍ତବିକ ଅର୍ଥ କେତେ ଗହନ।

ଭାରତରେ ପରିବାରର ଅର୍ଥ ବ୍ୟାପକ। ପ୍ରତିଟି ସମ୍ପର୍କ ଏହାର ଜଣେ ଜଣେ ସଭ୍ୟ। ଧାର୍ମିକ ଅନୁଷ୍ଠାନ, ସାମାଜିକ କର୍ମ, ବିପଦ-ଆପଦ, ଦୁଃଖ-ସୁଖ, ଉତ୍ସବ, ପୂଜା-ପାର୍ବଣ ଆଦିରେ ସମଗ୍ର ପରିବାର ଏକାଠି ହେବା ଦ୍ୱାରା ସମ୍ପର୍କ ଦୃଢ଼ ଓ ଅତୁଟ ହୁଏ। ଗୋଟିଏ ପରିବାରରେ ଛୋଟ ବଡ଼ ସମସ୍ତେ ପାରିବାରିକ ନିଷ୍ପତ୍ତିରେ ଭାଗ ନିଅନ୍ତି। ସମସ୍ତଙ୍କ ସମ୍ମତି ନେଇ ଯେକୌଣସି କାର୍ଯ୍ୟ କରାଯାଏ । ଉଭୟ ବରିଷ୍ଠ ଏବଂ କନିଷ୍ଠମାନଙ୍କ ମତକୁ ସମ୍ମାନ ଦେଇ ବିଚାର କରାଯାଏ । ଯୁକ୍ତିତର୍କ, ମତାନ୍ତର, ମନାନ୍ତର ସତ୍ତ୍ୱେ ଆଲୋଚନା ଓ ବୁଝାମଣା କରାଯାଇ ସମସ୍ୟା ସମାଧାନର ବାଟ ଖୋଜାଯାଏ। ପରିବାର ସହ ଏକତ୍ର ବାସ କଲେ ବ୍ୟକ୍ତିକୁ ଅର୍ଥନୈତିକ, ସାମାଜିକ, ମାନସିକ ନିରାପତ୍ତା ଲାଭ ହୁଏ । ଆହୁରି ପରିବାରରେ ଦୃଢ଼ ହୁଏ ମାତୃଭାଷା ସହିତ ବନ୍ଧନ। ଦମ୍ଭ ଓ ଆପଣାପଣର ଛାୟା କରି ସବୁ ଝଡ଼ଝଞ୍ଜାରୁ ମୁକୁଳାଇ ଆଣିବାର ସାମର୍ଥ୍ୟ ମାନବ ମଧ୍ୟରେ ଆତ୍ମବିଶ୍ୱାସ ଭରିଦିଏ, ଯାହା ପରିବାର ଭିତରେ ହିଁ ସମ୍ଭବପର। ପିଲାଙ୍କ ଭବିଷ୍ୟତ ପାଇଁ ମାତାପିତା ଆଜୀବନ ତ୍ୟାଗ ଏବଂ ପ୍ରାର୍ଥନାରେ ରତ ଥାଆନ୍ତି। ନିଜଠାରୁ ଅଧିକ ଅନ୍ୟ ପାଇଁ ଭାବିବା, ପରିପ୍ରକାଶ କରିବା ପୂର୍ବରୁ ମନକଥା ବୁଝି ତାକୁ ପୂରଣ କରିବା ପରିବାର ବ୍ୟତୀତ ଆଉ କେଉଁଠି ସମ୍ଭବ ? ସେଥିପାଇଁ ତ ଆମେ ଭାରତୀୟମାନେ ଶିକ୍ଷାନୁଷ୍ଠାନରେ, କାର୍ଯ୍ୟାଳୟରେ, ପଡ଼ୋଶୀଙ୍କ ମେଳରେ ସବୁଠି ପରିବାରଟିଏ ସୃଷ୍ଟି କରିବାର କ୍ଷମତା ରଖୁ। ଗବେଷକମାନେ ମଧ୍ୟ ମତ ରଖନ୍ତି ଯେ, ପରିବାର ମଧ୍ୟରେ ବାସ କରୁଥିବା ବ୍ୟକ୍ତି ଅପେକ୍ଷାକୃତ ଭାବରେ ଅଧିକ ଶାନ୍ତିରେ ବଞ୍ଚେ ଏବଂ ଦୀର୍ଘାୟୁ ହୁଏ। ଏମାନଙ୍କର ମାନସିକ ଅବସାଦ କମ୍। ବରିଷ୍ଠମାନଙ୍କର ଅଭିଜ୍ଞତା, ମାତାପିତାଙ୍କର ସଂସ୍କାର, ପରିବାରର ପରମ୍ପରା, ଚଳଣି ଏସବୁର ମିଳିତ ସହାବସ୍ଥାନରେ ପରିବାର ବୁଦ୍ଧିମନ୍ତ।

ମାତ୍ର ଆଧୁନିକୀକରଣ, ସହରୀକରଣ, ବଜାରୀକରଣ ଯୋଗୁ ପରିବାରଗୁଡ଼ିକ ଏବେ ଦୁର୍ବଳ ଏବଂ ବିଭକ୍ତ । ଏହାଦ୍ୱାରା ଯଦିଓ ପରିବାରର ଆୟ ଏବଂ ରୋଜଗାର ବଢ଼ିଛି, ମହିଳାଙ୍କ ସାମାଜିକ ସ୍ଥିତିରେ ପରିବର୍ତ୍ତନ ଆସିଛି, ଶିକ୍ଷାରେ ଉନ୍ନତି ଘଟିଛି, ମାତ୍ର ପରିବାର ତା'ର ପରମ୍ପରା ଭୁଲିବାରେ ଲାଗିଛି । ବିବାଦ, କଳହ, ବିଚ୍ଛେଦ ପରିବାରଗୁଡ଼ିକୁ ଭାଙ୍ଗିଦେଉଛି। ଲୋକେ ଆଉ ପରିବାର ବନ୍ଧନରେ ବାନ୍ଧି ହେବାକୁ ଚାହୁଁନାହାନ୍ତି। ସମ୍ପର୍କକୁ ବୋଝ ମନେ କରି ଦୂରେଇ ଦେବାରେ ସେମାନଙ୍କର ତିଳେ ହେଲେ ଦ୍ୱିଧା ରହୁନାହିଁ। ଆମେରିକା, ଜାପାନ, ସିଙ୍ଗାପୁର ଭଳି ଉନ୍ନତ ଦେଶଗୁଡ଼ିକଠାରୁ ଅନୁକରଣ କରି ଆମ ଯୁବବର୍ଗ ମଧ୍ୟ ବିବାହ ନ କରି ଏକାଠି (ଲିଭ ଇନ୍) ରହିବା ସପକ୍ଷରେ ଅଛନ୍ତି। ପରିଣାମ ପରିବାର ସଂଖ୍ୟା କ୍ରମେ ହ୍ରାସ ପାଇବାରେ ଲାଗିବ।

ଆଧୁନିକତାର ବଶବର୍ତ୍ତୀ ହୋଇ ପରିବାରଠାରୁ ଦୂରେଇ ଯିବା ସାମାଜିକ ଅଧୋଗତିକୁ ନିମନ୍ତ୍ରଣ କରିବ, ଯାହାର ଅଳ୍ପେ ବହୁତେ ପରିଣାମ ଆମେ ଭୋଗିବା ଆରମ୍ଭ କଲେଣି। ମାତ୍ର ତଥାପି ଆଶାଟିଏ ରହିଛି ଯେ ଆମେ ସୁଧୁରିଯିବା। ଆମ ଆଗାମୀ ପିଢ଼ି ପୁଣିଥରେ ପରିବାରର ମହତ୍ତ୍ୱ ବୁଝିବେ, ପରିବାରକୁ ନିଜର ଶକ୍ତି ମନେକରି ଆଗେଇ ଚାଲିବେ। ସ୍ୱାର୍ଥହୀନ ସେବା, ସର୍ତ୍ତହୀନ ପ୍ରେମ ଏବଂ ସ୍ନେହଭରା ନିରାପତ୍ତା ପରିବାର ଭିତରେ ହିଁ ମିଳେ। ଦୁର୍ବଳ ସମ୍ପର୍କକୁ ଯୋଡ଼ି, ମରାମତି କରି ପୁଣିଥରେ ନୂଆ କରି ଗଢ଼ିବାର ବେଳ ଇୟେ । ତେଣୁ ଆସନ୍ତୁ ନିଜ ନିଜ ପରିବାର ପ୍ରତି ଆନୁଗତ୍ୟ ପ୍ରଦର୍ଶନ ପୂର୍ବକ ସମସ୍ତେ ଏକାଠି ହେବା।

**ବିବେକାନନ୍ଦ ମାର୍ଗ, ଭୁବନେଶ୍ୱର**
**ମୋ: ୬୩୭୦୫୧୬୪୭୮**

## ପାଠକ ଶ୍ରେଷ୍ଠ ବିଚାରକ

### ସାପକାମୁଡ଼ା ମୃତ୍ୟୁ ସହାୟତା ରାଶି ମିଳୁନି

ମହାଶୟ,

ସାପକାମୁଡ଼ାରେ ପ୍ରାଣ ହରାଉଥିବା ବ୍ୟକ୍ତିଙ୍କ ପରିବାରକୁ ସରକାରଙ୍କ ପକ୍ଷରୁ ୪ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ଦିଆଯିବାର ବ୍ୟବସ୍ଥା ରହିଛି। କିନ୍ତୁ ପୁରୀ ସହର ସମେତ ଜିଲାର ୧୧ ଗୋଟି ବ୍ଲକରେ ସଚେତନତାର ଅଭାବ ଓ ପ୍ରମାଣପତ୍ର ଯୋଗାଡ଼ କରିବାରେ ସମସ୍ୟା ଇତ୍ୟାଦି କାରଣରୁ ଅଧିକାଂଶ ପରିବାର ସହାୟତା ରାଶିରୁ ବଞ୍ଚିତ ହେବା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସାଧାରଣଭାବେ ବର୍ଷାଦିନେ ସାପ କାମୁଡ଼ାରେ ଅଧିକାଂଶ ଲୋକଙ୍କ ପ୍ରାଣ ଯାଉଛି। ସମୟ ଅନୁସାରେ ଉପଯୁକ୍ତ ଚିକିତ୍ସାର ଅଭାବ ଓ ଗୁଣିଗାରେଡି ଉପରେ ଭରସା କରି ଅନେକ ଲୋକ ଆଖି ବୁଜୁଛନ୍ତି। ପୁରୀ ଜିଲା ସତ୍ୟବାଦୀ (ସାକ୍ଷୀଗୋପାଳ) ଅଞ୍ଚଳର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକରେ ସାପକାମୁଡ଼ା ପାଇଁ ମିଳୁଥିବା ଔଷଧ ବା ଇଂଜେକ୍‌ସନ ମହଜୁଦ ନ ଥିବାରୁ ଲୋକଙ୍କୁ ଜିଲା ସ୍ୱାସ୍ଥ୍ୟ ଚିକିତ୍ସାଳୟ ଉପରେ ନିର୍ଭର କରିବାକୁ ପଡୁଛି। ହାରାହାରି ଭାବେ ପ୍ରତିବର୍ଷ ରାଜ୍ୟରେ ୩ ହଜାରରୁ ଅଧିକ ଲୋକ ସାପ କାମୁଡ଼ାରେ ପ୍ରାଣ ହରାଉଛନ୍ତି। ତେବେ ପୁରୀ ଜିଲାରୁ ଅଧିକାଂଶ ପରିବାର ୪ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ପାଇଁ ଆବେଦନ ବି କରିପାରିନାହାନ୍ତି। ଏମିତିକି ଅନେକ ବ୍ୟକ୍ତି ପ୍ରମାଣପତ୍ର ପାଇଁ ତହସିଲ, ଜିଲା କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନିରାଶ ହେଉଛନ୍ତି। ପୁରୀ ଜିଲାର ଅଧିକାଂଶ ଲୋକ ଗ୍ରାମାଞ୍ଚଳରେ ପ୍ରମାଣପତ୍ର ସଂଗ୍ରହରେ ସମୟ ଗଡ଼ି ଯାଉଥିବାରୁ ଅନେକ ସହାୟତା ପାଇଁ ଆବେଦନ କରିପାରୁ ନ ଥିବା ଜଣାପଡ଼ିଛି। ସାପ କାମୁଡ଼ାରେ ସରକାରୀ ଡାକ୍ତରଖାନାକୁ ଯାଇ ଚିକିତ୍ସା ହେବା, ମୃତ୍ୟୁ ହେଲେ ଆନୁଷଙ୍ଗିକ ପ୍ରମାଣପତ୍ର ଯୋଗାଡ଼ କରିବା ଏବଂ ଏ ଦିଗରେ ସଚେତନତା ସୃଷ୍ଟି କରାଯାଇପାରିଲେ ସରକାରଙ୍କର ଏହି ଯୋଜନାରେ ଅନେକ ଲୋକ ଉପକୃତ ହୋଇପାରିବେ ।

**-ଦେବତିକ୍ତ ମିଶ୍ର, ସାକ୍ଷୀଗୋପାଳ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ମଳୟର ମଧୁ ହାସେ ଭାସୁଥିଲା ରଜନୀ
ତୁମେ କିପାଁ ଧୀରପଦେ ଉଭା ହେଲ ସଜନୀ !
ପଞ୍ଚମୀର ଜୋଛନା ବୋଲି ଦେଇ ଆକାଶେ
ନ ଜାଣେ ମୁଁ ଚାହିଁଥିଲି ସେ କାହାର ସକାଶେ।
ନିବିଡ଼ ଜୋଛନା ତଳେ ଶୋଇଥିଲା ରଜନୀ
ତୁମେ କିପାଁ ଧୀର ପଦେ ଉଭା ହେଲ ସଜନୀ !

-(ଛନ୍ଦ ନାୟିକା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ତାଲା ଭାଙ୍ଗି ଟଙ୍କା, ସୁନା ଗହଣା ଚୋରି

ବ୍ରଜରାଜନଗର,୪।୮(ଡି.ଏନ.ଏ.): ବ୍ରଜରାଜନଗର ଥାନା ଗାନ୍ଧୀଛକ ଫାଣ୍ଡି ଅନ୍ତର୍ଗତ ଚାନ୍ଦିନିମାଲ ଗାଁରୁ ବୁଧବାର ରାତିରେ ଚୋରି ହୋଇଛି। ଜାଗେଶ୍ୱର ବିଶ୍ୱାଳଙ୍କ ଘର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ଆଲମିରାରୁ ପ୍ରାୟ ୧୫ ଭରି ସୁନା ଅଳଙ୍କାର ଓ ନଗଦ ୩୨୦୦ ଟଙ୍କା ଲୁଟିନେଇଛନ୍ତି। ଗୁରୁବାର ସକାଳେ ଜାଗେଶ୍ୱର ଏହା ଜାଣିବା ପରେ ଗାନ୍ଧୀ ଛକ ଫାଣ୍ଡିରେ ଅଭିଯୋଗ କରିଥିଲେ। ଖବର ପାଇ ବ୍ରଜରାଜନଗର ଥାନା ଅଧିକାରୀ ପ୍ରଦ୍ୟୁମ୍ନ ସ୍ୱାଇଁ, ଗାନ୍ଧିଛକ ଫାଣ୍ଡି ଅଧିକାରୀ ଶଶୀଭୂଷଣ ପୋଢ଼ ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ କରିଥିଲେ।

### ବିଧାୟକଙ୍କ ଦ୍ୱାରା ଲ୍ୟାମ୍ପ୍ସ ସମିତି ଅଫିସ ଉଦ୍‌ଘାଟିତ

କୁଚିଣ୍ଡା,୪।୮(ଡି.ଏନ.ଏ.): କୁଚିଣ୍ଡା ଲ୍ୟାମ୍ପ୍ସ ସମିତି ନୂତନ କାର୍ଯ୍ୟାଳୟକୁ ବିଧାୟକ କିଶୋର ଚନ୍ଦ୍ର ନାଏକ ବୁଧବାର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ବିଧାୟକଙ୍କ ସହ ସମବାୟ ସହକାରୀ ନିବନ୍ଧକ ଭବାନୀକାନ୍ତ ନାଏକ, ସମବାୟ ନିରୀକ୍ଷକ ଶିବ ପ୍ରସାଦ ମହାରଣା, ଏସ୍‌ସିଆର୍‌ସିଏସ୍ ଫକିର ବାଗ, ସମବାୟ ବ୍ୟାଙ୍କ କୁଚିଣ୍ଡା ଶାଖା ପ୍ରବନ୍ଧକ ପ୍ରଦୀପ କୁମାର ପଣ୍ଡା, ଲ୍ୟାମ୍ପ୍ସ ସଭାପତି ନବୀନ ମାଝି, ଏମ୍‌ଡି ସରୋଜ ସାହୁଙ୍କ ସମେତ ଲ୍ୟାମ୍ପ୍ସର ସମସ୍ତ କର୍ମଚାରୀ ଓ ଡାଇରେକ୍ଟର ଉପସ୍ଥିତ ଥିଲେ।ଏହି ଅବସରରେ ବିଧାୟକ ନାଏକ ଚାଷୀମାନଙ୍କୁ ଲ୍ୟାମ୍ପ୍ସ ପକ୍ଷରୁ ସମସ୍ତ ସୁବିଧା ସୁଯୋଗ ଯୋଗାଇଦେବାକୁ କର୍ମଚାରୀମାନଙ୍କୁ ପରାମର୍ଶ ଦେଇଥିଲେ।


ଯବାନମାନେ ବାଇକ୍ ଶୋଭାଯାତ୍ରାରେ ବାହାରିଛନ୍ତି।

# ଶାନ୍ତି, ସଦ୍‌ଭାବନା ପାଇଁ ବାଇକ୍ ଶୋଭାଯାତ୍ରା

ରାଉରକେଲା ଅଫିସ,୪।୮

ଦେଶର ୭୫ତମ ଆଜାଦୀ କା ଅମୃତ ମହୋତ୍ସବ ପାଳନ ପରିପ୍ରେକ୍ଷୀରେ ରାଉରକେଲା ଶିଳ୍ପାଞ୍ଚଳରେ ଥିବା ୧୯ ବାଟାଲିୟନ ସିଆରପିଏଫ୍ ପକ୍ଷରୁ ଏକ ବାଇକ୍ ଶୋଭାଯାତ୍ରା ଗୁରୁବାର ଅନୁଷ୍ଠିତ ହୋଇଛି। ଏଥିରେ ସିଆରପିଏଫ୍ କମାଣ୍ଡାଣ୍ଟ ରାଜେଶ କୁମାର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଦେଖାଇ ଶୋଭାଯାତ୍ରାକୁ ଉଦ୍‌ଘାଟନ କରିଥିଲେ। ଦେଶରେ ଶାନ୍ତି, ସଦ୍‌ଭାବନା ଓ ଅଖଣ୍ଡତା ବଜାଇ ରଖିବା ପାଇଁ ଏହି ଶୋଭାଯାତ୍ରାର ଆୟୋଜନ ହୋଇଥିବା ମୁଖ୍ୟ ଅତିଥି କୁମାର କହିଥିଲେ। ବାଟାଲିୟନର ଦ୍ୱିତୀୟ କମାଣ୍ଡାଣ୍ଟ ଦାଓ ଏଞ୍ଜୀକରଣ କିଣ୍ଡୋ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ବାଇକ ଶୋଭାଯାତ୍ରା ସିଆରପିଏଫ କାର୍ଯ୍ୟାଳୟରୁ ବାହାରି ରାଉରକେଲା ରିଂରୋଡ୍ ପର୍ଯ୍ୟନ୍ତ ଯାଇଥିଲା। ଶତାଧିକ ଯବାନ ବାଇକ୍‌ରେ ବସି ହାତରେ ଜାତୀୟ ପତାକା ଧରି ଶାନ୍ତି ଓ ସଦ୍‌ଭାବନା ବଜାଇ ରଖିବା ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ।

# ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି

ଝାରସୁଗୁଡ଼ା ଅଫିସ,୪।୮

ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ଡିଆର୍‌ଡିଏ ସମ୍ମିଳନୀ କକ୍ଷରେ ବୁଧବାର ଜିଲାପାଳ ସରୋଜ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏସ୍‌ପି ରାହୁଲ ଜୈନ, ଡିଆର୍‌ଡିଏ ପିଡି ତପିରାମ ମାଝି, ଅତିରିକ୍ତ ଜିଲାପାଳ (ସାଧାରଣ) ପ୍ରବୀର କୁମାର ନାୟକ, ଉପଜିଲାପାଳ ଦୟାମୟ ପାଢୀ ଓ ଏସ୍‌ଡିପିଓ ନିର୍ମଳ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଜିଲାପାଳ ସାମଲ ସରକାରଙ୍କ ନିର୍ଦ୍ଦେଶନାମା ଅନୁଯାୟୀ କୋଭିଡ୍ ନିୟମ ପାଳନ ପୂର୍ବକ ସ୍ୱାଧୀନତା ଦିବସ ଅନୁଷ୍ଠିତ ହେବ ବୋଲି ସୂଚନା ଦେଇଥିଲେ। ଏସ୍‌ପି ଜୈନ ଆଇନ ଶୃଙ୍ଖଳା ଓ ଟ୍ରାଫିକ ନିୟମ ଉପରେ ଆଲୋକପାତ କରିଥିଲେ। ପ୍ରାତଃ ୪ଟାରୁ ସମସ୍ତ ସହରରେ ରାମଧୂନ ପ୍ରଚାର ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଝାରସୁଗୁଡା ସହରର ବିଭିନ୍ନ ସ୍ଥାନରେ ଥିବା ମହାପୁରୁଷ ଓ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନରେ ସକାଳ ୭ଟାରୁ ସାଢେ ୭ଟା ମଧ୍ୟରେ ଜାତୀୟ ପତାକା ଉତ୍ତୋଳନ ପାଇଁ ଆଲୋଚନା ହୋଇଥିଲା। ସକାଳ ୯ଟା ୧୫ମି. ସମୟରେ ମୁଖ୍ୟଅତିଥି ମନମୋହନ ସ୍କୁଲ ପଡ଼ିଆରେ ଅନୁଷ୍ଠିତ ଉତ୍ସବରେ ଜାତୀୟ ପତାକା ଉତ୍ତୋଳନ କରିବେ। କୋଭିଡ ସଂକ୍ରମଣକୁ ଦୃଷ୍ଟିରେ ରଖି ରିଜର୍ଭ ପୋଲିସର ଦୁଇଟି ଓ ଓଏସ୍‌ଏପିର ଗୋଟିଏ ଦଳ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ମୁଖ୍ୟଅତିଥିଙ୍କୁ ଅଭିବାଦନ ଜଣାଇବେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଯୋଗେନ୍ଦ୍ର ମାଝି ଧନ୍ୟବାଦ ଦେଇଥିଲେ।

# ପ୍ରଧାନମନ୍ତ୍ରୀ ଶ୍ରମଯୋଗୀ ମନଧନ ଯୋଜନା ସଚେତନତା ଶିବିର

ସମ୍ବଲପୁର,୪।୮(ବ୍ୟୁରୋ)

ହୀରାକୁଦ ହିଣ୍ଡାଲ୍‌କୋ କ୍ଲଷ୍ଟର ମୁଖ୍ୟ କୈଳାଶ ପାଣ୍ଡେଙ୍କ ପରାମର୍ଶ କ୍ରମେ ସାମାଜିକ ସୁରକ୍ଷା ଯୋଜନା ଜନସାଧାରଣଙ୍କ ପାଖରେ ପହଞ୍ଚାଇବା ପାଇଁ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ହିଣ୍ଡାଲକୋ ହୀରାକୁଦ ଓ କର୍ମଚାରୀ ଭବିଷ୍ୟନିଧି ସଂଗଠନ ସମ୍ବଲପୁର ଶାଖାର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ରିକ୍ସାପଡାଠାରେ ପ୍ରଧାନମନ୍ତ୍ରୀ ଶ୍ରମଯୋଗୀ ମନଧନ ଯୋଜନା ଉପରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଡାର ୭୦ରୁ ଊର୍ଦ୍ଧ୍ୱ ମହିଳା ଓ ଗ୍ରାମବାସୀ ଯୋଗଦେଇଥିଲେ। ଏହି ଯୋଜନାରେ ଅଣସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ସମସ୍ତ ଶ୍ରମିକ ଅନ୍ତର୍ଭୁକ୍ତ ରହିବେ। ମାସିକ ଆୟ ୧୫ ହଜାର ଟଙ୍କାରୁ କମ୍ ହୋଇଥିବାବେଳେ ବୟସ ୧୮ରୁ ୪୦ବର୍ଷ ମଧ୍ୟରେ ହୋଇଥିଲେ ସେମାନେ ପଞ୍ଜିକରଣ କରିପାରିବେ। ପଞ୍ଜିକରଣର ନିୟମ ଓ ଏହାର ଭବିଷ୍ୟତ ପାଇଁ ଥିବା ଲାଭଗୁଡିକ ସମ୍ପର୍କରେ ଲୋକମାନଙ୍କୁ ବୁଝାଯାଇଥିଲା। ହିଣ୍ଡାଲ୍‌କୋ ମାନବ ସମ୍ବଳ ମୁଖ୍ୟ କ୍ରିଷ୍ଣା ପାଢ଼ୀଙ୍କ ତତ୍ତ୍ୱାବଧାନରେ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ କର୍ମଚାରୀ ଭବିଷ୍ୟନିଧି ସଂଗଠନ ସମ୍ବଲପୁରର ପ୍ରବର୍ତ୍ତନ ଅଧିକାରୀ ବିଶ୍ୱନାଥ ତିର୍କି ଓ ଆନନ୍ଦ ମେହେର ଉପସ୍ଥିତ ରହିଥିଲେ। ଜୟଶ୍ରୀ ରାଓ, ମୀନ ବାଗ, ଗୀତାଞ୍ଜଳି ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସମ୍ବଲପୁରୀ ହବ୍ ପକ୍ଷରୁ ଫ୍ୟାଶନ ଶୋ

ସମ୍ବଲପୁର,୪।୮(ବ୍ୟୁରୋ)

ସମ୍ବଲପୁରୀ ହବ୍ ପକ୍ଷରୁ ବୁଧବାର ରାତିରେ ରାଧାନାଥ ରଥ କମ୍ୟୁନିଟି ସେଣ୍ଟରଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଫ୍ୟାଶନ ଶୋ ଅନୁଷ୍ଠିତ ହୋଇଯାଇଛି। ନୃତ୍ୟଶିଳ୍ପୀ ଶାଶ୍ୱତ ଯୋଷୀ ନୃତ୍ୟ ପରିବେଷଣ କରିବା ସହ ସମ୍ବଲପୁରୀ ପୋଷାକ ପରିଧାନ କରି ର୍‍ୟାମ୍ପରେ ଚାଲିଥିଲେ। କୁନି ବାଳିକାବାଳକ ମଧ୍ୟ ରଙ୍ଗବେରଙ୍ଗ ପୋଷାକ ପନ୍ଧି ଫ୍ୟାଶନ ଶୋ'ରେ ସାମିଲ ହୋଇଥିଲେ। ସମ୍ବଲପୁର ପୂର୍ବତନ ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ, ସ୍ୱୀକାର ସମ୍ପାଦକ ହେମନ୍ତ କୁମାର ମହାପାତ୍ର, ନୃତ୍ୟ ନିର୍ଦ୍ଦେଶିକା ପୁଷ୍ପାଞ୍ଜଳି ବେହେରା, ସମାଜିକ କର୍ମୀ ବନ୍ଦିତା ପୂଜାରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

# ପତଞ୍ଜଳି ଯୋଗ କେନ୍ଦ୍ରଠାରେ ଜଡିବୁଟି ଦିବସ



ଯୋଗ କେନ୍ଦ୍ରଠାରେ ଜଡିବୁଟି ଦିବସ ପାଳନ କରାଯାଉଛି।

ସମ୍ବଲପୁର,୪।୮(ବ୍ୟୁରୋ)

ଜଡିବୁଟି ଓ ଆଚାର୍ଯ୍ୟ ବାଳକୃଷ୍ଣଙ୍କର ଜନ୍ମ ଦିବସ ଗୁରୁବାର ସମ୍ବଲପୁର ହୀରକୁଦ କଲୋନୀସ୍ଥିତ ପତଞ୍ଜଳି ଯୋଗ କେନ୍ଦ୍ରଠାରେ ପାଳିତ ହୋଇଯାଇଛି। ଯୋଗ ପ୍ରଶିକ୍ଷିକା ଓ ପ୍ରଶିକ୍ଷାର୍ଥିମାନେ ଅଞ୍ଚଳରେ ଔଷଧୀୟ ଚାରା ରୋପଣ କରିଥିଲେ। ଏଥିସହ ଜନସାଧାରଣଙ୍କୁ ଚାରା ବଣ୍ଟନ କରାଯାଇଥିଲା। ପତଞ୍ଜଳି ମହିଳା ରାଜ୍ୟ ପ୍ରଭାରୀ ଜେ ଗିରିଜା ଦେବୀଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ସକାଳେ ଯୋଗାଭ୍ୟାସ ପରେ ବୈଦିକ ଯଜ୍ଞ ହୋଇଥିଲା। ଅରୁଣ ବିହାରୀ ଯୋଗଦେଇ ଜଡିବୁଟି ଦିବସ ଉପରେ ଆଲୋକପାତ କରିଥିଲେ। ପଦ୍ମିନୀ ମୁଣ୍ଡା, ପଙ୍କଜିନୀ ରାଉତ, ଅଶୋକ ସାହୁ, ପ୍ରଶାନ୍ତ ମେହେର, ଦୀପକ ଅଗ୍ରୱାଲ, ସୁଶିଲା ଅଗ୍ରୱାଲ, ସ୍ୱରୁପ ନନ୍ଦ, କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

PARADIP PORT AUTHORITY
e-Tender Notice
Name of the Work : "Operation & Maintenance of Mechanised Coal Handling Plant". Estimated cost : Rs.327,61,91,365/- excluding GST. Last date & time of submission of bid : Dt.22.08.2022 up to 1700 Hrs. Refer our Website for details https://eprocure.gov.in/eprocure/app and www.paradiport.gov.in .
Executive Engineer
MCHP, PPA
PPA/PR/179/22-23, Dt.03/08/2022

ପୂର୍ବ ତଟ ରେଳପଥ
ଟେଣ୍ଡର ବିଜ୍ଞପ୍ତି ସଂ.16/ET/SBP/ENGG/2022-23, ତା.01.08.2022ରିଖ
(1)ଇ-ଟେଣ୍ଡର ସଂ.16-eT-SDENW-SBP-22
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର (P.Way)/କଣ୍ଟାବାଞ୍ଜି ପରିସୀମା ଅଧୀନସ୍ଥ କଣ୍ଟାବାଞ୍ଜି (In)-ଟିଟିଲାଗଡ଼ (Ex) ସେକ୍ସନରେ ବିବିଧ P.Way କାର୍ଯ୍ୟ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 99,60,724.73, ବିଡ୍ ସିକ୍ୟୁରିଟି (ଟଙ୍କାରେ) : 1,99,300/-।
(2)ଇ-ଟେଣ୍ଡର ସଂ.17-eT-SDENW-SBP-22
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ମହାସମୁନ୍ଦ (0.500 କି.ମି.), କଣ୍ଟାବାଞ୍ଜି (1 କି.ମି.), ବାଗବାହରା (0.5 କି.ମି.), ବେଲସୋଣ୍ଡା (0.5 କି.ମି.) ଷ୍ଟେସନଗୁଡ଼ିକର ଷ୍ଟେସନ ପ୍ରବେଶ ପଥଠାରେ ମୋଟ୍ 2.50 କି.ମି. ଲମ୍ବ ନିମନ୍ତେ ଟ୍ରାକ୍ ସାଇଡ୍ ଠାରେ ଅନଧିକାର ପ୍ରବେଶ/ଜବରଦଖଲ (Trespassing/Encroachment) ରୋକିବା ନିମନ୍ତେ 2.70m ଲମ୍ବ ଏବଂ 2.25m ଉଚ୍ଚତା ବିଶିଷ୍ଟ ପରିସର ପାଚେରୀ ପ୍ୟାନେଲ, RDSO ଡ୍ରଇଂ ନଂ.RDSO/WKS/2017/3 ଅନୁଯାୟୀ ପ୍ରିକାଷ୍ଟ ପ୍ୟାନେଲ ଏବଂ କଲମ (Column) ଦ୍ୱାରା RCC ପରିସର ପାଚେରୀ ବ୍ୟବସ୍ଥା।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 1,56,23,719.22, ବିଡ୍ ସିକ୍ୟୁରିଟି (ଟଙ୍କାରେ) : 2,28,200/-।
କାର୍ଯ୍ୟ ଶେଷ ହେବା ଅବଧି : 12 ମାସ (କ୍ରମ ସଂ.1 ପାଇଁ) ଏବଂ 06 ମାସ (କ୍ରମ ସଂ. 2 ପାଇଁ)।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.26.08.2022ରିଖ 1500 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ)।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଙ୍ଗ), ସମ୍ବଲପୁର
PR-351/N/22-23

# ବାଲ୍ୟବିବାହ ସଚେତନତା କାର୍ଯ୍ୟକ୍ରମ

କୋଲାବିରା,୪।୮(ଡି.ଏନ.ଏ.)

କୋଲାବିରା ବ୍ଲକ ସନ୍ୟାସିପାଲି ଅଙ୍ଗନୱାଡ଼ି କେନ୍ଦ୍ର ପରିସରରେ ଗୁରୁବାର ବାଲ୍ୟ ବିବାହ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୋଲାବିରା ସରପଞ୍ଚ ଚେତାନନ୍ଦ ନଇ ସଭାପତିତ୍ୱ କରିଥିଲେ। ଅତିଥିମାନେ ବାଲ୍ୟ ବିବାହର କୁପରିଣାମ ବିଷୟରେ ବକ୍ତବ୍ୟ ରଖିଥିଲେ। ଏହା ସହିତ କୌଣସି ସ୍ଥାନରେ ବାଲ୍ୟ ବିବାହ ହେଉଥିବା ସୂଚନା ପାଇଲେ ପ୍ରଶାସନକୁ ଅବଗତ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଏକ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରି ସଚେତନତା ସୃଷ୍ଟି କରିଥିଲା। ଅନ୍ୟମାନଙ୍କ ମଧ୍ୟରେ କୋଲାବିରା ପଞ୍ଚାୟତର ନାଏବ ସରପଞ୍ଚ ଅଞ୍ଜଳି ବାଗ, ଏଏନ୍‌ଏମ୍ ମାଧୁରୀ ପଟେଲ, ସ୍ୱାସ୍ଥ୍ୟକର୍ମୀ ପ୍ରଦୀପ ପ୍ରଧାନ, ଆଶାକର୍ମୀ ତରୁଲତା କିଷାନ, ସହାୟିକା ସୁବାସିନି କିଷାନଙ୍କ ସମେତ ଗ୍ରାମବାସୀ ଓ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଅଙ୍ଗନୱାଡି କର୍ମୀ ଗୟସ ବାଗ୍ କାର୍ଯ୍ୟକ୍ରମ ପରିଚାଳନା କରିଥଲେ।



କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଅନ୍ୟମାନେ।

एनटीपीसी NTPC
NTPC Limited
(A Govt. of India enterprise)
INVITATION FOR EXPRESSION OF INTEREST (EOI)
For Lifting of Dry Fly Ash on Free of Cost, First come First Served Basis from NTPC-Kaniha Thermal Power Plant
EOI No. 01/DFA/ 2022 Date: 05.08.2022
NTPC-Kaniha invites Expression of Interest (EoI) from interested Ash Users for lifting of Dry Fly Ash, for one year duration, on 'free of cost', 'First come First Served' and 'as is where is' basis from NTPC-Kaniha Thermal Power Plant, PO: Deepsikha, Angul, Odisha-759147. Lifting and Transportation of the ash shall be the responsibility of the interested Ash User.
How to Apply
Interested parties are requested to submit their requirement(s) in the specified standard format to autstps@ntpc.co.in by 17:00 hrs. of 26.08.2022. 'General Information' and 'Standard format for application' for Expression of Interest have been uploaded on www.ntpctender.com.
Registered Office: NTPC Bhawan, Scope Complex, 7, Institutional Area, Lodi Road, New Delhi -110003. www.ntpc.co.in,CIN:L40101DL1975GOI007966
Leading the Power Sector

# ବ୍ରିଜ୍ ଉପରେ ଗାଡ଼ି ଚଳାଚଳ ଦାବି

ସମ୍ବଲପୁର,୪।୮(ବ୍ୟୁରୋ)

ସମ୍ବଲପୁର ଗୋବିନ୍ଦତୋଲା ନିକଟ ହରଡ଼ ଜୋରରେ ୩ବର୍ଷ ହେବ ଦ୍ୱିତୀୟ ବ୍ରିଜ ନିର୍ମାଣ କାମ ଶେଷ ହୋଇଛି। ହେଲେ ଏପର୍ଯ୍ୟନ୍ତ ଗାଡି ଚଳଚଳ ପାଇଁ ବ୍ୟବହାର କରାଯାଇ ନାହିଁ। ଏହା ଉପରେ ଏବେ ବେପାରୀମାନେ ପସରା ଖୋଲି ବ୍ୟବସାୟ କରୁଛନ୍ତି। ଏହାର ସ୍ଥାୟୀ ସମାଧାନ କରାଯାଉ ବୋଲି ଭାଜପା ନେତା ସୂର୍ଯ୍ୟ ପାଣିଗ୍ରାହୀ ଦାବି କରିଛନ୍ତି। ସେ ଅଭିଯୋଗ କରିଛନ୍ତି, ଟ୍ରାଫିକ ସମସ୍ୟା ଉପୁଜିବାରୁ ୨୦୧୪ରେ ୪ କୋଟି ଟଙ୍କା ବ୍ୟୟ ଅଟକଳରେ ବ୍ରିଜ ନିର୍ମାଣ ଆରମ୍ଭ ହୋଇଥିଲା। ହେଲେ ସମ୍ପୂର୍ଣ୍ଣ ହେବାରେ ବିଳମ୍ବ ହେଇଥିଲା। ତେଣୁ ବ୍ୟୟ ଅଟକଳ ବୃଦ୍ଧି ହୋଇ ପ୍ରାୟ ୬ କୋଟିରେ ପହଞ୍ଚିଥିଲା। ତିନିବର୍ଷ ବିତିଯାଇଥିଲେ ମଧ ଜିଲା ପ୍ରଶାସନ ଏହି ବ୍ରିଜକୁ ଯାନବାହନ ଚଳାଚଳ ନିମନ୍ତେ ଉଦ୍‌ଘାଟନ କରୁନାହିଁ। ବ୍ରିଜରେ ପନିପରିବା ବଜାର ବସୁଥିବାବେଳେ ମହାନଗର ନିଗମ ଟିକସ ଅସୁଲି କରୁଛି, ଯାହା ଅତ୍ୟନ୍ତ ପରିତାପର ବିଷୟ। ତୁରନ୍ତ ଏହାକୁ କାର୍ଯ୍ୟକ୍ଷମ କରିବା ସହ ପନିପରିବା ବଜାରକୁ ବଜାର ଉପଯୋଗୀ ସ୍ଥାନକୁ ସ୍ଥାନାନ୍ତର କରିବାକୁ ସେ ଜିଲା ପ୍ରଶାସନଠାରେ ଦାବି କରିଛନ୍ତି।

# ଆଜି କଂଗ୍ରେସର ଏଡିଏମ୍ ଅଫିସ ଘେରାଉ


ପ୍ରସ୍ତୁତି ବୈଠକରେ ଉପସ୍ଥିତ କଂଗ୍ରେସ ନେତୃବୃନ୍ଦ।

ରାଉରକେଲା ଅଫିସ,୪।୮

ରାଉରକେଲା ଜିଲା କଂଗ୍ରେସ ପକ୍ଷରୁ ଶୁକ୍ରବାର ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ। ଅତ୍ୟାବଶ୍ୟକୀୟ ସାମଗ୍ରୀର ଦରବୃଦ୍ଧି, ବେକାରୀ ଓ ବେରୋଜଗାରୀ ସୃଷ୍ଟି, ନିତ୍ୟ ବ୍ୟବହାର୍ଯ୍ୟ ଖାଉଟି ସାମଗ୍ରୀ ଉପରେ ଜିଏସ୍‌ଟି ଲାଗୁ ତଥା ଯୁବକଙ୍କ ସ୍ୱାର୍ଥ ବିରୋଧୀ ଅଗ୍ନିପଥ ଯୋଜନା ବିରୋଧରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସେହିପରି ଅଗଷ୍ଟ ୯ରେ କ୍ରାନ୍ତି ଦିବସଠାରୁ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ସ୍ୱାଧୀନତା ସଂଗ୍ରାମୀମାନଙ୍କ ତ୍ୟାଗ ଓ ବଳିଦାନକୁ ସମର୍ଥନ ଜଣାଇ ୬ଦିନ ଧରି ରାଉରକେଲା ସାଙ୍ଗଠନିକ ଜିଲାର ବିଭିନ୍ନ ଅଞ୍ଚଳରେ ପଦଯାତ୍ରା ହେବ। ଏ ନେଇ ସେକ୍ଟର-୨୧ ସ୍ଥିତ କଂଗ୍ରେସ ଭବନଠାରେ ଜିଲା କଂଗ୍ରେସର ଅନ୍ତରୀଣ ସଭାପତି ଦେବବ୍ରତ ବିହାରୀଙ୍କ ଅଧ୍ୟକ୍ଷତାରେ ବୁଧବାର ସନ୍ଧ୍ୟାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ କୁଚିଣ୍ଡାର ପୂର୍ବତନ ବିଧାୟକ ରାଜେନ୍ଦ୍ର ଛତ୍ରିଆ ଯୋଗଦେଇ ଉଭୟ କାର୍ଯ୍ୟକ୍ରମ ପାଇଁ ପ୍ରଦେଶ କଂଗ୍ରେସର ନିର୍ଦ୍ଦେଶାବଳୀ ଉପରେ ଆଲୋକପାତ କରିଥିଲେ। ସମ୍ପ୍ରତି ଦେଶରେ ମୋଦି ସରକାର ଯେଉଁ ସ୍ୱେଚ୍ଛାଚାରୀ ଜନବିରୋଧୀ ନୀତି ଚଳାଇଛନ୍ତି ତାର ଠିକଣା ଜବାବ ଦେବା ପାଇଁ କଂଗ୍ରେସ କର୍ମୀମାନେ ପ୍ରସ୍ତୁତ ହେବାକୁ ଛତ୍ରିଆ ଆହ୍ୱାନ ଦେଇଛନ୍ତି। ବୈଠକରେ ବିରେନ ସେନାପତି, ପ୍ରଶାନ୍ତ ସେଠୀ, ପ୍ରଭାତ ମହାପାତ୍ର, ସନ୍ତୋଷ ବିଶ୍ୱାଳ, ଉମେଶ ଶରଣ ଓ ବୀନ ଦାସ, ଗଣେଶ ପ୍ରଧାନ ଓ ରଶ୍ମୀରଞ୍ଜନ ପାଢୀ, ନିରୂପମା ବଳିୟାର ସିଂହ, ଲତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା
(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ୍-୮
ଭୁବନେଶ୍ୱର-୭୫୧୦୧୨
ସଂଖ୍ୟା 13533/IND-II-PH-1049 ତାରିଖ 1.8.2022
No. CAD-1365
ବିଜ୍ଞାପନ
ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମେସର୍ସ ଏପସାଇଲୋନ କାର୍ବନ ଅଶୋକା ପ୍ରାଇଭେଟ୍ ଲିମିଟେଡ୍ (ଏପସାଇଲୋନ କାର୍ବନ ପ୍ରାଇଭେଟ୍ ଲିମିଟେଡ୍‌ର ସବ୍‌ସାଇଡାରୀ) ଓଡ଼ିଶାର ଝାରସୁଗୁଡ଼ା ଜିଲ୍ଲା, ଝାରସୁଗୁଡ଼ା ତହସିଲ ଅନ୍ତର୍ଗତ ଶ୍ରୀପୁରା ଗ୍ରାମରେ ପ୍ରସ୍ତାବିତ ଇଣ୍ଟିଗ୍ରେଟେଡ୍ କାର୍ବନ କମ୍ପ୍ଲେକ୍ସ ବାର୍ଷିକ ୫୦୦,୦୦୦ ଟନ୍ କ୍ଷମତା ବିଶିଷ୍ଟ କୋଇଲା ଟାର ଡିଷ୍ଟିଲେସନ (CTD) ୟୁନିଟ୍ ସହିତ ବାର୍ଷିକ ୪୦୦,୦୦୦ କ୍ଷମତା ବିଶିଷ୍ଟ କୋଲଟାର ଭାଲ୍ୟୁ ଏଡେଡ୍ (CTVA) ୟୁନିଟ୍, ବାର୍ଷିକ ୧୫୦,୦୦୦ ଟନ୍ କ୍ଷମତା ବିଶିଷ୍ଟ କ୍ରମାଗତ ଜିରୋ QI (CZQ) ୟୁନିଟ୍, ବାର୍ଷିକ ୩୦୦,୦୦୦ ଟନ୍ କ୍ଷମତା ବିଶିଷ୍ଟ କାର୍ବନ ବ୍ଲାକ୍ (CB) ୟୁନିଟ୍ ସହିତ ୫୪ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ କ୍ଷମତା ବିଶିଷ୍ଟ ଏକ ନିଜସ୍ୱ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ପ୍ରକଳ୍ପ (CPP), ବାର୍ଷିକ ୧୦୦,୦୦୦ ଟନ୍ କ୍ଷମତା ବିଶିଷ୍ଟ ସିନ୍ଥେଟିକ୍ ଗ୍ରାଫାଇଟ୍ ଏନୋଡ୍ (SGA) ୟୁନିଟ୍ ଏବଂ ବାର୍ଷିକ ୨୫,୦୦୦ ଟନ୍ କ୍ଷମତା ବିଶିଷ୍ଟ ପ୍ରାକୃତିକ ଗ୍ରାଫାଇଟ୍ ଏନୋଡ୍ (NGA) ୟୁନିଟ୍ ପ୍ରତିଷ୍ଠା କରିବା ନିମନ୍ତେ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ [State Environment Impact Assessment Authority (SEIAA)], ଓଡ଼ିଶା ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି।
ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା୧୪।୦୯।୨୦୦୬ ରିଖ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି। ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତିପତ୍ର ଆହ୍ୱାନ କରୁଛନ୍ତି। ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:
(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ।
ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକ ଯୋଗେ ଜଣାଇପାରିବେ। ଏହାଛଡା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ **ତା୧୪।୦୯।୨୦୨୨ରିଖ ଦିବା ୧୧.୦୦ ଘଟିକା ସମୟରେ ଝାରସୁଗୁଡ଼ା ଜିଲ୍ଲା, ଝାରସୁଗୁଡ଼ା ତହସିଲ ଅନ୍ତର୍ଗତ ଶ୍ରୀପୁରା ଗ୍ରାମ, ଇନ୍ଦିରା କଲୋନୀସ୍ଥିତ ନୂଆ ପଞ୍ଚାୟତ କାର୍ଯ୍ୟାଳୟରେ** ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ।
ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ।
୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, **ଝାରସୁଗୁଡ଼ା**।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, **ଝାରସୁଗୁଡ଼ା**।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, **ଝାରସୁଗୁଡ଼ା**।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର-୭୫୧୦୧୨।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, **ଝାରସୁଗୁଡ଼ା**।
୬. ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର।
ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ www.ospcboard.orgରୁ ମଧ୍ୟ ମିଳିପାରିବ।
ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, **ଝାରସୁଗୁଡ଼ା**ସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।
ସ୍ୱା./-ସଦସ୍ୟ ସଚିବ
OIPR-08012/11/0183/2223

The Odisha Small Industries Corporation Ltd.
( A Government of Odisha Undertaking )
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-1371 OSIC GST No. 21AAACO2101M1Z1
TENDER CALL NOTICE
Ref- OSIC/Comml-NB-RE /3354 Dt. 04.08.2022
The Tender Bid invited from OSIC registered MSME/Vender for "Infra up-gradation of Veterinary Dispensary / Hospitals including Repair, Rennovation & Construction of Modular Operation Theatre at Keonjhar, Mayurbhanj, Puri & Nayagarh District, under the Directorate of Animal Husbandry & Veterinary Services, Odisha, Cuttack"

| | |
|---|---|
| Date of available of the Bid Document in OSIC Website. | 04.08.2022 at 5.00 PM |
| Last date/Time of Submission of Bid | 26.08.2022 up to 1.00 PM |
| Date of opening of Bid Document | 26.08.2022 at 03.00 PM. |
| Opening of Price Bid | The date & time for opening of price bid shall be intimated to the eligible bidders over phone/mail. |

The authority reserves the right to accept or reject any one or all bids without assigning any reason thereof. Any changes, addition or alternation or modification of this bid shall be published only in the website of OSIC. The bid can be dropped in the tender box of OSIC.
Place of receipt, opening of Bid & Address for Communication:
The Managing Director, The Odisha Small Industries Corporation Ltd., Madhupatna, Industrial Estate, Cuttack-10, Tel: 0671-2341204.
By order of MD
Sd/-General Manager(O)
OIPR-14073/11/0057/2223

ଡେବଟ୍ସ ରିକଭରି ଆପିଲେଟ ଟ୍ରିବ୍ୟୁନାଲ, କୋଲକାତା
୯ ଓଲ୍ଡ ପୋଷ୍ଟ ଅଫିସ୍ ଷ୍ଟ୍ରିଟ୍, ୭ମ ମହଲା, କୋଲକାତା - ୭୦୦୦୦୧
୨୦୧୯ର ଡାଏରୀ ନଂ. ୩୪୦
ବାଦୀ/ମାନେ: ୟୁକୋ ବ୍ୟାଙ୍କ ଏବଂ ଅନ୍ୟଜଣେ
-ବନାମ-
ପ୍ରତିବାଦୀ/ମାନେ: ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଏବଂ ଅନ୍ୟମାନେ
ପ୍ରାପ୍ତେଷୁ,
**(୨) ମେସର୍ସ ସିଦ୍ଧାର୍ଥ ସିଷ୍ଟେକ ଲିମିଟେଡ୍, ପଞ୍ଜିକୃତ କାର୍ଯ୍ୟାଳୟ:** ସା: ପ୍ଲଟ୍ ନଂ.: ୬୨୮, ପ୍ରଥମ ମହଲା, ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୭, ଜିଲ୍ଲା: ଖୋର୍ଦ୍ଧା
**(୩) ଉମାକାନ୍ତ ନାୟକ,** ପିତା: ରମେଶ ଚନ୍ଦ୍ର ନାୟକ, ସା: ଏମ୍‌ବି-୪୬, ବଡ଼ଗଡ଼ ବ୍ରିଟ୍ କଲୋନୀ, ପୋ: ବିଜେବି ନଗର, ଥାନା: ବଡ଼ଗଡ଼, ଭୁବନେଶ୍ୱର-୭୫୧୦୧୪, ଜିଲ୍ଲା: ଖୋର୍ଦ୍ଧା
**(୪) ମେସର୍ସ ଅନନ୍ତ ଇନ୍‌ଫୋଟେକ୍, ସ୍ୱତ୍ତ୍ୱାଧିକାରୀ: ଉମାକାନ୍ତ ନାୟକ,** ପିତା: ରମେଶ ଚନ୍ଦ୍ର ନାୟକ, ସା: ଏମ୍‌ବି-୪୬, ବଡ଼ଗଡ଼ ବ୍ରିଟ୍ କଲୋନୀ, ପୋ: ବିଜେବି ନଗର, ଥାନା: ବଡ଼ଗଡ଼, ଭୁବନେଶ୍ୱର-୭୫୧୦୧୪, ଜିଲ୍ଲା: ଖୋର୍ଦ୍ଧା
ସମନ
୧) ଯେହେତୁ ବାଦୀ, ପ୍ରିଜାଇଡିଂ ଅଫିସର, ଡେବଟ୍ସ ରିକଭରି ଟ୍ରିବ୍ୟୁନାଲ, କଟକଙ୍କ ଦ୍ୱାରା ଜାରି ହୋଇଥିବା ନିର୍ଦ୍ଦେଶ ଏବଂ ଅନ୍ୟାନ୍ୟ ସହାୟତା ବିରୁଦ୍ଧରେ ସରଫେଶୀ ଆକ୍ଟ, ୨୦୦୨ର ଧାରା ୧୮ ଅନ୍ତର୍ଗତ ଏକ ଅପିଲ୍ ଫାଇଲ୍ କରିଛନ୍ତି। ଆପଣଙ୍କୁ ଏତଦ୍ୱାରା ଏହି ଟ୍ରିବ୍ୟୁନାଲ ସମ୍ମୁଖରେ **ତା.୦୫.୦୮.୨୦୨୨ରିଖ ପୂର୍ବାହ୍ନ ୧୦.୩୦ ଘଟିକା** କିମ୍ବା ଟ୍ରିବ୍ୟୁନାଲର ସୁବିଧା ମୁତାବକ ତତ୍‌ପରବର୍ତ୍ତୀ କୌଣସି ସମୟରେ ଦାବିର ଉତ୍ତର ପାଇଁ ଏବଂ ଲିଖିତ ବିବୃତି ନେଇ ଦାବିର ଉତ୍ତର ଦେବାପାଇଁ ସମନ ଜାରି କରାଯାଇଛି।
୨) ଅପିଲ୍‌ର ଏକ କପି ଏଥିରେ ସଂଯୁକ୍ତ କରାଯାଇଛି। ଆନେକ୍ସର କପିଗୁଡ଼ିକ ମଧ୍ୟ ଏଥିରେ ସଂଯୁକ୍ତ କରାଯାଇଛି। ଆପଣ ଟ୍ରିବ୍ୟୁନାଲରେ ଉପସ୍ଥିତ ହେବା ପୂର୍ବରୁ ସଂଲଗ୍ନ ଆନେକ୍ସର/କାଗଜପତ୍ରଗୁଡିକ ସଂଗ୍ରହ କରିବାକୁ ଆପଣଙ୍କୁ ନିର୍ଦ୍ଦେଶ ଦିଆଯାଉଛି।
୩) ଯଦି ଆପଣ କୌଣସି ଡକ୍ୟୁମେଣ୍ଟ ଫାଇଲ୍ କରିବାକୁ ଇଚ୍ଛା କରନ୍ତି, ଆପଣ ଏହାକୁ ଲିଖିତ ବିବରଣୀର ତାଲିକା ସହିତ ଫାଇଲ୍ କରିପାରନ୍ତି।
୪) ଆପଣ ଟ୍ରିବ୍ୟୁନାଲ ସମ୍ମୁଖରେ ବ୍ୟକ୍ତିଗତ ଭାବେ କିମ୍ବା ନିର୍ଦ୍ଦେଶିତ ଓକିଲଙ୍କ ମାଧ୍ୟମରେ ଉପସ୍ଥିତ ହେବା ପୂର୍ବରୁ ଆପଣଙ୍କ ପଞ୍ଜିକୃତ ଠିକଣା ଏବଂ ଆବଶ୍ୟକୀୟ ଡକ୍ୟୁମେଣ୍ଟ ଫାଇଲ୍ କରିବା ଆବଶ୍ୟକ।
୫) ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି, ଉପରଦର୍ଶିତ ତାରିଖରେ ଆପଣ ଟ୍ରିବ୍ୟୁନାଲ (ଅଦାଲତ)ରେ ହାଜିର ନହେଲେ, ଆପଣଙ୍କ ଅନୁପସ୍ଥିତିରେ ମୋକଦ୍ଦମାର ଶୁଣାଣି କରାଯାଇ ଫଏସଲା କରାଯିବ।
ମୋର ଦସ୍ତଖତ ଏବଂ ସହି ମୋହର ସହ ଟ୍ରିବ୍ୟୁନାଲରେ **ତା.୨୫.୦୭.୨୦୨୨ରିଖରେ** ଆଦିଷ୍ଟ।
ସ୍ୱା/- ରେଜିଷ୍ଟ୍ରାର୍
ଡେବଟ୍ସ ରିକଭରି ଆପିଲେଟ ଟ୍ରିବ୍ୟୁନାଲ
କୋଲକାତା

## ସଂକ୍ଷେପରେ

### ବୁଷ୍ଟର ଡୋଜ୍ ଟିକାକରଣ

**ଝାରସୁଗୁଡ଼ା ଅଫିସ,୪।୮:** ଝାରସୁଗୁଡା ବ୍ଲକ ହଂସାମୁରା କଣ୍ଟାପାଲି ପଞ୍ଚାୟତରେ ବୁଧବାର ଜିଲା ସ୍ୱାସ୍ଥ୍ୟ ବିଭାଗ ଓ ଜନ ସଚେତନ ନାଗରିକ ମଞ୍ଚ ମିଳିତ ସହଯୋଗରେ ବୁଷ୍ଟର ଡୋଜ ଟିକାକରଣ ଆୟୋଜନ ହୋଇଥିଲା। ସ୍ଥାନୀୟ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳର ୩୨୦ଜଣ ବୁଷ୍ଟର ଡୋଜ୍ ଟିକା ନେଇଥିଲେ। ଏହାକୁ ଝାରସୁଗୁଡା ବ୍ଲକ ଅଧକ୍ଷା ଚିତ୍ରେଶୀ ପଟେଲ ଉଦ୍‌ଘାଟନ କରିଥିଲେ। ସ୍ୱାସ୍ଥ୍ୟ ବିଭାଗର ଡା. ସୁପ୍ରଭା ବାରିକ, ଡା. ଜୟ ପ୍ରକାଶ ପ୍ରଧାନ, ବିପିଏମ୍ ଚନ୍ଦ୍ରଭାନୁ ପଟେଲ ପ୍ରମୁଖ ଉପସ୍ଥିତ ରହି ଟିକାକରଣ କରାଇଥିଲେ। ନାଗରିକ ମଞ୍ଚ ସଭାପତି ରଘୁମଣୀ ପଟେଲ, ଉପସଭାପତି ପିଣ୍ଟୁ ପାଢ଼ୀ, ସମିତି ସଭ୍ୟ ସ୍ନେହ ଲତା ଦୀପ, ସରପଞ୍ଚ ଦେବାର୍ଚ୍ଚନ ସେଠ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

### ବକ୍ସମା ହାଇସ୍କୁଲରେ ପ୍ରତିଭା ସମ୍ମାନ ସମାରୋହ

**କୁଚିଣ୍ଡା,୪।୮(ଡି.ଏନ.ଏ.):** କୁଚିଣ୍ଡା ପ୍ରତିଭା ବିକାଶ ଅଭିଯାନ ପକ୍ଷରୁ ବକ୍ସମା ହାଇସ୍କୁଲଠାରେ ମଙ୍ଗଳବାର ପ୍ରତିଭା ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। କୁଚିଣ୍ଡା ବ୍ଲକ ସଭାପତି ସୁବାସ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ହୋଇଥିବା ସଭାରେ ବକ୍ସମା ସରପଞ୍ଚ ସରସ୍ୱତୀ ଠାକୁର, ସମିତି ସଭ୍ୟା ରଶ୍ମି କୁସୁମ, ବିଧାୟକ ପ୍ରତିନିଧି ବିକାଶ ପୃଷ୍ଟେଠ, ଅଧାପକ ସତ୍ୟନାରାୟଣ ପଟେଲ, ରଜନୀ ପଟେଲ, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ପଞ୍ଚାନନ ପରିଡ଼ା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଭଲ ପାଠ ପଢ଼ି ସୁନାଗରିକ ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ୨୦୨୨ ମାଟ୍ରିକ ପରୀକ୍ଷାରେ ବକ୍ସମା ହାଇସ୍କୁଲରେ ପ୍ରଥମ ହୋଇଥିବା ସସ୍ମିତା ରଣା, ଦ୍ୱିତୀୟ ସ୍ଥାନ ପାଇଥିବା ପୁନମ ସାହୁ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ମନୀଷା ସାହୁଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଶିକ୍ଷକ ସଦାନନ ପରିଡ଼ା ସ୍ୱାଗତ ଭାଷଣ ଦେଇଥିବା ବେଳେ ସଂଯୋଜକ ରମେଶ କିଷାନ ପ୍ରତିଭା ବିକାଶ ଅଭିଯାନର ବିବରଣୀ ପାଠ କରିଥିଲେ। ଶେଷରେ ହାଇସ୍କୁଲ ପ୍ରଧାନ ଶିକ୍ଷକ ପ୍ରଦୀପ ପୁରୋହିତ ଧନ୍ୟବାଦ ଦେଇଥିଲେ।

### ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ

**ନାକଟିଦେଉଳ,୪।୮(ଡ଼ି.ଏନ.ଏ.):** ନାକଟିଦେଉଳ ବ୍ଲକ ପରିସର ରାଜୀବ ଗାନ୍ଧୀ ସେବା କେନ୍ଦ୍ରଠାରେ ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡ଼ିଓ ବିବେକାନନ୍ଦ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ବ୍ଲକ ଅଧକ୍ଷା ସ୍ୱରୁପାରାଣୀ ସାହୁ ଓ ବ୍ଲକ ଶିକ୍ଷା ଅଧିକାରୀ ବିଜୟ କୁମାର ପାତ୍ର ପ୍ରମୁଖ ଯୋଗଦେଇଥିଲେ। ସରକାରଙ୍କ କୋଭିଡ଼ କଟକଣା ରହିଥିବାରୁ ମହାବିଦ୍ୟାଳୟ ଖେଳ ପଡ଼ିଆରେ ସୀମିତ କର୍ମଚାରୀଙ୍କୁ ନେଇ ସକାଳ ୯ଟା ପରେ ଜାତୀୟ ପତାକା ଉତ୍ତୋଳନ କରାଯିବ। ବ୍ଲକ ଅଧକ୍ଷା ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବେ। ପ୍ରତ୍ୟୁଷରେ ପ୍ରଶାସନ ପକ୍ଷରୁ ଡ଼ାକବାଜି ଯନ୍ତ୍ର ଯୋଗେ ପ୍ରଭାତଫେରି କରାଯିବ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଉଦିତ ଶେଖର ସାହୁ ଧନ୍ୟବାଦ ଅର୍ପଣ ଦେଇଥିଲେ।

### ମାରପିଟରେ ମୃତ୍ୟୁ ଘଟଣା: ୩ଜଣଙ୍କୁ ଜେଲ

**ଜମନକିରା,୪।୮(ଡି.ଏନ.ଏ.):** ଜମନକିରା ଥାନା ଗୌଡ଼ପାଲି ଫାଣ୍ଡି ମେଣ୍ଢାବାହାଲ ଗାଁରେ ମାରପିଟରେ ଜଣଙ୍କ ମୃତ୍ୟୁ ଘଟଣାରେ ପୋଲିସ ୩ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଇ ଦିଆଯାଇଥିବା ଆଇଆଇସି ପ୍ରେମାଜିତ ଦାସ ପ୍ରକାଶ କରିଛନ୍ତି। ଅଭିଯୁକ୍ତମାନେ ହେଲେ ମେଣ୍ଢାବାହାଲ ଗ୍ରାମର ପ୍ରେମା ଖଡ଼ିଆ(୬୦), ଅଜିତ ପ୍ରଧାନ (୩୬) ଓ ଗୌତମ ରଣବିଡ଼ା (୨୯)। ସୂଚନା ଅନୁଯାୟୀ, ଗତ ୩ ତାରିଖରେ ମେଣ୍ଢାବାହାଲ ଗ୍ରାମର ଅଭିଯୁକ୍ତଙ୍କ ସହ ଗାଁର କାର୍ତ୍ତିକ ଖଡିଆ(୪୫)ଙ୍କ କୌଣସି କାରଣରୁ ବଚସା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ସେମାନେ କାର୍ତ୍ତିକଙ୍କୁ ମାଡ଼ ମାରି ଲହୁଲୁହାଣ କରିଥିଲେ। କାର୍ତ୍ତିକଙ୍କୁ ପ୍ରଥମେ ସମ୍ବଲପୁର ମୁଖ୍ୟ ଚିକିତ୍ସାଳୟ ଓ ପରେ ବୁର୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ସ୍ତ୍ରୀଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ହତ୍ୟା ମାମଲା (ନଂ.୮୬/୨୨) ରୁଜୁ କରିଥିଲା।

# ରେଢ଼ାଖୋଲ ବନ୍ଦକୁ ବିପୁଳ ସମର୍ଥନ

**ରେଢ଼ାଖୋଲ, ୪।୮(ଡି.ଏନ.ଏ.)**

- ସ୍କୁଲ, କଲେଜ, କୋର୍ଟ, ସରକାରୀ କାର୍ଯ୍ୟାଳୟ ବନ୍ଦ ରହିଲା
- ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷ ପୁଣିଥରେ ଦେଲେ ଲିଖିତ ପ୍ରତିଶ୍ରୁତି

ସମ୍ବଲପୁର-କଟକ ୫୫ନଂ ଜାତୀୟ ରାଜପଥର ରେଢ଼ାଖୋଲଠାରୁ ସମ୍ବଲପୁର ପର୍ଯ୍ୟନ୍ତ ଆବଶ୍ୟକ ମରାମତି ସହ ଚାରିଥାକିଆ ରାସ୍ତା ନିର୍ମାଣ ତୁରନ୍ତ ସମ୍ପୂର୍ଣ୍ଣ କରିବା ଦାବିରେ ଗୁରୁବାର ରେଢ଼ାଖୋଲ ନାଗରିକ କମିଟି ଆହ୍ୱାନକ୍ରମେ ବନ୍ଦ ପାଳନ କରାଯାଇଥିଲା। ସକାଳ ୬ଟାରୁ ନାଗରିକ କମିଟି କର୍ମକର୍ତ୍ତା ଭୀମଭୋଇ ଛକରେ ୫୫ନଂ ଜାତୀୟ ରାଜପଥ ଅବରୋଧ କରି ବସି ରହିଥିଲେ। ଫଳରେ ଉଭୟ ପାର୍ଶ୍ୱରେ ଶହ ଶହ ଗାଡିମୋଟର ଅଟକି ରହିଥିଲା। ଏହି ବନ୍ଦକୁ ସମର୍ଥନ କରି ସମସ୍ତ ଦୋକାନ ବଜାର, ସ୍କୁଲ କଲେଜ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, କୋର୍ଟ, ଜାତୀୟକରଣ ବ୍ୟାଙ୍କ ଆଦି ବନ୍ଦ ରହିଥିଲା।

ମଧ୍ୟାହ୍ନ ୧୨ଟାରେ ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷ ରେଢ଼ାଖୋଲରେ ପହଞ୍ଚି ନାଗରିକ କମିଟି କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ଉପଜିଲାପାଳ ପବିତ୍ର ବେହେରା, ଏସ୍‌ଡିପିଓ ପ୍ରଶାନ୍ତ କୁମାର ମେହେର, ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ଓକିଲ ସଂଘ ସଭାପତି ଅଭୟ କୁମାର ବୀର, ବିଜେଡି ଜିଲା ଉପସଭାପତି ଅନାଦି ସାହୁ ଓ ନାଗରିକ କମିଟି କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଏନ୍‌ଏଚ୍‌ଏଆଇ ପ୍ରକଳ୍ପ ନିର୍ଦ୍ଦେଶକ ଏନ୍. ନାଗେଶ୍ୱର ରାଓ ପୁଣି ଥରେ ୭ଦିନ ମଧ୍ୟରେ ରେଢ଼ାଖୋଲରୁ ଚାରମାଳ ପର୍ଯ୍ୟନ୍ତ ମରାମତି କାର୍ଯ୍ୟ, ୧୫ଦିନ ମଧ୍ୟରେ ରେଢ଼ାଖୋଲରୁ ସାଧୁମୁଣ୍ଡା ପର୍ଯ୍ୟନ୍ତ ମରାମତି ସମ୍ପୂର୍ଣ୍ଣ କରାଯିବ ବୋଲି କହିଥିଲେ। ଏହାସହ ଅନୁଗୋଳଠାରୁ ସମ୍ବଲପୁର ପର୍ଯ୍ୟନ୍ତ ରାସ୍ତାର ଆବଶ୍ୟକ ମରାମତି କାର୍ଯ୍ୟ ଚଳିତ ମାସଠାରୁ ଆରମ୍ଭ କରାଯାଇ ନଭେମ୍ବର ସୁଦ୍ଧା ଶେଷ କରାଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ମଧ୍ୟାହ୍ନ ସାଢେ ୧୨ଟାରେ ରାସ୍ତାରୋକ ଅନ୍ଦୋଳନକୁ ନାଗରିକ କମିଟି ପ୍ରତ୍ୟାହାର କରିଥିଲା। ଫଳରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା।

ସୂଚନାଯୋଗ୍ୟ ୨୦୧୭ଠାରୁ ସମ୍ବଲପୁରରୁ କଟକ ପର୍ଯ୍ୟନ୍ତ ୫୫ନଂ ଜାତୀୟ ରାଜପଥର ଚାରିଥାକିଆ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଛି। ଏହା ଶେଷ ହୋଇ ନ ଥିବାରୁ ରାସ୍ତା ମରଣଯନ୍ତା ପାଲଟିଛି। ଫଳରେ ନିୟମିତ ରାସ୍ତା ଦୁର୍ଘଟଣା ଘଟି ବହୁ ଧନଜୀବନ ନଷ୍ଟ ହେଉଛି। ରାସ୍ତାକାମ ସାରିବା ପାଇଁ ରେଢାଖୋଲ ନାଗରିକ କମିଟି ପକ୍ଷରୁ ବିଭିନ୍ନ ସମୟରେ ପ୍ରଶାସନ ଓ ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରାଯାଇଥିଲେ ହେଁ ପଦକ୍ଷେପ ନିଆଯାଇ ନ ଥିଲା। ଏହାର ପ୍ରତିବାଦରେ ନାଗରିକ କମିଟି ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଥିଲା। ପୂର୍ବରୁ ଗତ ଜୁନ ମାସରେ ଏନ୍‌ଏଚ୍‌ଏଆଇ ଜୁଲାଇ ୧୫ ସୁଦ୍ଧା ଆବଶ୍ୟକ ମରାମତି କାର୍ଯ୍ୟ ଶେଷ କରିବାକୁ ଉପଜିଲାପାଳଙ୍କୁ ଲିଖିତ ପ୍ରତିଶ୍ରୁତି ଦେଇଥିଲେ ହେଁ କାର୍ଯ୍ୟ କରି ନ ଥିଲେ। ଏବେ ପୁଣିଥରେ ଲିଖିତ ପ୍ରତିଶ୍ରୁତି ଦେଇଥିବାରୁ ରାସ୍ତା କାମ କେବେ ଶେଷ ହେଉଛି ତାହାକୁ ଅଞ୍ଚଳବାସୀ ଚାହିଁ ରହିଛନ୍ତି।


ଆନ୍ଦୋଳନରେ ସାମିଲ ହୋଇଥିବା ନାଗରିକ କମିଟି କର୍ମକର୍ତ୍ତା।

### ବ୍ଲକର ବିଭିନ୍ନ ସମସ୍ୟା ନେଇ ଜିଲାପାଳଙ୍କ ସହ ଆଲୋଚନା

**ଜମନକିରା,୪।୮(ଡି.ଏନ.ଏ.)**

ଜମନକିରା ବ୍ଲକର ବିଭିନ୍ନ ସମସ୍ୟା ନେଇ ଗୁରୁବାର ଓଡ଼ିଶା ସାମ୍ବାଦିକ ସଂଘ ଜମନକିରା ଶାଖାର କର୍ମକର୍ତ୍ତା ସମ୍ବଲପୁର ଜିଲାପାଳ ଅନନ୍ୟା ଦାସଙ୍କୁ ଅବଗତ କରି ସମାଧାନ ପାଇଁ ଅନୁରୋଧ କରିଛନ୍ତି। ବ୍ଲକରେ ଶତକଡ଼ା ୩୦ ପ୍ରତିଶତ ଅଯୋଗ୍ୟ ବ୍ୟକ୍ତି ରାଶନ କାର୍ଡ ହାତେଇ ନେଇଥିବାବେଳେ ଏହାର ଯାଞ୍ଚ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ, ଜମନକିରା ପଞ୍ଚାୟତରେ ଜବରଦଖଲ କରାଯାଇଥିବା ଜମି ଚିହ୍ନଟ କରି ଶୀଘ୍ର ଉଚ୍ଛେଦ କରିବା, ବର୍ଷେ ତଳେ ନିର୍ମାଣ କରାଯାଇଥିବା ୫-ଟି ସ୍କୁଲ ରୂପାନ୍ତରଣ କାର୍ଯ୍ୟରେ ବକେୟା ଟଙ୍କା ପ୍ରଦାନ, ପୁରୁଣା ଟାଉନ ରାସ୍ତା ନିର୍ମାଣ, ସାମ୍ବାଦିକ ସଂଘ କାର୍ଯ୍ୟାଳୟ ନିର୍ମାଣ, ଡାକ୍ତରଖାନା ଚାରିକଡେ ପାଚେରି ସମ୍ପୂର୍ଣ୍ଣ କରିବା, ଜମନକିରା ପଞ୍ଚାୟତରେ ସ୍ଥାୟୀ ନିର୍ବାହୀ ଅଧିକାରୀଙ୍କୁ ଦାୟିତ୍ୱ ପ୍ରଦାନ ଆଦି ଦାବି ପୂରଣ ପାଇଁ ଜିଲାପାଳଙ୍କୁ ଲିଖିତ ଅନୁରୋଧ କରାଯାଇଛି। ଜିଲାପାଳ ଏ ଦିଗରେ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିବା ସଂଘ ପକ୍ଷରୁ କୁହାଯାଇଛି। ଆଲୋଚନା ସମୟରେ ସଂଘ ସଭାପତି ରବୀନ୍ଦ୍ର ପ୍ରସାଦ ଦାନି, ସମ୍ପାଦକ ସତ୍ୟପ୍ରିୟ ମହାପାତ୍ର, କୋଷାଧକ୍ଷ ଅଶୋକ କୁମାର ପଟେଲ, ସଭ୍ୟ ଜିତେନ୍ଦ୍ର ମୁଦୁଲି, ଲିପନ ନାୟକ, ଅକ୍ଷୟ ଦେହୁରି, ନରେନ୍ଦ୍ର ସାହୁ, ବିଜୟାଲକ୍ଷ୍ମୀ ମହାନ୍ତି, ସଞ୍ଜୀବ ସାହୁ, ପି.କେ. ଦାନି ପ୍ରମୁଖ ଉପସ୍ଥିତ ଥିଲେ।

## ଭିଜିଲାନ୍ସ ଜାଲରେ କନିଷ୍ଠଯନ୍ତ୍ରୀ

**ଭେଣ୍ଡରଙ୍କଠାରୁ ୨୫ହଜାର ଲାଞ୍ଚ ନେଉଥିଲେ**


କନିଷ୍ଠଯନ୍ତ୍ରୀ ଟିକନାଥ ଭଇଁସାଲ।

**ଝାରସୁଗୁଡ଼ା ଅଫିସ,୪।୮**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍‌ରେ କାର୍ଯ୍ୟରତ ଜଣେ କନିଷ୍ଠଯନ୍ତ୍ରୀ ବକେୟା ବିଲ୍ ପାସ୍ କରାଇଦେବା ପାଇଁ ଜଣେ ଭେଣ୍ଡରଙ୍କ ନିକଟରୁ ୨୫ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଗୁରୁବାର ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ସେ ହେଲେ ଟିକନାଥ ଭଇଁସାଲ। ଭିଜିଲାନ୍ସ ଟିମ୍ ତାଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ଏ ନେଇ ଭିଜିଲାନ୍ସ ଟିମ୍ ରାଉରକେଲା ଏକ ମାମଲା (ନଂ୧୫/୨୨) ରୁଜୁକରି ତଦନ୍ତ ଚଳାଇଛି। ଏହି ଚଢାଉରେ ଝାରସୁଗୁଡା ଭିଜିଲାନ୍ସ ଡିଏସ୍‌ପି ପ୍ରଦୀପ କୁମାର ଆଇନ୍ଦ୍, ଦେବଗଡ ଭିଜିଲାନ୍ସ ଡିଏସ୍‌ପି ଯୋଗେଶ ପଟେଲ ପ୍ରମୁଖ ସାମିଲ ହୋଇଥିଲେ। ପିଥିଣ୍ଡା ଗ୍ରାମର କୌଶଳ ମେହେର ନାମକ ଜଣେ ଭେଣ୍ଡରଙ୍କ ବକେୟା ବିଲ୍ ପାସ୍ କରିଦେବା ପାଇଁ କନିଷ୍ଠଯନ୍ତ୍ରୀ ଭଇଁସାଲ ତାଙ୍କୁ ୨୫ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏ ସମ୍ପର୍କରେ ଭେଣ୍ଡର ମେହେର ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗକୁ ଭିତ୍ତିକରି ରାଉରକେଲା ଭିଜିଲାନ୍ସ ଏସ୍‌ପି ଦେବନାରାୟଣ ଦାସଙ୍କ ନିର୍ଦ୍ଦେଶକ୍ରମେ ଝାରସୁଗୁଡା ଭିଜିଲାନ୍ସ ଓ ଦେବଗଡ ଭିଜିଲାନ୍ସ ଅଧିକାରୀଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ପ୍ରସ୍ତୁତ ହୋଇ ରହିଥିବାବେଳେ କନିଷ୍ଠଯନ୍ତ୍ରୀ ଜଣଙ୍କ ଭେଣ୍ଡରଙ୍କ ନିକଟରୁ ଟଙ୍କା ନେଉଥିବାବେଳେ ତାଙ୍କୁ ଧରିଥିଲେ। ଜବତ ୨୫ହଜାର ଟଙ୍କା ମଧ୍ୟରେ ୫୦ଖଣ୍ଡ ୫ଶହ ଟଙ୍କିଆ ରହିଛି।

## ନନ୍ଦିନୀ ଶତପଥୀଙ୍କ ଶ୍ରାଦ୍ଧବାର୍ଷିକୀ


ଶ୍ରାଦ୍ଧବାର୍ଷିକୀ ସଭାରେ ଯୋଗଦେଇଥିବା ସ୍ଥାନୀୟ ନେତୃବୃନ୍ଦ।

**ଝାରସୁଗୁଡ଼ା ଅଫିସ,୪।୮**

**ବନ୍ଧବାହାଲରେ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ପ୍ରସ୍ତାବ**

ଝାରସୁଗୁଡ଼ା ଧରିତ୍ରୀ ପରିବାର ତରଫରୁ ବନ୍ଧବାହାଲ ସମଲେଇ ମନ୍ଦିର ପରିସରରେ ମହିୟସୀ ମହିଳା ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନନ୍ଦିନୀ ଶତପଥୀଙ୍କ ଷୋଡ଼ଶ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ଏହି ଅବସରରେ ଭାରତୀୟ ମଜଦୁର ସଂଘ (ବିଏମ୍‌ଏସ୍) ଶ୍ରମିକନେତା ଅଜୟ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଏହାକୁ ଶିକ୍ଷାବିତ୍ ଅଭିନ୍ନ ଚନ୍ଦ୍ର ରାଉତ ପରିଚାଳନା କରିଥିଲେ। ଧରିତ୍ରୀ ଜିଲା ପ୍ରତିନିଧି ନିଳେନ୍ଦ୍ର କୁମାର ଗଜେନ୍ଦ୍ର ଅତିଥି ପରିଚୟ ସହ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ବନ୍ଧବାହାଲ ସରପଞ୍ଚ ଭାରତୀ ବେହେରା, ସମଲେଶ୍ୱରୀ ମା' ଘର ଚାରିଟେବୁଲ୍ ଟ୍ରଷ୍ଟ ଅଧ୍ୟକ୍ଷା ତଥା ସମିତିସଭ୍ୟା ପଦ୍ମିନୀ ସିଂହ, ସାମାଜିକ କର୍ମୀ ସଞ୍ଜୟ ପ୍ରଧାନ, ଖବରଦାତା ବନବାସୀ ଗୌଡ, ଶିକ୍ଷକ ସୁରେଶ ପ୍ରଧାନ, କୃପାସିନ୍ଧୁ ପ୍ରଧାନ, ସଚ୍ଚିଦାନନ୍ଦ ପ୍ରଧାନ, ପ୍ରଦୀପ ସେନାପତି, ଘନଶ୍ୟାମ ସିଂହ, ରେମଣ୍ଡା ସେବା ସମବାୟ ସମିତି ସଭାପତି ରଞ୍ଜନ ଭୋଇ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ସ୍ୱର୍ଗତ ଶତପଥୀଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଜଣାଇ ତାଙ୍କ ସ୍ମୃତିଚାରଣ କରିଥିଲେ। ନନ୍ଦିନୀ ଶତପଥୀ ଏକାଧାରାରେ ଜଣେ ସାହିତ୍ୟିକା, ରାଜନୀତିଜ୍ଞ ବ୍ୟକ୍ତି ଥିଲେ। ଦୃଢ ନିଷ୍ପତ୍ତି ଯୋଗୁ ସେ ଆଇରନ ଲେଡିଭାବେ ପରିଚିତ ଥିଲେ। ତାଙ୍କ ନୀତି ଆଦର୍ଶରେ ଅନୁପ୍ରାଣୀତ ହୋଇ ଯୁବପିଢି କାର୍ଯ୍ୟକଲେ ତାଙ୍କପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ବନ୍ଧବାହାଲରେ ଏକ ପାଠାଗାର ଖୋଲିବା ସହ ତାଙ୍କର ଏକ ପ୍ରତିମୂର୍ତ୍ତି ବନ୍ଧବାହାଲ ଶିଳ୍ପାଞ୍ଚଳରେ ପ୍ରତିଷ୍ଠା କରିବାପାଇଁ ଅତିଥିମାନେ ପ୍ରସ୍ତାବ ରଖିଥିଲେ। ଆଗାମୀ ଦିନରେ ନନ୍ଦିନୀଙ୍କ ନାମରେ ଏକ ଟ୍ରଷ୍ଟ ପଞ୍ଜୀକରଣ କରିବା ସହ ଏହାକୁ ଆଗେଇ ନେବାପାଇଁ ସ୍ଥାନୀୟ ଜନପ୍ରତିନିଧିଙ୍କ ସହଯୋଗ କାମନା କରାଯିବ ବୋଲି ପ୍ରସ୍ତାବ ଆଗତ ହୋଇଛି। ଧରିତ୍ରୀ ପରିବାର ସଦସ୍ୟ ଖବରଦାତା ଲକ୍ଷ୍ମୀକାନ୍ତ ସାହୁ ଧନ୍ୟବାଦ ଦେଇଥିଲେ।

### ୯ଟା ୧୫ମି.ରେ ଜାତୀୟ ପତାକା ଉତ୍ତୋଳନ

**ସମ୍ବଲପୁର,୪।୮(ବ୍ୟୁରୋ)**

ସମ୍ବଲପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ୭୬ତମ ସ୍ୱାଧୀନତା ଦିବସ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ (ସାଧାରଣ) ଅଜାମ୍ବର ମହାନ୍ତି ଅଧକ୍ଷତା କରିଥିଲେ। ବୈଠକରେ ସରକାରଙ୍କ ଦ୍ୱାରା ଜାରି ନିର୍ଦ୍ଦେଶାବଳୀ ଅନୁଯାୟୀ କୋଭିଡ୍ କଟକଣାରେ ଦିବସ ପାଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ଡାକବାଜି ଯନ୍ତ୍ର ଦ୍ୱାରା ରାମଧୁନ ପରିକ୍ରମା ସହ ବିଭିନ୍ନ ସ୍ଥାନରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ। ମୁଖ୍ୟଅତିଥିଙ୍କ ଦ୍ୱାରା ସ୍ଥାନୀୟ ନେଲସନ ମଣ୍ଡେଲା ଛକରେ ସକାଳ ୯ଟା ୧୫ ମିନିଟ ସମୟରେ ଜାତୀୟ ପତାକା ଉତ୍ତୋଳନ କରାଯିବ। ଚଳିତବର୍ଷ ପରେଡକୁ ବାରଣ କରାଯାଇଥିବାବେଳେ କେବଳ ପୋଲିସ ବାହିନୀ ଜାତୀୟ ପତାକାକୁ ସମ୍ମାନ ଦେବା ସହ ମୁଖ୍ୟ ଅତିଥିଙ୍କୁ ଅଭିବାଦନ ଜଣାଇବେ। ବୈଠକରେ ପିଡି ଡିଆର୍‌ଡିଏ ଦିଲୀପ କୁମାର ବଳ, ଡିଏସ୍‌ପି ଡିଆଇବି ଜେମସ୍ ସମଦ, ଆଞ୍ଚଳିକ ପରିବହନ ଅଧିକାରୀ ରାମ ଦାସ ଟୁଡୁ, ମୁଖ୍ୟ ଯୋଗାଣ ଅଧିକାରୀ ରାମ ଚନ୍ଦ୍ର ଟୁଡୁ, ଏଡିଇଓ ଜୟଶ୍ରୀ ଦୋରା, ଅବକାରୀ ଅଧୀକ୍ଷକ ଅଶୋକ କୁମାର ସେଠ, ଜିଲା ସଂସ୍କୃତି ଅଧିକାରୀ ଦୀପକ କୁମାର କୁଲୁ, ଡେପୁଟି କମିଶନର ସମ୍ବଲପୁର ମହାନଗର ନିଗମ ବିନୋଦ ଚନ୍ଦ୍ର ପଣ୍ଡାଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକୀର ମୋହନ ମାଝି ବିବରଣୀ ଉପସ୍ଥାପନ କରି ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଇଗ୍ନୁରେ ଆବେଦନ ଅବଧି ୧୨ ଯାଏ ବୃଦ୍ଧି

**ସମ୍ବଲପୁର,୪।୮(ବ୍ୟୁରୋ)**

ଇନ୍ଦିରା ଗାନ୍ଧୀ ମୁକ୍ତ ବିଶ୍ୱବିଦ୍ୟାଳୟରେ ପାଠ ପଢିବାକୁ ଚାହୁଁଥିବା ଛାତ୍ରୀଛାତ୍ରଙ୍କ ପାଇଁ ଆବେଦନ ସମୟ ସୀମା ବୃଦ୍ଧି କରାଯାଇଛି। ଅଗଷ୍ଟ ୧୨ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିବା ସ୍ଥାନୀୟ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟସ୍ଥିତ ଇଗ୍ନୁ ଅଧ୍ୟୟନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। କେନ୍ଦ୍ରର ସମସ୍ତ ସ୍ନାତକୋତ୍ତର ଓ କେତେକ ସ୍ନାତକ ବିଷୟରେ ମଧ ଛାତ୍ରୀଛାତ୍ର ଆବେଦନ କରିପାରିବେ। ଏହି ଅବଧି ଆଗରୁ ୩୧ ଜୁଲାଇ ଥିବା ସମୟରେ କେତେକ ବିଶ୍ୱବିଦ୍ୟାଳୟ ତଥା ମହାବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ଶେଷ ବର୍ଷର ପରୀକ୍ଷାଫଳ ଅଦ୍ୟାବଧି ପ୍ରକାଶ ପାଇ ନାହିଁ। ଏହି ଦୃଷ୍ଟିରୁ କର୍ତ୍ତୃପକ୍ଷ ଆବେଦନ ତାରିଖ ବୃଦ୍ଧି କରିଛନ୍ତି। ବର୍ତ୍ତମାନ ଛାତ୍ରୀଛାତ୍ର ଏକ ସମୟରେ ଦୁଇଟି କୋର୍ସ କରିପାରିବେ। ଅନୁସୂଚିତ ଜାତି ଓ ଜନଜାତି ପିଲାମାନଙ୍କ ପାଇଁ ଇଗ୍ନୁରେ ମାଗଣାରେ ପାଠ ପଢିବାର ସୁଯୋଗ ରହିଛି। ଦଶମ ଶ୍ରେଣୀ ପାସ୍ କରିଥିବା ଛାତ୍ରୀଛାତ୍ର ଡିପ୍ଲୋମା ଓ ସାର୍ଟିଫିକେଟ କାର୍ଯ୍ୟକ୍ରମରେ ଆବେଦନ କରିପାରିବେ। ଯୁକ୍ତ ଦୁଇ ପାସ୍ କରିଥିବା ପିଲା ସ୍ନାତକ ଓ ଯୁକ୍ତ ତିନି ପାସ୍ କରିଥିବା ପିଲା ସ୍ନାତକୋତ୍ତର ବିଷୟରେ ଆବେଦନ କରିପାରିବେ। ଇଗ୍ନୁ ଅଧ୍ୟୟନ କେନ୍ଦ୍ର ଅଧୀକ୍ଷକଙ୍କ କହିବା ଅନୁସାରେ ଏହାର ଆବେଦନ ପ୍ରକ୍ରିୟା ସମ୍ପୂର୍ଣ୍ଣ ଅନ୍‌ଲାଇନ ମାଧ୍ୟମରେ ହେଇପାରିବ।

## ସମଲେଇ ମନ୍ଦିର ପରିସର ହେବ ଭିକାରିମୁକ୍ତ

**ସମ୍ବଲପୁର,୪।୮(ବ୍ୟୁରୋ)**

ଏସ୍‌ଏସ୍‌ଇପିଡି ବିଭାଗ ସହଯୋଗରେ ଭିନ୍ନକ୍ଷମ, ବରିଷ୍ଠ ନାଗରିକ, ଟ୍ରାନ୍ସଜେଣ୍ଡର, ଭିକ୍ଷୁକମାନଙ୍କ ପାଇଁ ସରକାର ବିଭିନ୍ନ କଲ୍ୟାଣକାରୀ ଯୋଜନା ହାତକୁ ନେଇଛନ୍ତି। ଏପରି କି ଜିଲାରେ ପ୍ରଶାସନ ପକ୍ଷରୁ ବେଗର ହୋମ ମଧ କାର୍ଯ୍ୟ କରିଆସୁଛି। ବର୍ତ୍ତମାନ ସମଲେଇ ଯୋଜନା ଅଧୀନରେ ମା'ଙ୍କ ମନ୍ଦିର ପରିସରର ସୌନ୍ଦର୍ଯ୍ୟକରଣ କାମ ଦ୍ରୁତ ଗତିରେ ଚାଲୁଛି। ମନ୍ଦିର ପରିସରକୁ ଭିକାରି ମୁକ୍ତ କରିବା ସମଲେଇ ଯୋଜନାର ଏକ ଅଂଶବିଶେଷ। ତେଣୁ ଜିଲାପାଳ ଅନନ୍ୟା ଦାସ ମନ୍ଦିର ପରିସରକୁ ଭିକାରି ମୁକ୍ତ କରିବା ପାଇଁ ପଦକ୍ଷେପ ଗ୍ରହଣ କରିଛନ୍ତି। ଏହି ମର୍ମରେ ସେ ଜିଲା ପୋଲିସ ଓ ମହାନଗର ନିଗମ ଆୟୁକ୍ତଙ୍କୁ ଚିଠି କରିଛନ୍ତି। ମନ୍ଦିର ପରିସରରେ ଭିକ୍ଷାବୃତ୍ତି ବନ୍ଦ କରିବା ଦିଗରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲାପାଳ ଦାସ ଉଲ୍ଲେଖ କରିଛନ୍ତି। ଏ ନେଇ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକିର ମୋହନ ମାଝି ପ୍ରେସ ବିବୃତ୍ତିରେ ସୂଚନା ଦେଇଛନ୍ତି।

## କଲେଜରେ ବୃକ୍ଷରୋପଣ କାର୍ଯ୍ୟକ୍ରମ

**ନାକଟିଦେଉଳ,୪।୮(ଡ଼ି.ଏନ.ଏ.)**

ନାକଟିଦେଉଳ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଗୁରୁବାର ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ପ୍ରଶାନ୍ତ କୁମାର ଦାଶ ଓ ସଞ୍ଜୀବ କୁମାର ଦାଶଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧକ୍ଷ କନ୍ଦର୍ପ ରାଉଳ, ଅଧ୍ୟାପିକା ସରସୀରାଣୀ ନାୟକ, ବିନିତା ମୁର୍ମୁ, ଅଧ୍ୟାପକ ହେମାନନ୍ଦ ପ୍ରଧାନ, ଉମାକାନ୍ତ ବିଶ୍ୱାଳଙ୍କ ସମେତ ଅନ୍ୟ କର୍ମଚାରୀ ଓ ଛାତ୍ରୀଛାତ୍ର ସାମିଲ ହୋଇ ବିଭିନ୍ନ ପ୍ରଜାତିର ୪୫ ଚାରା ରୋପଣ କରିଥିଲେ। ସାମ୍ପ୍ରତିକ ପରିସ୍ଥିତିରେ ବୃକ୍ଷ ରୋପଣର ଆବଶ୍ୟକତା ଉପରେ ଅଧକ୍ଷ ରାଉଳ ଆଲୋକପାତ କରିଥିଲେ।


କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ର।

## ଜିଲାପାଳଙ୍କୁ ସମସ୍ୟା ଜଣାଇଲେ ସଙ୍ଗଠନ କର୍ମକର୍ତ୍ତା

**ସମ୍ବଲପୁର,୪।୮(ବ୍ୟୁରୋ)**

ସମ୍ବଲପୁରର ବିଭିନ୍ନ ସାମାଜିକ ଓ ଶ୍ରମିକ ସଂଗଠନ କର୍ମକର୍ତ୍ତା ବୁଧବାର ଜିଲାପାଳ ଅନନ୍ୟା ଦାସଙ୍କୁ ସାକ୍ଷାତ କରି ବିଭିନ୍ନ ସମସ୍ୟା ଅବଗତ କରିଛନ୍ତି। ପ୍ରୋଗ୍ରେସିଭ ସମ୍ବଲପୁର ଆବାହକ ସଞ୍ଜିତ ମହାନ୍ତିଙ୍କ ନେତୃତ୍ୱରେ ବିଭିନ୍ନ ସଂଗଠନ କର୍ମକର୍ତ୍ତା ସାମିଲ ଥିଲେ। ସମ୍ବଲପୁର ସହରରେ ୨୪ ଘଣ୍ଟା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଆରମ୍ଭ, ସମ୍ବଲପୁର-ଚିପିଲିମା-ବୁର୍ଲା ରିଙ୍ଗ୍‌ରୋଡ, ସମ୍ବଲପୁର ଓ ହୀରାକୁଦରେ ନୂତନ ସିବିଏସ୍‌ଇ ବିଦ୍ୟାଳୟ ସ୍ଥାପନ, ସ୍ୱୟଂଚାଳିତ ଟ୍ରାଫିକ୍ ବ୍ୟବସ୍ଥା, ଅଇଁଠାପାଲି ଦୁର୍ଗାପାଲି ଓ କ୍ଷେତରାଜପୁର ଓଭରବ୍ରିଜ ନିର୍ମାଣ ଶିଘ୍ର କରିବା, ବିଭିନ୍ନ ପାର୍କର ପୁନଃ ଉଦ୍ଧାର ଆଦି ସମସ୍ୟା ସମାଧାନ ପାଇଁ ଆଲୋଚନା କରିଥିଲେ। ଏଥିରେ ହିଣ୍ଡାଲ୍‌କୋ ଶ୍ରମିକ ସଂଗଠନ ସଭାପତି ମହମ୍ମଦ ମୃତ୍ୟୁଂଝା, ଦୁର୍ଯ୍ୟୋଧନ ମହାନ୍ତି, ରୋଶନ ସିଂ, ପୂର୍ବତନ ରାଜ୍ୟ ସମ୍ପାଦକ ମୋହିତ ନାୟକ, ଯୁବ ବିଜେଡ଼ି ଜିଲା ଉପସଭାପତି ଅନୁଜ ଜେନା, ଜିଲା ସମ୍ପାଦକ ପ୍ରଶାନ୍ତ ଥାପା, ସମ୍ପାଦକ ମହମ୍ମଦ ଆରିଫ, ଛାତ୍ର ବିଜେଡ଼ି ଜୋନ ସଭାପତି ମିଲନ ହୋତା, ଜୋନ ଉପସଭାପତି ଦେବ ଜ୍ୟୋତି ପଟ୍ଟନାୟକ, ବୀର ସୁରେନ୍ଦ୍ର ସାଏ ଅଟୋ ଚାଳକ ସଂଘ କର୍ମକର୍ତ୍ତା ପ୍ରେମାନନ୍ଦ ମିଶ୍ର, ମହମ୍ମଦ ଇଦୁ ପ୍ରମୁଖ ଆଲୋଚନାରେ ଭାଗନେଇଥିଲେ।


ଜିଲାପାଳଙ୍କ ଆବାସ ସମ୍ମୁଖରେ ସଂଗଠନ କର୍ମକର୍ତ୍ତା।

# ମୋଦିଙ୍କ ନେତୃତ୍ୱ: ଓଡ଼ିଶା ପାଇଁ ସକାରାତ୍ମକ ଦୃଷ୍ଟିଭଙ୍ଗୀ



ଧର୍ମେନ୍ଦ୍ର ପ୍ରଧାନ

ଓଡ଼ିଶା ମାଟିର ଝିଅ ଦ୍ରୌପଦୀ ମୁର୍ମୁ ଭାରତର ପଞ୍ଚଦଶ ରାଷ୍ଟ୍ରପତି ଭାବରେ ଶପଥ ଗ୍ରହଣ କରି ଓଡ଼ିଆ ଅସ୍ମିତାର ପ୍ରତୀକ ପାଲଟି ଯାଇଛନ୍ତି। ସେ ପ୍ରଥମ ଓଡ଼ିଆ ତଥା ପ୍ରଥମ ଆଦିବାସୀ ମହିଳା, ଯିଏ ଭାରତବର୍ଷର ସର୍ବୋଚ୍ଚ ସାମ୍ବିଧାନିକ ପଦ ମଣ୍ଡନ କରିଛନ୍ତି। ଏହା ଓଡ଼ିଶାବାସୀଙ୍କ ପାଇଁ କେବଳ ଗୌରବର ବିଷୟ ନୁହେଁ, ଭାରତର ବଞ୍ଚିତ, ଅବହେଳିତ ଓ ଅନଗ୍ରସର ବର୍ଗଙ୍କ ପାଇଁ ଗରିମାର କଥା। ଓଡ଼ିଶାର ଏକ ଆଦିବାସୀବହୁଳ ଜିଲା ମୟୂରଭଞ୍ଜର ଏକ ଅଖ୍ୟାତ ପଲ୍ଲୀର ସୁକନ୍ୟା ଦ୍ରୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରର ପ୍ରଥମ ନାଗରିକର ମର୍ଯ୍ୟାଦା ପ୍ରଦାନ କରିବାରେ ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କର ଭୂମିକା ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ। ବନଫୁଲର ମହକରେ ସମଗ୍ର ଭାରତବର୍ଷକୁ ମହକିତ କରିବା କଥା କେବଳ ମୋଦିଜୀ ହିଁ ଚିନ୍ତା କରିପାରନ୍ତି ଏବଂ ତା'ର ବାସ୍ତବ ରୂପାୟନ ମଧ୍ୟ କରିପାରନ୍ତି। ସାଧାରଣ ଲୋକମାନେ କାଳେକାଳେ ଅସାଧାରଣ ପ୍ରତିଭାର ଅଧିକାରୀ ହୋଇଥା'ନ୍ତି। ଶେଷ ତଳ ପାହାଚରେ ଥିବା ଅନେକଙ୍କ ପାଖରେ ଥାଏ ଅସୀମ ଶକ୍ତି ଓ ସାମର୍ଥ୍ୟ। କିନ୍ତୁ ଏପରି ପ୍ରତିଭାମାନେ ବଣମଲ୍ଲୀ ପରି ବଣରେ ଫୁଟି ମଉଳିଯାଆନ୍ତି। ରହିଯାଆନ୍ତି ଜନସମାଜର ଆଢୁଆଳରେ। ଲୋକ ହିତ ପାଇଁ ସେମାନଙ୍କ ଶକ୍ତି ମଧ୍ୟ ବିନିଯୋଗ କରାଯାଇପାରେ ନାହିଁ। ତେଣୁ ଏପରି ବଣମଲ୍ଲୀମାନଙ୍କୁ ଖୋଜିବା ଏବଂ ଚିହ୍ନଟ କରିବା ସମାଜ ଆଗରେ ସବୁବେଳେ ଏକ ବଡ଼ ଆହ୍ୱାନ।

ଭାରତବର୍ଷ ଅନାଦି କାଳରୁ ବିବିଧ ଜାତି, ବର୍ଣ୍ଣ ଓ ଗୋଷ୍ଠୀର ବାସସ୍ଥାନ। ଅନୁସୂଚିତ ଜାତି, ଜନଜାତି, ସାମାଜିକ ଓ ଶୈକ୍ଷିକ ଅନଗ୍ରସର ଜାତି ତଥା ଅସ୍ୱଚ୍ଛଳ ବର୍ଗ ଭାରତବର୍ଷର ଜନସଂଖ୍ୟାର ଏକ ପ୍ରମୁଖ ଅଂଶ। ପୁଣି ଅବସ୍ଥିତି ଭିତ୍ତିରେ କେତେକ ଅଞ୍ଚଳ ମଧ୍ୟ ପଛୁଆ ରାଜ୍ୟ ଭାବରେ ପରିଗଣିତ। ଆମ ସମାଜରେ ପଛରେ ପଡ଼ିଥିବା ପଛୁଆ ବର୍ଗ ଏବଂ ପଛୁଆ ରାଜ୍ୟକୁ ଆଗକୁ ନ ଆଣିଲେ ଦେଶର ସନ୍ତୁଳିତ ବିକାଶ ଅସମ୍ଭବ।

ଭାରତର ସର୍ବାଙ୍ଗୀନ ବିକାଶ ପଛରେ ଥିବା ଏହି ସହଜ ସତ୍ୟକୁ ଅନେକ ଶାସକ ବୁଝି ମଧ୍ୟ ବୁଝିପାରନ୍ତି ନାହିଁ। ସେମାନେ ସାମାଜିକ ନ୍ୟାୟ ବିଷୟରେ ଦୀର୍ଘ ସମୟ ଭାଷଣ ଦିଅନ୍ତି, କିନ୍ତୁ କାର୍ଯ୍ୟରେ କରି ଦେଖାନ୍ତି ନାହିଁ। ଆଦିବାସୀମାନଙ୍କ ପାରମ୍ପରିକ ନୃତ୍ୟରେ ଭାଗ ନିଅନ୍ତି, କିନ୍ତୁ ସେମାନଙ୍କ ବିକାଶକୁ ତ୍ୱରାନ୍ୱିତ କରନ୍ତି ନାହିଁ। କିନ୍ତୁ ଗତ ୮ ବର୍ଷ ହେବ, ଏପରି ଦୃଷ୍ଟିଭଙ୍ଗୀରେ ବ୍ୟାପକ ପରିବର୍ତ୍ତନ ଆସିଛି। ଭାରତର ଲୋକପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସାମାଜିକ ନ୍ୟାୟ ଓ ସନ୍ତୁଳିତ ବିକାଶ ଉପରେ ସର୍ବାଧିକ ଗୁରୁତ୍ୱାରୋପ କରୁଛନ୍ତି। ଭୌଗୋଳିକ ଦୃଷ୍ଟିରୁ ଭାରତର ପୂର୍ବ ଭାଗ ବିକାଶ କ୍ଷେତ୍ରରେ ପଛରେ ପଡ଼ିଛି। ବିହାର, ଓଡ଼ିଶା ଓ ଝାଡ଼ଖଣ୍ଡ ଆଦି ରାଜ୍ୟ ଅନ୍ୟ ରାଜ୍ୟ ତୁଳନାରେ ଅନଗ୍ରସର। ମାନ୍ୟବର ମୋଦିଜୀ ଭାରତର ସନ୍ତୁଳିତ ବିକାଶକୁ ଆଖି ଆଗରେ ରଖି ପୂର୍ବ ଭାରତର ବିକାଶ ଉପରେ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ପୁଣି ପୂର୍ବ ଭାରତରେ ଓଡ଼ିଶା ତାଙ୍କର ଏକ ପ୍ରିୟ ରାଜ୍ୟ। କାରୁକାର୍ଯ୍ୟପୂର୍ଣ୍ଣ କୀର୍ତ୍ତିରାଜି, ପ୍ରାକୃତିକ ଓ ଖଣିଜ ସମ୍ପଦ ପାଇଁ ଯେ ଓଡ଼ିଶା ତାଙ୍କ ଦୃଷ୍ଟି ଆକର୍ଷଣ କରିଛି ତା' ନୁହେଁ, ବରଂ ଓଡ଼ିଶାର ବିକାଶ ପ୍ରତି ସେ ସର୍ବଦା ସମ୍ବେଦନଶୀଳ। ପ୍ରାଚୁର୍ଯ୍ୟ ଓ ସମ୍ଭାବନାରେ ପରିପୂର୍ଣ୍ଣ ଓଡ଼ିଶାର ବିକାଶ କରିବା ପାଇଁ ମୋଦିଜୀଙ୍କ ପ୍ରତିବଦ୍ଧତାର ତୁଳନା ନାହିଁ। ଓଡ଼ିଶାର ପ୍ରତିଭାମାନଙ୍କୁ ସ୍ୱୀକୃତି ଦେବାରେ ତାଙ୍କର କାର୍ପଣ୍ୟ ନାହିଁ। ଓଡ଼ିଶାବାସୀଙ୍କ ଆଶା-ଆକାଂକ୍ଷା ପୂରଣ କରିବାରେ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ତତ୍ପରତାର ପଟାନ୍ତର ନାହିଁ।

ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦିଜୀ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଜଣେ ପରମ ଭକ୍ତ। ୨୦୧୩ ମସିହାରେ ଗୁଜରାଟର ମୁଖ୍ୟମନ୍ତ୍ରୀ ଥିବା ସମୟରେ ସେ ଶ୍ରୀଜୀଉଙ୍କୁ ଦର୍ଶନ କରିବା ପାଇଁ ପୁରୀ ଆସିଥିଲେ। ପ୍ରଧାନମନ୍ତ୍ରୀ ଭାବରେ ୨୦୧୬ ମସିହା ଫେବୃୟାରୀ ମାସରେ ପୁରୀ ଆସି ଦିଅଁ ଦର୍ଶନ କରିଥିଲେ। ତାଙ୍କ ପ୍ରଧାନମନ୍ତ୍ରିତ୍ୱ ସମୟରେ ପ୍ରଥମ ଥର ପାଇଁ ନବକଳେବର ନିମନ୍ତେ କେନ୍ଦ୍ର ସରକାର ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ପ୍ରଧାନମନ୍ତ୍ରୀ ମହୋଦୟ ନବକଳେବର ସ୍ମାରକୀ ମୁଦ୍ରାକୁ ଅନୁମୋଦନ ମଧ୍ୟ କରାଇଥିଲେ। ଓଡ଼ିଶାର ପର୍ବପର୍ବାଣି ପ୍ରତି ତାଙ୍କର ଅପ୍ରମିତ ଶ୍ରଦ୍ଧା ରହିଛି। ମହାବିଷୁବ ସଂକ୍ରାନ୍ତି, ରଜ ସଂକ୍ରାନ୍ତି, ରଥଯାତ୍ରା ଓ ନୂଆଁଖାଇ ଆଦି ଅବସରରେ ପ୍ରଧାନମନ୍ତ୍ରୀ ଓଡ଼ିଶାବାସୀଙ୍କୁ ଶୁଭେଚ୍ଛା ଜଣାଇ ତାଙ୍କ ଓଡ଼ିଶା ପ୍ରୀତିର ପରିଚୟ ଦେଇଆସୁଛନ୍ତି। ଓଡ଼ିଶା ଯେ କଳା ଓ ସଂସ୍କୃତିର ଉତ୍କର୍ଷ ଭୂମି, ଏହା ତାଙ୍କୁ ଭଲ ଭାବରେ ଜଣା। ମାଣବସା ଗୁରୁବାର, ଛଉ ନୃତ୍ୟ ଓ ରାବଣ ଛାୟାକୁ ସୂକ୍ଷ୍ମ ଐତିହ୍ୟ (ଇନ୍‌ଟେଞ୍ଜିବୁଲ ହେରିଟେଜ୍)ର ମାନ୍ୟତା ତାଙ୍କର ଅବଦାନ। ୨୦୧୮ ମସିହାରେ ଇଣ୍ଡୋନେସିଆ ରାଷ୍ଟ୍ରପତିଙ୍କ ସହିତ 'ବାଲିଯାତ୍ରା' ବିଷୟରେ ଆଲୋଚନା କରି ସେ ଓଡ଼ିଶାର ଏହି ଐତିହାସିକ ପର୍ବ ପ୍ରତି ଯଥୋଚିତ ସମ୍ମାନ ପ୍ରଦର୍ଶନ କରିଛନ୍ତି।

ଦିଲ୍ଲୀରେ ଓଡ଼ିଆମାନଙ୍କୁ ସ୍ୱୀକୃତି ଦେବାରେ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କର ଅବଦାନ ଯେ ସବା ଉପରେ, ଏହା ଅବିସମ୍ବାଦିତ। ପୂର୍ବରୁ ଓଡ଼ିଶାରୁ ଜଣେ ଦୁଇ ଜଣ କେନ୍ଦ୍ରମନ୍ତ୍ରୀ ପଦ ପ୍ରାପ୍ତ ହୋଇଥିଲେ। ତାହା ପୁଣି ରାଷ୍ଟ୍ରମନ୍ତ୍ରୀ ପାହ୍ୟାରେ। ୨୦୧୪ ପୂର୍ବରୁ କେନ୍ଦ୍ର କ୍ୟାବିନେଟ୍ ମନ୍ତ୍ରୀଙ୍କ ସଂଖ୍ୟାରେ ଓଡ଼ିଶାର ସ୍ଥାନ ଥିଲା ନଗଣ୍ୟ। କିନ୍ତୁ ମୋଦିଜୀଙ୍କ ପ୍ରଧାନମନ୍ତ୍ରିତ୍ୱ ସମୟରେ ଜୁଏଲ ଓରାମଙ୍କଠାରୁ ଅଶ୍ୱିନୀ ବୈଷ୍ଣବଙ୍କ ପର୍ଯ୍ୟନ୍ତ ଓଡ଼ିଶାର ଅନେକ ନେତା କ୍ୟାବିନେଟ୍ ମନ୍ତ୍ରୀ ହୋଇଛନ୍ତି। ଆଦିବାସୀ ନେତା ବିଶେଶ୍ୱର ଟୁଡୁ କେନ୍ଦ୍ରରେ ରାଷ୍ଟ୍ରମନ୍ତ୍ରୀ ପଦ ମଣ୍ଡନ କରିଛନ୍ତି। ତା' ପୂର୍ବରୁ ପ୍ରତାପ ଷଡ଼ଙ୍ଗୀ ରାଷ୍ଟ୍ରପାହ୍ୟା ମନ୍ତ୍ରୀ ପଦରେ ଅବସ୍ଥାପିତ ହୋଇଥିଲେ। ମୋଦିଜୀ ଦ୍ରୌପଦୀ ମୁର୍ମୁ ଓ ବିଶ୍ୱଭୂଷଣ ହରିଚନ୍ଦନଙ୍କୁ ରାଜ୍ୟପାଳ ପଦବୀରେ ଅଧିଷ୍ଠିତ କରାଇଛନ୍ତି।

ପୂର୍ବରୁ ପଦ୍ମ ପୁରସ୍କାର ତାଲିକାରେ ଓଡ଼ିଆ ଲୋକଙ୍କର ନାଁ ଖୋଜି ନିରାଶ ହେବାକୁ ପଡୁଥିଲା। କେବେ କେମିତି ଗୋଟେ ନାଁ ଆଖିରେ ପଡୁଥିଲା। କିନ୍ତୁ ୨୦୧୫ ମସିହା ପରଠାରୁ ଲଗାତର ଓଡ଼ିଶାର ପ୍ରତିଭାମାନେ ପଦ୍ମସମ୍ମାନ ପାଇ ଆସୁଛନ୍ତି। ମନୋଜ ଦାସ, ପ୍ରତିଭା ରାୟଙ୍କ ପରି ସାହିତ୍ୟିକମାନେ ପଦ୍ମଭୂଷଣ ସମ୍ମାନ ପାଇଥିବା ବେଳେ ପ୍ରସ୍ତର ଶିଳ୍ପୀ ସୁଦର୍ଶନ ସାହୁ ପଦ୍ମ ବିଭୂଷଣ ସମ୍ମାନ ପାଇଛନ୍ତି। ପଦ୍ମ ସମ୍ମାନ ପାଇଥିବା ଅନେକ ଖ୍ୟାତନାମା କବି, ଲେଖକ, ନୃତ୍ୟାଙ୍ଗନା, କଣ୍ଠଶିଳ୍ପୀ, ସ୍ଥପତିଙ୍କର ଏକ ଲମ୍ବା ତାଲିକା ଏଠାରେ ପ୍ରଦାନ କରିବା ଅନାବଶ୍ୟକ। କିନ୍ତୁ ସମାଜ ପାଇଁ, ଜନସେବା ପାଇଁ ତଥା କିଛି ନୂଆ କାମ କରିବା ପାଇଁ ନିଜକୁ ସମ୍ପୂର୍ଣ୍ଣ ସମର୍ପଣ କରିଥିବା ଅଥଚ ଦୃଷ୍ଟି ଆଢୁଆଳରେ ରହିଯାଇଥିବା ପ୍ରତିଭାମାନଙ୍କୁ ଲୋକଲୋଚନକୁ ଆଣିଛନ୍ତି କେନ୍ଦ୍ରର ମୋଦି ସରକାର। ହଳଧର ନାଗ, ମିତ୍ରଭାନୁ ଗୌନ୍ତିଆଙ୍କଠାରୁ ଆରମ୍ଭ କରି ଦୈତାରୀ ନାୟକ ଓ ପୂର୍ଣ୍ଣମାସୀ ଜାନିଙ୍କ ପର୍ଯ୍ୟନ୍ତ ଅନେକ ଏକନିଷ୍ଠ ନୀରବ ସାଧକମାନଙ୍କୁ ଯଥୋଚିତ ସମ୍ମାନ ପ୍ରଦାନ କରିଛନ୍ତି ଏବେର କେନ୍ଦ୍ର ସରକାର। ଗୁଣ ଚିହ୍ନିବାରେ ମୋଦି ସରକାର ସଦା ଅଗ୍ରଣୀ।

ଓଡ଼ିଶା କେବଳ କଳା କାରିଗରିର ଖଣ୍ଡ ନୁହେଁ, ପ୍ରାକୃତିକ ବିପର୍ଯ୍ୟୟ ଯଥା: ବଢ଼ି, ଝଡ଼ି ଓ ମରୁଡ଼ିର ଚରାଭୂଇଁ ମଧ୍ୟ। ସମ୍ରାଟ୍ ଖାରବେଳଙ୍କ ରାଜତ୍ୱର ପ୍ରଥମ ବର୍ଷ ଓଡ଼ିଶାରେ ଭୟଙ୍କର ମହାବାତ୍ୟା ସଂଘଟିତ ହୋଇଥିଲା ବୋଲି ଗବେଷକମାନେ ମତ ଦିଅନ୍ତି। ସମ୍ବେଦନଶୀଳ ମୋଦିଜୀ ଓଡ଼ିଶାର ପ୍ରାକୃତିକ ବିପର୍ଯ୍ୟୟ ପ୍ରତି ସଦା ସହାନୁଭୂତିଶୀଳ। ଓଡ଼ିଶାର ବାତ୍ୟା ପ୍ରସ୍ତୁତି ସମ୍ପର୍କରେ ସେ କେବଳ ଆଗୁଆ ସମୀକ୍ଷା କରନ୍ତି ନାହିଁ, ଆବଶ୍ୟକ ଅର୍ଥର ବନ୍ଦୋବସ୍ତ ମଧ୍ୟ କରନ୍ତି। ୨୦୧୯ ମସିହାରେ ଫନୀ ବାତ୍ୟା ସମୟରେ ସେ ୧ ହଜାର କୋଟି ଟଙ୍କାର ମଧ୍ୟବର୍ତ୍ତିକାଳୀନ ସହାୟତା ଘୋଷଣା କରିଥିଲେ ଏବଂ ବାତ୍ୟା ସ୍ଥଳଭାଗ ଛୁଇଁବା ପୂର୍ବରୁ ଅଗ୍ରିମ ୩୪୧ କୋଟି ଟଙ୍କା ସହାୟତା ମଞ୍ଜୁର କରାଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଫନୀ କ୍ଷତିଗ୍ରସ୍ତଙ୍କ ପାଇଁ ଅତିରିକ୍ତ ୩,୩୩୮ କୋଟି ଅର୍ଥାତ୍ ମୋଟ ୪,୬୭୮ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମୋଦି ସରକାର ପ୍ରଦାନ କରିଥିଲେ। ପୁନଶ୍ଚ ୨୦୨୧ ୟସ୍ ବାତ୍ୟା ବେଳେ ମୋଦିଜୀ ଭୁବନେଶ୍ୱର ଆସି ଓଡ଼ିଶାରେ ବାତ୍ୟାଜନିତ କ୍ଷୟକ୍ଷତିର ସମୀକ୍ଷା କରିବା ସହିତ ଆକାଶ ମାର୍ଗରୁ କ୍ଷୟକ୍ଷତିର ସର୍ବେକ୍ଷଣ କରିଥିଲେ। ସରକାର ଦାବି କରିବା ପୂର୍ବରୁ ସେ ୫ଶହ କୋଟି ଟଙ୍କାର ସହାୟତା ରାଶି ମଧ୍ୟ ଘୋଷଣା କରିଥିଲେ। ବିଶ୍ୱ ମହାମାରୀ କୋଭିଡ୍-୧୯ ସମୟରେ ପ୍ରଧାନମନ୍ତ୍ରୀ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦେବେନ୍ଦ୍ର ପ୍ରଧାନ, ସମାଜସେବୀ ନନ୍ଦକିଶୋର ସାହୁ, ବୃନ୍ଦାବନ କଳସ ଏବଂ କିଷାନ ସାହୁଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ।

ଊନବିଂଶ ଶତାବ୍ଦୀରେ ବ୍ରିଟିଶ୍ ବିରୋଧୀ ଆନ୍ଦୋଳନ ମଧ୍ୟରେ ପାଇକ ବିଦ୍ରୋହ ଏକ ଗୁରୁତ୍ୱପୂର୍ଣ୍ଣ ମୁକ୍ତି ସଂଗ୍ରାମ। ଏହି ଅଦ୍ୱିତୀୟ ସଂଗ୍ରାମକୁ ଦେଶବ୍ୟାପୀ ପାଳନ କରିବା ପାଇଁ କେନ୍ଦ୍ର ସରକାରଙ୍କ ତରଫରୁ ୨୦୦ କୋଟି ଟଙ୍କାର ଅନୁଦାନ ପ୍ରଦାନ କରାଯାଇଥିଲା। ୨୦୧୮ ମସିହା ସେପ୍ଟେମ୍ବର ମାସରେ ରାଉରକେଲାଠାରେ ପ୍ରଧାନମନ୍ତ୍ରୀ ପାଇକ ଇତିହାସର ସ୍ମାରକୀ ମୁଦ୍ରା ଓ ଡାକ ଟିକଟ ଲୋକାର୍ପଣ କରିଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟରେ ଗବେଷଣା ଚେୟାର ସ୍ଥାପନ କରିବା ପାଇଁ ମଧ୍ୟ ଘୋଷଣା କରାଯାଇଛି। ୨୦୧୯ ମସିହା ଡିସେମ୍ବର ମାସରେ ଭାରତର ତତ୍କାଳୀନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ବରୁଣେଇଠାରେ ପାଇକ ବିଦ୍ରୋହ ସ୍ମାରକୀ ପ୍ରତିଷ୍ଠା ନିମନ୍ତେ ଶିଳାନ୍ୟାସ କରିଥିଲେ। ଓଡ଼ିଆ ଜାତିର ବୀରତ୍ୱର ଗାଥାକୁ ସର୍ବଭାରତୀୟ ସ୍ତରରେ ସ୍ୱୀକୃତି ଦେବା କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ପ୍ରଶଂସନୀୟ ଭୂମିକା ରହିଆସିଛି।

କଳା, ସାହିତ୍ୟ ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବ୍ୟକ୍ତିବିଶେଷଙ୍କୁ ରାଜ୍ୟ ସଭାକୁ ମନୋନୀତ କରିବା ଏକ ସାମ୍ବିଧାନିକ ବ୍ୟବସ୍ଥା। ପ୍ରଥମ ଥର ପାଇଁ ବର୍ତ୍ତମାନର କେନ୍ଦ୍ର ସରକାର ବିଶିଷ୍ଟ ସ୍ଥପତି ସ୍ୱର୍ଗତ ରଘୁନାଥ ମହାପାତ୍ର ଏବଂ ଖ୍ୟାତନାମା ଓଡ଼ିଶୀ ନୃତ୍ୟାଙ୍ଗନା ସୋନାଲ ମାନ ସିଂଙ୍କୁ ରାଜ୍ୟ ସଭାକୁ ମନୋନୀତ କରିଥିଲେ। ଓଡ଼ିଶା ପ୍ରତି ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ସକାରାତ୍ମକ ମାନସିକତାର ଏହା ଉଜ୍ଜ୍ୱଳ ଦୃଷ୍ଟାନ୍ତ।

'ମନ୍ କୀ ବାତ୍' ଆମ ଲୋକପ୍ରିୟ ପ୍ରଧାନମନ୍ତ୍ରୀଙ୍କର ଏକ ଜନାଦୃତ କାର୍ଯ୍ୟକ୍ରମ। ସେହି କ୍ରମରେ ସେ ଓଡ଼ିଶାର ଅନେକ ନିଷ୍ଠାପର ତଥା ସର୍ଜନଶୀଳ ପ୍ରତିଭାଙ୍କ ସହିତ ବାର୍ତ୍ତାଳାପ କରିଛନ୍ତି। ନୀଳଗିରିର ଆଶାକର୍ମୀ ଯମୁନାମଣି ସିଂ, ଗରିବ ପିଲାମାନଙ୍କୁ ପାଠ ପଢ଼ାଉଥିବା କଟକର ଚା' ଦୋକାନୀ ସ୍ୱର୍ଗତ ଡି. ପ୍ରକାଶ ରାଓ, ନର୍ଦ୍ଦମା ନିଷ୍କାସନ ସମ୍ପର୍କରେ ମୌଳିକ ପରାମର୍ଶ ଦେଇଥିବା ଭୁବନେଶ୍ୱରର ସିତାଂଶୁ ମୋହନ ପରିଡ଼ା, ଚିତ୍ରଶିଳ୍ପୀ ବିଜୟ ବିଶ୍ୱାଳ, ଟିଙ୍ଗାରି ଆପ୍‌ର ସହ ପ୍ରତିଷ୍ଠାତା ବିଶ୍ୱାତ୍ମା ନାୟକ, ସାମରିକ ଓ ଅର୍ଦ୍ଧସାମରିକ ତାଲିମଦାତା ସିଲୁ ନାୟକ, କୋଭିଡ୍ ଟିକାକରଣ ବିଷୟରେ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଥିବା ପୁଷ୍ପା ଶୁକ୍ଳା, କ୍ଷୁଦ୍ର ଜଙ୍ଗଲ ସୃଷ୍ଟି କରିଥିବା ଅମରେଶ ସାମନ୍ତ, ହେନ୍ତାଳ ବନ ସୃଷ୍ଟି କରିଥିବା ବିଜୟ କୁମାର କବି, ୟୁଟ୍ୟୁବ୍‌ର ଚର୍ଚ୍ଚିତ ଚେହେରା ଇସାକ ମୁଣ୍ଡା ଏବଂ ପୁରୀକୁ ପ୍ଲାଷ୍ଟିକମୁକ୍ତ କରୁଥିବା ରାହୁଲ ମହାରଣାଙ୍କ ସମ୍ପର୍କରେ ମୋଦିଜୀ ନିଜ 'ମନ୍ କୀ ବାତ୍'ରେ ଉଲ୍ଲେଖ କରିଥିଲେ। ଓଡ଼ିଶାର ଏତେ ସଂଖ୍ୟକ ଲୋକଙ୍କ ସହିତ ଭାବ ବିନିମୟ କରିବା ତାଙ୍କ ଓଡ଼ିଶା ପ୍ରୀତିର ପରିଚାୟକ।

ଉଚ୍ଚ ଶିକ୍ଷା କ୍ଷେତ୍ରରେ କେନ୍ଦ୍ର ସରକାର ଓଡ଼ିଶାକୁ ମଧ୍ୟ ଯଥେଷ୍ଟ ଗୁରୁତ୍ୱ ପ୍ରଦାନ କରୁଛନ୍ତି। ୨୦୧୫ ମସିହାରେ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଦେଶରେ ଛଅ ଗୋଟି ନୂଆ ଆଇଆଇଏମ୍ ଖୋଲିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଓଡ଼ିଶା ଭାଗରେ ପଡ଼ିଥିଲା ଗୋଟିଏ, ସମ୍ବଲପୁର ଆଇଆଇଏମ୍। କେବଳ ଆଇଆଇଏମ୍ ନୁହେଁ, ବ୍ରହ୍ମପୁରରେ ଆଇଜର (ଭାରତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ସଂସ୍ଥା) ଖୋଲିବା ପାଇଁ ନିଷ୍ପତ୍ତି ନେଇଥିଲେ ମୋଦି ସରକାର।

ଏବଂ ସର୍ବୋପରି ଦେଶରେ ଓଡ଼ିଆ ଅସ୍ମିତା ପ୍ରତିଷ୍ଠିତ ହୋଇଛି ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ମାଧ୍ୟମରେ। ଆଜି ଦେଶର ରାଷ୍ଟ୍ରପତି ଜଣେ ଓଡ଼ିଆ ଝିଅ, ଆଦିବାସୀ ମହିଳା। ଏହା ଭାରତବର୍ଷର ନେତୃତ୍ୱର ଅଭୂତପୂର୍ବ ପରାକାଷ୍ଠା ନୁହେଁ କି?

– ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ, ଭାରତ ସରକାର

## ଲେଖକ ସାମ୍ମୁଖ୍ୟର ମାସିକ ସାହିତ୍ୟ ଆସର

ରାଉରକେଲା ଅଫିସ,୪।୮

ରାଉରକେଲା ଛେଣ୍ଡ ସ୍ଥିତ ଗୋପବନ୍ଧୁ ପାଠାଗାରର ସତ୍ୟବାଦୀ ହଲ୍‌ରେ ସୁନ୍ଦରଗଡ ଜିଲା ଲେଖକ ସାମ୍ମୁଖ୍ୟର ମାସିକ ଆସର ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ଇଂ. ଅଭୟ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ଏଥିରେ ବିଶିଷ୍ଟ ସାହିତ୍ୟିକ ଭୂପେନ ମହାପାତ୍ର ମୁଖ୍ୟ ଅତିଥି, ଗୀତାଞ୍ଜଳି ପତ୍ରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଡଲିରାଣୀ ବ୍ରହ୍ମାଙ୍କ ସଭାପତିତ୍ୱରେ ଏକ କବିତା ଓ ଗଳ୍ପପାଠ ଉତ୍ସବକୁ କବି ତଥା ଗାୟିକା ସ୍ମିତା ମିଶ୍ର ଉଦ୍‌ଘାଟନ କରିଥିଲେ। ଏଥିରେ ରାଉରକେଲାର କବୟିତ୍ରୀ ଓ କବିମାନେ ଉପସ୍ଥିତ ରହି ନିଜସ୍ୱ ରଚିତ ଗଳ୍ପ ଓ କବିତା ପାଠ କରିଥିଲେ। ପ୍ରାରମ୍ଭରେ ସାଧାରଣ ସମ୍ପାଦିକା ରଶ୍ମିବାଳା ରାଉତରାୟ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଇଂ. ଅଶୋକ କୁମାର ପଟ୍ଟନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ପରେ କବିତା ପତ୍ରିକା ଝର୍କା-୨କୁ ଅତିଥିମାନେ ଉନ୍ମୋଚିତ କରିଥିଲେ। ଉପସଭାପତି ଚିତ୍ତ ରଞ୍ଜନ ବ୍ରହ୍ମା ଧନ୍ୟବାଦ ଅର୍ପଣ କରିଥିଲେ।

# ଡବ୍ଲ୍ୟୁଓଡିସି ଅଧ୍ୟକ୍ଷଙ୍କ ରାଉରକେଲା ଗସ୍ତ

- ସୁନ୍ଦରଗଡ଼ ଜିଲାର ଉନ୍ନୟନ ମୂଳକ କାର୍ଯ୍ୟ ସମୀକ୍ଷା କଲେ
- ରାଉରକେଲାରେ କ୍ରୀଡ଼ା ଭିତ୍ତିଭୂମିର ଅନୁଧ୍ୟାନ, ଓଏସଏପି କ୍ୟାମ୍ପସରେ କଲ୍ୟାଣ ମଣ୍ଡପର ଉଦଘାଟନ କଲେ

ଭୁବନେଶ୍ୱର,୪।୮(ବ୍ୟୁରୋ)

ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ତଥା ପଶ୍ଚିମ ଓଡ଼ିଶା ବିକାଶ ପରିଷଦ(ଡବ୍ଲ୍ୟୁଓଡିସି )ର ଅଧ୍ୟକ୍ଷ ଅସିତ ତ୍ରିପାଠୀ ରାଉରକେଲା ଗସ୍ତରେ ଆସି ସୁନ୍ଦରଗଡ଼ ଜିଲ୍ଲାରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ଏଥିସହ ସେ ରାଉରକେଲାରେ ଚାଲିଥିବା କ୍ରୀଡ଼ା ଭିତ୍ତିଭୂମିର ନିର୍ମାଣ କାର୍ଯ୍ୟ ବୁଲି ଦେଖିବା ସହ କେତେକ ଜନକଲ୍ୟାଣ ପ୍ରକଳ୍ପର ଉଦଘାଟନ କରିଛନ୍ତି ।

ରାଉରକେଲା ମହାନଗର ନିଗମର ସମ୍ମିଳନୀ କକ୍ଷଠାରେ ସୁନ୍ଦରଗଡ଼ ଜିଲ୍ଲାର ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ କୃଷି, ମତ୍ସ୍ୟ ଓ ପ୍ରାଣୀସମ୍ପଦ ଉଦ୍ୟୋଗ ସହିତ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଶିଳ୍ପ ଆଦି କ୍ଷେତ୍ରରେ କିପରି ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇପାରିବ ତା'ଉପରେ ଗୁରୁତ୍ୱ ଦେବା ପାଇଁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ବୈଠକ ଶେଷରେ ତ୍ରିପାଠୀ କହିଥିଲେ ଯେ, "ସୁନ୍ଦରଗଡ଼ ଜିଲ୍ଲାରେ ବିଭିନ୍ନ ଅର୍ଥକାରୀ ଫସଲ ଡାଲିଜାତୀୟ, ତୈଳବୀଜ ସହିତ ପନିପରିବା ଚାଷ କରାଯାଉଛି। ଚାଷୀମାନଙ୍କ ଉତ୍ପାଦର ଠିକ ବଜାର ସଂଯୋଗୀକରଣ କରାଯାଇ ସେମାନଙ୍କୁ କିପରି ଉଚିତ ମୂଲ୍ୟ ପ୍ରଦାନ କରାଯିବ ତା' ଉପରେ ବିଶେଷ ପଦକ୍ଷେପ ନିଆଯାଉଛି।"



ଗୁରୁବାର ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସିତ ତ୍ରିପାଠୀ ରାଉରକେଲାରେ ବିଭିନ୍ନ ଉନ୍ନୟନ ପ୍ରକଳ୍ପ ବୁଲି ଦେଖୁଛନ୍ତି।

ଅଧ୍ୟକ୍ଷ ରାଉରକେଲାରେ ନିର୍ମାଣାଧୀନ କ୍ରୀଡ଼ା ଭିତ୍ତିଭୂମିର ଅଗ୍ରଗତି ଅନୁଧ୍ୟାନ କରିଥିଲେ। ବିପିୟୁଟି କ୍ୟାମ୍ପସରେ ଚାଲିଥିବା ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମର କାର୍ଯ୍ୟ ସେ ବୁଲି ଦେଖିଥିଲେ। ମୁଖ୍ୟ ଷ୍ଟାଡିୟମ ସହ ଅଭ୍ୟାସ ପଡ଼ିଆ, ଦର୍ଶକ ଗ୍ୟାଲେରୀ, ଫ୍ୟାସିଲିଟି ସେଣ୍ଟର ଆଦି ଦେଖିଥିଲେ।

ବିଶ୍ରା ଛକଠାରେ ନିର୍ମାଣାଧୀନ ବିର୍ସା ମୁଣ୍ଡା ଫୁଟବଲ ଷ୍ଟାଡିୟମର ସେ ଅଗ୍ରଗତି ସମୀକ୍ଷା କରିଥିଲେ। ଷ୍ଟାଡିୟମ ନିର୍ମାଣ କାମ ନିର୍ଦ୍ଧାରିତ ସମୟ ସୁଦ୍ଧା ଶେଷ କରିବା ଲାଗି ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ସେହିପରି ତ୍ରିପାଠୀ ବିପିୟୁଟି କ୍ୟାମ୍ପସରେ ଥିବା ସିପେଟ୍ କେନ୍ଦ୍ର ପରିଦର୍ଶନ କରିଥିଲେ। ସରକାରଙ୍କ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅଧୀନରେ ପ୍ଲାଷ୍ଟିକ ଟେକ୍ନୋଲୋଜିରେ ଯୁବକ ଯୁବତୀଙ୍କୁ ଦିଆଯାଉଥିବା ତାଲିମ ବିଷୟରେ ପଚାରି ବୁଝିଥିଲେ।

ରାଉରକେଲା ଗସ୍ତ ଅବସରରେ ତ୍ରିପାଠୀ ସେକ୍ଟର-୨୧ସ୍ଥିତ ଓଏସଏପି କ୍ୟାମ୍ପସରେ ନୂଆକରି ନିର୍ମାଣ କରାଯାଇଥିବା ଏକ କଲ୍ୟାଣ ମଣ୍ଡପର ଉଦଘାଟନ କରିଥିଲେ। ଏହି କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଣ୍ଠିରୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି। ଏହାସହ ସେ ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକୋତର କମ୍ପ୍ୟୁଟର ସାଇନ୍ସ ବିଭାଗର ଉଦଘାଟନ କରିଥିଲେ।

ଏହି କାର୍ଯ୍ୟକ୍ରମରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ସିଇଓ ଡକ୍ଟର ଅଜିତ କୁମାର ମିଶ୍ର, ସୁନ୍ଦରଗଡ଼ ଜିଲ୍ଲାପାଳ ଡାକ୍ତର ପରାଗ ହର୍ଷଦ ଗାଭାଲି, ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମ କମିଶନର ଡାକ୍ତର ଶୁଭଙ୍କର ମହାପାତ୍ର, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଭୈରବ ସିଂ ପଟେଲ ଏବଂ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ବୈଷୟିକ ପରାମର୍ଶଦାତା ସୁନୀଲ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲା ବିଜେଡି

### କୁଚିଣ୍ଡାରେ ଆଇଟିଆଇ ସ୍ଥାପନ ପ୍ରସଙ୍ଗ

କୁଚିଣ୍ଡା,୪।୮ (ଡି.ଏନ.ଏ.)

କୁଚିଣ୍ଡାରେ ଆଇଟିଆଇ କେନ୍ଦ୍ର ଖୋଲିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପରେ କୁଚିଣ୍ଡା ବିଜେଡ଼ି ପକ୍ଷରୁ ତାଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଗୁରୁବାର ସ୍ଥାନୀୟ ପୂର୍ତ୍ତ ବିଭାଗ ବଙ୍ଗଳାଠାରେ ବିଜେଡ଼ି ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ, ସମ୍ବଲପୁର ଜିଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାୟକ ଯୋଗଦେଇ କୁଚିଣ୍ଡା ଭଳି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ସରକାର ଏକ ଆଇଟିଆଇ କେନ୍ଦ୍ର ସ୍ଥାପନ ପାଇଁ ଘୋଷଣା କରିବା ଖୁସିର ବିଷୟ ବୋଲି କହିଥିଲେ। ଏହାଦ୍ୱାରା ପ୍ରତିବର୍ଷ କୁଚିଣ୍ଡା ଅଞ୍ଚଳର ୨୪୦ ଗରିବ ମେଧାବୀ ପିଲା ୪ଟି ଟ୍ରେଡରେ ଶିଳ୍ପ ତାଲିମ ପାଇ ଆଖପାଖରେ ଗଢି ଉଠିଥିବା ଶିଳ୍ପାନୁଷ୍ଠାନରେ ନିଯୁକ୍ତି ପାଇପାରିବେ ବୋଲି ବୋଲି ମତବ୍ୟକ୍ତ କରିଥିଲେ। ଏଥିପାଇଁ କୁଚିଣ୍ଡା ବ୍ଲକର ଅର୍ଡାବାହାଲଠାରେ ସ୍ଥାନ ନିରୂପଣ ହୋଇଥିବା ସେମାନେ ସୂଚନା ଦେଇଥିଲେ। ଏହାଛଡ଼ା ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁସାରେ ୨୦୨୪ ସୁଦ୍ଧା କୁଚିଣ୍ଡା ଉପଖଣ୍ଡରେ ସମସ୍ତ ଚେକ୍‌ଡ୍ୟାମର ନିର୍ମାଣ ଶେଷ ହୋଇ କାର୍ଯ୍ୟକ୍ଷମ ହେବ ବୋଲି କହିଥିଲେ। ଖବରଦାତା ସମ୍ମିଳନୀରେ ଜିଲାପରିଷଦ ସଭ୍ୟ କୃଷ୍ଣଚନ୍ଦ୍ର ଟପୋ, ବିଜେଡି ଜିଲା ଉପସଭାପତି ପ୍ରଦୀପ ମିଶ୍ର, ସମ୍ପାଦକ ସନ୍ତୋଷ ବାରିକ, କୁଚିଣ୍ଡା ବ୍ଲକ ସଭାପତି ଅମୂଲ୍ୟ ମିଶ୍ର, ନଗର ସଭାପତି ସଞ୍ଜୟ ବେହେରା, ନଗର ଛାତ୍ର ସଭାପତି ଅଭିଳାଷ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ ।

## ବିଗୁଡୁଛି ଆଇନଶୃଙ୍ଖଳା: ଏସ୍‌ପିଙ୍କୁ ଭେଟିଲା ବିଚାରମଞ୍ଚ

ସମ୍ବଲପୁର,୪।୮(ବ୍ୟୁରୋ)

ସହରରେ ଦିନକୁ ଦିନ ଆଇନଶୃଙ୍ଖଳା ପରିସ୍ଥିତି ବିଗିଡିବାରେ ଲାଗିଛି। ଏହାକୁ ନେଇ ଗୁରୁବାର ସମ୍ବଲପୁର ବିଚାରମଞ୍ଚ ସଦସ୍ୟ ଏସ୍‌ପି ବାତୁଲା ଗଙ୍ଗାଧରଙ୍କୁ ଭେଟି ଆଲୋଚନା କରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି, ସହରରେ ଚୋରି, ଡକାୟତି, ଲୁଟ୍, ହତ୍ୟା, ରାହାଜାନି, ବଳାତ୍କାର, ଚୋରା ବନ୍ଧୁକ ଚାଲାଣ, ଅବାଧ ନିଶା କାରବାର ଭଳି ଅପରାଧିକ କାର୍ଯ୍ୟ ବୃଦ୍ଧି ପାଉଛି। ଜନସାଧାରଣ ନିରାପଦ ମନେକରୁ ନାହାନ୍ତି। ଟ୍ରାଫିକ ସମସ୍ୟା ମଧ୍ୟ ଜଟିଳ ହୋଇପଡିଛି। ସନ୍ଧ୍ୟା ସମୟରେ ଘଣ୍ଟା ଘଣ୍ଟା ଧରି ରାସ୍ତା ଜାମ ରହୁଛି। ପୋଲିସ ସେବା ଯୋଗାଇଦେବା ସହ ସ୍ଥାୟୀ ସମାଧାନ ଦାବି କରିଥିଲେ। ବିଚାରମଞ୍ଚ ଆବାହକ ବେଣୁଧର ଦାଶ, ସରୋଜ ଦାଶ, ସୁବାସ ଚନ୍ଦ୍ର ମିଶ୍ର, ଦୁର୍ଗା ମାଧବ ମିଶ୍ର, ବିରେନ୍ଦ୍ର ରାଏ, ପ୍ରଦୀପ ସୂପକାର, ସୁବାସ ମହାପାତ୍ର, ମୁକେଶ ଜରିୱାଲ, ଡମ୍ବରୁଧର ନାଏକ, ଅନ୍ନପୂର୍ଣ୍ଣା ବାରିକ, ରୁନୁ ପ୍ରଧାନ, ମମତା ପଣ୍ଡା, ରୁକ୍ମିଣୀ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ ।

# ଅନଶନକାରୀ କାଉନସିଲରଙ୍କ ସମର୍ଥନରେ ଭାଜପାର ଧାରଣା ଜାରି

**୧୫ଦଫା ଦାବିରେ କାଉନସିଲରମାନଙ୍କ ଆମରଣ ଅନଶନ ୧୧ ଦିନରେ**

ଦେବଗଡ଼,୪।୮(ଡି.ଏନ୍.ଏ)

ଦେବଗଡ଼ ପୌର ପରିଷଦ ମହାଦୁର୍ନୀତିର ତଦନ୍ତ ସମେତ ୧୫ଦଫା ଦାବିରେ ୭ଜଣ କାଉନସିଲର (ଉପାଧ୍ୟକ୍ଷଙ୍କ ସମେତ)ଗତ ୨୫ତାରିଖଠାରୁ ଆମରଣ ଅନଶନ ଚଳାଇଥିବାବେଳେ ଗୁରୁବାର ୧୧ଦିନରେ ପହଞ୍ଚିଛି। ଏଣେ ଅନଶନକାରୀ କାଉନସିଲରଙ୍କ ସମର୍ଥନରେ ଭାଜପା ପକ୍ଷରୁ ବୁଧବାରଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଜାରି ରହିଛି। ଅନଶନକାରୀ ୨ଜଣ ମହିଳା କାଉନସିଲର ଗୁରୁତର ଅସୁସ୍ଥ ହେବାରୁ ସେମାନଙ୍କୁ ମଙ୍ଗଳବାର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଅନ୍ୟ



ଦେବଗଡରେ ଧାରଣା ଜାରି ରହିଛି।

୫ ଜଣ କାଉନସିଲରଙ୍କର ଅନଶନ ଏବେ ମଧ୍ୟ ଜାରି ରହିଛି। ସେହିପରି ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଅନଶନ ଜାରି ରହିବ ବୋଲି ସେମାନେ ଜିଦ ଧରିଛନ୍ତି। ଏହା ସତ୍ତ୍ୱେ ଦାବି ପୂରଣ ପାଇଁ ପ୍ରଶାସନ ପକ୍ଷରୁ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ଅନଶନକାରୀଙ୍କ ମଧ୍ୟରେ ଦିନକୁ ଦିନ ଅସନ୍ତୋଷ ବୃଦ୍ଧି ପାଇବା ସହ ପରିସ୍ଥିତି ଦିନକୁ ଦିନ ଉଗ୍ର ହେବାକୁ ଯାଉଛି। ଅନଶନକାରୀ କାଉନସିଲରମାନଙ୍କ ସମର୍ଥନରେ ଜିଲା ଭାଜପା ଯୁବମୋର୍ଚ୍ଚା ଓ ଜିଲା ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା ପକ୍ଷରୁ ଗୁରୁବାର ସନ୍ଧ୍ୟାରେ ମଧ୍ୟ ବହୁ ଭାଜପା ନେତା ଓ କର୍ମୀ ଜିଲା ଭାଜପା ଯୁବ ମୋର୍ଚ୍ଚା ସଭାପତି ସନ୍ତୋଷ ଭୂତିଆ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁଧିର କୁମାର ବ୍ରହ୍ମା ଓ ନଗର ଭାଜପା ସମ୍ପାଦକ ରମଣୀରଞ୍ଜନ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କିଛି ସମୟ ପାଇଁ ଧାରଣାରେ ବସିଥିଲେ। ସୂଚନାଯୋଗ୍ୟ ଯେ, ଉପରୋକ୍ତ ୧୫ ଦଫା ଦାବିରେ ଦେବଗଡ ପୌର ପରିଷଦର ଉପାଧ୍ୟକ୍ଷ ପ୍ରଜିତ କୁମାର ଭୋଜ, ସ୍ୱାଧୀନ କାଉନସିଲର ଧର୍ମେନ୍ଦ୍ର କୁମାର ଦେବତା, ଭାଜପା କାଉନସିଲର ମଧୁସୂଦନ ବାଘ, ପିଙ୍କି ସାହୁ, ସରୋଜିନୀ ମୁଣ୍ଡା, ଇତିଶ୍ରୀ ମିଶ୍ର ଓ କାର୍ତ୍ତିକ ମହାକୁଳ ଗତ ୨୫ ତାରିଖ ଆମରଣ ଅନଶନ ଆରମ୍ଭ କରିଥିଲେ। ସେମାନଙ୍କ ମଧ୍ୟରୁ ମହିଳା କାଉନସିଲର ସରୋଜିନୀ ମୁଣ୍ଡା ଓ ଇତିଶ୍ରୀ ମିଶ୍ର ଅସୁସ୍ଥତା କାରଣରୁ ବର୍ତ୍ତମାନ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧିନ ଥିବାବେଳେ ଅନ୍ୟ ୫ ଜଣ କାଉନସିଲର ଦେବଗଡ ପୌର ପରିଷଦ କାର୍ଯ୍ୟାଳୟ ବାରଣ୍ଡାରେ ଆମରଣ ଅନଶନଜାରି ରଖିଥିବା ଜଣାପଡିଛି। ଆଜିର ଧାରଣାରେ ଅନ୍ୟମାନଙ୍କ ମଧ୍ୟରେ ଉମେଶ ନାୟକ, କିଷ୍ଣା ଯାଦବ, ରାଜୀବ ମହାକୁଳ , ବିକାଶ କୁମାର ଦେବ, ଅଟଳ ବିହାରୀ ସ୍ୱାଇଁ ଓ ବୁଟଲୀ ଯାଦବ ପ୍ରମୁଖ ସାମିଲ ଥିବା ଜଣାପଡିଛି।

## ସଂକ୍ଷେପରେ

### ଜୀବୀୟ୍ ନିଷ୍ଠୁରତା ନିବାରଣ ସମିତି ବୈଠକ



ଦେବଗଡ଼,୪।୮(ଡି.ଏନ.ଏ): ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ଗୁରୁବାର ଜୀବୀୟ୍ ନିଷ୍ଠୁରତା ନିବାରଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ସତ୍ୟରଞ୍ଜନ ରାଉତ ଯୋଗଦେଇ ଉକ୍ତ ସମିତିର ପୁନଃଗଠନ ଓ ସଦସ୍ୟ ସଂଗ୍ରହ ପ୍ରକ୍ରିୟା ଉପରେ ଆଲୋକପାତ କରିଥିଲେ । ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର କ୍ଷୀରୋଦ ଚନ୍ଦ୍ର ପଟେଲ ନୂତନ ଗୋଶାଳା ନିର୍ମାଣ ନିମନ୍ତେ ସରକାରୀ ଅନୁଦାନ ସମ୍ପର୍କରେ ନିଜର ମତ ଉପସ୍ଥାପନ କରିଥିଲେ । ଏହି ଅବସରରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅଙ୍କୁର ମଲ୍ଲିକଙ୍କୁ ସମିତିର ଉପସଭାପତି ଓ ରାଜକିଶୋର ନାୟକଙ୍କୁ ଅଫିସିଆଲ ଉପ ସଭାପତି ଭାବେ ମନୋନିତ କରାଯାଇଥିଲା। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ପୌର ପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଈ, ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରା, ଆଞ୍ଚଳିକ ପରିବହନ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଡାକ୍ତର ପ୍ରଣତି ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ଇଞ୍ଜିନିୟରିଂ ପାଠୁଆ ହାଇଟେକ ଚାଷୀ

**ସୁନ୍ଦରଗଡ଼,୪।୮(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ଟାଙ୍ଗରପାଲି ପଞ୍ଚାୟତ ସମିତି ଅନ୍ତର୍ଗତ ସାନପତ୍ରାପାଲି ରାଜସ ଗ୍ରାମର ଜଣେ ସଫଳ ଚାଷୀ ହେଉଛନ୍ତି ମହେଶ୍ୱର ନାଏକ(୩୨)। ଶ୍ରୀୟା ନାଏକ ଓ ସ୍ୱର୍ଗତ ଶୁକ୍ରୁ ନାଏକଙ୍କ ମଝିଆ ପୁଅ ମହେଶ୍ୱର। ପିଲାଟି ଦିନରୁ ପାଠପଢ଼ାରେ ଭାରି ଆଗ୍ରହ। ପିଲାଟି ଦିନରୁ ବାପାଙ୍କୁ ହରାଇଥିବା ମହେଶ୍ୱର ବଡଭାଇଙ୍କ ସହିତ ଖାଲି ସମୟରେ ଚାଷକାର୍ଯ୍ୟରେ ମନୋନିବେଶ କରିବାକୁ ଭଲପାଆନ୍ତି। ପରିବାର ସଦସ୍ୟଙ୍କ ଉତ୍ସାହ ଦ୍ୱାରା ବାରିପଦାରେ ଡିପ୍ଲୋମା ପଢ଼ିବା ପରେ ମହେଶ୍ୱର ପରବର୍ତ୍ତୀ ସମୟରେ ୨୦୧୯ରେ ବି-ଟେକ ପାଠ ସମ୍ପୂର୍ଣ୍ଣ କରିଛନ୍ତି। ଡିସେମ୍ବର ୧, ୨୦୧୭ରୁ ଉଜ୍ଜଳପୁର ବନାଞ୍ଚଳରେ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ କାମ ଆରମ୍ଭ ହୋଇଥିଲା। ଏଥିରେ ମହେଶ୍ୱରଙ୍କ ନିଜ ଗ୍ରାମ ସାନପତ୍ରାପାଲି ବନ ସୁରକ୍ଷା ସମିତିକୁ ସାମିଲ କରାଯାଇ ଜଙ୍ଗଲ ସୁରକ୍ଷା ସହିତ ଜୀବନ ଜୀବିକାର ବିକାଶ ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଗଲା। ଉଜ୍ଜଳପୁର ବନାଞ୍ଚଳ ତଥା ସହଯୋଗୀ ଅନୁଷ୍ଠାନ ସେବକର ମିଳିତ ଉଦ୍ୟମରେ ବିଭିନ୍ନ ଏକାଭିମୁଖୀତା କାର୍ଯ୍ୟକ୍ରମ ଅଧୀନରେ ସାନପତ୍ରାପାଲି ବନ ସୁରକ୍ଷା ସମିତି କାର୍ଯ୍ୟାଳୟରେ କୃଷି ବିଭାଗ, ଉଦ୍ୟାନ ବିଭାଗ ତଥା ଆଇଟିଡିଏ ତରଫରୁ ବିଭିନ୍ନ କୃଷି ଭିତ୍ତିକ ତାଲିମ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ପ୍ରତ୍ୟେକଟି ତାଲିମ କାର୍ଯ୍ୟକ୍ରମ ତଥା ବନ ସୁରକ୍ଷା ସମିତିର ସଭାରେ ସକ୍ରିୟ ଅଂଶ ଗ୍ରହଣ କରିଥିବାରୁ ମହେଶ୍ୱରଙ୍କୁ ତାଲିମ ସଙ୍ଗେ ସଙ୍ଗେ ବିଭିନ୍ନ ହାଇବ୍ରିଡ ମଞ୍ଜି ଯଥା ବିଲାତି, ବାଇଗଣ, କାକୁଡି, ଝୁଡଙ୍ଗ, ସୋରିଷ ଇତ୍ୟାଦି ନିଶୁଳ୍କ ବଣ୍ଟନ କରାଯାଇଥିଲା। ସହଯୋଗୀ ଅନୁଷ୍ଠାନ ସେବକର କର୍ମକର୍ତ୍ତାମାନେ ସମନ୍ୱିତ କୃଷି ଯୋଜନା ପ୍ରସ୍ତୁତ କରିବାରେ ସହଯୋଗ କରି ମହେଶ୍ୱରଙ୍କୁ ପ୍ରତ୍ୟେକ ସମୟରେ ବିଭିନ୍ନ ପନିପରିବା ଚାଷ କରିବା ନିମନ୍ତେ ପ୍ରବର୍ତ୍ତାଉଥିଲେ। ଏଥିରେ ଅନୁପ୍ରାଣିତ ହୋଇ ନିଜର ବି-ଟେକ ପାଠ ସମ୍ପୂର୍ଣ୍ଣ କରିବା ପରେ ନିଜର ୬ଏକର ପରିମିତ ମିଶ୍ରିତ କିସମର ଚାଷ ଜମିରେ ପ୍ରତ୍ୟେକ ଋତୁରେ ଚାଷ କରିବା ନିମନ୍ତେ ଅଣ୍ଟା ଭିଡନ୍ତି ମହେଶ୍ୱର। ବିଗତ ଦୁଇ ବର୍ଷ ହେଲା ଧାନ ସଙ୍ଗେ ସଙ୍ଗେ ଖରାଦିନରେ ବିଲାତି, ବାଇଗଣ, କାକୁଡି, ମାଖନ, ଲାଉ, ଝୁଡଙ୍ଗ ଓ ବର୍ଷାଦିନରେ ଝୁଡଙ୍ଗ, କଲରା, କାକୁଡି, ଜହ୍ନି ତଥା ଶୀତଦିନରେ ବିଲାତି, ବାଇଗଣ, ଆଳୁ, ଗାଜର, ବନ୍ଧାକୋବି, ଫୁଲକୋବି, ମକା, ମୁଗ, ବିରି, ସୋରିଷ ଇତ୍ୟାଦି ଚାଷ କରି ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି। ମହେଶ୍ୱରଙ୍କ ଚାଷ କରିବାର ଶୈଳୀ ଗାଁର ତଥା ଆଖ ପାଖ ଅଞ୍ଚଳର ଅନେକ ଯୁବ ଚାଷୀଙ୍କୁ ପ୍ରେରଣା ଯୋଗାଉଛି। ତାଙ୍କର ଏହି ସଫଳତା ସମ୍ବନ୍ଧରେ ଜ୍ଞାନଆହରଣ କରିବା ନିମନ୍ତେ ଲେଫ୍ରିପଡା ଓ ସୁନ୍ଦରଗଡ ବନାଞ୍ଚଳର ୨୪ଟି ଗ୍ରାମର ୭୨ଜଣ ଚାଷୀ କ୍ଷେତ୍ର ପରିଦର୍ଶନରେ ଆସି ମହେଶ୍ୱରଙ୍କ ଠାରୁ ତାଲିମ ନେଇଥିଲେ। ବର୍ତ୍ତମାନର ସମୟରେ ବାର୍ଷିକ ୭-୮ ଲକ୍ଷ ଟଙ୍କା ଆୟ କରୁଛନ୍ତି ବୋଲି ମହେଶ୍ୱର କହନ୍ତି। ତାଙ୍କ ସଫଳତା ସମ୍ବନ୍ଧରେ ଉଜ୍ଜଳପୁର କ୍ଷେତ୍ର ପରିଚାଳନା ଏକକର ଟିମ ଲିଡର ଦିଗାମ୍ବର ଉପାଧ୍ୟାୟ କହନ୍ତି- ସ୍ଥାନୀୟ ଜଳବାୟୁ-ସାମାଜିକ-ଅର୍ଥନୈତିକ ସ୍ଥିତିକୁ ଲକ୍ଷ୍ୟକରି ପୁରାତନ ଓ ନୂତନ କୃଷି ଜ୍ଞାନ କୌଶଳର ଉପଯୋଗ ସାଙ୍ଗକୁ 'କୃଷି ବିବିଧତା' ଅଧୁନା କୃଷି ଅଭିବୃଦ୍ଧିର ଆଭିମୁଖ୍ୟ କହିଲେ ଚଳେ। ଏହାକୁ ପ୍ରମାଣିତ କରି ପାରିଛନ୍ତି ମହେଶ୍ୱର। ନିଜର ପରିଶ୍ରମ, ଅଭିନବିକରଣ ଦ୍ୱାରା ସେ ଆଜି ଲକ୍ଷାଧିକ ଟଙ୍କା ରୋଜଗାର କରି ସମସ୍ତ ଯୁବ ଚାଷୀଙ୍କ ପାଇଁ ଆଦର୍ଶ ସାଜିଛନ୍ତି। ପ୍ରକୃତରେ ସେ ଆଜି ବି-ଟେକ୍ ପାଠରୁ ହାଇଟେକ ଚାଷୀ ହୋଇପାରିଛନ୍ତି।



ଚାଷୀ ମହେଶ୍ୱର ନାଏକ ନିଜର ଫସଲ ଦେଖାଉଛନ୍ତି।

**ଯୁବ ଚାଷୀଙ୍କ ପାଇଁ ପ୍ରେରଣା ସାଜିଲେ ମହେଶ୍ୱର ନାଏକ**

## ପ୍ରଧାନ ଶିକ୍ଷକ ନିଲମ୍ବିତ ଗର୍ଜନବାହାଲ ହାଇସ୍କୁଲ ଛାତ୍ରଙ୍କ ମୃତ୍ୟୁ ଘଟଣା

**ହେମଗିର,୪।୮(ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ହେମଗିର ଥାନା ଅନ୍ତର୍ଗତ ଗର୍ଜନବାହାଲ ହାଇସ୍କୁଲ ଛାତ୍ର ମୃତ୍ୟୁ ଘଟଣାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦେବେନ୍ଦ୍ର କୁମାର ପଟେଲ କାର୍ଯ୍ୟରୁ ନିଲମ୍ବିତ ହୋଇଛନ୍ତି। ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପ୍ରଧାନ ଏହି ଘଟଣାରେ ପ୍ରଧାନ ଶିକ୍ଷକଙ୍କୁ ନିଜ କର୍ତ୍ତବ୍ୟରେ ଅବହେଳା ପାଇଁ ତାଙ୍କୁ ଗୁରୁବାର ନିଲମ୍ବନ କରିଛନ୍ତି। ପ୍ରକାଶ ଯେ, ଗତ ମଙ୍ଗଳବାର ସକାଳେ ଏହି ବିଦ୍ୟାଳୟର ହଷ୍ଟେଲରେ ରହି ଅଷ୍ଟମ ଶ୍ରେଣୀରେ ପଢୁଥିବା ଛାତ୍ର ଦୁର୍ଗା ମାଧବ ଖଣ୍ଡାଙ୍କ ମୃତଦେହ ୫୦୦ମିଟର ଦୂରରେ ଥିବା ଏକ କୁସୁମ ଗଛ ମୂଳରୁ ପୋଲିସ ଉଦ୍ଧାର କରିଥିଲା। ପୋଲିସ ତଦନ୍ତ ପରେ କୁସୁମ ଗଛ ଦେଇ ଯାଇଥିବା ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମୃତ୍ୟୁ ଘଟିଥିବା ଜଣାପଡ଼ିଛି।

# ଖତକୁରବାହାଲ ଖଣିରେ ବିସ୍ଫୋରଣ ପରୀକ୍ଷା

**କୁତ୍ରା, ୪।୮(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ଖତକୁରବାହାଲଠାରେ ଅବସ୍ଥିତ ଜେଏସ୍‌ଡବ୍ଲ୍ୟୁ ଅଧିକୃତ ଶିବାସିମେଣ୍ଟ ଚୂନପଥର ଖଣିରେ ଗତ କିଛି ମାସ ହେବ ବିସ୍ଫୋରଣକୁ ନେଇ ଗ୍ରାମବାସୀ ଓ ଖଣି କର୍ତ୍ତୃପକ୍ଷଙ୍କ ମଧ୍ୟରେ ଗଣ୍ଡଗୋଳ ଘଟି ଅଶାନ୍ତ ବାତାବରଣ ସୃଷ୍ଟି ହୋଇଥିଲା। ଏହାକୁ ନେଇ ଗ୍ରାମବାସୀ ଖଣିରେ ବିସ୍ଫୋରଣ ଜନିତ ବିଭିନ୍ନ ସମସ୍ୟା ଦର୍ଶାଇ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରି ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ଏହାକୁ ଭିତ୍ତିକରି ଗୁରୁବାର ଜିଲା ପ୍ରଶାସନ ରାଉରକେଲା ଏନ୍‌ଆଇଟିର ଏକ ବୈଷୟିକ ଦଳ ସହାୟତାରେ ଖତକୁରବାହାଲରେ ଥିବା ଜେଏସ୍‌ଡବ୍ଲ୍ୟୁର ପୁରୁଣା ଓ ନୂତନ ଚୂନପଥର ଖଣିରେ ପୃଥକ ପୃଥକ ଭାବେ ୩ଟି ବିସ୍ଫୋରଣ କରି ତାର ପ୍ରଭାବ ଆକଳନ କରିଥିଲେ। ତେବେ ଖଣିରେ ବିସ୍ଫୋରଣ ପାଇଁ ୫ଏମଏମ ପର୍ ସେକେଣ୍ଡର ଅନୁମତି ଥିବାବେଳେ ଆଜିର ନୂତନ ଖଣିରେ ପ୍ରଥମ ବିସ୍ଫୋରଣ କରିଥିବାବେଳେ ଏଥିରେ ୦.୬୩୫ ଏମଏମ ପର ସେକେଣ୍ଡ ରହିଥିଲା । ସେହିପରି ଦ୍ୱିତୀୟ ଥର ବିସ୍ଫୋରଣରେ ୦.୬୮୯ ଏମଏମ ପର ସେକେଣ୍ଡ ରହିଥିଲା। ସେହିପରି ପୁରୁଣା ଖଣିରେ ୦.୬୫୩ ଏମଏମ ପର ସେକେଣ୍ଡ ବିସ୍ଫୋରଣ ହୋଇଥିବା ରାଉରକେଲା ଏନଆଇଟି ଟିମ୍ ମୁଖ୍ୟ ପ୍ରଫେସର ଡ.ମନୋରଞ୍ଜନ ମିଶ୍ର ସୂଚନା ଦେବା ସହ ଅଭିଯୋଗକାରୀ ଲୋକଙ୍କ ଘରେ ମେସିନ ବସାଇ ଏହାର ଆକଳନ କରିଥିଲେ। ଏହି ଅବସରରେ ପ୍ରଶାସନ ତରଫରୁ କୁତ୍ରା ବିଡିଓ ରବୀନ୍ଦ୍ର କୁମାର ସେଠୀ, ଅତିରିକ୍ତ ତହସିଲଦାର ହାବିଲ ଖାଖା, ରାଜଗାଙ୍ଗପୁର ଏସ୍‌ଡିପିଓ ଶଶାଙ୍କଶେଖର ବେଉରା, କୁତ୍ରା ଥାନା ଅଧିକାରୀ ଶୁଶାନ୍ତ କୁମାର ପରିଡ଼ାଙ୍କ ସମେତ ୫ପ୍ଲାଟୁନ ପୋଲିସ ମୁତୟନ ଥିଲେ। ଗ୍ରାମବାସୀଙ୍କ ତରଫରୁ ପୂର୍ବତନ ମନ୍ତ୍ରୀ ମଙ୍ଗଳା କିଷାନ, ଖତକୁରବାହାଲ ସରପଞ୍ଚ ଝାଡି ଧନୁୱାର, ସମିତିସଭ୍ୟା ପୁଷ୍ପା ତିର୍କୀଙ୍କ ସମେତ ଅଭିଯୋଗକାରୀ ଗ୍ରାମବାସୀ ରହିଥିଲେ। ସେହିପରି ଜେଏସ୍‌ଡବ୍ଲ୍ୟୁ କାରଖାନା ମୁଖ୍ୟ ଅନିଲ କୁମାର ମିଶ୍ର, ଅପରେସନ ମୁଖ୍ୟ ଦେବବ୍ରତ ପଣ୍ଡିତ, ଖଣି ମୁଖ୍ୟ ଗଜେନ୍ଦ୍ର ସାହୁ, ଏଚଆର ମୁଖ୍ୟ ବୀରେନ୍ଦ୍ର ଯାଦବ, ସିଏସ୍‌ଆର ମୁଖ୍ୟ ସଂଗ୍ରାମ କେଶରୀ ରାଉତ ସମେତ ସମସ୍ତ ଖଣି କର୍ମଚାରୀ ଓ ଠିକାଦାର ଉପସ୍ଥିତ ଥିଲେ। ସେହିପରି ଶୁକ୍ରବାର ଖଣିର ଲିଜ ଜମି ଚିହ୍ନଟ ହେବାର କାର୍ଯ୍ୟକ୍ରମ ରହିଛି।


ଖତକୁରବାହାଲରେ ଚୂନପଥର ଖଣିରେ ବିସ୍ଫୋରଣ ପରୀକ୍ଷା ସମୟରେ ଉପସ୍ଥିତ ଅଧିକାରୀ, କର୍ମଚାରୀ।

## ଲେଫ୍ରିପଡ଼ା ବିଜେଡି ପକ୍ଷରୁ ଚାରା ରୋପଣ


ଅତିଥିଙ୍କ ଦ୍ୱାରା ଚାରା ରୋପଣ କରାଯାଉଛି।

**ଲେଫ୍ରିପଡ଼ା,୪।୮(ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ଲେଫ୍ରିପଡ଼ା ବ୍ଲକ ବିଜେଡି ପକ୍ଷରୁ ଚାରା ରୋପଣ କାର୍ଯ୍ୟକ୍ରମ ତେଲେନଡ଼ିହି ସେଣ୍ଟ ଥୋମାସ ଉଚ୍ଚ ବିଦ୍ୟାଳୟଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ବିଜେଡି ବ୍ଲକ ସଭାପତି ପ୍ରଶାନ୍ତ ପୃଷ୍ଟେଠଙ୍କ ଅଧ୍ୟକ୍ଷତା କ୍ରମେ ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷ ବିନୟ କୁମାର ଟପୋ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ବାଲିଶଙ୍କରା ବ୍ଲକ (କ) ଜୋନ ଜିଲା ପରିଷଦ ସଦସ୍ୟ ବିନୋଦ କୁଜୁର, ଲେଫ୍ରିପଡା ବ୍ଲକ (କ)ଜୋନ ଜିଲା ପରିଷଦ ସଭ୍ୟ ବୈଷ୍ଣବ ମାଝୀ, ପୂର୍ବତନ ଲେଫ୍ରିପଡା ବିଜେଡି ବ୍ଲକ ସଭାପତି ପ୍ରେମାନନ୍ଦ ବେହେରା,ଗିରିଙ୍ଗକେଲା ସରପଞ୍ଚ ନୀଳମଣି ମାଝୀ, ମଶାବିରା ସରପଞ୍ଚ ଫ୍ରାନସିସ ବାଖଲା, ଅଲାପକା ସରପଞ୍ଚ ଇମାନ୍ୟୁସ କୁଜୁର, ରାଜବାହାଲ ସମିତି ସଭ୍ୟ ଧ୍ରୁବ ଅଡା ପ୍ରମୁଖ ଯୋଗଦାନ କରିଥିଲେ। ବୃକ୍ଷରୋପଣର ଉଦ୍ଦେଶ୍ୟ ଉପରେ ଭିନ୍ନ ଭିନ୍ନ ଭାବେ ଅତିଥି ଗଣ ମତାମତ ପ୍ରଦାନ କରିଥିଲେ। ପରେ ଅତିଥିଙ୍କ ଦ୍ୱାରା ସ୍କୁଲ ପରିସରରେ ଚାରା ରୋପଣ କରାଯାଇଥିଲା। ଅପରାହ୍ନରେ ସ୍ଥାନୀୟ ସରପଗଡ ଡ୍ୟାମଠାରେ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଦଳୀୟ ସଙ୍ଗଠନକୁ ତୃଣମୂଳସ୍ତରରେ ମଜବୁତ କରି ଆଗାମୀ ଦିନରେ ଦଳକୁ ବିଜୟ କରିବା ପାଇଁ ଆଲୋଚନା କରାଯାଇଥିଲା। କର୍ମୀ ସମ୍ମିଳନୀ କାର୍ଯ୍ୟକ୍ରମରେ ବହୁସଂଖ୍ୟାରେ ଦଳୀୟ କର୍ମୀ ଭାଗ ନେଇଥିଲେ।

## ନବାଗତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

କୁତ୍ରା, ୪।୮(ଡି.ଏନ.ଏ)-ସୁନ୍ଦରଗଡ଼ ଜିଲା ଉଚ୍ଚ ବିଦ୍ୟାଳୟ ସଭାଗୃହରେ ଅନୁଷ୍ଠାନରେ ନୂତନ ଭାବେ ଯୋଗ ଦେଇଥିବା ୮ ନବାଗତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ବିଦ୍ୟାଳୟର ଛାତ୍ର ସଂସଦ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ତରଫରୁ ଆରମ୍ଭରେ ସଭାସ୍ଥଳକୁ ପାଛୋଟିଆଣି ତାଙ୍କ ହାତରେ ଦୀପ ପ୍ରଜ୍ୱଳିତ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅନୁଷ୍ଠାନର ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାସନୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବୈଜନ୍ତି ପଟେଲ, ଦୀପିକା କେର୍କେଟା, ଅନୱର ଅହମ୍ମଦ, ଆଶାଲତା ମହାପାତ୍ର, ଆଶା ସାମାରିଆ, ବିଦ୍ୟୁତପ୍ରଭା ସ୍ୱାଇଁ, ସୁନିତା ପଟେଲ, ସଙ୍ଗୀତା ଦେଈ, ନୂତନ ହରୋ ପ୍ରମୁଖ ନବାଗତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ପୁଷ୍ପଗୁଚ୍ଛ ସହ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ନୂତନ ଭାବେ ଗୌରିଶଙ୍କର ଗିରି, ରୋହିତ ଜୟପୁରିଆ, ସୁଦାମ ହାନନ୍ଦ, ମଞ୍ଜୁ ଏକ୍କା, ନମିତା କୁଲୁ, ରୀତା କଣ୍ଡା, ସେରୋଫିନା ଏକ୍କା, ଲିପିକା କାଲୋ ପ୍ରମୁଖ ନିଜର ପରିଚୟ ଦେବାସହ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ କାର୍ଯ୍ୟ କରିବେ ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷକ ବିଭୀଷଣ ବାରିକ ସଂଯୋଜନା କରିବା ସହ ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପଧାନ, ପୂର୍ବତନ ଜିଲା ଶିକ୍ଷା ଅଧିକାରୀ ରଞ୍ଜନ କୁମାର ଗିରିଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠାନର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ ।

# ଓଏଭି ପକ୍ଷରୁ ୧୬ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

**କୁଆଁରମୁଣ୍ଡା,୪।୮(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ତେଲିପୋଷସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପକ୍ଷରୁ ବୁଧବାର ୯୦ ଶତକଡାରୁ ଉର୍ଦ୍ଧ୍ୱ ନମ୍ବର ରଖିଥିବା ୧୬ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସିବିଏସ୍‌ଇ ପରିଚାଳିତ ୧୦ମ ବୋର୍ଡ ପରୀକ୍ଷାରେ ଏହି ବିଦ୍ୟାଳୟର ସର୍ବମୋଟ ୬୯ ପରୀକ୍ଷା ଦେଇଥିଲେ। ବିଦ୍ୟାଳୟ ଶତପ୍ରତିଶତ ଫଳାଫଳ ପାଇଥିଲାବେଳେ ସଞ୍ଚିତା ପାଲ ସର୍ବୋଚ୍ଚ ୯୭ ଶତକଡା ନମ୍ବର ପାଇ ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ଏହି ଅବସରରେ ୯୦ ଶତକଡାରୁ ଉର୍ଦ୍ଧ୍ୱ ନମ୍ବର ରଖିଥିବା ୧୬ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ରାଜେନ୍ଦ୍ର କୁଜୁର, ସମ୍ମାନିତ ଅତିଥିଭାବେ ବିଇଓ ସଦାନନ୍ଦ ପଧାନ, ରେଞ୍ଜର ସ୍ୱାଧୀନତା ସାହାଣୀ, ଗଙ୍ଗାଧର ରଣା, ମହେଶ୍ୱର ମିଶ୍ର, କେଶବ ଚନ୍ଦ୍ର ପରିଡ଼ା, ଗୌରାଙ୍ଗ ଚରଣ ସାହୁ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷା ନମିତା ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା।


ଓଡ଼ିଶା ଆଦର୍ଶ ବିଦ୍ୟାଳୟର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।

## ଟ୍ରେନ୍ ଧକ୍କାରେ ଯୁବକ ମୃତ

**ରାଉରକେଲା ଅଫିସ,୪।୮:** ରାଉରକେଲା ରେଲୱେ ଷ୍ଟେଶନ ଡାଉନ୍ ଲାଇନରେ ଟ୍ରେନ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ରିପୋର୍ଟ ଲେଖିବା ପର୍ଯ୍ୟନ୍ତ ମୃତ ଯୁବକଙ୍କ ପରିଚୟ ମିଳିନାହିଁ। ଏ ନେଇ ରାଉରକେଲା ଜିଆରପି ଏକ ଅପମୃତ୍ୟୁ ମାମଲା (ନଂ.୪୯।୨୨) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ବାସନ୍ତୀ କଲୋନୀ ରେଲୱେ ଫାଟକ ନିକଟରେ ଗୁରୁବାର ସକାଳ ସାଢ଼େ ୭ଟାରେ ଜଣେ ଯୁବକଙ୍କ ମୃତଦେହ ପଡିଥିବା ଦେଖି ସ୍ଥାନୀୟ ଲୋକେ ଜିଆରପି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି ଆରଜିଏଚ୍ ମର୍ଗ ହାଉସ୍‌ରେ ରଖିଛି। କୌଣସି ମାଲବାହୀ ଗାଡି ଧକ୍କାରେ ଏହି ଦୁର୍ଘଟଣା ଘଟିଥିବା ପୋଲିସ ଅନୁମାନ କରୁଛି।

## ଆର୍‌ଏସ୍‌ପିର ଲିଡରସିପ୍ କାର୍ଯ୍ୟକ୍ରମ

**ରାଉରକେଲା ଅଫିସ,୪।୮**

ରାଉରକେଲା ଇସ୍ପାତ କାରଖାନା ଏଚ୍‌ଆରଡି ସେଣ୍ଟରଠାରେ ଫ୍ରଣ୍ଟ ଲାଇନ ଅଧିକାରୀଙ୍କ ପାଇଁ ଦୁଇ ଦିନିଆ 'ହାଇ ଇମ୍ପାକ୍ଟ ଲିଡରସିପ୍' କର୍ମଶାଳା ବୁଧବାର ଆରମ୍ଭ ହୋଇଛି। ଏହି କର୍ମଶାଳାରେ ୨୭ ଜଣ ଅଧିକାରୀ ଅଂଶଗ୍ରହଣ କରିଥିଲେ। ପ୍ରବନ୍ଧକମାନଙ୍କ ପରିଚାଳନା ଦକ୍ଷତାକୁ ଅଧିକ ଉନ୍ନତ କରି ଗଢ଼ିବା, ସେମାନଙ୍କୁ ମହତ୍ତ୍ୱପୂର୍ଣ୍ଣ କୌଶଳରେ ସଜ୍ଜିତ କରିବା ତଥା ସେମାନଙ୍କ ପ୍ରତିଭାର ଶ୍ରେଷ୍ଠ ଉପଯୋଗରେ ସହାୟତା ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ। ମାନବ ସମ୍ବଳ ବିଭାଗର ସିଜିଏମ୍ ରାଜଶ୍ରୀ ବାନାର୍ଜୀ ସ୍ୱାଗତ ଭାଷଣ ପ୍ରଦାନ ଏବଂ ଏମ୍‌ଟିଆଇ ରାଞ୍ଚିର ପ୍ରାକ୍ତନ ସିଜିଏମ ପି. ସଏ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଯୁବ ବିଜେଡି ପକ୍ଷରୁ ଚାରା ରୋପଣ

**ସୁନ୍ଦରଗଡ଼,୪।୮(ଡି.ଏନ୍.ଏ.)**

ବିଜୁ ଜନତା ଦଳ (ବିଜେଡି)ର ୨୫ ବର୍ଷ ପୂର୍ତ୍ତି ଅବସରରେ ବୁଧବାର ସୁନ୍ଦରଗଡ଼ ଜିଲା ବିଜୁ ଯୁବ ଜନତା ଦଳ ପକ୍ଷରୁ ତଳସରା ନିର୍ବାଚନମଣ୍ଡଳୀର ବାଲିଶଙ୍କରା ବ୍ଲକ ସ୍ଥିତ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ତହସିଲ କାର୍ଯ୍ୟାଳୟ ଏବଂ ବ୍ଲକ କାର୍ଯ୍ୟାଳୟ ପରିସରରେ ଚାରା ରୋପଣ କରାଯାଇଥିଲା। ରାଜ୍ୟ ବିଜୁ ଯୁବ ଜନତା ଦଳ କାର୍ଯ୍ୟକାରୀ ସଭାପତି ବୈକୁଣ୍ଠ ନାଏକଙ୍କ ସଂଯୋଜନାରେ ଏବଂ ଜିଲା ବିଜୁ ଯୁବ ଜନତା ଦଳ ସଭାପତି ଦେବେନ୍ଦ୍ର ପ୍ରସାଦ ମାଝୀଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷ ବିନୟ ଟପ୍ପୋ ମୁଖ୍ୟ ଅତିଥିଭାବେ ଯୋଗଦେଇ ଚାରା ରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ବାଲିଶଙ୍କରା ପଞ୍ଚାୟତ ସମିତି ଅଧ୍ୟକ୍ଷା କୁଞ୍ଜଲତା ଭିତ୍ରିଆ, ଜିଲା ପରିଷଦ ସଭ୍ୟା ଜୟନ୍ତୀ ଏକ୍କା ଓ ସଭ୍ୟ ବିନୋଦ କୁଜୁର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଚାରା ରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ବିଜେଡ଼ି ସଭାପତି କେଶବ ରଣା, ଯୁବ ସଭାପତି ରଞ୍ଜନ ସିଂ, ଗୌରାଙ୍ଗ ରାଣା, ଅଜିତ ସିଂ, ସୁଦାମ ଭୋଇ, ଜେନାମଣି କିଷାନ, ରଞ୍ଜନ ବେଶନ, କୃଷ୍ଣଚନ୍ଦ୍ର ସାହୁ, ଜୟଦେବ ବାରିକ, ଦିଲୀପ ବାରିକ, କୃଷ୍ଣ ବାରୁଆ, ଆସିମା ସରେଙ୍ଗ, ରାଜୁ ମହାନନ୍ଦିଆ, ଦୁବରାଜ ମହାକୁଲ, ପଞ୍ଚାୟତ ସମିତିର ସମସ୍ତ ସଭ୍ୟାସଭ୍ୟ ତଥା ବିଜେଡିର ସ୍ଥାନୀୟ ନେତୃବୃନ୍ଦ ଯୋଗଦେଇଥିଲେ। ସେହିଭଳି ତହସିଲଦାର ରୀନା ନାଏକ, ବିଡ଼ିଓ ବାସନ୍ତୀ ଲାକ୍ରା, ମହାବିଦ୍ୟାଳୟ ଅଧ୍ୟକ୍ଷ କୁଳମଣି ସାହୁଙ୍କ ସମେତ ସମସ୍ତ ଅଧ୍ୟାପିକା ଅଧ୍ୟାପକ ଛାତ୍ରୀଛାତ୍ର ଉପସ୍ଥିତ ରହି ଚାରା ରୋପଣ କରିଥିଲେ।



ବାଲିଶଙ୍କରାରେ ଚାରା ରୋପଣ କରାଯାଉଛି।

**କର୍ମୀ ସମ୍ମିଳନୀ ସହ ଚାରାରୋପଣ**

# ଆଲୋଚନା ମାଧ୍ୟମରେ ସମାଧାନ ପାଇଁ ଆହ୍ୱାନ

**ଦେବଗଡ଼,୪।୮(ଡି.ଏନ୍.ଏ.)**

୧୫ଦଫା ଦାବି ନେଇ ଦେବଗଡ଼ ପୌର ପରିଷଦର କାଉନସିଲରମାନେ ଗତ ୨୫ ତାରିଖଠାରୁ ପୌର ପରିଷଦ କାର୍ଯ୍ୟାଳୟରେ ଆରମ୍ଭ କରିଥିବା ଆମରଣ ଅନଶନ ପରିପ୍ରେକ୍ଷୀରେ ମୁହଁ ଖୋଲିଛନ୍ତି ପୌର ପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଈ। ବୁଧବାର ସନ୍ଧ୍ୟାରେ ସ୍ଥାନୀୟ ପ୍ରତାପ ଭବନ କଲ୍ୟାଣ ମଣ୍ଡପରେ ବିଜେଡି ପକ୍ଷରୁ ଜିଲା ବିଜେଡି ସଭାପତି ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପ୍ରତିକ୍ରିୟା ରଖି ପୌରାଧ୍ୟକ୍ଷା ଦେଈ ଆଲୋଚନା ମାଧ୍ୟମରେ ସମାଧାନ ପାଇଁ ଆହ୍ୱାନ ଦେଇଛନ୍ତି। ପୌର ପରିଷଦରେ ଦୁର୍ନୀତି ହୋଇଥିବା ନେଇ କାଉନସିଲରମାନେ ଯେଉଁ ୧୫ଦଫା ଅଭିଯୋଗ କରି ଆମରଣ ଅନଶନ ଚଳାଇଛନ୍ତି ସେଥିମଧ୍ୟରୁ ୧୩ଟି ନୂତନ କାଉନସିଲ ହେବା ପୂର୍ବରୁ ହୋଇଛି। ଯାହାର ତଦନ୍ତ କରିବା ପାଇଁ ସେ ନିଜେ ମଧ୍ୟ ଚାହୁଁଛନ୍ତି ବୋଲି ପୌରାଧ୍ୟକ୍ଷା ଦେଈ କହିଛନ୍ତି। ସେହିପରି ଉନ୍ନୟନ କାର୍ଯ୍ୟ ବାବଦକୁ ଯେଉଁ ୪୦ପ୍ରତିଶତ ପ୍ରାପ୍ୟ ପ୍ରଦାନ କରାଯାଇନାହିଁ ତାହା ବିଭିନ୍ନ ଅଭିଯୋଗ ଯୋଗୁ ହୋଇପାରି ନ ଥିବା ସେ ପ୍ରକାଶ କରିବା ସହ ଏନେଇ ମଧ୍ୟ ପ୍ରକ୍ରିୟା ଜାରିରହିଥିବା ଦର୍ଶାଇଛନ୍ତି। ସେହିପରି ଦୈନିକ ବଜାର, ପ୍ରଧାନପାଟ ଶୌଚାଳୟ ଏବଂ ପ୍ରଧାନପାଟ ପାର୍କିଂ ଟେଣ୍ଡର ପ୍ରକ୍ରିୟାରେ ଅନିୟମିତତା ନେଇ କାଉନସିଲରମାନେ ଯେଉଁ ଅଭିଯୋଗ ଆଣିଛନ୍ତି ତାହା ଭିତ୍ତିହୀନ ବୋଲି ଦର୍ଶାଇବାସହ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କୁ ଚିଠି କରାଯାଇ ସମସ୍ତ ସରକାରୀ ନୀତିନିୟମକୁ ଅନୁସରଣ କରାଯାଇ ଟେଣ୍ଡର ପ୍ରକ୍ରିୟା ସମ୍ପାଦକ କରାଯାଇଥିବା ମଧ୍ୟ ସେ ସ୍ପଷ୍ଟିକରଣ ଦେଇଛନ୍ତି। ସେହିପରି ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣରେ ଆଲୋଚନା ମାଧ୍ୟମରେ ସବୁ ସମସ୍ୟାର ସମାଧାନ ହୋଇପାରିବ ବୋଲି ପୌରାଧ୍ୟକ୍ଷା ଦେଈ ଅନଶନରତ କାଉନସିଲରମାନଙ୍କୁ ଆହ୍ୱାନ ଦେଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ କାଉନସିଲର ଜତିନ କୁମାର ନାୟକ, ଜିଲା ଯୁବ ବିଜେଡି ସଭାପତି ପ୍ରତାପ କୁମାର ଦେବ, ନଗର ବିଜେଡି ସଭାପତି ଶୁକଦେବ ଭଞ୍ଜ, ବିଜେଡି ରାଜ୍ୟ ପରିଷଦ ସଦସ୍ୟ ଇଂ. ସୁଜିତ କୁମାର ପ୍ରଧାନ, ସମ୍ବଲପୁର ଜିଲା ସମବାୟ କେନ୍ଦ୍ର ବ୍ୟାଙ୍କର ପୂର୍ବତନ ସଭାପତି ଅମରେନ୍ଦ୍ର ଗଙ୍ଗଦେବ, ତିଲେଇବଣି ବ୍ଲକର ପୂର୍ବତନ ଅଧ୍ୟକ୍ଷ ବିଭୂତି ଗଙ୍ଗଦେବ ଓ ଦେବଗଡ଼ ପୌର ପରିଷଦର ପୂର୍ବତନ ଉପାଧ୍ୟକ୍ଷ ବିକାଶ କୁମାର ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡି କାଉନସିଲର ପ୍ରମିଳା ବେହେରା, ସୁକ୍ତା ଆଚାର୍ଯ୍ୟ ଓ ବାସନ୍ତୀମଣି ମାଝି, ବାରକୋଟ ବ୍ଲକ ବିଜେଡି ସଭାପତି ହୀରାଲାଲ ସାହୁ, ଯୁବନେତା ରାଜକିଶୋର ଦାସଙ୍କ ସମେତ ବିଜେଡି, ଯୁବ ବିଜେଡିର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଶେଷରେ ବିଜେଡି ରାଜ୍ୟ ପରିଷଦ ସଦସ୍ୟ ଇଂ. ସୁଜିତ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



ଖବରଦାତା ସମ୍ମିଳନୀରେ ମଞ୍ଚାସୀନ ପୌରାଧ୍ୟକ୍ଷା ଶାନ୍ତିମଞ୍ଜରୀ ଦେଈ ଓ ଅନ୍ୟମାନେ।

**୧୫ଦଫା ଦାବିରେ କାଉନସିଲରମାନଙ୍କ ଅନଶନ ପରିପ୍ରେକ୍ଷୀରେ ଖବରଦାତା ସମ୍ମିଳନୀରେ ଉତ୍ତର ରଖିଲେ ପୌରାଧ୍ୟକ୍ଷା**

**ଦରବୃଦ୍ଧି ପ୍ରସଙ୍ଗରେ ଆଜି କଂଗ୍ରେସର ରାଜଭବନ ଘେରାଉ**

ଭୁବନେଶ୍ୱର,(ବ୍ୟୁରୋ): ଦରବୃଦ୍ଧି ପ୍ରସଙ୍ଗକୁ ନେଇ ଶୁକ୍ରବାର କଂଗ୍ରେସ 'ରାଜଭବନ ଘେରାଉ' କରିବ । ଏନେଇ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ ବୁଧବାର ସୂଚନା ଦେଇଥିଲେ। ସେହିଭଳି କେନ୍ଦ୍ର ବିରୋଧରେ ବିଭିନ୍ନ ପ୍ରସଙ୍ଗ ନେଇ ଜିଲାସ୍ତରରେ କଂଗ୍ରେସ କର୍ମୀମାନେ ଜିଲାପାଳ ତଥା ଅତିରିକ୍ତ ଜିଲାପାଳଙ୍କ ଅଫିସକୁ ଘେରିବା କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଏହି କାର୍ଯ୍ୟକ୍ରମରେ କଂଗ୍ରେସର ସମସ୍ତ ନେତା ଓ କର୍ମୀ ସହଯୋଗ କରିବାକୁ ପିସିସି ସଭାପତି ଆହ୍ୱାନ କରିଛନ୍ତି।

# ଲୋକ ସଭା ବାଚସ୍ପତିଙ୍କୁ ଭେଟିଲେ ବିଧାନସଭା ସଦସ୍ୟ

ଭୁବନେଶ୍ୱର, ୪।୮(ବ୍ୟୁରୋ)

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଶୁଭେଚ୍ଛା ଜଣାଇବା ଲାଗି ଓଡ଼ିଶା ବିଧାନସଭାର ଏକ ଟିମ୍ ବାଚସ୍ପତି ବିକ୍ରମ କେଶରୀ ଆରୁଖଙ୍କ ସହ ଗତ ମଙ୍ଗଳବାରଠାରୁ ନୂଆଦିଲ୍ଲୀ ଗସ୍ତ କରିଛନ୍ତି। ବୁଧବାର ସମସ୍ତ ସଦସ୍ୟ ରାଷ୍ଟ୍ରପତିଙ୍କୁ ଭେଟିବା ପରେ ଗୁରୁବାର ନୂଆଦିଲ୍ଲୀସ୍ଥିତ ଲୋକ ସଭା ସଚିବାଳୟଠାରେ ବାଚସ୍ପତି ଓମ୍ ବିର୍ଲାଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି।

ଓଡ଼ିଶା ବିଧାନସଭାର ଅଧିକାରୀ ଓ କର୍ମଚାରୀଙ୍କୁ ବୈଷୟିକ ଜ୍ଞାନକୌଶଳରେ ଅଧିକ ପ୍ରଶିକ୍ଷିତ କରି ଆଗାମୀ ଦିନରେ ରାଜ୍ୟ ବିଧାନସଭାକୁ ଦେଶର ଏକ ଆଦର୍ଶ ଭାବେ ପରିଣତ କରିବା ପାଇଁ କାର୍ଯ୍ୟ ଜାରି ରହିଛି ବୋଲି ଆରୁଖ ଓମ୍ ବିର୍ଲାଙ୍କୁ ଅବଗତ କରାଇଛନ୍ତି। ସେ ଓଡ଼ିଶା ବିଧାନସଭାର ବିଭିନ୍ନ କାର୍ଯ୍ୟ ଓ ପରିଚାଳନା ସମ୍ପର୍କରେ ଆରୁଖଙ୍କୁ ପଚାରି ବୁଝିଥିଲେ। ନିକଟରେ ଶେଷ ହୋଇଥିବା ବଜେଟ ଅଧିବେଶନର ଶାନ୍ତିପୂର୍ଣ୍ଣ ପରିଚାଳନା ନେଇ ବିର୍ଲା ଖୁସି ବ୍ୟକ୍ତ କରିବା ସହ ଆଗାମୀ ଦିନରେ ଏଭଳି କାର୍ଯ୍ୟଧାରା ଜାରି ରଖିବା ପାଇଁ ପରାମର୍ଶ ଦେଇଥିଲେ। ଓଡ଼ିଶାର ବିଭିନ୍ନ କ୍ଷେତ୍ରରେ ଜାରି ରହିଥିବା ବିକାଶ ସମ୍ପର୍କରେ ବିର୍ଲା ଓ ଆରୁଖଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଆରୁଖ ଉପଢୌକନ ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତିକୃତି ପ୍ରଦାନ ପୂର୍ବକ ବିର୍ଲାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଏହି ଆଲୋଚନା ବେଶ୍ ସୌହାର୍ଦ୍ଦ୍ୟପୂର୍ଣ୍ଣ ଥିଲା ବୋଲି ଆରୁଖ କହିଛନ୍ତି।



ଲୋକ ସଭା ସଚିବାଳୟଠାରେ ବାଚସ୍ପତି ଓମ୍ ବିର୍ଲାଙ୍କୁ ଉପହାର ପ୍ରଦାନ କରୁଛନ୍ତି ଓଡ଼ିଶା ବିଧାନସଭା ବାଚସ୍ପତି ବିକ୍ରମ କେଶରୀ ଆରୁଖ।

## ଭାଜପାରେ ଯୋଗଦେଲେ କୁଲଦୀପ ବିଷ୍ଣୋଇ

ନୂଆଦିଲ୍ଲୀ,୪।୮(ପି.ଟି.)

ହରିୟାଣାର ପୂର୍ବତନ ବିଧାୟକ କୁଲଦୀପ ବିଷ୍ଣୋଇ ଗୁରୁବାର ଭାଜପାରେ ଯୋଗ ଦେଇଛନ୍ତି। ଦୁଇ ମାସ ପୂର୍ବରୁ ସେ ରାଜ୍ୟ ସଭା ନିର୍ବାଚନରେ ଦଳୀୟ ହୁଇପ୍ ଅବମାନନା କରି ଶାସକ ଦଳ ଭାଜପା ସମର୍ଥିତ ପ୍ରାର୍ଥୀଙ୍କୁ ଭୋଟ ଦେଇଥିଲେ। କ୍ରସ ଭୋଟିଂ ପାଇଁ ତାଙ୍କୁ କଂଗ୍ରେସ ଦଳର ସମସ୍ତ ପଦବୀରୁ ବହିଷ୍କାର କରାଯାଇଥିଲା। ୪ ଥର ବିଧାୟକ ଓ ୨ ଥର ଏମ୍‌ପି ଥିବା ବିଷ୍ଣୋଇ ତାଙ୍କ ସ୍ତ୍ରୀ ରେଣୁକାଙ୍କ ସହ ଭାଜପାରେ ଯୋଗ ଦେଇଛନ୍ତି। ରେଣୁକା ମଧ୍ୟ ଜଣେ ପୂର୍ବତନ ବିଧାୟକ। ହରିୟାଣା ମୁଖ୍ୟମନ୍ତ୍ରୀ ମନୋହର ଲାଲ୍ ଖଟ୍ଟାର ଏବଂ ବରିଷ୍ଠ ଭାଜପା ନେତାମାନଙ୍କ ଉପସ୍ଥିତିରେ ଏହି ମିଶ୍ରଣ ପର୍ବ ହୋଇଥିଲା। ବିଷ୍ଣୋଇ ନରେନ୍ଦ୍ର ମୋଦିଙ୍କୁ ସର୍ବଶ୍ରେଷ୍ଠ ପ୍ରଧାନମନ୍ତ୍ରୀ କହିବା ସହ ମୁଖ୍ୟମନ୍ତ୍ରୀ ଖଟ୍ଟାରଙ୍କ ଉଚ୍ଚ ପ୍ରଶଂସା କରିଛନ୍ତି।

## ଶାହାଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କରିବ କି ଭାଜପା: କେଜ୍‌ରିୱାଲ

**ଅହମ୍ମଦାବାଦ,୪।୮:** ଆମ ଆଦମୀ ପାର୍ଟି ସଂଯୋଜକ(ଏଏପି) ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଟୁଇଟ କରି ଭାଜପାକୁ ଏକ ବଡ଼ ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି, ଗୁଜରାଟରେ ଏଏପିର ଲୋକପ୍ରିୟତା ଦିନକୁ ଦିନ ବଢ଼ିବାରେ ଲାଗିଛି। ଯାହାକୁ ଦେଖି ଭାଜପା ବିଚଳିତ ହେବାରେ ଲାଗିଛି। ତେବେ ଗୁଜରାଟରେ ହେବାକୁ ଥିବା ଆଗାମୀ ବିଧାନସଭା ନିର୍ବାଚନରେ ଭାଜପା ଅମିତ ଶାହାଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରିବ କି ବୋଲି କେଜ୍ରିୱାଲ ପ୍ରଶ୍ନ କରିଛନ୍ତି। ଏଥିସହ ଭୁପେନ୍ଦ୍ରଭାଇ ପଟେଲଙ୍କ କାର୍ଯ୍ୟରେ ଭାଜପା ଅସନ୍ତୁଷ୍ଟ ଅଛି କି ବୋଲି ସେ ଉଲ୍ଲେଖ କରିଛନ୍ତି।

# ସିଏଜି ରିପୋର୍ଟ ଦେଖାଇ ରାଜ୍ୟ ସରକାରଙ୍କୁ ଟାର୍ଗେଟ

ଭୁବନେଶ୍ୱର, ୪।୮(ବ୍ୟୁରୋ)

ସିଏଜି ରିପୋର୍ଟକୁ ନେଇ ଭାଜପା ରାଜ୍ୟ ସରକାରଙ୍କୁ ଭର୍ତ୍ସନା କରିଛି। ମୁଖ୍ୟତଃ ଜଙ୍ଗଲ, ପୂର୍ତ୍ତ, ଜଳ ସମ୍ପଦ ଓ ଖଣି ବିଭାଗରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଏଥିଯୋଗୁ ରାଜ୍ୟବାସୀଙ୍କୁ ହଜାର ହଜାର କୋଟି ଟଙ୍କାର କ୍ଷତି ସହିବାକୁ ପଡ଼ିଛି। ଏହି ଦୁର୍ନୀତି ନେଇ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ଅବଗତ କରାଯିବା ସହ ଲୋକ ସଭା ଓ ରାଜ୍ୟ ସଭାରେ ଏ ପ୍ରସଙ୍ଗ ଉଠିବ ବୋଲି ଭାଜପା ରାଜ୍ୟ ଉପସଭାପତି ଭୃଗୁ ବକ୍ସିପାତ୍ର କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଭୃଗୁ କହିଛନ୍ତି, ରାଜ୍ୟ ସରକାରଙ୍କ ୪୯ଟି ବିଭାଗରୁ ସିଏଜି ଜଙ୍ଗଲ, ପୂର୍ତ୍ତ ଓ ଜଳ ସମ୍ପଦ ବିଭାଗର ରିପୋର୍ଟ ଉପସ୍ଥାପିତ କରିଛନ୍ତି। ଏହି ୩ ବିଭାଗରେ ବ୍ୟାପକ ଦୁର୍ନୀତି ହୋଇଛି। ୩ ହଜାରରୁ ଅଧିକ ରିପୋର୍ଟ ସେଟେଲମେଣ୍ଟ ପାଇଁ ପଡି ରହିଛି। ୧୯୮୪ ମସିହାରୁ ପଡ଼ିଥିବା ସେଟେଲମେଣ୍ଟ ଅଡିଟ୍ ନ କରି ଅଧିକ ଖର୍ଚ୍ଚ କରାଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଏଥିପାଇଁ ୧ ହଜାର ୬୧୦ କୋଟି ଟଙ୍କା ଅନିୟମିତତା ହୋଇଛି। କାମ୍ପା ଫଣ୍ଡରେ ଓଡ଼ିଶାକୁ ସମଗ୍ର ଦେଶରେ ଅଧିକ ଅନୁଦାନ ମିଳିଥିଲା। ଏହାକୁ ଅନ୍ୟତ୍ର ବିନିଯୋଗ କରିବାର ନିୟମ ନ ଥିବାବେଳେ ରାଜ୍ୟ ସରକାର କିନ୍ତୁ ନିୟମ ଉଲ୍ଲଂଘନ କରି ୨୨୫ କୋଟି ଟଙ୍କାର କାମ୍ପା ଫଣ୍ଡକୁ ଡାଇଭର୍ଟ କରି ଦେଇଛନ୍ତି। ଯେଉଁ ଅଧିକାରୀମାନେ ଏଥିରେ ସମ୍ପୃକ୍ତ ସେମାନଙ୍କ ବିରୋଧରେ ଭୃଗୁ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ସେ ଆହୁରି କହିଛନ୍ତି, ୧୦ଟି ବିଭାଗର ୩୬ ହଜାର ୧୯୪ କୋଟି ଟଙ୍କାର ୟୁସି(ବିନିଯୋଗ ପ୍ରମାଣପତ୍ର) ଏଯାଏଁ କେନ୍ଦ୍ର ସରକାରଙ୍କୁ ଦିଆଯାଇନାହିଁ। ୨୦୧୯-୨୦ ବର୍ଷରେ କେବଳ ୧୬ ହଜାର ୩୦୧ କୋଟିର ୟୁସି ବାକି ଅଛି। ପବ୍ଲିକ ସେକ୍ଟର ଉପରେ ୧୩,୧୮୨ କୋଟି ଟଙ୍କା ବକେୟା ଅଛି। ତେବେ ଏଥିରେ ଯେଉଁମାନେ ସମ୍ପୃକ୍ତ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ଟଙ୍କା ଫେରସ୍ତ ଅଣାଯାଉ ବୋଲି ଭୃଗୁ ଦାବି କରିଛନ୍ତି।

# ବିଜେଡିରେ ଯୋଗଦେଲେ ଗଞ୍ଜାମ ଭାଜପାର ଯୁବମୋର୍ଚ୍ଚା ନେତା



ବିଜେଡିରେ ଯୋଗଦେଇଥିବା ନେତାଙ୍କୁ ସ୍ୱାଗତ ଜଣାଉଛନ୍ତି ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ।

ଭୁବନେଶ୍ୱର,୪।୮(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମରେ ଅନୁପ୍ରାଣିତ ହୋଇ ଗୁରୁବାର ଗଞ୍ଜାମ ଜିଲାର କେତେକ ଭାଜପା ନେତା ଓ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ଏହାଦ୍ୱାରା ଗଞ୍ଜାମ ଜିଲାରେ ବିଜେଡି ଅଧିକ ଦୃଢ ହେବ ବୋଲି ଶାସକ ଦଳ ନେତା କହିଛନ୍ତି। ସ୍ଥାନୀୟ ବିଜୁ ଯୁବ ଜନତା ଦଳ ରାଜ୍ୟ କାର୍ଯ୍ୟାଳୟଠାରେ ଗୁରୁବାର ଆୟୋଜିତ ମିଶ୍ରଣ ପର୍ବରେ ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଦଳରେ ସାମିଲ ହୋଇଥିବା ନେତା ଓ କର୍ମୀଙ୍କୁ ଦଳକୁ ସ୍ୱାଗତ କରିଛନ୍ତି। ବିଧାୟିକା ଲତିକା ପ୍ରଧାନଙ୍କ ନେତୃତ୍ୱରେ ଗଞ୍ଜାମର ଘୁମୁସର ସାଂଗଠନିକ ଜିଲା ଭାଜପାର ଯୁବମୋର୍ଚ୍ଚା ସଭାପତି ପ୍ରମୋଦ କୁମାର ପଣ୍ଡାଙ୍କ ସମେତ ବହୁ ଭାଜପା ନେତା ଏବଂ କର୍ମୀ ଆନୁଷ୍ଠାନିକ ଭାବେ ବିଜେଡିରେ ଯୋଗ ଦେଇଛନ୍ତି। ଦଳରେ ସମସ୍ତଙ୍କ ସମ୍ମାନ ଅକ୍ଷୁଣ୍ଣ ରହିବ ବୋଲି ମୁଖ୍ୟମନ୍ତ୍ରୀଙ୍କ ସନ୍ଦେଶ ଥିବା ପ୍ରଣବ ପ୍ରକାଶ ଦାସ କହିଛନ୍ତି। ବିଜେଡିରେ ଯୋଗଦେଇଥିବା ପ୍ରମୋଦ କୁମାର ପଣ୍ଡା କହିଛନ୍ତି, ଭାଜପାର କୌଣସି ନୀତି ଆଦର୍ଶ ନାହିଁ। ମୁଖ୍ୟମନ୍ତ୍ରୀ ନବୀନଙ୍କ ନେତୃତ୍ୱରେ ରାଜ୍ୟରେ ବିକାଶ ଜାରି ରହିଥିବାରୁ ସେ ଶାସକ ଦଳରେ ଯୋଗ ଦେଇଥିବା କହିଛନ୍ତି।


OFFICE OF THE CHAIRMAN, P.G. COUNCIL
SHRI JAGANNATH SANSKRIT UNIVERSITY
Shri Vihar, Puri - 3, Odisha
No. 3326/PGC Dt.04.08.2022
ADMISSION NOTICE
(Extension Date)
In Continuation of the Admission Notice No. 3228/PGC Dt.29.06.2022, the last date of receipt of application forms for admission into various P.G. Courses is extended by Dt.25.08.2022 at 4.30 P.M. For details see the website i.e. www.sjsv.nic.in.
Sd./- (Prof. Satrughna Panigrahi)
Chairman, P.G. Council

OFFICE OF THE
DISTRICT EDUCATION OFFICER, NABARANGPUR
ADVERTISEMENT
No. 5127/OAV-1/22 Dated, the 04.08.2022
The certificate verification for empanelment of teachers applied for OAVs Nabarangpur District is scheduled to be held on Dtd.10.08.2022, 12.08.2022 & 16.08.2022. So, the candidates applied in due date against Advt. No. 2642/Dtd.20.05.2022 of this office are requested to attend. Please visit www.nabarangpur.nic.in for more information.
Sd./- District Education Officer, Nabarangpur

GOVERNMENT OF ODISHA No. O-784
OFFICE OF THE SUPERINTENDING ENGINEER
RURAL WORKS DIVISION, GAJAPATI, PARLAKHEMUNDI
e-mail: rwd_gajapati@yahoo.co.in
NATIONAL COMPETITIVE BIDDING THROUGH e-Procurement
Identification No. Online Tender 05/GJP/2022-23
1. Name of the work : Building Works
2. Total No. Work : 6 (Six) Nos. of Building Works
3. Estimated Cost : Rs.34.11 lakhs to 33.89 lakhs
4. Class of Contractor : 'C' and 'B' Class Contractor
5. Period of Completion : Furnished in Annexure
6. Availability of Tender Online for Bidding : 12.08.2022 at 10.00 A.M. to 22.08.2022 upto 5.30 P.M.
7. Date and time of Opening of Tender : 23.08.2022 at 11.30 A.M.
8. Place of Opening : As per Annexure
Further details can be seen from the website www.tenderorissa.gov.in.
Sd./- Superintending Engineer
R.W. Divn., Gajapati
OIPR-25158/11/0009/2223

SHRI JAGANNATH SANSKRIT UNIVERSITY, SHRI VIHAR, PURI
No. Exam. 1685-2022/S.J.S.U., Puri Date: 03.08.2022
It is for the information of all concerned that filling up of forms for the Instant Examination in Upashastri, 2022 shal be conducted as per the programme given below.
Availability forms in University Website: www.sjsv.nic.in : 05.08.2022
Filling up of forms & preparation of Bank Drafts : 05.08.2022 to 12.08.2022
Deposit of forms and fees in the University : 16.08.2022 to 17.08.2022
Date of Examination : 25.08.2022
Time of Examination : 10 A.M. to 1.00 P.M.
Those regular candidates (Registration Batch 2020) who have secured 35% of marks or above in aggregate (i.e. 245 marks or above out of 700) in the Annual Upashastri Exmination, 2022 but have got failed in one subject shall be eligible to appear the Instant Examination in the failed subject only. The list of candidates eligible to appear the Instant Examination, 2022 in Upashastri is available in the University website. All the Principals/H.O.I.s are requested to download the same from the University website: www.sjsv.nic.in. Candidates desirous of appearing the examination may fill up the forms and deposit the requisite fees in the Colleges as per the programme given above.
The list of examination centres for the instant examination shall be notified in the University website: www.sjsv.nic.in on 19.08.2022.
By Order of the Vice-Chancellor
Sd./- Controller of Examinations

Government of Odisha
DEPARTMENT OF STEEL & MINES
CANCELLATION OF TENDER CALL NOTICE
VIII-(OE-C)SM-8/2020(pt)/7508/SM
Bhubaneswar Dated the 02.08.2022
No. G-24: The Tender Call Notice issued vide this Department Letter No. 7217/SM dated 27.07.2022 is hereby cancelled due to administrative reasons.
Sd./- Joint Secretary to Government
OIPR-30001/11/0003/2223

ଓଡ଼ିଶା ସରକାର
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
ନୋଟିସ
ଶ୍ରୀ ବିଷ୍ଣୁ ଚରଣ ମାଝି
ପିତା: ରାମଚନ୍ଦ୍ର ମାଝି
ସା/ପୋ.: ଘାଟିକିଆ, ଥାନା: ଖଣ୍ଡଗିରି (ଭୁବନେଶ୍ୱର)
ଜିଲ୍ଲା: ଖୋର୍ଦ୍ଧା
No. T-123: ରାଜଧାନୀ ନର୍ସରୀର ଅଧକ୍ଷଙ୍କ ରିପୋର୍ଟ ଅନୁସାରେ ଆପଣ ତା୨୭।୦୭।୨୦୧୨ରିଖଠାରୁ କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ ସରକାରୀ କାର୍ଯ୍ୟରେ ଅନୁପସ୍ଥିତ ରହି ଅଛନ୍ତି। ବାରମ୍ବାର ନୋଟିସ ଜାରି କରିବା ସତ୍ତ୍ୱେ ଆପଣ ଏ ପର୍ଯ୍ୟନ୍ତ କାର୍ଯ୍ୟରେ ଯୋଗ ଦେଉନାହାନ୍ତି କିମ୍ବା ଅନୁପସ୍ଥିତ ରହିବାର କାରଣ ମଧ ଜଣାଉନାହାନ୍ତି।
ଏତଦ୍ୱାରା ଆପଣଙ୍କୁ ଅବଗତି କରାଇ ଦିଆଯାଉଅଛି ଯେ, ଉକ୍ତ ନୋଟିସ ପାଇବାର ୧୦ଦିନ ମଧରେ କାର୍ଯ୍ୟରେ ଯୋଗଦାନ କରନ୍ତୁ ନଚେତ ଆପଣଙ୍କ ବିରୁଦ୍ଧରେ ନିୟମ ଅନୁଯାୟୀ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।
ସ୍ୱା./- ଅତିରିକ୍ତ ମାହାଲ ନିର୍ଦ୍ଦେଶକ ତଥା
ଅତିରିକ୍ତ ଶାସନ ସଚିବ
OIPR-09014/11/0024/2223

OFFICE OF THE SUPERINTENDING ENGINEER, RWSS DIVISION, RAIRANGPUR
INVITATION FOR BIDS
E-mail: eerwss_rai@nic.in, eerwss.rai@gmail.com
e-PROCUREMENT NOTICE
IDENTIFICATION No. 21 RWSS/RRPUR-2022-23 / Dated: 01.08.2022
No. O-787: The Superintending Engineer, RWSS Division, Rairangpur on behalf of Governor of Odisha, invites percentage rate bids to be received in online mode for the following works from the eligible experienced contractors in similar nature of work, registered with State Govt. & contractor of equivalent Grade/Class registered with Central Govt./Railways.
1. Nature of work : a) Execution of clubbed up 3 Nos. of PWS schemes to different villages of Thakurmunda Block under RWS&S Division, Rairangpur in the District of Mayurbhanj.
2. No. of packages : 01 (One) No.
3. Period of Completion : 11 (Eleven) Months
4. Cost of Tender : Rs.10000.00
5. Estimated Cost : Rs.309.13 lakhs
6. Class of Contractor : (As mentioned in Tender Call Notice)
7. Date and time of availability of bid documents in portal : From 10 hours of 08.08.2022 to 17.00 hours of 25.08.2022
8. Receipt of bid cost, bid security, documents : Online only
9. Date & time of opening of technical bid : Dt.26.08.2022 at 11.00 hours onwards
10. Other documents : (As mentioned in DTCN)
11. The bidders have to particiapte in Online bidding only. Further details can be seen from the website https://www.tendersodisha.gov.in.
12. Any addendum/corrigendum/cancellation of tender can also be seen in the said website.
Sd./- Superintending Engineer
RWSS Division, Rairangpur
OIPR-25010/11/0021/2223

OFFICE OF THE SUPERINTENDING ENGINEER, JHARSUGUDA (R&B) DIVISION
E-mail ID: eepwdjsg2014@gmail.com, Telephone: 06645-271242
Kalimandir Road, Jharsuguda - 768202
No. 3109 Dt.02.08.2022
2nd Corrigendum to e-Procurement Notice
BID No. EE R&B-JSG-03 of 2022-23
No. B-391: The e-Procurement Notice BID No. EE R&B-JSG-03 of 2022-23 invited by the Superintending Engineer, Jharsuguda (R&B) Division is hereby modified as follows due to some unavoidable circumstances the tender could not be uploaded and the same is hereby extended from 10.00 A.M. 02.08.2022 to 17.00 hours 17.08.2022 and critical date hereby modified as 10.00 A.M. 23.08.2022 to 17.00 hours 06.09.2022.
The Online bid will be opened by the assigned officer in the Office of the Superintending Engineer, Jharsuguda (R&B) Division at 11.30 A.M. on Dt.19.08.2022 in place of Dt.07.09.2022.
The bid documents will be available in the website https://tendersodisha.gov.in.
All other terms and conditions in DTCN remain unchanged.
Sd./- Executive Engineer
Jharsuguda (R&B) Division
OIPR-34094/11/0006/2223

DIRECTORATE OF STATE INSTITUTE OF HEALTH & FAMILY WELFARE, ODISHA
Nayapalli, Bhubaneswar - 751012
Ph.: 2394336, 2395338, 2396072 (Hostel), Fax: 2391954
E-mail: sihfwodisha@nic.in & sihfwodisha@gmail.com
Tender Notice No. SIHFW-OE-OE-0021-2022-2919 Dt.02.08.2022
(SIHFW-OPP-Pur-04/2022)
TENDER NOTICE FOR ANNUAL RATE CONTRACT FOR SUPPLYING OF PAPERS TO THE OFFSET PRINTING PRESS
No. E-367: Sealed tenders are invited from registered and reputed Dealers/Stockists/Agencies/Suppliers for supplying of papers to the Offset Printing Press of the State Institute of health and Family Welfare, Odisha for the year 2022-23 (one year from the date of signing of contract).
Interested Dealers / Stockists / Firms / Agencies / Suppliers having experience of supplying of papers to the offset printing press of the Govt./PSU can download the tender documents, details of specification of papers along-with terms and conditions from the official website i.e. https://www.sihfwodisha.nic.in & https://www.odisha.gov.in/tender during the period from 5th Aug. 2022 to 26th Aug. 2022. In such cases the tender is required to pay cost of tender application/processing fees amounting Rs.1,000/- (Rupees one thousand) only (non refundable) in shape of DD drawn in favour of Director, S.I.H.&F.W., Odisha, payable at Bhubaneswar. The tender documents complete in all respect shall be received upto 26th Aug. 2022 (5 P.M.) by Regd. Post/Speed Post. Tender received other than Regd. Post and Speed Post shall summarily be rejected. The date of opening of BID shall be notified in the official website.
The Director, SIH&FW(O) reserves the right to accept or reject any or all tenders without assigning any reason thereof. The specification of papers is indicated in Annexure-I. This office does not give any guarantee of minimum purchase.
Sd./- Director
State Institute of Health & Family Welfare, Odisha
OIPR-10003/11/0055/2223

OFFICE OF THE PROJECT DIRECTOR
STATE URBAN DEVELOPMENT AGENCY
Plot No. 172, Vivekananda Marg, Kalpana Square, Bhubaneswar, PIN - 751014, (http://www.sudaodisha.org.)
NOTICE
No. 001 Dt.: 04.08.2022
No. CAD-1379: The RFP invited in this office Notice No. 1198 Dated 21.04.2022 is hereby cancelled due to administrative ground.
The Project Director, State Urban Development Agency (SUDA) invites fresh proposals from experienced agencies for conducting geotechnical investigations and drone survey in legacy waste dumpsites in Package-I (Cuttack Municipal Corporation, Berhampur Municipal Corporation and Puri Municipality) and Package - II (Sambalpur Municipal Corporation, Bhadrak Municipality and Balasore Municipality), Odisha via Management contract. The details of the RfP can be downloaded from the website of SUDA http://www.sudaodisha.org. The last date for submission of proposal is 5.30 P.M. of 02.09.2022. Any Corrigendum/Changes/Modifications will appear in the website of SUDA http://www.sudaodisha.org only.
OIPR-13036/11/0004/2223 Sd./- Project Director

GOVERNMENT OF ODISHA No. O-790
OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, SUNDARGARH
At/P.O.: Sankara, Sundargarh - 770020, E-mail address: serw_sundargarh@yahoo.com
No. Tender Online - RWCCESNG-17 of 2022-23 Letter No. 2140 Dtd.03.08.2022
e-Procurement NOTICE
1. Type of the Work : Road Work (PR)
2. Class of Contractor : As specified in the Column - 7 of the Annexure
3. Time of Completion : As specified in the Column - 6 of the Annexure
4. Detail Projects : As per Annexure attached
5. Estimated Cost : As specified in the Column - 5 of the Annexure
6. Other details :

| Procurement Officer | Bid Identification No. | Availability of Tender Online for Bidding | | Last date & time of seeking tender clarification | Date & time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sundargarh | RWCCESNG - 17 of 2022-23 | 08.08.2022 11.00 A.M. | 17.08.2022 5.00 P.M. | 16.08.2022 5.00 P.M. | 19.08.2022 11.00 A.M. | Will be intimated separately |

Further details can be seen from the website www.tendersodisha.gov.in.
OIPR-25133/11/0022/2223 Sd./- Chief Construction Engineer, Rural Works Circle, Sundargarh

ODISHA LIFT IRRIGATION CORPORATION LTD.
OFFICE OF THE EXECUTIVE ENGINEER, LIFT IRRIGATION DIVISION, BOUDH
e-mail id- eeolicboudh@gmail.com
'e' Procurement Notice
Bid Identification No. OLIC-BOUDH-13/2022-23
No. 3461 Date: 03.08.2022
The Executive Engineer, Lift Irrigation Division, Boudh on behalf of OLIC invites Percentage Rate bids in single cover system to be received in Online Mode only for the work Revival of 12 Nos. LIPs under Boudh, Harbhanga & Kantamal Blocks in Boudh District as detailed in the table below. The Bid should be submitted by the eligible class of contractors as mentioned below registered with the State Government and contractors of equivalent grade / class registered with Central Government / M.E.S. / Railways /C.P.W.D. for execution of Civil Works with valid Electrical (H.T) License issued by ELBO Odisha through On-Line in the Govt. website www.tendersodisha.gov.in. The bidders should have necessary portal enrolement (with own digital signature certificate). The registered bidders from outside Odisha can also participate in this on-line tender process after necessary portal enrollment but shall have to subsequently undergo registration with appropriate authority of the State.
1. Name of the Works:- Revival of River Lift Irrigation Projects 12 Nos. with supply of all materials on Turnkey basis, 2. Total Nos. of Package:- 12, 3. Approximate Estimated Cost:- Rs.15.02 Lakhs to Rs.15.26 Lakhs, 4. Class of Contractor:- As mentioned against each package, 5. Period of Completion:- 120 Days for all projects from the date of issue of work order, 6. Other details as follows:-

| Procurement Officer | Bid Identification No. | Availability of Tender Online for Bidding | | Last date & time of seeking tender clarification | Date & time of Opening of tender in the Office of the Executive Engineer, L.I. Division, Boudh |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, L.I. Division, Boudh | OLIC/ Boudh/10/ 2022-23 | 10.08.2022 at 11.00 Hrs. | 29.08.2022 at 17.00 Hrs. | 25.08.2022 at 17.00 Hrs. | 02.09.2022 at 11.00 Hrs. |

• Details can be seen from the Website www.tenderodisha.gov.in.
• Any Corrigendum/Addendum will be displayed in the above website only.
Sd./- Executive Engineer, L.I. Division, Boudh

GOVERNMENT OF ODISHA No. A-439
"e" PROCUREMENT NOTICE
Bid Identification No. CCE, KIP (KCD-II)-04/2022-23
(Pertaining to Kanupur Canal Division No. II, Rimuli)

| | | |
|---|---|---|
| 1 | Name of the Work | "Construction of Chauthia Distributary from RD 10,410m to RD 12,750m and Minors and Sub-Minors off-taking from RD 00m to RD 10,410m of Chauthia Distributary (Excluding Forest Area, Gamharia Minor, Tuntuna Minor and Tuntuna Sub-Minor) including all structures of Kanupur Irrigation Project" |
| 2 | Estimated Cost | Rs.615.09 lakh |
| 3 | Period of Completion | 11 (Eleven) Calendar Months including rainy season |
| 4 | Date & Time of availability of bid document in the portal | Dt.05.08.2022 from 10.00 hours to Dt.20.08.2022 upto 17.00 hours |
| 5 | Last date/time of receipt of bid in the portal | Dt.20.08.2022 upto 17.00 hours |
| 6 | Name & address of the Officer Inviting Bid | Er. Prasanna Kumar Pani Chief Construction Engineer, Kanupur Irrigation Project, At/P.O.: Basudevpur, Dist.- Keonjhar, Odisha - 758047 |

Further details can be seen from e-Procurement portal www.tendersodisha.gov.in.
Sd./- (Er. Prasanna Kumar Pani)
Chief Construction Engineer, Kanupur Irrigation Project, Basudevpur, Keonjhar
OIPR-32376/11/0004/2223

OFFICE OF THE
MEDICAL SUPERINTENDENT CHC DELANG, DIST.- PURI
BLOCK PROGRAMME MANAGEMENT UNIT (BPMU)
NATIONAL HEALTH MISSION (NHM)
Quotation No. 01 Date: 03.08.2022
QUOTATION CALL NOTICE FOR ENGAGEMENT OF VEHICLE (RBSK)
No. E-371: Sealed quotations are invited from registered agencies/individuals for hiring/empanelment of vehicle having Taxi number to be used for official purposes. The details term and conditions are available in the district website www.puri.nic.in. The requirement of vehicles, location and purpose of use along with the basis of supply/hiring/empanelment of the agencies are given below.

| Sl. No. | Type of Vehicle | Place of Work (Location) | No. of Vehicle | Remarks |
|---|---|---|---|---|
| 01 | Scorpio, Bolero-xls, Xylo, etc., i.e. -7 seater or more vehicles only | RBSK Work at CHC, Delang | 1 | Monthly Basis |

The bidding documetns complete in all respect should reach the Block Programme Management Unit, O/o. The Superintendent, CHC, Delang on or before 10.08.2022 (5.00 P.M.) through Registered/Speed Post or Courier and Superscribed as "BID DOCUMENTS FOR HIRING OF VEHICLE". The bids will be opened on 12.08.2022 at 11 A.M. The authority reserves the right to cancel or accept any quotation fully or partially without assigning any reason thereof.
Sd./- Dr. S.K. Tripathy
Superintendent, CHC, Delanga, Puri
OIPR-10193/11/0001/2223

## ଫର୍ଚୁନ୍ ଗ୍ଲୋବାଲ୍ ୫୦୦ରେ ଏଲ୍ଆଇସି

**ନୂଆଦିଲ୍ଲୀ:** ଭାରତୀୟ ଜୀବନ ବୀମା ନିଗମ (ଏଲ୍ଆଇସି) ବିଶ୍ୱର ସବୁଠୁ ମୂଲ୍ୟବାନ ୫୦୦ କମ୍ପାନୀ ମଧ୍ୟରେ ସ୍ଥାନ ପାଇଛି। ନିକଟରେ ଫର୍ଚୁନ ଗ୍ଲୋବାଲ ପକ୍ଷରୁ ଜାରି କରାଯାଇଥିବା ତାଲିକା ସୂଚୀ ଅନୁସାରେ ଏଲ୍ଆଇସି ୯୮ତମ ସ୍ଥାନରେ ରହିଛି। ସେହିଭଳି ମୁକେଶ ଅମ୍ବାନୀଙ୍କ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ୫୧ତମରେ ପହଞ୍ଚିଛି। ପୂର୍ବରୁ ରିଲାଏନ୍ସ ୧୦୪ତମ ସ୍ଥାନରେ ରହିଥିଲା। ଉକ୍ତ ତାଲିକାର ଶୀର୍ଷ ସ୍ଥାନରେ ଆମେରିକାର ୱାଲ୍ମାର୍ଟ ଥିବା ବେଳେ ସର୍ବମୋଟ ୯ଟି ଭାରତୀୟ କମ୍ପାନୀ ଉକ୍ତ ତାଲିକାରେ ସ୍ଥାନ ପାଇଛନ୍ତି। ସେଥିମଧ୍ୟରୁ ୫ଟି ସରକାରୀ କମ୍ପାନୀ ଥିବାବେଳେ ୪ଟି ଘରୋଇ କମ୍ପାନୀର ନାମ ରହିଛି।

### ସଂକ୍ଷେପରେ

## ଫୋନ୍ ପେ ପକ୍ଷରୁ ସ୍ମାର୍ଟ ସ୍ପିକରର ଶୁଭାରମ୍ଭ

**ନୂଆଦିଲ୍ଲୀ,୪।୮:** ଦେଶର ପ୍ରମୁଖ ଫିନ୍‌ଟେକ ପ୍ଲାଟ୍‌ଫର୍ମ ଫୋନ୍ ପେ ପକ୍ଷରୁ ସ୍ମାର୍ଟ ସ୍ପିକରର ଶୁଭାରମ୍ଭ କରାଯାଇଛି। ଉକ୍ତ ସ୍ମାର୍ଟ ସ୍ପିକର ପ୍ରାଥମିକ ପର୍ଯ୍ୟାୟରେ ୫ଟି ସହରର ୧ଲକ୍ଷରୁ ଅଧିକ ଡିଭାଇସରେ ଫୋନ୍ ପେ ମର୍ଚ୍ଚାଣ୍ଟ ପାର୍ଟନରଙ୍କ ଦ୍ୱାରା ବ୍ୟବହୃତ ହେଉଛି। ଫୋନ ପେ ସ୍ମାର୍ଟ ସ୍ପିକର ୧୧ଟି ଭାରତୀୟ ଭାଷାରେ ପେମେଣ୍ଟ ନୋଟିଫିକେସନ ପ୍ରଦାନ କରୁଛି। ଏହା ୪ ଦିନ ପର୍ଯ୍ୟନ୍ତର ବ୍ୟାଟେରି ଲାଇଫ, ଏକ ପ୍ରାରମ୍ଭିକ ସେଟ୍-ଅପ୍ ମୂଲ୍ୟ ଭାବେ ମାତ୍ର ୫୦ ଟଙ୍କା ମୂଲ୍ୟରେ ଡୋରଷ୍ଟେପ୍ ଇନ୍‌ଷ୍ଟଲେସନ ଏବଂ ମାସକୁ ୫୦ଟଙ୍କାର ନିମ୍ନମାସିକ ଭଡ଼ା ସହ ଆସୁଛି। ଶୁଭାରମ୍ଭ ଅଫର ଭାବେ ଉଭୟ ପ୍ରାରମ୍ଭିକ ସେଟ ଅପ୍ ଏବଂ ମାସିକ ଭଡ଼ା ମାତ୍ର ୧ଟଙ୍କାରେ ଉପଲବ୍ଧ। ଏହି ଡିଭାଇସରେ କୌଣସି ଉତ୍ପାଦନଜନିତ ତ୍ରୁଟି ହେଲେ ଏହାକୁ ଆଜୀବନ ମାଗଣାରେ ବଦଳାଯାଇପାରିବ। ଏ ସମ୍ପର୍କରେ ଫୋନ୍ ପେର ଅଫ୍‌ଲାଇନ ବିଜ୍‌ନେସ ମୁଖ୍ୟ ବିବେକ ଲୋଚେବ କହିଛନ୍ତି, ଫୋନ୍ ପେରେ ଆମେ କ୍ରମାଗତ ଭାବେ ନୂତନ ଅଫର ଉତ୍ପାଦନ କରୁଛୁ।

## ଅଂଶଧନ ବିକ୍ରି କରିବ ସ୍ପାଇସ୍‌ଜେଟ୍

**ନୂଆଦିଲ୍ଲୀ,୪।୮:** ଦେଶର ପ୍ରମୁଖ ଘରୋଇ ବିମାନ କମ୍ପାନୀ ସ୍ପାଇସ୍‌ଜେଟ୍ ପାଣ୍ଠି ଯୋଗାଡ଼ କରିବା ଲାଗି ନିଜର ଅଂଶଧନ ବିକ୍ରି କରିବା ସମ୍ପର୍କରେ ବିଚାର କରୁଛି। ଏପରିକି ବିଭିନ୍ନ କାରଣରୁ କମ୍ପାନୀ ଘୋର ଆର୍ଥିକ ସଙ୍କଟ ଦେଇ ଗତି କରୁଛି। କମ୍ପାନୀର ଅଂଶଧନ କ୍ରୟ ପାଇଁ ମଧ୍ୟ ପ୍ରାଚ୍ୟର ଏକ ସଂସ୍ଥା ସହ ଆଲୋଚନା କରୁଥିବା ଜଣାପଡିଛି। ସେହିଭଳି ପାଣ୍ଠି ସଂଗ୍ରହ ଲାଗି ନିବେଶକମାନଙ୍କ ସହ ଏଭଳି ଆଲୋଚନା ଜାରି ରହିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏ ନେଇ ମଧ୍ୟ ବେସାମରିକ ବିମାନ ଚଳାଚଳ ନିୟାମକ ସଂସ୍ଥା ଡିଜିସିଏ ପକ୍ଷରୁ କମ୍ପାନୀକୁ କାରଣ ଦର୍ଶାଅ ନୋଟିସ କରାଯାଇଥିଲା। ସ୍ପାଇସ୍ ଜେଟ୍‌ର ମୁଖ୍ୟ ଅଜୟ ସିଂହଙ୍କ ୬୦% ଅଂଶଧନ ରହିଛି। କମ୍ପାନୀର ୨୪% ଅଂଶଧନ ମଧ୍ୟ ପ୍ରାଚ୍ୟର ଏକ ବିମାନ କମ୍ପାନୀକୁ ବିକ୍ରି କରିବାକୁ ଉଦ୍ୟମ ଆରମ୍ଭ ହୋଇଛି।

# କମିପାରେ ଖାଇବାତେଲ ଦର

## ଲିଟର ପିଛା ୧୦ରୁ ୧୫ ଟଙ୍କା ହ୍ରାସ ଘଟିବ



**ନୂଆଦିଲ୍ଲୀ,୪।୮**

ଦୀର୍ଘଦିନର ଦରବୃଦ୍ଧି ପରେ ଗତ ମାସ ବିଭିନ୍ନ ବର୍ଗର ଖାଇବା ତେଲ ଉପରେ ୫ରୁ ୧୦ ଟଙ୍କା ହ୍ରାସ ଘଟିଥିଲା। ଫଳରେ ଖାଉଟି କିଛି ପରିମାଣରେ ଆଶ୍ୱସ୍ତି ଲାଭ କରିଥିଲେ। ଏପରିକି ସାରା ଦେଶ ଆଗକୁ ପାର୍ବଣ ପାଳନ କରିବ। ଏହାକୁ ନଜରରେ ରଖି ସରକାର ମଧ୍ୟ ଖାଉଟିଙ୍କ ହିତ ଲାଗି ଖାଇବା ତେଲ ସହ ଅନେକ ଖାଦ୍ୟ ସାମଗ୍ରୀର ଦର ହ୍ରାସ କରିପାରନ୍ତି। ଏ ନେଇ ଗୁରୁବାର କେନ୍ଦ୍ର ଖାଦ୍ୟ ସଚିବ ବିଭିନ୍ନ କମ୍ପାନୀର ବରିଷ୍ଠ ଅଧିକାରୀଙ୍କ ସହ ମିଳିତ ଭାବେ ଏକ ଯୋଜନା ପ୍ରସ୍ତୁତ ସହ ଖାଇବା ତେଲ ଦର ଏବଂ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ଦର ସମ୍ପର୍କିତ ଏକ ସମୀକ୍ଷା ବୈଠକ କରିଛନ୍ତି। ଏହି ପରିପ୍ରେକ୍ଷୀରେ ମନ୍ତ୍ରଣାଳୟ ପକ୍ଷରୁ କମ୍ପାନୀଗୁଡ଼ିକୁ ଖାଇବା ତେଲର ଦର ଲିଟର ପିଛା ୧୦ରୁ ୧୫ ଟଙ୍କା ହ୍ରାସ କରନ୍ତୁ ବୋଲି କୁହାଯାଇଛି। ଯଦି କମ୍ପାନୀଗୁଡ଼ିକ ସରକାରଙ୍କ ଉକ୍ତ ପ୍ରସ୍ତାବ ଗ୍ରହଣ କରନ୍ତି ତା ହେଲେ ଆଗାମୀ ପାର୍ବଣ ପୂର୍ବରୁ ଖାଇବା ତେଲର ହ୍ରାସ ସହ ଖାଉଟିଙ୍କୁ ମଧ୍ୟ ସାମାନ୍ୟ ଆଶ୍ୱସ୍ତି ମିଳିବ। ଅପରପକ୍ଷରେ ସରକାର ଯଦି ଖାଦ୍ୟ ତୈଳ ଦର ଶସ୍ତା କରିବାରେ ସଫଳ ହୁଅନ୍ତି ତେବେ ମୂଲ୍ୟ ବୃଦ୍ଧି କିଛି ମାତ୍ରାରେ ନିୟନ୍ତ୍ରିତ ହେବ ବୋଲି ବଜାର ବିଶେଷଜ୍ଞମାନେ ଆଶାବ୍ୟକ୍ତ କରିଛନ୍ତି। ସେହିପରି ସଚିବଙ୍କ ସୂଚନା ଅନୁଯାୟୀ କମ୍ପାନୀଗୁଡିକୁ ସରକାର ମଧ୍ୟ କିଛି ସମୟ ଦେଇଛନ୍ତି। ସ୍ୱଳ୍ପ ସମୟ ମଧ୍ୟରେ କମ୍ପାନି ଦର ହ୍ରାସ ସମ୍ପର୍କରେ ଚିନ୍ତା କରି ପାର୍ବଣ ପୂର୍ବରୁ ଖାଇବା ତେଲ ଓ ଖାଦ୍ୟ ସାମଗ୍ରୀର ଦର ହ୍ରାସ ସମ୍ପର୍କରେ ଘୋଷଣା କରିବେ ବୋଲି ଅନୁମାନ କରାଯାଉଛି। ତେବେ ବର୍ତ୍ତମାନ ନୂଆଦିଲ୍ଲୀରେ ସୋରିଷ ତେଲ ଲିଟର ପିଛା ୧୭୦ ରୁ ୧୮୦ ଟଙ୍କାରେ ବିକ୍ରି ହେଉଥିବା ବେଳେ ଅନ୍ୟ ପ୍ରମୁଖ ଖାଇବା ତେଲର ମୂଲ୍ୟ ୧୪୦ରୁ ୧୬୦ ମଧ୍ୟରେ ରହିଛି। ସେହିପରି ଓଡ଼ିଶା ବଜାରରେ ପାମୋଲିନ ଲିଟର ପିଛା ୧୨୦ରୁ ୧୨୫ ଟଙ୍କାରେ ବିକ୍ରି ହେଉଥିବା ବେଳେ ସୂର୍ଯ୍ୟମୁଖୀ ତେଲର ଦର ୧୫୫ରୁ ୧୬୦ ଟଙ୍କା, ସୋରିଷ ତେଲ ୧୫୦ରୁ ୧୮୦ ଟଙ୍କା ଏବଂ ଅନ୍ୟାନ୍ୟା ଖାଇବା ତେଲର ଦର ୧୨୦ରୁ ୧୪୦ ମଧ୍ୟରେ କାରବାର ହେଉଥିବା ଓଡ଼ିଶା ବ୍ୟବସାୟୀ ମହାସଂଘର ସଚିବ ସୁଧାକର ପଣ୍ଡା ମତବ୍ୟକ୍ତ କରିଛନ୍ତି। ଆଗକୁ ପାର୍ବଣ ସହ ଫସଲ ଉତ୍ପାଦନର ସମୟ ଆସୁଥିବାରୁ ସରକାର ଲକା ସାଙ୍ଗରେ ଖାଇବା ତେଲ ଓ ଅନ୍ୟ ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀର ଦର ହ୍ରାସ ସମ୍ପର୍କରେ ଘୋଷଣା କରିପାରନ୍ତି ବୋଲି ପଣ୍ଡା କହିଛନ୍ତି। ଉଲ୍ଲେଖଯୋଗ୍ୟ, ଓଡ଼ିଶା ବଜାରରେ ୫୦% ପାମୋଲିନ ତେଲ ବିକ୍ରି ହେଉଥିବା ବେଳେ ୨୫% ସନ୍‌ଫ୍ଲାୱାର, ୧୫% ସୋରିଷ ତେଲ ଏବଂ ବାକି ବଜାର ଅଂଶ ଅନ୍ୟ ଖାଇବା ତେଲ ବିକ୍ରି କରାଯାଉଛି। ଭାରତ ପେଟ୍ରୋଲ ଓ ଡିଜେଲ ଭଳି ବିଦେଶରୁ ମଧ୍ୟ ଖାଇବା ତେଲ ଆମଦାନୀ କରିଥାଏ। ଏପରିକି ଅନ୍ତଃରାଷ୍ଟ୍ରୀୟ ବଜାରରେ ଖାଦ୍ୟ ତୈଳ ମହଙ୍ଗା ହେଲେ ଦେଶରେ ମଧ୍ୟ ମହଙ୍ଗା ହେଉଛି। ମାଲେସିଆରୁ ପାମ୍ ଅଏଲ ଆମଦାନୀ ହେଉଛି, ସେଠାରେ ଯଦି ମୂଲ୍ୟ ବୃଦ୍ଧି ହେଉଛି, ଦେଶରେ ମଧ୍ୟ ପାମ ତେଲ ଦର ବଢୁଛି। ଭାରତ ମୋଟ ଆବଶ୍ୟକତାର ୬୦% ତୈଳ ବିଦେଶରୁ ଆମଦାନୀ କରିଥାଏ। ଏପରିକି ଦେଶରେ ନୁହେଁ ବିଦେଶରେ ମଧ୍ୟ ଖାଦ୍ୟ ତୈଳ ଦର ୫୦% ପର୍ଯ୍ୟନ୍ତ ହ୍ରାସ ହୋଇଛି।

## କେୟାର ହସ୍ପିଟାଲରେ ଅସ୍ଥି, ଖଞ୍ଜା ଦିବସ




**ଭୁବନେଶ୍ୱର,୪।୮**

ରାଜ୍ୟର ପ୍ରମୁଖ ଘରୋଇ ଚିକିତ୍ସାଳୟ 'କେୟାର ହସ୍ପିଟାଲ' ପକ୍ଷରୁ ନ୍ୟାସନାଲ ବୋନ ଆଣ୍ଡ ଜଏଣ୍ଟ ବା ଜାତୀୟ ଅସ୍ଥି ଓ ଖଞ୍ଜା ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଆଣ୍ଠୁ ପ୍ରତିରୋପଣ କରିଥିବା ୨୦ରୁ ଊର୍ଦ୍ଧ୍ୱ ରୋଗୀ ଯୋଗ ଦେଇ ସେମାନଙ୍କର ଅଭିଜ୍ଞତା ବଖାଣିବା ସହ ଏକ ର୍ୟାଂପ୍ ୱାକ୍‌ରେ ମଧ୍ୟ ଚାଲିଥିଲେ। ଅପରପକ୍ଷରେ ରୋଗୀଙ୍କ ପାଇଁ ହସ୍ପିଟାଲ ପରିସରରେ ଏକ ସ୍ୱତନ୍ତ୍ର କର୍ମଶାଳା 'କେୟାର କନେକ୍ଟ' ଶୀର୍ଷକ ବିଷୟବସ୍ତୁର ଆୟୋଜନ କରାଯାଇଥିଲା।

ଏ ସମ୍ପର୍କରେ କେୟାର ହସ୍ପିଟାଲର ବରିଷ୍ଠ ଅସ୍ଥିଶଲ୍ୟ ବିଶେଷଜ୍ଞ ତଥା ସ୍ପୋର୍ଟସ୍ ଇନ୍‌ଜୁରୀ ରିହାବିଲିଟେସନ୍ ବିଭାଗର ମୁଖ୍ୟ ଡା.ସନ୍ଦୀପ ସିଂହ କହିଛନ୍ତି, ବର୍ତ୍ତମାନର ପରିବେଶ ଓ ପରିପାଟି ଯୋଗୁ ସବୁ ବର୍ଗର ଲୋକ ଅସ୍ଥିଶଲ୍ୟ ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି। ଏପରିକି ଅତ୍ୟାଧୁନିକ ପଦ୍ଧତିରେ କିଭଳି ଆଣ୍ଠୁ ପ୍ରତିରୋପଣ କରାଯାଉଛି, ସେ ସମ୍ପର୍କରେ ମଧ୍ୟ ଆଲେଚନା କରିବା ସହ ଦୀର୍ଘଦିନ ପର୍ଯ୍ୟନ୍ତ ଏକ ଯନ୍ତ୍ରଣା ମୁକ୍ତ ଜୀବନ ପାଇଁ ଆମର ଖାଦ୍ୟପେୟ ଓ ଜୀବନଶୈଳୀ କିଭଳି ହେବା ଉଚିତ୍ ସେ ବାବଦରେ ସିଂ ବିସ୍ତୃତ ସୂଚନା ଉପସ୍ଥିତ ରୋଗୀ ଓ ଅନ୍ୟମାନଙ୍କୁ ଦେଇଥିଲେ। ସେହିଭଳି କେୟାର ହସ୍ପିଟାଲ ଭୁବନେଶ୍ୱରର ଏଚ୍‌ସିଓଓ କିସଲେ ଆନନ୍ଦ ବିଭିନ୍ନ ପ୍ରକାର ଅସ୍ଥିଗତ ସମସ୍ୟା ପାଇଁ କେୟାର ହସ୍ପିଟାଲ୍ ଭୁବନେଶ୍ୱରରେ ଉପଲବ୍ଧ ଅତ୍ୟାଧୁନିକ ଚିକିତ୍ସା ପଦ୍ଧତି ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସେହିପରି ଡା. ଲୋକନାଥ ଦାଶ (ଜିଏମ୍ ବିଡ଼ି) ଗରିବ ରୋଗୀଙ୍କ ପାଇଁ କେୟାର ହସ୍ପିଟାଲରେ ମହଜୁଦ ରହିଥିବା ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ।

## ଓଡ଼ିଶା ବଜାରରେ 'ନ୍ୟୁ ଟିଭିଏସ୍ ରୋନିନ୍'




**ଭୁବନେଶ୍ୱର,୪।୮**

ଦେଶର ପ୍ରମୁଖ ଦୁଇ ଓ ତିନି ଚକିଆ ଯାନ ନିର୍ମାତା 'ଟିଭିଏସ୍ ମୋଟର' ପକ୍ଷରୁ ଓଡ଼ିଶା ବଜାରରେ ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ରେଟ୍ରୋ ମୋଟର ସାଇକେଲ 'ନ୍ୟୁ ଟିଭିଏସ୍ ରୋନିନ୍'କୁ ଗୁରୁବାର ସ୍ଥାନୀୟ ଖଣ୍ଡଗିରିର ଏକ ହୋଟେଲ ପରିସରରେ ଉନ୍ମୋଚନ କରାଯାଇଛି। ଏହା ଜରିଆରେ କମ୍ପାନୀ ତା'ର ୧୧୦ ବର୍ଷର ଲମ୍ବା ପରମ୍ପରା, ଅଗ୍ରଣୀ ପ୍ରଯୁକ୍ତି ଓ ନବସୃଜନକୁ ଆଗକୁ ବଢ଼ାଇବ। ଟିଭିଏସ୍ ମୋଟରର ପ୍ରିମିୟମ ବ୍ୟବସାୟ ମୁଖ୍ୟ ବିମଳ ସୁମ୍ବଲି କହିଛନ୍ତି, ବିଶ୍ୱ ସ୍ତରରେ ମୋଟରସାଇକେଲର ଚାଳନା ବଦଳୁଛି। ଏହା କାର୍ଯ୍ୟର ଉଦ୍ଦେଶ୍ୟ ସାଧନ କରିବାଠାରୁ ଆଗକୁ ବଢ଼ି ଆତ୍ମପ୍ରକାଶ, ସ୍ୱାଧୀନତା ଓ ଅନୁସନ୍ଧାନ ପାଇଁ ଆଗ୍ରହ ପର୍ଯ୍ୟନ୍ତ ପହଞ୍ଚିଛି।

ଟିଭିଏସ୍ ରୋନିନ୍‌ର ବିବିଧ ସୁବିଧା ସୁଯୋଗ ସହ ସ୍ୱତନ୍ତ୍ର ଡିଜାଇନ୍ ଓ ଆଧୁନିକ ପ୍ରଯୁକ୍ତି ଯୋଗୁ ଏହା ସବୁ ପ୍ରକାର ରାସ୍ତାରେ ଚାପ ମୁକ୍ତ ଗାଡ଼ି ଚାଳନା ଅନୁଭୂତିକୁ ନିଶ୍ଚିତ କରିବ। ଆକର୍ଷଣୀୟ ପ୍ରଯୁକ୍ତି ଓ ଡୁଆଲ ଚ୍ୟାନେଲ ଏବିଏସ୍, ଭଏସ୍ ଆସିଷ୍ଟାଣ୍ଟ ଓ ଉନ୍ନତ କନେକ୍ଟିଭିଟି ଭଳି ସୁବିଧା ସୁଯୋଗ ସହ ଅନେକ ଜ୍ଞାନକୌଶଳର ସୁବିଧା ପ୍ରଥମ ଥର ପାଇଁ ଏଥିରେ ବ୍ୟବହାର କରାଯାଇଛି। ଟିଭିଏସ୍ ରୋନିନ୍ ୩ଟି ଭାରିଆଣ୍ଟରେ ଉପଲବ୍ଧ। ଟିଭିଏସ୍ ରୋନିନ୍ ଏସ୍‌ଏସ୍‌ର ଦାମ୍ ୧,୪୯,୦୦୦ ଟଙ୍କା, ଟିଭିଏସ୍ ରୋନିନ୍ ଡିଏସ୍‌ର ଦାମ୍ ୧,୫୬,୫୦୦ ଟଙ୍କା ଓ ଟପ୍ ଭାରିଆଣ୍ଟ ଟିଭିଏସ୍ ରୋନିନ୍ ଟିଡିର ଦାମ୍ ୧,୬୮,୭୫୦ ଟଙ୍କା (ଏକ୍ସ ଶୋ'ରୁମ୍, ଓଡ଼ିଶା) ରହିଛି।

## ବଢିପାରେ ରେପୋରେଟ୍

**ନୂଆଦିଲ୍ଲୀ,୪।୮:** ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଙ୍କ ମୂଲ୍ୟ ନିର୍ଦ୍ଧାରଣ କମିଟିର ୩ ଦିନିଆ ବୈଠକ ବୁଧବାରଠାରୁ ଆରମ୍ଭ ହୋଇଯାଇଛି। ଦେଶରେ ବଢ଼ି ଚାଲିଥିବା ମୁଦ୍ରାସ୍ଫୀତି ନିୟନ୍ତ୍ରଣ ଲାଗି ଏହି ପଦକ୍ଷେପ ନିଆଯାଇପାରେ। ଯଦି ଏମ୍‌ପିସି ଏଥିଲାଗି ପ୍ରସ୍ତାବ କରନ୍ତି ତେବେ ୩ ମାସର କ୍ଷୁଦ୍ର ଅବଧିରେ ରେପୋ ହାର ୩ୟ ଥର ବଢ଼ିବ। କେନ୍ଦ୍ରୀୟ ବ୍ୟାଙ୍କ ପୂର୍ବରୁ ତାଙ୍କ ସରଳ ମୁଦ୍ରାନୀତିକୁ ଧୀରେ ଧୀରେ ପ୍ରତ୍ୟାହାର କରିବେ ବୋଲି ଘୋଷଣା କରିଥିଲେ। ଦେଶରେ ବଢି ରହିଥିବା ମୂଲ୍ୟବୃଦ୍ଧି ନିୟନ୍ତ୍ରଣ ଲାଗି ଉଭୟ କେନ୍ଦ୍ର ସରକାର ଓ ଆର୍‌ବିଆଇ ଉଦ୍ୟମ ଜାରି ରଖିଛନ୍ତି। ଏହା ସତ୍ତ୍ୱେ ଚଳିତବର୍ଷ ଜାନୁୟାରୀରୁ ମୁଦ୍ରାସ୍ଫୀତି ହାର ୬% ରୁ ଉପରେ ରହିଛି। ଆର୍‌ବିଆଇ ମୁଦ୍ରାସ୍ଫୀତିକୁ ୪% ରେ ରଖିବା ଲାଗି ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ଏଥିରେ ୨% ପର୍ଯ୍ୟନ୍ତ ବୃଦ୍ଧି ଓ ହ୍ରାସ ହୋଇପାରେ।

## ହିରୋ ମୋଟୋକର୍ପର ହ୍ୱିଲସ ଅଫ୍ ଟ୍ରଷ୍ଟ ଅଭିଯାନ

**ନୂଆଦିଲ୍ଲୀ,୪।୮**

ଦେଶର ପ୍ରମୁଖ ୨ଚକିଆ ଯାନ ନିର୍ମାତା 'ହିରୋ ମୋଟୋକର୍ପ' ପକ୍ଷରୁ ଏକ ରି-ସେଲ୍ ପ୍ଲାଟ୍‌ଫର୍ମ ଡିଜିଟାଲ ଅବତାରରେ 'ହ୍ୱିଲସ ଅଫ୍ ଟ୍ରଷ୍ଟ'ର ଅଭିଯାନ ସମ୍ପର୍କରେ ଘୋଷଣା କରାଯାଇଛି। କମ୍ପାନୀ ଏକ ଇଣ୍ଟିଗ୍ରେଟେଡ୍ ଓମନି-ଚ୍ୟାନେଲ ଏକ୍ସଚେଞ୍ଜ୍ ଇକୋସିଷ୍ଟମ ସେବା ଓ ଶ୍ରେଷ୍ଠ ବିକ୍ରୟ ମୂଲ୍ୟ ପ୍ରଦାନ କରିବ। ଏପରିକି ଯେ କୌଣସି ବ୍ରାଣ୍ଡର ୨ଚକିଆ ଯାନ ଏକ୍ସଚେଞ୍ଜ ପାଇଁ ଏହାର ୱାନ୍ ଷ୍ଟପ୍ ସମାଧାନ ଉପଲବ୍ଧ କରାଇବାର ଲକ୍ଷ୍ୟ ରଖିଛି। ନୂତନ ଯୁଗର ଅଭିଜ୍ଞତା ପ୍ରଦାନ କରି ଆଶାୟୀ ଗ୍ରାହକମାନେ ସେମାନଙ୍କର ସ୍ମାର୍ଟଫୋନ୍‌ରୁ ସହଜରେ ହ୍ୱିଲସ ଅଫ୍ ଟ୍ରଷ୍ଟ ଡିଆଇୱାଇ ସହାୟତାରେ ମୂଲ୍ୟ ସମ୍ପର୍କିତ ତଥ୍ୟ ପାଇପାରିବେ, ଯାହା ଶୀଘ୍ର ଏବଂ ସ୍ୱଚ୍ଛ ରିସେଲ ମୂଲ୍ୟ ପ୍ରଦାନ କରିବାକୁ ପ୍ରତିଶ୍ରୁତିବଦ୍ଧ। ୯୦୦ରୁ ଅଧିକ ବିଶ୍ୱସ୍ତ ଚ୍ୟାନେଲ ସହଭାଗୀମାନଙ୍କ ନିକଟରେ ଉପସ୍ଥିତ ଥିବା ବିଶେଷଜ୍ଞମାନେ ସମସ୍ତ ସୁବିଧା ଗ୍ରାହକଙ୍କୁ ଉପଲବ୍ଧ କରାଇବେ। ଏ ସମ୍ପର୍କରେ ହିରୋ ମୋଟୋକର୍ପର ଚିଫ୍ ଗ୍ରୋଥ୍ ଅଫିସର ରଣଜିତ୍ ସିଂ କହିଛନ୍ତି, କମ୍ପାନୀର ୨ଚକିଆ ରିସେଲ ଅଭିଯାନ ହ୍ୱିଲସ ଅଫ୍ ଟ୍ରଷ୍ଟ ବିକ୍ରୟ ପ୍ଲାଟ୍‌ଫର୍ମରେ ୫ଲକ୍ଷରୁ ଊର୍ଦ୍ଧ୍ୱ ଗ୍ରାହକ ରହିଛନ୍ତି। ଏହି ଅଭିଯାନ ଗ୍ରାହକଙ୍କୁ ଖୁସି, ସମ୍ପୂର୍ଣ୍ଣ ବିଶ୍ୱାସ, ସ୍ୱଚ୍ଛତା ଏବଂ ମାନସିକ ଶାନ୍ତି ପ୍ରଦାନ କରିଛି। ବର୍ତ୍ତମାନର ଡିଜିଟାଲ ଅବତାରରେ ଗ୍ରାହକମାନେ ନିଜ ଘରେ ବସି ସହଜରେ ଯେକୌଣସି ୨ଚକିଆ ଯାନର ସର୍ବୋତ୍ତମ ରିସେଲ ମୂଲ୍ୟ ସମ୍ପର୍କରେ ଜାଣିପାରିବେ।

### ଫୁର୍‌ସତ

## ଆଲିଆଙ୍କ 'ଡାର୍ଲିଂ'କୁ ବୟକଟ୍


ଆଲିଆ ଭଟ୍ଟ

**ମୁମ୍ବାଇ:** ଏବେ ବଲିଉଡ୍‌ରେ ଦେଖିବାକୁ ମିଳୁଛି ବୟକଟ୍ ଟ୍ରେଣ୍ଡ। ଅଭିନେତା ଆମିର ଖାଁ ଏବଂ ଖିଲାଡି ଷ୍ଟାର ଅକ୍ଷୟ କୁମାରଙ୍କ ପରେ ଏବେ ଅଭିନେତ୍ରୀ ଆଲିଆ ଭଟ୍ଟଙ୍କ ପାଳି ପଡିଛି। ତାଙ୍କ ଆଗାମୀ ସିନେମା 'ଡାର୍ଲିଂ' ରିଲିଜ୍ ପୂର୍ବରୁ ଏହାକୁ ବୟକଟ୍ କରିବାକୁ ସୋସିଆଲ ମିଡିଆରେ ଦାବି ହେଉଛି। ଆମିରଙ୍କ ଫିଲ୍ମ 'ଲାଲ୍ ସିଂ ଚଡ୍ଡା', ଅକ୍ଷୟଙ୍କ 'ରକ୍ଷା ବନ୍ଧନ' ପରେ ଏବେ ଆଲିଆଙ୍କ ଡାର୍ଲିଂକୁ ନେଇ ବିବାଦ ଦେଖାଦେଇଛି। କିଛିଦିନ ହେବ ଆଲିଆଙ୍କ ଏହି ଫିଲ୍ମକୁ ନେଇ ଚର୍ଚ୍ଚା ଲାଗି ରହିଛି। ସିନେମାଟି ଅଗଷ୍ଟ ୫ରେ ଓଟିଟି ପ୍ଲାଟଫର୍ମରେ ରିଲିଜ୍ ହେବାକୁ ଯାଉଛି। ହେଲେ ଏହା ପୂର୍ବରୁ ଏହି ମୁଭିକୁ ବିରୋଧ କରାଯାଉଛି। ପୁରୁଷଙ୍କ ଉପରେ ହେଉଥିବା ଘରୋଇ ହିଂସାକୁ ସିନେମାରେ କମେଡି ଭାବେ ଉପସ୍ଥାପନ କରାଯାଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଆଲିଆଙ୍କ ଅଭିନୀତ ଓ ପ୍ରଯୋଜନାରେ ନିର୍ମିତ 'ଡାର୍ଲିଂ' ଚଳଚ୍ଚିତ୍ରରେ ମନୋରଞ୍ଜନ ନାଁରେ ସମାଜକୁ ଭୁଲ ବାର୍ତ୍ତା ଦିଆଯାଉଥିବା ସୋସିଆଲ ମିଡିଆରେ ୟୁଜର୍ସମାନେ ପ୍ରତିକ୍ରିୟା ରଖିଛନ୍ତି। ପ୍ରକାଶ ଯେ, ଡାର୍ଲିଂରେ ଜସ୍ମିତ୍ କେ ରିନ୍ ନିର୍ଦ୍ଦେଶନା ଦେଇଥିବାବେଳେ ପ୍ରଯୋଜନା ଦାୟିତ୍ୱରେ ଗୌରୀ ଖାଁ, ଆଲିଆ, ଗୌରବ ବର୍ମା ଅଛନ୍ତି। ଏହି ଫିଲ୍ମକୁ ଓଟିଟି ପ୍ଲାଟଫର୍ମ ନେଟ୍‌ଫ୍ଲିକ୍ସ ୮୦ କୋଟି ଟଙ୍କାରେ କିଣିଛି।

# ବିନା ଶୁକ୍ରାଣୁରେ ଭ୍ରୂଣ


ପ୍ରଥମ ସିନ୍ଥେଟିକ୍ ଏମ୍ବ୍ରିଓ

**ଜେରୁଜେଲମ:** ଚିକିତ୍ସା ବିଜ୍ଞାନରେ ଏକ ବଡ଼ ସଫଳତା ଭାବେ ପ୍ରଥମ କରି ବିନା ଶୁକ୍ରାଣୁ(ସ୍ପର୍ମ)ରେ ଇସ୍ରାଏଲର ବୈଜ୍ଞାନିକମାନେ ଏକ ସିନ୍ଥେଟିକ୍ ଭ୍ରୂଣ (ଏମ୍ବ୍ରିଓ) ପ୍ରସ୍ତୁତ କରିଛନ୍ତି। ଗର୍ଭ ବାହାରେ ଏକ ପେଟ୍ରି ଥଳିରେ ଷ୍ଟେମ୍ କୋଷିକା ବ୍ୟବହାର କରି ଏହି ଭ୍ରୂଣ ତିଆରି କରାଯାଇଛି। ସିନ୍ଥେଟିକ୍ ଏମ୍ବ୍ରିଓ ମଡେଲ ଦ୍ୱାରା ଏପରି ଭ୍ରୂଣରୁ ଟିସ୍ୟୁ ଏବଂ ପ୍ରତିରୋପଣ ନିମନ୍ତେ ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ବିକଶିତ କରାଯାଇପାରିବ ବୋଲି ବୈଜ୍ଞାନିକମାନେ ଆଶା କରିଛନ୍ତି। ଅଙ୍ଗ ପ୍ରତିରୋପଣର ଆବଶ୍ୟକତା ପୂରଣ କରିବା ଏହି ଗବେଷଣାର ଉଦ୍ଦେଶ୍ୟ। ସେଲ୍ ପତ୍ରିକାରେ ଅଧ୍ୟୟନ ବାବଦ ରିପୋର୍ଟ ପ୍ରକାଶ ପାଇଛି।

ଇସ୍ରାଏଲର ୱେଇଜ୍‌ମାନ୍ ଇନ୍‌ଷ୍ଟିଚ୍ୟୁଟ ବୈଜ୍ଞାନିକଙ୍କ କହିବା ମୁତାବକ, ମୂଷାର ଷ୍ଟେମ୍ ସେଲ୍‌ରୁ ଅନ୍ତଃନଳୀ, ମସ୍ତିଷ୍କ ବିକଶିତ ହେବାର ଆରମ୍ଭ ପର୍ଯ୍ୟାୟ ଏବଂ ସ୍ପନ୍ଦନ ଥିବା ହୃତ୍‌ପିଣ୍ଡ ଆଦି ପ୍ରାରମ୍ଭିକ ଭ୍ରୂଣ ସଂରଚନାରେ ଉପଯୋଗ କରାଯାଇପାରିବ। କ୍ୟାନ୍ସର ଭଳି ରୋଗରେ ପୀଡ଼ିତ ରୋଗୀଙ୍କ ଚିକିତ୍ସାରେ ଏଭଳି ଭ୍ରୂଣ ବେଶ୍ ଉପଯୋଗୀ ହେବ। ଗତବର୍ଷ ଏହି ଗବେଷକ ଟିମ୍ ଏକ ମେକାନିକାଲ ଗର୍ଭ ପ୍ରସ୍ତୁତ କରିଥିଲେ। ଏହାକୁ ବ୍ୟବହାର କରି ଗର୍ଭାଶୟ ବାହାରେ ମୂଷାର ଭ୍ରୂଣ ବିକଶିତ କରିବାରେ ସେମାନଙ୍କୁ ସଫଳତା ମିଳିଥିଲା। ସଦ୍ୟ ବିକଶିତ ଭ୍ରୂଣରେ ଉକ୍ତ ମେକାନିକାଲ ଗର୍ଭକୁ ବ୍ୟବହାର କରାଯାଇଛି। ଷ୍ଟେମ୍ ସେଲ୍‌ଗୁଡ଼ିକରେ ପୂର୍ବରୁ କେତେକ କେମିକାଲ ପ୍ରୟୋଗ କରାଯାଇଥିଲା। ସେଥିରେ କେତେକ ଜେନେଟିକ୍ ପ୍ରୋଗ୍ରାମକୁ ବଦଳାଯାଇଥିଲା। ଗବେଷଣାରେ ନିଆଯାଇଥିବା ଷ୍ଟେମସେଲଗୁଡ଼ିକ ମଧ୍ୟରୁ ମାତ୍ର ୫% ହିଁ ଭ୍ରୂଣ ଆକାରରେ ବଢ଼ିଥିଲା। ମୂଷାର ପ୍ରାକୃତିକ ଗର୍ଭ ସହ ତୁଳନା କରାଯିବା ପରେ ତାହା ୯୫% ପର୍ଯ୍ୟନ୍ତ ମିଶୁଥିବା ବୈଜ୍ଞାନିକମାନେ ଦାବି କରିଛନ୍ତି। ତେବେ ଏଥିରୁ କେବଳ ମନୁଷ୍ୟ ଶରୀରରେ ପ୍ରତିରୋପଣ ହେବାକୁ ଥିବା ଅଙ୍ଗ ବିକଶିତ କରାଯାଇପାରିବ। ଏହାକୁ ବ୍ୟବହାର କରି ଜୀବନ ସୃଷ୍ଟି କରାଯାଇପାରିବ ନାହିଁ ବୋଲି ଗବେଷଣାରେ ଭାଗ ନେଇଥିବା ପ୍ରଫେସର ଜାକୋବ୍ ହନ୍ନା କହିଛନ୍ତି।

# ଟ୍ରେନ୍ ଦୁର୍ଘଟଣା ରୋକିବ 'କବଚ'




**ନୂଆଦିଲ୍ଲୀ:** ରେଲୱେକୁ ଦୁର୍ଘଟଣାମୁକ୍ତ କରିବା ପାଇଁ ନିଜସ୍ୱ ଜ୍ଞାନକୌଶଳରେ ନିର୍ମିତ ସ୍ୱୟଂଚାଳିତ ଟ୍ରେନ୍ ସୁରକ୍ଷା ସିଷ୍ଟମ 'କବଚ' ଅଧୀନରେ ଧୀରେ ଧୀରେ ଭାରତୀୟ ରେଳପଥକୁ ସମ୍ପୂର୍ଣ୍ଣ ଭାବେ କଭର୍ କରିବାକୁ ପଦକ୍ଷେପ ନିଆଯିବ। ଏ ନେଇ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଲୋକ ସଭାରେ ସୂଚନା ଦେଇଛନ୍ତି। ଦକ୍ଷିଣ କେନ୍ଦ୍ରୀୟ ରେଳପଥ ବିଦାର-ପରଭାନି ଏବଂ ମନ୍‌ମଦ୍-ପରଭାନି-ଗୁଣ୍ଟକଲ ସେକ୍ସନର ୧,୪୪୫ କିଲୋମିଟର ରେଳପଥରେ କବଚ ସିଷ୍ଟମ ବ୍ୟବହାର ହୋଇଛି। ଏଥିସହ ଦିଲ୍ଲୀ-ମୁମ୍ବାଇ ଏବଂ ଦିଲ୍ଲୀ-ହାଓଡା କରିଡରର ପ୍ରାୟ ୩,୦୦୦ କିଲୋମିଟର ରୁଟ୍‌ରେ କବଚ ରହିବା ନିମନ୍ତେ ଟେଣ୍ଡର ମାଧ୍ୟମରେ ମୂଲ୍ୟାୟନ ପ୍ରକ୍ରିୟା ଚାଲିଥିବା ମନ୍ତ୍ରୀ କହିଛନ୍ତି। ସର୍ବାଧିକ ବ୍ୟବହାର ହେଉଥିବା ୩୫ ହଜାର କିଲୋମିଟରରୁ ଊର୍ଦ୍ଧ୍ୱ ରୁଟ୍‌କୁ ଗତ ୨ ବର୍ଷରେ ଏଥିରେ ସାମିଲ କରାଯାଇ କାର୍ଯ୍ୟ ଜାରିରହିଛି। ନିଜର ଟ୍ରେନ୍ ସୁରକ୍ଷା ବ୍ୟବସ୍ଥା ବିକଶିତ କରିବାରେ ଭାରତ ବିଶ୍ୱର ଅଳ୍ପ କେତେକ ଦେଶ ମଧ୍ୟରୁ ଅନ୍ୟତମ। ଏହା ଇଣ୍ଡିପେଣ୍ଡେଣ୍ଟ ସେଫ୍ଟି ଆସେସର ଦ୍ୱାରା ଏହା ସେଫ୍ଟି ଇଣ୍ଟିଗ୍ରିଟି ଲେଭଲ(ଏସ୍‌ଆଇଏଲ୍-୪) ସର୍ବୋଚ୍ଚସ୍ତରର ସୁରକ୍ଷା ପ୍ରମାଣପତ୍ର ହାସଲ କରିଛି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି।

### କବଚ ସିଷ୍ଟମ କ'ଣ

ଟ୍ରେନ୍ କୋଲିଜନ୍ ଆଭଏଡାନ୍ସ ସିଷ୍ଟମ(ଟିସିଏଏସ୍) ଅଧୀନରେ ଭାରତର ନିଜସ୍ୱ ସ୍ୱୟଂଚାଳିତ ସୁରକ୍ଷା ବ୍ୟବସ୍ଥା କବଚକୁ ୨୦୧୨ରୁ ବିକଶିତ କରାଯାଇଛି। ଏହି ବୈଦ୍ୟୁତିକ ଉପକରଣ ଏବଂ ରେଡିଓ ଫ୍ରିକ୍ୱେନ୍ସି ଆଇଡେଣ୍ଟିଫିକେଶନ ଡିଭାଇସ୍ ସମୂହକୁ ଲୋକୋମୋଟିଭ୍‌ସରେ ଇନ୍‌ଷ୍ଟଲ କରାଯାଏ। ଏହା ଟ୍ରେନ୍‌ର ବ୍ରେକ୍ ଉପରେ ନିୟନ୍ତ୍ରଣ ରଖିବା ସହ ଚାଳକଙ୍କୁ ବିଭିନ୍ନ ସିଗ୍ନାଲ ମାଧ୍ୟମରେ ଆଲର୍ଟ କରିଥାଏ। କୌଣସି ଦୁର୍ଘଟଣା ଏଡ଼ାଇବାକୁ ଲୋକୋ ପାଇଲଟ୍ ବ୍ରେକ୍ ଲଗାଇବାରେ ବିଫଳ ହେଲେ କବଚ ଆପେ ଆପେ ଟ୍ରେନ୍‌ର ବ୍ରେକ୍ ଲଗାଇ ଗତି ନିୟନ୍ତ୍ରଣ କରିଥାଏ। ଏଥିସହ ଉଚ୍ଚ ରେଡିଓ ଫ୍ରିକ୍ୱେନ୍ସି ବ୍ୟବହାର କରି ନିରନ୍ତର ଟ୍ରେନ୍‌ର ଗତି ଉପରେ ନଜର ରଖିଥାଏ। ଦୁଇଟି ଟ୍ରେନ୍ ମଧ୍ୟରେ ଦୁର୍ଘଟଣା ଆଶଙ୍କା ଥିଲେ କବଚ ଏହି ଉପାୟରେ ବ୍ରେକ୍ ଲଗାଇଥାଏ। ଘନ କୁହୁଡ଼ିବେଳେ ରାସ୍ତା ଠିକ୍ ଭାବେ ଦେଖା ନ ଗଲେ ଏହା ଲୋକୋ ପାଇଲଟ୍‌ଙ୍କୁ ସାହାଯ୍ୟ କରିଥାଏ। ଆଗାମୀ ଦିନରେ ଏଥିରେ ଉଚ୍ଚ ଜ୍ଞାନକୌଶଳ ସମ୍ପନ୍ନ ୟୁରୋପିଆନ୍ ଟ୍ରେନ୍ କଣ୍ଟ୍ରୋଲ ସିଷ୍ଟମ୍ ଲେଭଲ-୨ ରଖାଯିବାର ଯୋଜନା ରହିଛି। ୟୁରୋପୀୟ ବ୍ୟବସ୍ଥା ତୁଳନାରେ କବଚ ସିଷ୍ଟମ ଅପେକ୍ଷାକୃତ କମ୍ ବ୍ୟୟରେ ପ୍ରସ୍ତୁତ କରାଯାଇଛି।

## ଆଗ୍ନେୟଗିରି ଦେଖିବାକୁ ଯାଇ ଜଳିଗଲେ



**କାନବେରା:** ଅନେକ ବ୍ୟକ୍ତି ସବୁବେଳେ କିଛି ନୂଆ ନୂଆ ସ୍ଥାନ ଯିବାକୁ ପସନ୍ଦ କରନ୍ତି। ହେଲେ ଏପରି କାର୍ଯ୍ୟ ତାଙ୍କୁ ବେଳେବେଳେ ମହଙ୍ଗା ପଡିଥାଏ। ଅଷ୍ଟ୍ରେଲିଆର ଜଣେ ଯୁବତୀ ଷ୍ଟେଫନି ବ୍ରୋବିଟ ପରିବାର ସହ ବୁଲିବାକୁ ଯାଇଥିବାବେଳେ ତାଙ୍କ ସହ ଘଟିଥିବା ଏକ ଘଟଣା ବିଷୟରେ କହିଛନ୍ତି। ସେ ୨୦୧୯ରେ ବାପା ଏବଂ ଭଉଣୀଙ୍କ ସହ ନ୍ୟୁଜିଲାଣ୍ଡର ୱାଇଟ୍ ଦ୍ୱୀପରେ ଥିବା ଆଗ୍ନେୟଗିରି ଦେଖିବାକୁ ଯାଇଥିଲେ। ହେଲେ ସେହି ସମୟରେ ଲାଭ ଉଦ୍‌ଗିରଣ ହୋଇଥିଲା। ତାଙ୍କ ସହିତ ଦ୍ୱୀପରେ ୪୭ଜଣ ଉପସ୍ଥିତ ଥିଲେ। ସେମାନଙ୍କ ମଧ୍ୟରୁ ୨୨ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟମାନେ ଆହତ ହୋଇଥିଲେ। ଉକ୍ତ ୨୨ ଜଣଙ୍କ ମଧ୍ୟରେ ଷ୍ଟେଫନିଙ୍କ ବାପା ଏବଂ ଭଉଣୀ ମଧ୍ୟ ରହିଥିଲେ। ଷ୍ଟେଫନିଙ୍କ ଶରୀର ମଧ୍ୟ ୭୦% ଜଳିଯାଇଥିଲା।

## ଦେଶର ଜନସଂଖ୍ୟା ୨୭



**ଲଣ୍ଡନ:** କ୍ଷେତ୍ରଫଳ ଦୃଷ୍ଟିରୁ ରୁଷିଆ ବିଶ୍ୱର ସର୍ବବୃହତ ଦେଶ ହୋଇଥିବାବେଳେ ଜନସଂଖ୍ୟା ଦୃଷ୍ଟିରୁ ଚାଇନା ସବୁଠାରୁ ଆଗରେ ରହିଛି। ଏହି କ୍ରମରେ ଦେଖିଲେ ଭାରତ ଦ୍ୱିତୀୟ ସର୍ବାଧିକ ଲୋକସଂଖ୍ୟାର ଦେଶ। ୟୁରୋପୀୟ ଦେଶ ଭାଟିକାନ୍ ସିଟିର ଜନସଂଖ୍ୟା ପ୍ରାୟ ୯୦୦ ହୋଇଥିବାବେଳେ ଏହାକୁ ବିଶ୍ୱର ସବୁଠୁ କ୍ଷୁଦ୍ର ରାଷ୍ଟ୍ର ବୋଲି କୁହାଯାଏ। ହେଲେ ଦୁନିଆରେ ଏପରି ଆଉ ଏକ ଦେଶ ରହିଛି ଯେଉଁଠି ମାତ୍ର ୨୭ ଲୋକ ବାସକରନ୍ତି। ଏହାର ନାଁ ହେଉଛି ସି-ଲ୍ୟାଣ୍ଡ। ଏହାର କ୍ଷେତ୍ରଫଳ ମାତ୍ର ୬ ହଜାର ବର୍ଗଫୁଟ। ସି-ଲ୍ୟାଣ୍ଡକୁ ମାଇକ୍ରୋ ନେଶନ ମଧ୍ୟ କୁହାଯାଏ। ଦ୍ୱିତୀୟ ବିଶ୍ୱ ଯୁଦ୍ଧ ସମୟରେ ବ୍ରିଟିଶମାନେ ଏହି ଦେଶ ତିଆରି ଥିଲେ। ତେବେ ଅନ୍ତର୍ଜାତୀୟ ସ୍ତରରେ ବିଧିବଦ୍ଧ ଭାବେ ଏହାକୁ ଦେଶ ମାନ୍ୟତା ମିଳି ନ ଥିବାରୁ କ୍ଷୁଦ୍ରରାଷ୍ଟ୍ର ତାଲିକାରେ ସାମିଲ କରାଯାଇନାହିଁ।

'ସିଲ୍ୟାଣ୍ଡ' ବ୍ରିଟେନର ସୁଫୋକ୍ସ ତଟଠାରୁ ପ୍ରାୟ ୧୦ କି.ମି. ଦୂରରେ ଅବସ୍ଥିତ। ସମୁଦ୍ର ମଝିରେ ଏକ ଦୁର୍ଗ ଉପରେ ଏହାର ଭୂମି। ୧୯୪୩ରେ ବ୍ରିଟିଶମାନେ ତାହାକୁ ଏକ ଦେଶ ଭଳି ଦେଖିବା ସହ ସେଠାରେ ରାଜତନ୍ତ୍ର ଆରମ୍ଭ କରିଥିଲେ। ପରେ ସେଠାରେ ଡାକ ଟିକଟ, ପାସ୍‌ପୋର୍ଟ ଏବଂ ମୁଦ୍ରା ମଧ୍ୟ ଘୋଷଣା କରାଯାଇଥିଲା। ମୁଦ୍ରାରେ ରାୟ ବ୍ରିଟିଶଙ୍କ ସ୍ତ୍ରୀ ଜେନ୍ ବ୍ରିଟିଶଙ୍କ ଛବି ରହିଥିଲା। ସ୍ଥଳସେନା ଏବଂ ନୌସେନା ଘାଟି ପାଇଁ ମଧ୍ୟ ବ୍ରିଟିଶମାନେ ସି-ଲ୍ୟାଣ୍ଡକୁ ବ୍ୟବହାର କରୁଥିଲେ। ଏହାର ଏକ ଲାଲ ରଙ୍ଗର ପତାକା ରହିଛି।

## ମାନସ ମଙ୍ଗରାଜ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପରାମର୍ଶଦାତା କମିଟି ସଦସ୍ୟ ମନୋନୀତ



ଭୁବନେଶ୍ୱର,୪।୮(ବ୍ୟୁରୋ): ବିଜେଡି ରାଜ୍ୟସଭା ସଦସ୍ୟ ମାନସ ମଙ୍ଗରାଜଙ୍କୁ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପରାମର୍ଶଦାତା କମିଟି ସଦସ୍ୟ ଭାବେ ମନୋନୀତ କରାଯାଇଛି । ଗୁରୁବାର ସଂସଦୀୟ ବ୍ୟାପାର ମନ୍ତ୍ରାଳୟ ପକ୍ଷରୁ ଏ ନେଇ ବିଜ୍ଞପ୍ତି ପ୍ରକାଶ କରାଯାଇଛି । ଏହା ପୂର୍ବରୁ ସେ ସାମୁଦ୍ରିକ ଦ୍ରବ୍ୟ ରପ୍ତାନି ଉନ୍ନୟନ କର୍ତ୍ତୃପକ୍ଷ(ଏମପିଇଡିଏ)ସଦସ୍ୟ ଭାବେ ନିର୍ବାଚିତ ହୋଇଥିଲେ ।



ଗଡ଼ଦେଉଳିଆଠାରେ ବନ୍ଧା ହୋଇଥିବା ଅସୁସ୍ଥ ଘୋଡ଼ା ।

# ଅସୁସ୍ଥ ଘୋଡ଼ାକୁ ଛାଡ଼ି ଚାଲିଗଲେ ମାଲିକ

**ହଜିଗଲା ମାନବିକତା**

ବୈଶିଙ୍ଗା,୪।୮(ଡି.ଏନ.ଏ.)

ଘୋଡ଼ାକୁ ନିଜ କାମରେ ଲଗାଇ ବହୁ ଅର୍ଥ ରୋଜଗାର କରିଥିଲେ ମାଲିକ। ହେଲେ କଥା କହି ପାରୁ ନ ଥିବା ଏହି ଘୋଡ଼ାଟି ଯେବେ ଅସୁସ୍ଥ ହୋଇପଡ଼ିଲା ମାଲିକ ତାଙ୍କୁ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ପଳାଇଗଲେ । ମାନବିକତାଶୂନ୍ୟ ଏଭଳି ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପ୍ରାଣୀପ୍ରେମୀମାନେ ଦାବି କରିଛନ୍ତି । ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ଗଡ଼ଦେଉଳିଆସ୍ଥିତ ୧୮ନଂ. ଜାତୀୟ ରାଜପଥ ପାର୍ଶ୍ୱ ଏକ ଢ଼ାବା ନିକଟରେ ଗୁରୁବାର ଏଭଳି ଘଟଣା ଦେଖିବାକୁ ମିଳିଛି ।

ପୂର୍ବାହ୍ନରେ ଏକ ବିଦ୍ୟୁତ୍ ଖୁଣ୍ଟରେ ଘୋଡ଼ାଟିଏ ବନ୍ଧା ହୋଇଥିବା ଦେଖିବାକୁ ମିଳିଥିଲା । ଖବର ପ୍ରଚାର ହେବା ପରେ ବହୁ ଲୋକ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରିଥିଲେ ହେଁ ଘୋଡ଼ା ମାଲିକଙ୍କ ସନ୍ଧାନ ପାଇ ନ ଥିଲେ । ଘୋଡ଼ାର ପଛ ଗୋଡ଼ରେ ଗଭୀର କ୍ଷତ ହୋଇଥିବା ଦେଖି ସ୍ଥାନୀୟ ଲୋକେ ବନ ଓ ପ୍ରାଣୀ ସମ୍ପଦ ବିଭାଗ କର୍ମଚାରୀଙ୍କୁ ଖବର ଦେଇଥିଲେ । ପ୍ରାଣୀ ଚିକିତ୍ସକ ପହଞ୍ଚି କ୍ଷତ ସ୍ଥାନର ପ୍ରାଥମିକ ଚିକିତ୍ସା କରିଥିଲେ । ତେବେ ଅସୁସ୍ଥ ଘୋଡ଼ାଟି କେଉଁଠି ରହିବ ତାର କୌଣସି ବ୍ୟବସ୍ଥା କରିବାକୁ ଉଭୟ ବିଭାଗର କର୍ମଚାରୀ ଅକ୍ଷମତା ପ୍ରକାଶ କରିଥିଲେ । ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଘୋଡ଼ାଟି ଉକ୍ତ ସ୍ଥାନରେ ବନ୍ଧା ହୋଇଥିବା ଦେଖିବାକୁ ମିଳିଥିଲା । ପ୍ରଶାସନ ତୁରନ୍ତ ପଦକ୍ଷେପ ନେବା ଲାଗି ସ୍ଥାନୀୟ ପ୍ରାଣୀପ୍ରେମୀମାନେ ଦାବି କରିଛନ୍ତି ।

# ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି

**୧୬ ଜିଲାର ପ୍ରତିନିଧିଙ୍କୁ ତାଲିମ**

ଭୁବନେଶ୍ୱର, ୪।୮(ବ୍ୟୁରୋ)

ରାଜ୍ୟରେ ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି ପାଇଁ ଆରମ୍ଭ ହୋଇଛି ଅଭିଯାନ । ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ୧୬ ଜିଲାର ମାଷ୍ଟର ଟ୍ରେନରଙ୍କୁ ନେଇ ଏକଦିବସୀୟ ତାଲିମ କାର୍ଯ୍ୟକ୍ରମ ଭୁବନେଶ୍ୱରସ୍ଥିତ ମଧୁସୂଦନ ଏକାଡେମୀ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ-୨୦୨୩, ଲୋକ ପ୍ରତିନିଧି ଆଇନ ୧୯୫୦/୧୯୫୧ରେ କରାଯାଇଥିବା ସଂଶୋଧନ ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା ।

ମୁଖ୍ୟ ଅତିଥି ଭାବେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ । ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି ଏବଂ ସଂଶୋଧନ ସମ୍ପର୍କରେ ଡେପୁଟି କଲେକ୍ଟର, ଆସିଷ୍ଟାଣ୍ଟ କଲେକ୍ଟର ଓ ଜିଲାସ୍ତରରେ ନିର୍ବାଚନ କାର୍ଯ୍ୟରେ ସମ୍ପୃକ୍ତ କର୍ମଚାରୀଙ୍କୁ ଅବଗତ କରାଯାଇଛି । ଜିଲାସ୍ତରରେ ସ୍ୱତନ୍ତ୍ର କ୍ୟାମ୍ପ କରିବା, ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍‌ରେ ନୂତନ ଭୋଟରଙ୍କଠାରୁ ଫର୍ମ ସଂଗ୍ରହ ଏବଂ ଏହାର ଡିଜିଟାଇଜେଶନ କରିବା ନେଇ ଗୁରୁତ୍ୱ ଦିଆଯାଇଛି । ଲୋକ ପ୍ରତିନିଧି ଆଇନ ୧୯୫୦/୧୯୫୧ରେ କରାଯାଇଥିବା ସଂଶୋଧନ, ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ ନିମନ୍ତେ ସଂଶୋଧିତ ହୋଇଥିବା ନୂତନ ଫର୍ମ, ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ ନିମନ୍ତେ ୪ଟି ଯୋଗ୍ୟତାସୂଚକ ତାରିଖ, ଭୋଟର ତାଲିକାରେ ସ୍ୱେଚ୍ଛାକୃତ ଭାବେ ଆଧାର ସଂଯୋଗୀକରଣ ନିମନ୍ତେ ନୂତନ ଫର୍ମ ନଂ. ୬(ଖ) ସମ୍ପର୍କରେ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ ରଘୁରାମ ଆର୍. ଆୟାର, ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଶତ୍ରୁଘ୍ନ କର ପ୍ରମୁଖ ଅଧିକାରୀଙ୍କୁ ତାଲିମ ପ୍ରଦାନ କରିଛନ୍ତି । ତାଲିମ କାର୍ଯ୍ୟକ୍ରମରେ ବଲାଙ୍ଗୀର, ନୂଆପଡ଼ା, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ ଓ ମାଲକାନଗିରି ଜିଲାର ୮୬ଜଣ ଅଧିକାରୀ ଅଂଶଗ୍ରହଣ କରିଥିଲେ ।

# ଭୁବନେଶ୍ୱରରୁ ଯିବ ଭତ୍ତା ଟଙ୍କା

**ନିୟମିତ ପାଇବେ କଳାକାର**

ଭୁବନେଶ୍ୱର,୪।୮(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ରାଜ୍ୟର କଳାକାରମାନଙ୍କୁ ଦିଆଯାଉଥିବା ଭତ୍ତା ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତର (ଡିବିଟି) ମାଧ୍ୟମରେ ପ୍ରଦାନ କରାଯିବ । ରାଜ୍ୟସ୍ତରରୁ ସିଧାସଳଖ କଳାକାରଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା କରାଯିବ । ସମସ୍ତ କଳାକାରଙ୍କୁ ପ୍ରତ୍ୟେକ ମାସରେ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ଏହି ରାଶି ଜମା କରାଯିବ । ଏ ନେଇ ସମସ୍ତ ପ୍ରକ୍ରିୟା ଶେଷ ହୋଇଛି । ଆସନ୍ତା ସେପ୍ଟେମ୍ବର ମାସରୁ ଏହି ବ୍ୟବସ୍ଥା ଲାଗୁ କରାଯିବ । ଏହି ପ୍ରକ୍ରିୟାରେ କଳାକାରମାନଙ୍କର ଆଧାରକାର୍ଡକୁ ସଂଯୋଗ କରାଯିବ । ଜିଲାସ୍ତରରେ ସଂସ୍କୃତି ଅଧିକାରୀମାନେ ଲାଇଫ୍ ସାର୍ଟିଫିକେଟ ପ୍ରତି ମାସରେ ଅପ୍‌ଡେଟ କରିବେ । ଏଥିସହିତ କେଉଁ ହିତାଧିକାରୀଙ୍କ ମୃତ୍ୟୁ ହୋଇଛି ସେ ନେଇ ଜଣାଇବେ । ଯଦି କୌଣସି ସଂସ୍କୃତି ଅଧିକାରୀ ଏହାକୁ ଖିଲାପ କରିବେ ତେବେ ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ସଚିବ ମଧୁସୂଦନ ପାଢ଼ୀ କହିଛନ୍ତି । ଏହି ବ୍ୟବସ୍ଥା ଦ୍ୱାରା ଭତ୍ତା ସ୍ୱଚ୍ଛତା ବଜାୟ ରହିବ । ପ୍ରତ୍ୟେକ ମାସରେ କଳାକାରମାନେ ନିୟମିତ ଭତ୍ତା ପାଇପାରିବେ ବୋଲି ସେ କହିଛନ୍ତି । କଳାକାରମାନଙ୍କୁ ଜିଲାସ୍ତରରେ ଭତ୍ତା ପ୍ରଦାନ କରାଯାଉଛି । ଅନେକ ସମୟରେ କଳାକାର ଭତ୍ତା ପ୍ରଦାନରେ ବିଳମ୍ବ ଓ ବାଟମାରଣା ହେଉଥିବା ଅଭିଯୋଗ ହେଉଛି । ମୃତ ଲୋକଙ୍କୁ ମଧ୍ୟ ଭତ୍ତା ପ୍ରଦାନ କରାଯାଉଛି । ଏଭଳି ଅଭିଯୋଗ ଆସିବା ପରେ କଳାକାରମାନଙ୍କୁ ସିଧାସଳଖ ରାଜ୍ୟସ୍ତରରୁ ପ୍ରଦାନ କରାଯିବ । ରାଜ୍ୟରେ ଏବେ ସୁଦ୍ଧା ୫୫ ହଜାର କଳାକାରଙ୍କୁ ଭତ୍ତା ପ୍ରଦାନ କରାଯାଉଛି । ଆହୁରି ୧୫ ହଜାର କଳାକାର ଭତ୍ତା ପାଇବାକୁ ଆବେଦନ କରିଛନ୍ତି । ଏଠାରେ ସୂଚନାଯୋଗ୍ୟ ଯେ କଳାକାରମାନଙ୍କୁ ଜିଲାସ୍ତରରେ ଭତ୍ତା ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି । ତେବେ ଭତ୍ତା ପ୍ରଦାନରେ ଅନେକ ସମୟରେ ଜିଲାରେ ଅବହେଳା କରାଯାଉଛି । ହିତାଧିକାରୀମାନଙ୍କୁ ୩/୪ ମାସରେ ଥରେ ଭତ୍ତା ମିଳୁଛି । ଏହାକୁ ନେଇ ହିତାଧିକାରୀମାନେ ଜିଲାସ୍ତରରେ ଆନ୍ଦୋଳନ ମଧ୍ୟ କରୁଛନ୍ତି । ଏହି ସମସ୍ୟାକୁ ଦୂର କରିବା ଲାଗି ସଂସ୍କୃତି ବିଭାଗ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି ।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ୟୁନିୟନ ବ୍ୟାଙ୍କ ସିଇଓ

ଭୁବନେଶ୍ୱର,୪।୮(ବ୍ୟୁରୋ)

ୟୁନିୟନ ବ୍ୟାଙ୍କ ଏମଡି ତଥା ସିଇଓ ଏ. ମାନିମେଖାଲାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନବୀନ ନିବାସରେ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି । ଗରିବ ଓ ଅତି ଗରିବଙ୍କ ଆର୍ଥିକ ସ୍ଥିତିକୁ ନେଇ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଛି ।

ଚାଷୀ ଏବଂ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ପାଇଁ ଆର୍ଥିକ ସହାୟତା ବୃଦ୍ଧି କରିବାକୁ ମୁଖ୍ୟମନ୍ତ୍ରୀ ମନିମେଖାଲାଇଙ୍କୁ କହିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶକୁ ସେ ଗ୍ରହଣ କରିବା ସହ ଚାଷୀ ଓ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ପାଇଁ ବ୍ୟାଙ୍କର ଆଉଟରିଚ୍ କାର୍ଯ୍ୟକ୍ରମ ବଢାଇବେ ବୋଲି କହିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ସହ ମନିମେଖାଲାଇ ସାକ୍ଷାତ ସମୟରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ଏବଂ ବ୍ୟାଙ୍କର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।



# ଭୁବନେଶ୍ୱର, କଟକ ସ୍ୱେରେଜ, ଡ୍ରେନ୍ ଅବସ୍ଥା ସଙ୍ଗିନ୍

- **ହଟୁନି ଜବରଦଖଲ**
- **ବିଧାନସଭା ଷ୍ଟାଣ୍ଡିଂ କମିଟିର ଉଦ୍‌ବେଗ**
- **କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ**

ଭୁବନେଶ୍ୱର,୪।୮(ବ୍ୟୁରୋ)

ଭୁବନେଶ୍ୱର, କଟକ ମହାନଗର ନିଗମରେ ଡ୍ରେନ୍ ଓ ସ୍ୱେରେଜ ଅବସ୍ଥା ସଙ୍ଗିନ୍ । ଦୀର୍ଘ ବର୍ଷ ଧରି ସ୍ୱେରେଜ କାର୍ଯ୍ୟ ଚାଲୁଥିବା ବେଳେ ମୁକୁଳା ଡ୍ରେନ୍ ଜୀବନ ନେଉଛି । ଏପରିକି କେତେକ ସ୍ଥାନରେ ଡ୍ରେନ୍ ଉପରେ ବେଆଇନ ନିର୍ମାଣ ଯୋଗୁ ଜଳ ନିଷ୍କାସନରେ ଘୋର ସମସ୍ୟା ଦେଖାଦେଉଛି । ଅବରୋଧ କାରଣରୁ ଭୁବନେଶ୍ୱର ଇସ୍କନ ମନ୍ଦିର ସମ୍ମୁଖରେ ପ୍ରତିବର୍ଷ ବର୍ଷା ଯୋଗୁ କୃତ୍ରିମ ବନ୍ୟା ସୃଷ୍ଟି ହେଉଛି । ସହରବାସୀ ନାହିଁ ନ ଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି । ଏହି ଦୁଇ ସହର ସହିତ ଅନ୍ୟାନ୍ୟ ସହରାଞ୍ଚଳରେ ମଧ୍ୟ ଅନୁରୂପ ଅବସ୍ଥା । ସ୍ଥିତି ପରଖିବା ପରେ ବିଧାନସଭା ଷ୍ଟାଣ୍ଡିଂ କମିଟି ତାଙ୍କ ରିପୋର୍ଟରେ ଏପରି ବାସ୍ତବ ଚିତ୍ର ସାମ୍ନାକୁ ଆଣିଛନ୍ତି । କେବଳ ସେତିକି ନୁହେଁ, ଡ୍ରେନ୍ ଓ ସ୍ୱେରେଜ କାମ କରୁଥିବା ସଂସ୍ଥା ମଧ୍ୟ ସରକାରୀ ନିୟମ ଓ ଚୁକ୍ତିକୁ ଦଳି ମକଚି ନିଜ ଇଚ୍ଛାରେ କାମ କରୁଛି । କଟକରେ ଜାଇକା ଦ୍ୱାରା ଚାଲୁଥିବା ସ୍ୱେରେଜ କାମ ଚାଲୁ ରହିଛି । ଦୀର୍ଘ ୫ ବର୍ଷ ପରେ ମଧ୍ୟ ନିର୍ମାଣ କାର୍ଯ୍ୟ ଶେଷ ହେଉ ନାହିଁ । ଏତେ ଢିଲା ସତ୍ତ୍ୱେ ଜାଇକା ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବା କମିଟିକୁ ଆଶ୍ଚର୍ଯ୍ୟ କରିଛି । ନିର୍ଦ୍ଧାରିତ ସମୟ ମଧ୍ୟରେ ସ୍ୱେରେଜ କାମ ଶେଷ ନ କଲେ ଜାଇକା ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ କମିଟି ସୁପାରିସ କରିଛି । ଉକ୍ତ ଦ୍ୱୈତ ନଗରୀର ଡ୍ରେନ ଓ ସ୍ୱେରେଜ ବ୍ୟବସ୍ଥା ତଦାରଖ କରିବାକୁ ଜଳ ସମ୍ପଦ ବିଭାଗ ସମନ୍ୱୟରେ ଏକ ଟାସ୍କ ଫୋର୍ସ ଗଠନ କରିବାକୁ କମିଟି ପରାମର୍ଶ ଦେଇଛି ।

ତୁରନ୍ତ ଡ୍ରେନ୍ ଓ ପ୍ରାକୃତିକ ନାଳ ଉପରୁ ଅବରୋଧ ହଟାଇବାକୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗକୁ କମିଟି ନିର୍ଦ୍ଦେଶ ଦେଇଛି । ଏପରିକି କଟକ ସହର ସ୍ୱେରେଜ କାମର ତଦାରଖ ମଧ୍ୟ ଠିକ୍ ଢଙ୍ଗରେ ହେଉ ନ ଥିବା କମିଟି ପରିଦର୍ଶନ ବେଳେ ଜାଣିବାକୁ ପାଇଛନ୍ତି । ଏଥିଯୋଗୁ କଟକ ସହରବାସୀ ଦୁର୍ଦ୍ଦଶା ଦେଇ ଗତି କରୁଛନ୍ତି ।

କେବଳ କଟକ କିମ୍ବା ଭୁବନେଶ୍ୱର ନୁହେଁ, ରାଜ୍ୟର ସମସ୍ତ ପୌର ସଂସ୍ଥାରେ ଡ୍ରେନ ବ୍ୟବସ୍ଥା ଅତ୍ୟନ୍ତ କଦର୍ଯ୍ୟ ଅବସ୍ଥାରେ ରହିଛି । ପ୍ରାଥମିକତା ଭିତ୍ତିରେ ସହରାଞ୍ଚଳର ଡ୍ରେନ୍ ବ୍ୟବସ୍ଥାକୁ ସୁଧାରିବା ପାଇଁ ବିଭାଗ ପକ୍ଷରୁ ଏକ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରିବାକୁ କମିଟି ପକ୍ଷରୁ ସରକାରଙ୍କୁ ପରାମର୍ଶ ଦିଆଯାଇଛି । ସହରର କେଉଁ ସ୍ଥାନରେ ଜଳ ଜମି ରହୁଛି, ସେଗୁଡ଼ିକର ଉପଯୁକ୍ତ ସର୍ଭେ କରି ଡିଜାଇନ ପ୍ରସ୍ତୁତ କରିବାକୁ କୁହାଯାଇଛି । ସହରରେ ଥିବା ଜଳାଶୟଗୁଡ଼ିକୁ ପୋତି ଦିଆଯାଉଛି । ସେସବୁର ପୁନରୁଦ୍ଧାର କରିବାକୁ କମିଟି ସୁପାରିସ କରିଛି । ଭୁବନେଶ୍ୱର ଓ ରାଉରକେଲାରେ ସ୍ମାର୍ଟ ସିଟି ପ୍ରକଳ୍ପ କାର୍ଯ୍ୟ ମାନ୍ଦା ଅବସ୍ଥାରେ ଚାଲିଛି । ଏଥିପାଇଁ ଆର୍ଥିକ ବ୍ୟବସ୍ଥା କରିବାକୁ କୁହାଯାଇଛି । ଆଉଟ୍‌ସୋର୍ସ ଜରିଆରେ ସାନିଟାରି ଇନ୍ସପେକ୍ଟର ପଦବୀ ପୂରଣ କରିବା ସହିତ ନଗର ଉନ୍ନୟନ ବିଭାଗ ପକ୍ଷରୁ ସାନିଟାରି କ୍ୟାଡର ସୃଷ୍ଟି କରିବାକୁ ପରାମର୍ଶ ଦିଆଯାଇଛି । ୫ ମହାନଗର ନିଗମରେ ବସ୍ତିବାସିନ୍ଦାଙ୍କୁ ଜମି ଅଧିକାର ଦେବାକୁ କମିଟି ସୁପାରିସ କରିଛି । ପାଣିପାଇପ୍ ବିଛାଇବା ପରେ ରାସ୍ତାଗୁଡିକୁ ମୁକୁଳା ଛାଡି ଦିଆଯାଉଛି । ଫଳରେ ଯିବାଆସିବା ପାଇଁ ସମସ୍ୟା ସୃଷ୍ଟି ହେଉଛି । ଏହାକୁ ତୁରନ୍ତ ମରାମତି କରି ଅବାଧ ଯାତାୟାତ ପାଇଁ ବ୍ୟବସ୍ଥା କରିବାକୁ କମିଟି ବିଭାଗକୁ ନିର୍ଦ୍ଦେଶ ଦେଇଛି ।

# ବିଧାୟକଙ୍କ ଦରମା ବୃଦ୍ଧି ପ୍ରସ୍ତାବକୁ ବିରୋଧ

ଭୁବନେଶ୍ୱର, ୪।୮ (ବ୍ୟୁରୋ)

ଓଡ଼ିଶାରେ ସ୍ୱଳ୍ପ ମଜୁରି, ଦରଦାମ ବୃଦ୍ଧି, ବେକାରୀ ଏବଂ ଚାଷୀଙ୍କ ଅଭାବୀ ଧାନ ବିକ୍ରି ଆଦି ସମସ୍ୟା ପାଇଁ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡିଛି । ଏଭଳି ସମୟରେ ଆର୍ଥିକ ସଙ୍କଟରୁ ରକ୍ଷା ପାଇଁ ରାଜ୍ୟ ସରକାର ପଦକ୍ଷେପ ନେବା ପରିବର୍ତ୍ତେ ବିଧାନସଭାରେ ବିଧାୟକଙ୍କ ଦରମା, ଭତ୍ତା ବୃଦ୍ଧି ପାଇଁ ପ୍ରସ୍ତାବ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ସିପିଆଇ(ଏମ୍) ପକ୍ଷରୁ ଅଭିଯୋଗ କରାଯାଇଛି । ଏ ସମ୍ପର୍କରେ ରାଜ୍ୟ ସମ୍ପାଦକ ଅଲି କିଶୋର ପଟ୍ଟନାୟକ କହିଛନ୍ତି, ଏବେ ବିଧାୟକମାନେ ଦରମା ଆକାରରେ ମାସିକ ୩୫ହଜାର ଓ ଭତ୍ତା ବାବଦକୁ ମାସିକ ୬୫ ହଜାର ଏପରି ମୋଟ ୧ ଲକ୍ଷ ଟଙ୍କା ପାଉଛନ୍ତି । ଏହାବାଦ୍ ବିଧାନସଭା ଅଧିବେଶନରେ ଯୋଗଦେବାବେଳେ ଦୈନିକ ୧୫୦୦ ଟଙ୍କା ଭତ୍ତା ପାଉଛନ୍ତି । ସେମାନଙ୍କ ପେନ୍‌ଶନ ପରିମାଣ ଆଜୀବନ ସର୍ବନିମ୍ନ ୩୦ ହଜାର ଟଙ୍କା ରହିଛି । ଅପରପକ୍ଷେ ରାଜ୍ୟରେ ଅଣକୁଶଳୀ ଶ୍ରମିକଙ୍କ ସର୍ବନିମ୍ନ ଦୈନିକ ମଜୁରି ମାତ୍ର ୩୨୬ ଟଙ୍କା ଥିବାବେଳେ ମାସିକ ବିଧବା, ବାର୍ଦ୍ଧକ୍ୟ ଭତ୍ତା ଆଦି ମାତ୍ର ୩୦୦ଟଙ୍କା ଏବଂ ୮୦ ବର୍ଷରୁ ଉର୍ଦ୍ଧ୍ୱ ହେଲେ ୫୦୦ଟଙ୍କା ଦିଆଯାଉଛି । ମାତ୍ର ୫ ବର୍ଷ ବିଧାୟକ ପଦରେ ରହି ଜୀବନ ତମାମ କେଉଁ ଆଧାରରେ ମାସିକ ୩୦ ହଜାର ଟଙ୍କା ପେନ୍‌ସନ ପାଇବେ ବୋଲି ସେ ପ୍ରଶ୍ନ କରିଛନ୍ତି । ରାଜ୍ୟ ସରକାର ବିଧାୟକ, ରାଜ୍ୟର ଉଚ୍ଚପଦସ୍ଥ ଅଫିସରଙ୍କ ଦରମା ଭତ୍ତା ବୃଦ୍ଧି କରି ଏକ ଉଚ୍ଚ ଆୟକାରୀ ଗୋଷ୍ଠୀ ସୃଷ୍ଟି କରୁଛନ୍ତି । ତଳିଆ ଓ ମଧ୍ୟମ ବର୍ଗର ସବୁ କର୍ମଚାରୀଙ୍କୁ ୬ ବର୍ଷ ପର୍ଯ୍ୟନ୍ତ ସ୍ୱଳ୍ପ ବେତନରେ ଠିକା ନିଯୁକ୍ତି ଏବଂ ବିଭିନ୍ନ ବିଭାଗରେ ୨ ଲକ୍ଷ ୨୬ ହଜାର ସରକାରୀ ପଦବୀ ଖାଲିଥିବାବେଳେ ତାହାକୁ ପୂରଣ ନ କରି ସରକାରୀ ଓ ସରକାରଙ୍କ ଦ୍ୱାରା ପରିଚାଳିତ ଉଦ୍ୟୋଗଗୁଡିକରେ ୩ ଲକ୍ଷରୁ ଊର୍ଦ୍ଧ୍ୱ ଆଉଟ୍‌ସୋର୍ସ କର୍ମଚାରୀ/ ଶ୍ରମିକଙ୍କୁ ସ୍ୱଳ୍ପ ମଜୁରି ଓ ବେତନରେ ନିଯୁକ୍ତ କରିଛନ୍ତି । ରାଜ୍ୟରେ ଅର୍ଥାଭାବ ଦର୍ଶାଇ ନିଯୁକ୍ତି ହେଉନାହିଁ । ତେବେ କେଉଁ ନ୍ୟାୟରେ ବିଧାୟକଙ୍କ ଦରମା ଓ ଭତ୍ତା ବୃଦ୍ଧି କରାଯିବ ? ରାଜ୍ୟବାସୀଙ୍କ ଦୁରବସ୍ଥାବେଳେ ବିଧାୟକଙ୍କ ଦରମା, ଭତ୍ତା, ପେନ୍‌ଶନ ବୃଦ୍ଧି ଆଦୌ ଗ୍ରହଣୀୟ ନୁହେଁ । ତେଣୁ ରାଜ୍ୟବାସୀ ଏହା ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ସିପିଆଇ(ଏମ୍) ପକ୍ଷରୁ ଆହ୍ୱାନ କରାଯାଇଛି ।

# ଆଇପିଏସ୍ ସ୍ତରରେ ଅଦଳବଦଳ

ଭୁବନେଶ୍ୱର,୪।୮(ବ୍ୟୁରୋ)

ରାଜ୍ୟ ସରକାର ଆଇପିଏସ୍ ଅଫିସର ସ୍ତରରେ ଅଦଳବଦଳ କରିଛନ୍ତି । କେନ୍ଦ୍ରୀୟ ଡେପୁଟେଶନରୁ ଫେରିଥିବା ୨୦୦୦ ବ୍ୟାଚ୍‌ର ଆଇପିଏସ୍ ଅଫିସର ଯତୀନ୍ଦ୍ର କୋଏଲ୍‌ଙ୍କୁ ଆଇଜିପି (ପ୍ରୋଭିଜନିଂ) ଦାୟିତ୍ୱ ଦିଆଯାଇଛି । ସେହିପରି ଆଇଜିପି (ଆଇନ ଶୃଙ୍ଖଳା) ଭାବେ କାର୍ଯ୍ୟରତ ୨୦୦୨ ବ୍ୟାଚର ଆଇପିଏସ୍ ଅଫିସର ପ୍ରଭାଣ କୁମାରଙ୍କୁ ଆଇଜିପି (ପର୍‌ସୋନେଲ୍) ଭାବେ ଅବସ୍ଥାପିତ କରାଯାଇଛି । ଅନ୍ୟପକ୍ଷରେ ଆଇଜିପି (ଏଚ୍‌ଆର୍‌ପିସି) ଥିବା ୨୦୦୩ ବ୍ୟାଚର ଆଇପିଏସ୍ ଅଫିସର ସେଫୀନ୍ ଅହମ୍ମଦ କେ.ଙ୍କୁ କ୍ରାଇମବ୍ରାଞ୍ଚ-୨ ଆଇଜିପି ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି । ଏନେଇ ଗୃହ ବିଭାଗ ପକ୍ଷରୁ ଗୁରୁବାର ବିଜ୍ଞପ୍ତି ପ୍ରକାଶ ପାଇଛି ।

# ନାବାଳିକା ବଳାତ୍କାରୀଙ୍କୁ ୧୨ବର୍ଷ ଜେଲ

ବାରିପଦା ଅଫିସ,୪।୮-ମୟୂରଭଞ୍ଜ ଅତିରିକ୍ତ ଜିଲା ଓ ଦୌରାଜଜ ତଥା ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟରେ ଗୁରୁବାର ଏକ ନାବାଳିକା ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି । ଜଜ୍ ସୁମିତା ଜେନା ଏହାର ବିଚାର କରି ଅଭିଯୁକ୍ତ ଗୁରୁଚରଣ ବେହେରା(୩୭)ଙ୍କୁ ୧୨ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ୨୦ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି । ଜରିମାନା ଅନାଦେୟ ଅଧିକ ୬ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି । ଏହା ବ୍ୟତୀତ ନାବାଳିକାଙ୍କୁ କ୍ଷତିପୂରଣ ବାବଦରେ ୪ଲକ୍ଷ ଟଙ୍କା ଆଇନ ସହାୟତା କର୍ତ୍ତୃପକ୍ଷ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସୂଚନା ଅନୁଯାୟୀ, ୨୦୧୭ ମାର୍ଚ୍ଚ ୩୧ ରାତି ସାଢେ ୯ଟା ସମୟରେ ବାରିପଦା ସହରର ଏକ ଧାର୍ମିକ ସ୍ଥଳରେ ଅଭିଯୁକ୍ତ ଦେଉଳସାହିର ଗୁରୁଚରଣ ଜଣେ ୧୦ବର୍ଷର ନାବାଳିକାଙ୍କୁ ବଳାତ୍କାର କରିଥିବା ନେଇ ଅଭିଯୋଗ ହୋଇଥିଲା । ଏନେଇ ଟାଉନ ଥାନା ପୋଲିସ ଏକ ମାମଲା(ନଂ.୧୦୫/୧୭) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା । ସରକାରଙ୍କ ପକ୍ଷରୁ ଆଇନଜୀବୀ ଅଭିନ୍ନ ପଟ୍ଟନାୟକ ମାମଲା ପରିଚାଳନା କରୁଥିଲେ ।

**Government of Odisha**
**Panchayati Raj & D.W Department,**
**Office of the Panchayat Samiti, Bhadrak**
**Invitation of Bids (IFB)**
**Bid Identification No. PSB-03/2022-23**

**No.i-75:**The office of the Panchayat Samiti, Bhadrak invites bids in two separate covers (Technical bid and price bid) for reputed firms/registered suppliers/dealers for supply of furniture (Non IT) and Electronics (IT) item as provided separate Sheet for **District Panchayat Resource Centre(DPRC Building)**.The bid agency can bid for all or any or No. of work described in separate Sheet.

1. Date of availability of Bid : 03.08.2022
2. Last date/Time of submission of Bid : 12.08.2022 at 5.00PM
3. Date of opening of Bid documents : 16.08.2022 at 3.00PM
4. Place of opening bid and address for communication. : Office of the Panchayat samiti, Bhadrak Bhadrak, Odisha.56100 Mob-7894012355

The detail tender notice can be download from www.bhadrak.nic.in Bid documents to be available at the office of the Panchayat Samiti, Bhadrak till 12.08.2022 at 5.00PM. The bid documents for the work to be dropped in the tender box kept in the office of the Panchayat Samiti, Bhadrak by the scheduled date and time. Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/ modifications will appear in www.bhadrak.nic.in.

**Sd./- Block Development Officer, Bhadrak**
OIPR-19211/11/0003/2223

**WATCO** No.C-934
**OFFICE OF THE CHIEF EXECUTIVE OFFICER, WATCO**
Ground Floor, Unnati Bhawan,
H.B. Colony, Satyanagar, Bhubaneswar-751007,Odisha, India
Telefax: -+91-674-2391444,
E-mail - mail@watcoodisha.in, md@watcoodisha.in
**INVITATION FOR BID (IFB)**
**Bid Identification No. WATCO (W) -18/2022-23**
**Dtd.29.07.2022 WATCO No.3386, Date: 29.07.2022**

1. Name of the work :- Provision of power back up i.e. 625K. VA DG Set -3nos to run 535HP/400Kw Raw Water VT pump set (3 nos) at Janivilli Head Works, 250KVA DG Sets-4nos to run 180HP /135Kw Clear Water Centrifugal Pump Set and other electrical installations of 60MLD WTP at Jagadalpur for improvement of water supply to Berhampur Town.
2. Estimated cost : Rs.539.78 Lakh
3. Period of completion : 6 (Six) Months
4. Date & time of availability of bid document in the portal : From 11.00 AM of Dt.05.08.2022 to 5.00PM of 19.08.2022
5. Last date / time of receipt of bids in the portal : 5.00 PM of 19.08.2022.
6. Date & time of opening of technical bids : 12.30 PM of 20.08.2022
7. Name and address of the Officer Inviting Bid : CEO, WATCO Telefax:- 0674-2391444 E-mail:mail@watcoodisha.in md@watcoodisha.in
8. The bidders have to participate in ONLINE bidding only. Further details can be seen from the web site **www.tendersodisha.gov.in.**

**Sd./- (CEO) WATCO**
OIPR-13194/11/0043/2223

GOVERNMENT OF ODISHA
**OFFICE OF THE CHIEF CONSTRUCTION ENGINEER, NORTHERN (R&B) CIRCLE, SAMBALPUR**
Mail ID:sepwdsbp@rediffmail.com
**No.B-434: e-Procurement**
**Bid Identification No.CCENC (R AND B)07/2022-23**
**No.2609, Dtd.26.07.2022**

1. The **Chief Construction Engineer, Northern (R&B) Circle, Sambalpur** on behalf of Governor of Odisha invites **Percentage Rate** bids in double cover system in **ONLINE MODE** for the construction of **Road and Building works** as detailed in the DTCN from the eligible class of contractors.
2. No of works: **10 (TEN) (Road Works and Building Work).**
3. Tender Cost: **Rs.10,000/-**
4. Class of contractor: **"B" Class, "A" Class, "Special" Class and Super Class.**
5. Date & Time of available in website & receipt of Bids From **06.08.2022 to 17.00 Hours of 22.08.2022.**
6. Date of opening of Technical Bid **23.08.2022 at 11.00 Hours.**
7. The Bidders have to participate in ONLINE bidding only. Further details can be seen from the website www. tendersodisha.gov.in.
8. Any corrigendum / Addendum will be displayed in the website www.tendersodisha.gov.in.

**Sd./- Chief Construction Engineer Northern (R&B) Circle, Sambalpur**
OIPR-34035/11/0012/2223

**OFFICE OF THE ROURKELA MUNICIPAL CORPORATION, ROURKELA**
**INVITATION FOR BID**
**No.10193, Dated 03.08.22**
**Bid Identification No. :- MC/RMC/63/2022**

**No.C-940:**The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on percentage rate basis in Single cover on online Mode. Bid Identification No. MC/RMC/63/2022 for 02 nos. Civil work with value of Rs.47.08 lakh.

1. Bid documents will be available in website www. tendersorissa.gov.in from 03.08.2022.
2. Bids must be submitted on "online" on or before 12.08.2022 by 17.00 hours
3. Bids shall be opened at 11.00 hours on 16.08.2022 in the office of the undersigned in the presence of the bidders or their authorized agents.
4. Other details will be available in the web site tendersorissa.gov.in

**Sd./- Municipal Commissioner, Rourkela Municipal Corporation**
OIPR-13131/11/0076/2223

GOVERNMENT OF ODISHA e-mail: eephbhpt@gmail.com
**OFFICE OF THE EXECUTIVE ENGINEER, PUBLIC HEALTH DIVISION, BHAWANIPATNA**
Parmanandpur, Railway Station Road, Bhawanipatna, Dist.: Kalahandi, PIN - 766002
**NATIONAL COMPETITIVE BIDDING THROUGH e-Procurement**
**Identification No. EEPH-BHPT-09 of 2022-23 / Dt.29.07.2022**
**No. C-928**
**e-Procurement Notice**

Name of the work : Different pipes water supply schemes under PH Division, Bhawanipatna under Special Central Assistance
Total No. of works : 01 (One)
Estimated Cost : Approx. Rs.248.83 lakhs
Class of contractor : Manufacturer only
Period of Completion : 2 Calendar Months

| Procurement Officer | Bid Identification No. | No. of Works | Availability of Tender Online for Bidding | | Date & time of opening of Bid |
|---|---|---|---|---|---|
| | | | From | To | |
| 1 | 2 | 3 | 4 | 5 | 6 |
| Executive Engineer, P.H. Division, Bhawanipatna | EEPH - BHPT - 09 of 2022-23/Dt.29.07.2022 | 01 (One) | 05.08.2022 | 20.08.2022 | 22.08.2022 |

For details can be seen from the Government website **www.tendersorissa.gov.in.**
OIPR-13059/11/0008/2223 **Sd./- Executive Engineer, P.H. Division, Bhawanipatna**

ପୌରପରିଷଦ ହିଞ୍ଜିଳିକାଟୁ
**HINJILICUT MUNICIPAL COUNCIL**
ହିଞ୍ଜିଳିକାଟୁ, ଜିଲ୍ଲା-ଗଞ୍ଜାମ, ପିନ୍-୭୬୧୧୦୨
ଦୂରଭାଷ-୦୬୮୧୧-୨୮୦୦୨୫,ଟୋଲଫ୍ରି ୧୪୪୨୦
At-Hinjilicut,Dist-Ganjam,Pin-761102
Contact:06811-280025,Toll Free No.14420
Email:hinjilicutmunicipality@gmail.com, hinjilimunicipality@gmail.com
Hinjilicut Municipality, Hinjilicutmunicipality

**Letter No.4825/2022** **Date:02.08.2022**

**Quotation Call Notice**

**No.C-925:**Sealed quotations are invited from the Authorized dealers / Agencies / suppliers / manufactures for supply of following items for Hinjilicut Municipality.
The rate should be quoted against the item excluding taxes. The quotationer are essentially required to enclose their GST Registration Certificate, PAN card, Warranty / Guarantee Certificate. The quotationer shall be required to produce the original copy of the required document before the undersigned at the time of opening of quotation for verification.
The quotationer should submit EMD in shape of Cash / B.D. / D.D / T.D.A. pledged in favour of Executive Officer, Hinjilicut Municipality as mentioned detailed below. The quotation paper will be available at the Cash Section from date: 04.08.2022.10.00 A.M. to 16.08.2022, 5.00 P.M. in the Office hour except holidays. The quotation should receive on or before dt: 20.08.2022 at 5.00 P.M. on Tender Box / Speed post / Registered post and the same will be opened on dt: 22.08.2022 at 11.00 A.M. in presence of respective quotationers or their authorized representatives.
The Authority reserves the right to accept, cancel or reject any or all offers without assigning any reason thereof.

| Sl.No. | Description of Items | Paper Cost | EMD |
|---|---|---|---|
| 1 | Supply of Cement Benches. | 500/- | 2000/- |
| 2 | Supply of LCV Body (Garbage VAN Body) | 500/- | 2000/- |
| 3 | Supply of Digital Entry Signage | 500/- | 2000/- |
| 4 | Supply of Statue | 1000/- | 5000/- |
| 5 | Supply of Napkin Burning Machine | 500/- | 2000/- |

**Sd./- Executive Officer, Hinjilicut Municipality**
OIPR-13105/11/0013/2223

See Career Appointment on every Wednesday & Saturday









ୱେଲ୍ସ ବିପକ୍ଷରେ ଗୋଲ୍ ସ୍କୋର ପରେ ଖୁସି ମୁହୂର୍ତ୍ତରେ ଭାରତୀୟ ହକି ଦଳ। ହାମର ଥ୍ରୋ ଇଭେଣ୍ଟରେ ଦକ୍ଷତା ପ୍ରଦର୍ଶନ କରୁଛନ୍ତି ମଞ୍ଜୁ ବାଲା।

# ହକିରେ ସେମି, ମଞ୍ଜୁ ଫାଇନାଲରେ

ବର୍ମିଂହାମ୍,୪।୮(ପି.ଟି)

ରାଜ୍ୟଗୋଷ୍ଠୀ କ୍ରୀଡା ୨୦୨୨ର ସେମି ଫାଇନାଲରେ ପ୍ରବେଶ କରିଛି ଭାରତୀୟ ପୁରୁଷ ହକି ଦଳ। ଗୋଟିଏ ଦିନ ପୂର୍ବରୁ ମହିଳା ହକି ଦଳ ମଧ୍ୟ ସେମିରେ ପ୍ରବେଶ କରିଥିଲା। ଉପ ଅଧିନାୟକ ହରମନପ୍ରୀତ୍ ସିଂ ହ୍ୟାଟ୍ରିକ୍ ସ୍କୋର କରିଥିବା ବେଳେ ଭାରତ ୪-୧ରେ ୱେଲ୍ସକୁ ପରାସ୍ତ କରିଛି। ହରମନ୍‌ପ୍ରୀତ ଦୁଇଟି ପେନାଲ୍ଟି କର୍ନର ଏବଂ ଗୋଟିଏ ଫିଲ୍ଡ ଗୋଲ୍ ଦେଇଥିଲେ। ଭାରତ ସୁବିଧାଜନକ ପରସ୍ଥିତିରେ ରହିଥିବା ବେଳେ ପ୍ରଥମ କ୍ୱାର୍ଟରଟି ଗୋଲଶୂନ୍ୟ ରହିଥିଲା। ତେବେ ଦ୍ୱିତୀୟ କ୍ୱାର୍ଟରରେ ମାତ୍ର ୧ ମିନିଟ ବ୍ୟବଧାନରେ ଦୁଇଟି ଗୋଲ ସ୍କୋର କରିଥିଲେ ହରମନପୀତ୍। ଦ୍ୱିତୀୟ କ୍ୱାର୍ଟରର ୧୯ ଓ ୨୦ ତମ ମିନିଟରେ ହରମନପ୍ରୀତ ଗୋଲ ସ୍କୋର କରିଥିଲେ। ୪୦ ତମ ମିନିଟରେ ଏକ ଫିଲ୍ଡ ଗୋଲ ସହିତ ହରମନପ୍ରୀତ ନିଜର ହ୍ୟାଟ୍ରିକ୍ ପୂରଣ କରିଥିଲେ। ୪୯ ତମ ମିନିଟରେ ଗୁରୁଜନ୍ତଙ୍କ ଫିଲ୍ଡ ଗୋଲ ଭାରତର ଅଗ୍ରଣୀକୁ ୪-୦ରେ ପହଞ୍ଚାଇ ଥିଲା। ୫୫ତମ ମିନିଟରେ ଡ୍ରାଗ୍ ଫ୍ଲିକର ଗେରାଥ୍ ଫରଲଙ୍ଗ ୱେଲ୍ସ ପକ୍ଷରୁ ଏକମାତ୍ର ଗୋଲଟି ପରିଶୋଧ କରିଥିଲେ। ପ୍ରଥମ ମ୍ୟାଚରେ ଘାନାକୁ ୧୧-୦ରେ ପରାସ୍ତ କରିବା ପରେ ଦ୍ୱିତୀୟ ମ୍ୟାଚରେ ଇଂଲଣ୍ଡ ସହିତ ପଏଣ୍ଟ ବାଣ୍ଟିଥିଲା ଭାରତ।

**ମଞ୍ଜୁ ବାଲା ଫାଇନାଲରେ**

ଭାରତର ମଞ୍ଜୁ ବାଲା ମହିଳା ହାମର ଥ୍ରୋ ଇଭେଣ୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସରିତା ସିଂ ଆଗକୁ ଯିବାରେ ବିଫଳ ହୋଇଛନ୍ତି। ୩୩ ବର୍ଷୀୟା ବାଲା କ୍ୱାଲିଫିକେଶନ ରାଉଣ୍ଡରେ ତାଙ୍କର ଶ୍ରେଷ୍ଠ ଥ୍ରୋ ୫୯.୬୮ ମିଟର ସହ ୧୧ତମ ସ୍ଥାନରେ ରହିଥିଲେ। ସମାନ ଇଭେଣ୍ଟରେ ଅନ୍ୟ ଭାରତୀୟ ଆଥଲେଟ ସରିତା ୫୭.୪୮ ମିଟର ଟାଇମିଂ ସହ ୧୩ତମ ସ୍ଥାନ ଅଧିକାର କରିବାରୁ ଫାଇନାଲ ପ୍ରବେଶରେ ବିଫଳ ହୋଇଥିଲେ। ନିୟମାନୁସାରେ ଶ୍ରେଷ୍ଠ ୧୨ ପ୍ରଦର୍ଶନକାରୀ ଫାଇନାଲକୁ ଉନ୍ନୀତ ହୋଇଛନ୍ତି। ଏହା ଶନିବାର ଅନୁଷ୍ଠିତ ହେବ। କ୍ୱାଲିଫିକେଶନ ରାଉଣ୍ଡରେ କାନାଡାର କାମରିନ୍ ରୋଜର୍ସ ଶ୍ରେଷ୍ଠ ଥ୍ରୋ କରିଥିଲେ। ୭୪.୬୮ ମିଟର ଥ୍ରୋ କରି ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଏକ ନୂଆ ରେକର୍ଡ କରିଛନ୍ତି।



ମହିଳା ୨୦୦ମିଟର ଦୌଡ଼ ହିଟ୍ ଜିତିବା ପରେ ହିମା ଦାସ।

**ହିମା ସେମିଫାଇନାଲରେ**

ଭାରତର ଷ୍ଟାର ସ୍ପ୍ରିଣ୍ଟର ହିମା ଦାସ ରାଜ୍ୟଗୋଷ୍ଠୀ କ୍ରୀଡ଼ା ମହିଳା ୨୦୦ ମିଟର ଦୌଡ଼ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ୨୩.୪୨ ସେକେଣ୍ଡ ଟାଇମିଂ ସହ ସେ ତାଙ୍କ ହିଟ୍‌ରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ହିଟ୍ ନମ୍ବର-୨ରେ ୨୨ ବର୍ଷୀୟା ହିମାଙ୍କ ସମେତ ୫ଜଣ ଭାଗ ନେଇଥିଲେ। ଏଥିରେ ଜାମ୍ବିଆର ରୋଡା ଏନ୍‌ଜୋବିଭୁ ୨୩.୮୫ ସେକେଣ୍ଡ ଟାଇମିଂରେ ଦ୍ୱିତୀୟ ଏବଂ ଉଗାଣ୍ଡାର ଜାସେଣ୍ଟ ନ୍ୟାମ୍‌ହୁଙ୍ଗେ (୨୪.୦୭) ତୃତୀୟ ହୋଇଥିଲେ। ମହିଳା ୨୦୦ ମିଟର ଦୌଡ଼ରେ ୬ଟି ହିଟ୍ ଅନୁଷ୍ଠିତ ହୋଇଥିଲା। ଶ୍ରେଷ୍ଠ ୧୬ ଜଣ ସେମିଫାଇନାଲକୁ ଉନ୍ନୀତ ହୋଇଛନ୍ତି। ହିମା ୨ ନମ୍ବର ହିଟ୍ ଜିତିଥିଲେ ମଧ୍ୟ ନାଇଜେରିଆର ଫେଭର ଓଫିଲି (ହିଟ୍-୧ରେ ୨୨.୭୧ ସେକେଣ୍ଡ) ଏବଂ ଥମ୍ପସନ ହେରା (ହିଟ୍-୫ରେ ୨୨.୮୦ ସେକେଣ୍ଡ)ଙ୍କର ତାଙ୍କଠାରୁ ଯଥେଷ୍ଟ ଉନ୍ନତ ଟାଇମିଂ ରହିଛି। ସେମିଫାଇନାଲ ପଥରେ ଅତି କମ୍‌ରେ ୬ ଆଥଲେଟ୍ ହିମାଙ୍କଠାରୁ ଉନ୍ନତ ଟାଇମିଂ ରଖିଛନ୍ତି।

**ସିନ୍ଧୁ, ଶ୍ରୀକାନ୍ତ ପ୍ରି କ୍ୱାର୍ଟରରେ**

ଭାରତର ଷ୍ଟାର ବ୍ୟାଡ୍‌ମିଣ୍ଟନ ଖେଳାଳି ପି.ଭି. ସିନ୍ଧୁ ଓ କିଡାମ୍ବି ଶ୍ରୀକାନ୍ତ ସେମାନଙ୍କ ସିଙ୍ଗଲ୍ସ ଇଭେଣ୍ଟର ପ୍ରି-କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହୋଇଛନ୍ତି। ମହିଳା ସିଙ୍ଗଲ୍ସ ପ୍ରଥମ ରାଉଣ୍ଡରେ ଦୁଇଥର ଅଲିମ୍ପିକ ପଦକ ବିଜୟିନୀ ସିନ୍ଧୁ ମାଳଦ୍ୱୀପର ଫାଥିମାଥ୍ ନାବାହା ଅବ୍ଦୁଲ ରାଜାକଙ୍କୁ ୨୧-୪, ୨୧-୧୧ରେ ହରାଇ ଦେଇଥିଲେ। ପୁରୁଷ ସିଙ୍ଗଲ୍ସ ଇଭେଣ୍ଟରେ ଶ୍ରୀକାନ୍ତ ଉଗାଣ୍ଡାର ଡାନିଲ ୱାନାଗାଲିୟାଙ୍କୁ ୨୧-୯, ୨୧-୯ରେ ପରାସ୍ତ କରିଥିଲେ। ସୂଚନାଯୋଗ୍ୟ, ପୂର୍ବରୁ ମିକ୍ସଡ ଟିମ୍ ଫାଇନାଲରେ ଶ୍ରୀକାନ୍ତ ତାଙ୍କଠାରୁ ନିମ୍ନ ର୍‍ୟାଙ୍କିଙ୍ଗପ୍ରାପ୍ତ ଜିଜ୍ ୟଙ୍ଗ୍ ଏଙ୍ଗ୍‌ଠାରୁ ହାରିଯାଇଥିଲେ। ତେବେ ବିଶ୍ୱର ୧୩ ନମ୍ବର ର୍‍ୟାଙ୍କିଙ୍ଗ ପ୍ରାପ୍ତ ଖେଳାଳି ଗୁରୁବାର ତାଙ୍କ ପ୍ରତିଦ୍ୱନ୍ଦ୍ୱୀଙ୍କୁ ସହଜରେ ହରାଇ ଦେଇଥିଲେ। ସେ କ୍ରସ୍ କୋର୍ଟ ଆଙ୍ଗଲ ଡ୍ରପ୍ ଶଟ୍ ଖେଳି ପଏଣ୍ଟ ପକେଟସ୍ଥ କରିଥିଲେ। ଉଗାଣ୍ଡା ବ୍ୟାଡ୍‌ମିଣ୍ଟନ ଖେଳାଳି ତାଙ୍କର ଅଧିକାଂଶ ପଏଣ୍ଟ ଶ୍ରୀକାନ୍ତଙ୍କ ଅପ୍ରତ୍ୟାଶିତ ତ୍ରୁଟିରୁ ସଂଗ୍ରହ କରିଥିଲେ।

**ପଙ୍ଘାଲ, ଜସ୍ମିନ୍ ସେମିଫାଇନାଲରେ**

ରାଜ୍ୟଗୋଷ୍ଠୀ କ୍ରୀଡ଼ା ବକ୍ସିଂ ରିଙ୍ଗ୍‌ରେ ଅମିତ ପଙ୍ଘାଲ ଓ ଜସ୍ମିନ୍ ଲାମ୍ବୋରିୟା ସେମାନଙ୍କ ବର୍ଗରେ ଭାରତ ପାଇଁ ପଦକ ପକ୍କା କରିଛନ୍ତି। ଗୁରୁବାର ଫ୍ଲାଇୱେଟ୍ (୪୮-୫୧କେଜି) କ୍ୱାର୍ଟରଫାଇନାଲରେ ସେ ସ୍କଟଲାଣ୍ଡର ଲେନନ ମୁଲିଗାନ୍‌ଙ୍କୁ ପରାସ୍ତ କରିଛନ୍ତି। ୨୬ବର୍ଷୀୟ ପଙ୍ଘାଲ ଗୋଲ୍ଡ କୋଷ୍ଟରେ ଗତ ସଂସ୍କରଣରେ ଏକ ରୌପ୍ୟ ପଦକ ହାସଲ କରିଥିଲେ। ଜସ୍ମିନ ମହିଳା ଲାଇଟ୍‌ୱେଟ୍ ୬୦କେଜି ଶ୍ରେଣୀ କ୍ୱାର୍ଟରଫାଇନାଲରେ ନ୍ୟୁଜିଲାଣ୍ଡର ଟ୍ରଏ ଗାର୍ଟନଙ୍କୁ ୪-୧ରେ ହରାଇ ଦେଇଛନ୍ତି। ଅନ୍ୟପକ୍ଷରେ ନିଖତ ଜରିନ୍(୫୦କେଜି), ନୀତୁ ଗଙ୍ଘାସ (୪୮କେଜି) ଓ ମହମ୍ମଦ ହୁସାମୁଦ୍ଦିନ(୫୭କେଜି) ମଧ୍ୟ ସେମାନଙ୍କ କାଟେଗୋରିରେ ସେମିଫାଇନାଲରେ ପ୍ରବେଶ ସହ ପଦକ ନିଶ୍ଚିତ କରିଛନ୍ତି।

**ଘୋଷାଲ-ପାଲିକଲ ମିକ୍ସଡ ଡବଲ୍ସ କ୍ୱାର୍ଟରରେ**

ଟପ୍ ସିଡ୍ ଦୀପିକା ପାଲିକଲ ଓ ସୌରଭ ଘୋଷାଲ ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍କ୍ୱାଶ ମିକ୍ସଡ ଡବଲ୍ସ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ଏହି ଯୋଡ଼ି ୱେଲ୍ସର ଏମିଲି ହ୍ୱିଟ୍‌ଲକ୍ ଓ ପିଟର କ୍ରିଡ୍‌ଙ୍କୁ ୧୧-୮, ୧୧-୪ରେ ହରାଇ ଦେଇଛନ୍ତି। ୟଙ୍ଗଷ୍ଟର ସୁନୟନା କୁରୁଭିଲା ଓ ଅନାହତ ସିଂ ରାଜ୍ୟଗୋଷ୍ଠୀ କ୍ରୀଡ଼ା ମହିଳା ଡବଲ୍ସ ଇଭେଣ୍ଟ ପ୍ରି-କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ପ୍ରଥମ ଥର ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାଗ ନେଇଥିବା ସୁନୟନା ଓ ୧୪ ବର୍ଷୀୟ ଅନାହତ ଶ୍ରୀଲଙ୍କାର ୟେହେନି କୁରୁପୁ ଓ ଚାନିଥମା ସିନାଲିଙ୍କୁ ୧୧-୯, ୧୧-୨ ସିଧାସଳଖ ଗେମ୍‌ରେ ହରାଇ ଦେଇଛନ୍ତି। ଭାରତର ଅନ୍ୟ ଯୋଡ଼ି ଜ୍ୟୋସ୍ନା ଚିନ୍ନାପ୍ପା ଓ ଦୀପିକା ପାଲିକଲ ମଧ୍ୟ ଏହି ଇଭେଣ୍ଟରେ ଭାଗ ନେଇଛନ୍ତି। ଅନ୍ୟପକ୍ଷରେ ଅଭୟ ସିଂ ଓ ଭେଲାଭାନ୍ ସେନ୍ଥିଲ କୁମାର ବ୍ରିଟେନର ଲୁକା ରିଚ୍ ଓ ଜୋ ଚାପମ୍ୟାନଙ୍କ ବିପକ୍ଷରେ ସିଧାସଳଖ ଗେମ୍‌ରେ ବିଜୟ ଲାଭ କରି ପୁରୁଷ ଡବଲ୍ସ ପ୍ରି-କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ଅଭିଜ୍ଞ ମିକ୍ସଡ ଡବଲ୍ସ ଯୋଡ଼ି ଜ୍ୟୋସ୍ନା ଚିନାପ୍ପା ଓ ହରିନ୍ଦର ପାଲ୍ ସିଂ ସେମାନଙ୍କ ରାଉଣ୍ଡ ଅଫ୍ ୧୬ ମ୍ୟାଚ୍‌ରେ ଅଷ୍ଟ୍ରେଲିଆର ଡୋନା ଲାବାନ୍ ଓ କାମେରନ ପିଲିଙ୍କଠାରୁ ୮-୧୧, ୯-୧୧ରେ ହାରିଯାଇଛନ୍ତି।

**ଶେଟ୍ଟି-ଟେନିସନ ଯୋଡ଼ି ଆଉଟ୍**

ଭାରତୀୟ ଯୋଡ଼ି ସାନିଲ ଶେଟ୍ଟି ଓ ରିଥ୍ ଟେନିସନ ରାଜ୍ୟଗୋଷ୍ଠୀ କ୍ରୀଡ଼ା ମିକ୍ସଡ ଡବଲ୍ସ ଟେନିସ ଇଭେଣ୍ଟରୁ ବିଦାୟ ନେଇଛନ୍ତି। ଏହି ଯୋଡ଼ି ରାଉଣ୍ଡ ଅଫ୍ ୬୪ ମ୍ୟାଚରେ ମାଲେସିଆର ଓଙ୍ଗ୍ କ୍ୱି ଶେନ୍ ଓ ତି ଆଇ ଜିନ୍‌ଙ୍କଠାରୁ ୬-୧୧, ୧୦-୧୨, ୧୩-୧୧, ୧୧-୮ ଓ ୮-୧୧ରେ ହାରିଯାଇଛନ୍ତି।

**ବର୍ଗୋହେନ୍ ହାରିଗଲେ**

ଭାରତର ମ୍ରିଦୁଲ ବର୍ଗୋହେନ୍ ଲନ୍ ବୋଲ୍ ଇଭେଣ୍ଟର ପୁରୁଷ ସିଙ୍ଗଲ୍ସ କ୍ୱାର୍ଟରଫାଇନାଲ ପ୍ରବେଶରେ ବିଫଳ ହୋଇଛନ୍ତି। ଜର୍ସିର ରସ୍ ଡେଭିସଙ୍କଠାରୁ ସେ ୧୩-୨୧ରେ ହାରି ଯାଇଛନ୍ତି। ବର୍ଗୋହେନ୍ ନ୍ୟୁଜିଲାଣ୍ଡର ଶାନନ ମ୍ୟାକିଲ ରୟଙ୍କ ବିପକ୍ଷ ପ୍ରଥମ ଗେମ୍ ହାରିଯାଇଥିଲେ, କିନ୍ତୁ ବୁଧବାର ସେ ତାଙ୍କର ପରବର୍ତ୍ତୀ ଦୁଇଟି ଗେମ୍‌ରେ ବିଜୟ ଲାଭ କରଇଥିଲେ। ସେ ଫକ୍‌ଲାଣ୍ଡର ଖ୍ରିସ୍ ଲୋକିଙ୍କୁ ୨୧-୫ ଏବଂ ସ୍କଟଲାଣ୍ଡର ଆଇଏନ ମ୍ୟାକ୍‌ଲିନ୍‌ଙ୍କୁ ୨୧-୧୯ରେ ହରାଇ ଦେଇଥିଲେ।

## ରାଜ୍ୟଗୋଷ୍ଠୀ କ୍ରୀଡ଼ା ପଦକ ତାଲିକା

| ଦଳ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ଅଷ୍ଟ୍ରେଲିଆ | ୪୮ | ୩୮ | ୩୯ | ୧୨୫ |
| ଇଂଲଣ୍ଡ | ୪୦ | ୪୦ | ୨୯ | ୧୦୯ |
| କାନାଡ଼ା | ୧୬ | ୨୦ | ୨୧ | ୫୭ |
| ନ୍ୟୁଜିଲାଣ୍ଡ | ୧୬ | ୧୦ | ୧୧ | ୩୭ |
| ସ୍କଟଲାଣ୍ଡ | ୭ | ୮ | ୧୭ | ୩୨ |
| ଦକ୍ଷିଣ ଆଫ୍ରିକା | ୬ | ୭ | ୭ | ୨୦ |
| **ଭାରତ** | **୫** | **୬** | **୭** | **୧୮** |
| ୱେଲ୍ସ | ୪ | ୪ | ୧୦ | ୧୮ |
| ମାଲେସିଆ | ୩ | ୨ | ୩ | ୮ |
| ନାଇଜେରିଆ | ୩ | ୧ | ୪ | ୮ |
| ସାଇପ୍ରସ୍ | ୨ | ୧ | ୪ | ୭ |
| ଉଗାଣ୍ଡା | ୨ | ୦ | ୦ | ୨ |

(ଗୁରୁବାର ରାତି ୯ଟା ୩୦ ସୁଦ୍ଧା)


ମନେ ପଡ଼ନ୍ତି

ତୃତୀୟ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



୰ପ୍ରବୀଣ କୁମାର ଦାଶ
କାଣ୍ଡସର, ସ୍କୁଲ ସାହି, ଅନୁଗୋଳ
ଆବିର୍ଭାବ: ୨୦।୦୭।୧୯୫୫
ତିରୋଧାନ: ୦୮।୦୮।୨୦୧୯
ବାପା, ଦେଖୁ ଦେଖୁ ତିନିବର୍ଷ ବିତିଗଲା। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ନୀତି, ଆଦର୍ଶ ଓ ଭଲପାଇବାକୁ ସାଉଁଟି ଆମେ ବଞ୍ଚି ରହିଛୁ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦେ ପ୍ରାର୍ଥନା।
ଶୋକସନ୍ତପ୍ତ: ପତ୍ନୀ: ତୃପ୍ତି, ଲିପି, ଦିପା, ରାଜା, ବୁନୁ, ସୁବୁ, ଲିଲୁ, ଟାଇନି।
ଧ-୧୧୮୩


## ଫ୍ଲୋରିଡାରେ ଖେଳାଯିବ ଅନ୍ତିମ ଦୁଇ ଟି୨୦

ମୁମ୍ବାଇ,୪।୮: ୱେଷ୍ଟଇଣ୍ଡିଜ୍ ସିରିଜର ଅନ୍ତିମ ଦୁଇ ମୁକାବିଲାକୁ ନେଇ ଦେଖା ଦେଇଥିବା ସଙ୍କଟର ଅବସାନ ଘଟିଛି। ଖେଳାଳିଙ୍କୁ ଭିଜା ମିଳିବାରେ ବିଳମ୍ବ ହେବା କାରଣରୁ ଏପରି ଆଶଙ୍କା ଦେଖା ଦେଇଥିଲା। ହେଲେ ଗୟାନା ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ପରେ ସମସ୍ତ ଖେଳାଳିଙ୍କୁ ଆମେରିକୀୟ ଭିଜା ପ୍ରଦାନ କରାଯାଇଛି। ଆସନ୍ତା ୬ ଓ ୭ ତାରିଖରେ ଫ୍ଲୋରିଡାର ଲାଉଡେର ହିଲରେ ଦୁଇଟି ଯାକ ମୁକାବିଲା ଖେଳାଯିବ। ବର୍ତ୍ତମାନ ସୁଦ୍ଧା ଭାରତ ଏହି ସିରିଜରେ ୨-୧ରେ ଆଗୁଆ ରହିଛି। ୱେଷ୍ଟଇଣ୍ଡିଜ୍ ଦଳ ଏବଂ କିଛି ଭାରତୀୟ ଖେଳାଳି ମିଆମିରେ ପହଞ୍ଚି ସାରିଲେଣି। ଅନ୍ୟ ଖେଳାଳିମାନେ ଜର୍ଜଟାଉନରେ ଭିଜା ପାଇଁ ଅପେକ୍ଷା କରିଛନ୍ତି।

# ଲିଜେଣ୍ଡ୍ସ ମ୍ୟାଚ ଖେଳିବେ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୪।୮ (କ୍ରୀଡ଼ା ପ୍ରତିନିଧି)

୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପର ୭ମ ସଂସ୍କରଣ ଆସନ୍ତା ଅକ୍ଟୋବର ୧୧ରୁ ୩୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ମ୍ୟାଚ ଗୁଡ଼ିକ ଭୁବନେଶ୍ୱର ସମେତ ୩ଟି ଭେନ୍ୟୁରେ ଖେଳାଯିବ। ଏହାର ଟିକେଟ ଲଞ୍ଚ୍ କାର୍ଯ୍ୟକ୍ରମ ଶୁକ୍ରବାର ନୂଆଦିଲ୍ଲୀରେ ଅନୁଷ୍ଠିତ ହେବ। ଏହି ଅବସରରେ ଏକ ଲିଜେଣ୍ଡ୍ସ ମ୍ୟାଚ ମଧ୍ୟ ଆୟୋଜନ ହେବ। ଏଥିରେ ଦେଶର ଖ୍ୟାତନାମା ଫୁଟବଲ ଖେଳାଳିମାନେ ଅଂଶଗ୍ରହଣ କରିବେ। ଲିଜେଣ୍ଡ୍ସ ମ୍ୟାଚରେ ଖେଳିବା ସହ ଟିକେଟ ଲଞ୍ଚ୍ କାର୍ଯ୍ୟକ୍ରମରେ ଯୋଗ ଦେବାପାଇଁ ପୂର୍ବତନ ଭାରତୀୟ ମହିଳା ଫୁଟବଲ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟଙ୍କୁ ଫିଫା ପକ୍ଷରୁ ନିମନ୍ତ୍ରଣ କରାଯାଇଛି। ଫିଫା ନିମନ୍ତ୍ରଣ ପାଇବା ପରେ ସ୍ୱାଭାବିକଭାବେ ଉଲ୍ଲସିତ ହୋଇଛନ୍ତି ଶ୍ରଦ୍ଧାଞ୍ଜଳି। ଫିଫାର ଲିଜେଣ୍ଡ୍ସ ତାଲିକାରେ ଜଣେ ଓଡ଼ିଆ ଝିଅ ସାମିଲ ହୋଇଥିବାରୁ ରାଜ୍ୟ କ୍ରୀଡ଼ା ମହଲରେ ମଧ୍ୟ ଆନନ୍ଦ ପ୍ରକାଶ ପାଇଛି। କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର ଟିକେଟ ଲଞ୍ଚ୍ କାର୍ଯ୍ୟକ୍ରମରେ ଯୋଗଦେବା ସହ ଲିଜେଣ୍ଡ୍ସ ମ୍ୟାଚ ସମୟରେ ଉପସ୍ଥିତ ରହିବେ ବୋଲି ଜଣାଯାଇଛି। ୧୭ ବର୍ଷରୁ କମ୍ ଫିଫା ବିଶ୍ୱକପ ପାଇଁ ଭୁବନେଶ୍ୱର ଭେନ୍ୟୁ ହୋଇଥିବାରୁ ରାଜ୍ୟ ଫୁଟବଲ ଖେଳାଳିଙ୍କ ମଧ୍ୟରେ ଉତ୍ସାହ ବଢ଼ିବାରେ ଲାଗିଛି। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ ସହିତ ମାର୍ଗାଓର ପଣ୍ଡିତ ଜବାହରଲାଲ ନେହେରୁ ଷ୍ଟାଡିୟମ ଏବଂ ନଭି ମୁମ୍ବାଇର ଡିୱାଇ ପାଟିଲ ଷ୍ଟାଡିୟମରେ ମ୍ୟାଚ ଗୁଡ଼ିକ ଅନୁଷ୍ଠିତ ହେବ। ଭାରତ, ଆମେରିକା, ମରକ୍କୋ ଓ ବ୍ରାଜିଲ ସାମିଲ ଥିବା ଗ୍ରୁପ୍ 'ଏ' ମ୍ୟାଚ ଭୁବନେଶ୍ୱରରେ ଅନୁଷ୍ଠିତ ହେବ।

ପ୍ରକାଶ ଯୋଗ୍ୟ ଯେ, ୧୯୯୨ରେ ଓଡ଼ିଶାରେ ପ୍ରଥମଥରପାଇଁ ମହିଳା ଫୁଟବଲ ଆରମ୍ଭ ହେବାବେଳେ ଶ୍ରଦ୍ଧାଞ୍ଜଳି ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଗତ ୩୦ ବର୍ଷ ହେଲା ସେ ନିରବଚ୍ଛିନ୍ନଭାବେ ମହିଳା ଫୁଟବଲ ସହ ଜଡ଼ିତ ଅଛନ୍ତି। ଖେଳାଳିଭାବେ ସେ ଜାତୀୟ ଦଳର ଅଧିନାୟିକା ଦାୟିତ୍ୱ ତୁଲାଇବାପରେ ଜାତୀୟ ଓ ରାଜ୍ୟ ଦଳର କୋଚ୍ ଏବଂ ଚୟନକର୍ତ୍ତା ଦାୟିତ୍ୱକୁ ସୁଚାରୁରୂପେ ତୁଲାଇବାରେ ସକ୍ଷମ ହୋଇଛନ୍ତି। ଲିଜେଣ୍ଡ୍ସ ମ୍ୟାଚ ପାଇଁ ଖେଳିବା ସୁଯୋଗ ପାଇଥିବାରୁ ସେ ନିଜ ବୃତ୍ତିଗତ ସଂସ୍ଥା ନାଲ୍‌କୋ, ରାଜ୍ୟ ସରକାର, ସର୍ବଭାରତୀୟ ଫୁଟବଲ ଫେଡେରେଶନ ଏବଂ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସୂଚନା ଅନୁସାରେ ଲିଜେଣ୍ଡ୍ସ ମ୍ୟାଚ ପାଇଁ ଶ୍ରଦ୍ଧାଞ୍ଜଳିଙ୍କ ସମେତ ବାଲା ଦେବୀ, ଗୁରପ୍ରୀତ ସିଂ ସାନ୍ଧୁ, ଆଶାଲତା ଦେବୀ, ଜେଜେ ଲାଲପେଖଲୁଆ, ବାଇଚୁଙ୍ଗ ଭୂଟିଆ, ମେମୋଲ ରକି, ଜୋ ପଲ୍, ଲିଣ୍ଡସେ ତାରପ୍ଲେ, ଅଦିତି ଚୌହାନ, ସୁନୀଲ ଛେତ୍ରୀ, ବେମ୍‌ବେମ୍ ଦେବୀ, ମେହରାଜୁଦ୍ଦିନ ୱାଡୋ, ବ୍ରୁନୋ କୌଟିନୋ, ସନ୍ତୋଷ, ରେନେଡି ସିଂ, ଆଇ.ଏମ୍. ବିଜୟନ ପ୍ରମୁଖଙ୍କୁ ଫିଫା ପକ୍ଷରୁ ଡାକରା ମିଳିଛି।

## ମହିଳା ଫିଫା ବିଶ୍ୱକପ ଟିକେଟ ଲଞ୍ଚ୍ ଆଜି



## ନିପ୍ପନ ଷ୍ଟିଲ୍ ଓଡ଼ିଶା ଜଗରନଟ୍ସର ପ୍ରମୁଖ ପ୍ରାୟୋଜକ

ଭୁବନେଶ୍ୱର, ୪।୮ (ସ୍ପୋର୍ଟ୍ସ ବ୍ୟୁରୋ): ବିଶ୍ୱର ଅଗ୍ରଣୀ ଇସ୍ପାତ ନିର୍ମାତା ଆର୍ସେଲରମିତଲ ନିପ୍ପନ୍ ଷ୍ଟିଲ ଇଣ୍ଡିଆ (ଏଏମ୍/ଏନ୍ଏସ୍ ଇଣ୍ଡିଆ) ରାଜ୍ୟସରକାରଙ୍କ ଓଡ଼ିଶା ସ୍ପୋର୍ଟ୍ସ ଡେଭଲପମେଣ୍ଟ ଆଣ୍ଡ ପ୍ରମୋଶନ କମ୍ପାନୀ (ଓଏସ୍‌ଡିପିସି) ସହ ମିଳିତ ଉଦ୍ୟମରେ କ୍ରୀଡ଼ାର ବିକାଶ ଓ ଏହାକୁ ପ୍ରୋତ୍ସାହନ ଦେବା ନିମନ୍ତେ ଚୁକ୍ତି ସ୍ୱାକ୍ଷର କରିଛନ୍ତି। ଏହା ଓଡ଼ିଶା ଜଗରନଟ୍ସର ପ୍ରିନ୍ସିପାଲ ଟିମ୍ ସ୍ପନସର ହୋଇଛି। ମହାରାଷ୍ଟ୍ରର ପୁଣେଠାରେ ଚଳିତ ମାସ ୧୪ ତାରିଖରୁ ହେବାକୁଥିବା ଜାତୀୟ ଟୁର୍ନାମେଣ୍ଟରେ ରାଜ୍ୟର ଖୋ ଖୋ ଦଳ ଓଡ଼ିଶା ଜଗରନଟ୍ସ ଅଂଶଗ୍ରହଣ କରିବ। ଉଭୟ ପକ୍ଷଙ୍କ ମଧ୍ୟରେ ହୋଇଥିବା ଚୁକ୍ତି ପତ୍ରରେ ଏଏମ୍/ଏନ୍ଏସ୍ ଇଣ୍ଡିଆର ମାନବ ସମ୍ବଳ ଓ ପ୍ରଶାସନ ବିଭାଗରେ ଉପ ନିର୍ଦ୍ଦେଶକ ସିଙ୍ଗୋ ନାକାମୁରା ଓ ରାଜ୍ୟ ସରକାରଙ୍କ ଓଏସ୍‌ଡିପିସିର ନିର୍ଦ୍ଦେଶକ ତଥା କ୍ରୀଡ଼ା ବିଭାଗର ଯୁଗ୍ମ ସଚିବ ରଞ୍ଜିତପରିଡ଼ାସ୍ୱାକ୍ଷରକରିଥିଲେ।


Birthday Wish



Well , I just want to remind you that you are the best person I have ever met in my whole life. Happiest birthday to mo Lii .... May bi it's my bad luck to I can't make your day but I hope you enjoy your day and make your best Birthday forever . Again
Happy Birthday Rita
D-1179

CLASSIFIED DISPLAY
MORE SPACE • SAME PRICE
TARIFF
GST 5%

India's No.1 Company
ପ୍ରଥମ ଥର ଓଡିଶାରେ ଏମିତି ଅଫର୍
ନିଜର ଖାଲିଥିବା ଜମି ଓ ଛାତ
Plot ରେ ଟ୍ୱାଓର 4G/5G ବସାଇ
ଅଗ୍ରୀମ 80,000,00/-
ପାଆନ୍ତୁ ଓ ମାସକୁ
ଭଡା 80,000/-
ଟଙ୍କା ପାଆନ୍ତୁ +
ବାଇକ୍ ପାଆନ୍ତୁ



Bansal Tower B Wing, Bangalore , Karnataka-400021.
Call or SMS
7735130553

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଚେସ୍ ଗ୍ଲାମର

ଚେନ୍ନାଇର ମହାବଳିପୁରମ୍‌ଠାରେ ଚାଲିଥିବା ଚେସ୍ ଅଲିମ୍ପିଆଡ୍‌ରେ ବିଭିନ୍ନ ଦେଶର ଖେଳାଳିଙ୍କ ହେୟାର ଷ୍ଟାଇଲ।











# କ୍ରୀଡ଼ା: ଦକ୍ଷତା ପ୍ରଦର୍ଶନର ଅନ୍ୟତମ ମାର୍ଗ



ରମେଶ ସାହୁ

ସମଗ୍ର ବିଶ୍ୱରେ କ୍ରୀଡ଼ାର ମହତ୍ୱ ବଢ଼ିଛି। ଅନ୍ତର୍ଜାତୀୟ ସ୍ତରରେ ଚର୍ଚ୍ଚିତ ହେବା ଲାଗି ବିଭିନ୍ନ ଦେଶ କ୍ରୀଡ଼ାକୁ ଗୁରୁତ୍ୱ ଦେଉଛନ୍ତି। କ୍ରୀଡ଼ାରେ ଉତ୍କର୍ଷତା ହାସଲ କରିବା ଏବେ ସେମାନଙ୍କର ଏକମାତ୍ର ଲକ୍ଷ୍ୟ। ଲକ୍ଷ୍ୟପଥକୁ ତ୍ୱରାନ୍ୱିତ କରିବା ସକାଶେ ପର୍ଯ୍ୟାପ୍ତ ପାଣ୍ଠି ବିନିଯୋଗ କରାଯାଉଛି। ଏସିଆ ମହାଦେଶରେ ଚାଇନା, ଜାପାନ, କୋରିଆ, ଭାରତ, ମାଲେସିଆ, ଇଣ୍ଡୋନେସିଆ ପ୍ରମୁଖ କ୍ରୀଡ଼ା କ୍ଷେତ୍ରରେ ବେଶ୍ ଅଗ୍ରଗତି କରିଛନ୍ତି। ବିଶ୍ୱର ଅଗ୍ରଣୀ ଦେଶଗୁଡ଼ିକ ସହିତ ସେମାନେ ମୁକାବିଲା କରୁଛନ୍ତି। ଏଥିପାଇଁ ଦେଶଗୁଡ଼ିକର ସରକାର ସ୍ୱତନ୍ତ୍ର କ୍ରୀଡ଼ା ନୀତି ପ୍ରସ୍ତୁତ କରିଛନ୍ତି। ବ୍ୟକ୍ତିଗତ ବା ଏକକ କ୍ରୀଡ଼ାଗୁଡ଼ିକ ମଧ୍ୟରେ କୁସ୍ତି, ବକ୍ସିଂ, ଲନ୍ ଟେନିସ, ବ୍ୟାଡମିଣ୍ଟନ, ଟେବୁଲ ଟେନିସ, ତୀର ଚାଳନା ଆଦି ଜନପ୍ରିୟତା ହାସଲ କରିଛି। ଦୌଡ଼କୁଦ ଶୃଙ୍ଖଳା ଅନ୍ତର୍ଗତ ଏକକ କ୍ରୀଡ଼ାଗୁଡ଼ିକ ମଧ୍ୟ ଲୋକପ୍ରିୟ। ବିଭିନ୍ନ ଦୂରତାର ଦୌଡ଼, ଲଙ୍ଗଜମ୍ପ, ହାଇଜମ୍ପ, ଟ୍ରିପଲ୍ ଜମ୍ପ, ଜାଭେଲିନ୍ ଥ୍ରୋ, ଶଟ ପୁଟ୍ ଓ ଡିସକସ୍ ଆଦି ଏକକ କ୍ରୀଡ଼ା। ଏକକ କ୍ରୀଡ଼ା ପାଇଁ ବଛା ବଛା କ୍ରୀଡ଼ାବିତ୍‌ଙ୍କୁ ପ୍ରସ୍ତୁତ କରିବାକୁ ପଡ଼େ। ସେହିପରି ଦଳଗତ କ୍ରୀଡ଼ା ପାଇଁ ଏକାଧିକ ଦଳକୁ ପ୍ରସ୍ତୁତ କରାଯାଇ ତାଲିମ ଦିଆଯାଏ। ଯେପରି କି କ୍ରିକେଟ, ହକି, ଫୁଟବଲ, ଭଲିବଲ ଅଥବା ବାସ୍କେଟ ବଲ। ଏକକ କ୍ରୀଡ଼ାରେ ଜଣେ ପ୍ରତିଯୋଗୀର ସଫଳତା ସମ୍ଭାବନା ଯେତିକି ରହେ ତାହା ଦଳଗତ କ୍ରୀଡ଼ାରେ ଦେଖାଯାଏ ନାହିଁ। କାରଣ ପୂରା ଟିମ୍‌ର ଏକକାଳୀନ ପ୍ରସ୍ତୁତି ସମାନ ହୋଇ ନ ଥାଏ। ଖେଳାଳିର ଉପସ୍ଥିତ ଫର୍ମ ଏବଂ ତାକୁ କେନ୍ଦ୍ର କରି ମାନସିକତାକୁ ନେଇ ପ୍ରଦର୍ଶନ ପ୍ରତିଫଳିତ ହୋଇଥାଏ। ସବୁବେଳେ ଗୋଟିଏ ପ୍ରକାର ଫର୍ମ ବଜାଏ ରଖିବା ଖେଳାଳି ପକ୍ଷେ ସମ୍ଭବ ହୋଇ ନ ଥାଏ। ଆଜି ଜଣେ ଖେଳାଳି ଯେଉଁ ମାନର ଦକ୍ଷତା ପ୍ରଦର୍ଶନ କରେ ପରେ ତାହା ଦୋହରାଇବାରେ ବିଫଳ ହୋଇପାରେ। ଖେଳର ସବୁ ଦିଗରେ ସର୍ବଦା ସ୍ଥିର ପ୍ରଦର୍ଶନ ପାଇଁ ଖେଳାଳିର ମନସ୍ତାତ୍ତ୍ୱିକ ପ୍ରସ୍ତୁତି ଜରୁରୀ। ଏସିଆ, ଆଫ୍ରିକା ଓ ଦକ୍ଷିଣ ଆମେରିକାର କେତେକ ଦେଶର ଦୁର୍ବଳ ଅର୍ଥନୀତି ଯୋଗୁ ଲୋକମାନଙ୍କର ମାନସିକ ସ୍ଥିତି ଅପେକ୍ଷାକୃତ ଦୁର୍ବଳ। ଏସିଆ ଓ ଆଫ୍ରିକା ମହାଦେଶର କୌଣସି ଦଳ ଫୁଟବଲ ବିଶ୍ୱକପ୍ ବିଜୟୀ ହୋଇ ପାରିନାହାନ୍ତି। ମାତ୍ର ଭାରତୀୟ ଉପମହାଦେଶରେ ହକିଖେଳର ପ୍ରସାର ଥିବାରୁ ଉଭୟ ଭାରତ ଓ ପାକିସ୍ତାନ ସଂଖ୍ୟାଧିକ ଥର ହକି ବିଶ୍ୱକପ୍ ଜିତି ପାରିଛନ୍ତି। ଦକ୍ଷିଣ ଆମେରିକାର ବିଭିନ୍ନ ଦେଶର ଅର୍ଥନୀତି ଭିନ୍ନ ଭିନ୍ନ ହୋଇପାରେ, ମାତ୍ର ଫୁଟବଲ ଖେଳର ଅତୀତ ବହୁ ପୁରୁଣା। ସେଇଥିପାଇଁ ଉରୁଗୁଏ, ଆର୍ଜେଣ୍ଟିନା, ବ୍ରାଜିଲ ଫୁଟବଲ ବିଶ୍ୱକପ୍ ଜିଣିବାରେ ସଫଳ ହୋଇଛନ୍ତି। ଭାରତରେ ହକି ଏବେ ହୃତ ଗୌରବ ଫେରିପାଇବା ପଥରେ ରହିଛି। ଟୋକିଓ ଅଲିମ୍ପିକ୍ସ ଏବଂ ଗତ ବିଶ୍ୱକପ୍ ଏହାର ପ୍ରକୃଷ୍ଟ ପ୍ରମାଣ। ଟୋକିଓରେ ଭାରତୀୟ ପୁରୁଷ ହକି ଦଳ ବ୍ରୋଞ୍ଜ ପଦକ ହାସଲ କରିଥିଲା ବେଳେ ଭାରତୀୟ ମହିଳା ହକି ଦଳ ଚତୁର୍ଥ ସ୍ଥାନ ହାସଲ କରି ଅଗ୍ରଣୀ ଦଳଗୁଡ଼ିକ ପାଇଁ ଆଶଙ୍କା ସୃଷ୍ଟି କରିପାରିଛି।

### ବିଶ୍ୱ ଦୌଡ଼କୁଦରେ ଚାମ୍ପିୟନମାନଙ୍କ ଆଧିପତ୍ୟ

ଇତିମଧ୍ୟରେ ଆମେରିକାର ୟୁଜିନ୍‌ଠାରେ ଶେଷ ହୋଇଛି ୧୮ଶ ବିଶ୍ୱ ଦୌଡ଼କୁଦ ଚାମ୍ପିୟନଶିପ୍। ଏଥିରେ ଆୟୋଜକ ଦେଶ ଆମେରିକା ପୁଣି ଥରେ ଚାମ୍ପିୟନଶିପ୍ ଟାଇଟଲ ହାସଲ କରିବାରେ ସଫଳ ହୋଇଛି। ଆଫ୍ରିକୀୟ ଦେଶ ଇଥିଓପିଆ ମଧ୍ୟ ନିଜର ଆଧିପତ୍ୟ ବଜାୟ ରଖିଛି। ପଦକ ବିଜୟୀ ତାଲିକାରେ ଇଥିଓପିଆ ଦ୍ୱିତୀୟ ସ୍ଥାନ ହାସଲ କରିଛି। ଭାରତୀୟ ଜାଭେଲିନ୍ ଥ୍ରୋୟର୍ ନୀରଜ ଚୋପ୍ରା ଦେଶର ସମ୍ମାନ ରକ୍ଷା କରିଛନ୍ତି। ଚାମ୍ପିୟନଶିପ୍‌ର ଶେଷ ଭାଗରେ ଅନୁଷ୍ଠିତ ପ୍ରତିଯୋଗିତାରେ ନୀରଜ ୮୮.୧୩ ମିଟର ଦୂରକୁ ଜାଭେଲିନ୍ ଫିଙ୍ଗି ରୌପ୍ୟ ପଦକ ହାସଲ କରିଥିଲେ। ଗ୍ରେନେଡାର ଆଣ୍ଡରସନ ପିଟର୍ସ ଫାଇନେଲ ରାଉଣ୍ଡରେ ୯୦.୫୪ ମିଟର ଦୂରକୁ ଜାଭେଲିନ ଫିଙ୍ଗି ସମସ୍ତଙ୍କଠାରୁ ଅଗ୍ରଣୀ ରହିଥିଲେ। ତାହା ଶେଷ ପର୍ଯ୍ୟନ୍ତ ବଜାୟ ରହିଥିଲା। ଅନ୍ୟପକ୍ଷରେ ନୀରଜ ଓ ଜାକ୍ୟୁବ୍‌ଙ୍କ ମଧ୍ୟରେ ୨ୟ ଓ ୩ୟ ସ୍ଥାନ ପାଇଁ ମୁକାବିଲା ହୋଇଥିଲା। ଏହି ସମୟରେ ନୀରଜ କିଛି ମୁହୂର୍ତ୍ତ ଉତ୍କଣ୍ଠା ଦେଇ ଗତି କରିଥିଲେ। ଶେଷରେ ସେ ୮୮.୧୩ ମିଟର ଦୂରକୁ ଜାଭେଲିନ ଥ୍ରୋ କରି ରୌପ୍ୟ ଏବଂ ଜାକ୍ୟୁବ୍ ୮୮.୮ ମିଟର ଦୂରତାରେ ସୀମିତ ରହି ବ୍ରୋଞ୍ଜ ପଦକ ଜିତିଥିଲେ। ଫଳରେ ଦୀର୍ଘ ୧୯ ବର୍ଷ ପରେ ଭାରତ ବିଶ୍ୱ ଚାମ୍ପିୟନଶିପ୍‌ରେ ନୀରଜ୍ ଚୋପ୍ରାଙ୍କ ମାଧ୍ୟମରେ ଦ୍ୱିତୀୟ ଆଥ୍‌ଲେଟିକ୍ ପଦକ ଜିଣିପାରିଥିଲା। ଏହା ପୂର୍ବରୁ ପ୍ୟାରିସ ବିଶ୍ୱ ଚାମ୍ପିୟନଶିପ୍‌ରେ ଅଞ୍ଜୁ ବବି ଜର୍ଜ ମହିଳା ଲଙ୍ଗ୍ ଜମ୍ପରେ ବ୍ରୋଞ୍ଜ ପଦକ ବିଜୟିନୀ ହୋଇ ଭାରତକୁ ଗର୍ବିତ କରିଥିଲେ। ୭ଜଣ ଭାରତୀୟ ଆଥଲେଟ୍ ବିଭିନ୍ନ ଇଭେଣ୍ଟରେ ସେମି ଫାଇନାଲକୁ ଉଠିଥିଲେ। ଏଣୁ ଏହାକୁ ଶ୍ରେଷ୍ଠ ପ୍ରଦର୍ଶନ କୁହାଯାଉଛି। ତେବେ ଭାରତ ପାଇଁ ଲଜ୍ଜାଜନକ ଘଟଣା ବି ଘଟିଛି। ଭାରତୀୟ ମହିଳା ଆଥଲେଟ୍ ଏସ. ଧନଲକ୍ଷ୍ମୀ (୧୦୦ମି, ୨୦୦ମି ଦୌଡ଼) ଓ ଲଙ୍ଗ ଜମ୍ପର୍ ଐଶ୍ୱର୍ଯ୍ୟ ବାବୁ ଡୋପ୍ ଟେଷ୍ଟରେ ଶକ୍ତି ବର୍ଦ୍ଧକ ଔଷଧ ଖାଇଥିବା ଜଣାପଡ଼ିବା ପରେ ଭାରତୀୟ ଦୌଡ଼କୁଦ ମହାସଂଘ ସମସ୍ୟାରେ ପଡ଼ିଯାଇଛି।



ଗ୍ରୋଇନ୍ ଇଞ୍ଜୁରୀ ଯୋଗୁ ନୀରଜ ବର୍ମିଂହାମ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାଗ ନେଇପାରି ନାହାନ୍ତି। ତାଙ୍କ ଅନୁପସ୍ଥିତି ଯୋଗୁ ଭାରତ ଜାଭେଲିନ ଥ୍ରୋରେ ଏକ ନିଶ୍ଚିତ ପଦକ ହରାଇଲା ବୋଲି କୁହାଯାଇପାରିବ। ଗତ ଗୋଲ୍ଡକୋଷ୍ଟ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ନୀରଜ ଚାମ୍ପିୟନ ହୋଇଥିଲେ। ଟୋକିଓ ଅଲିମ୍ପିକ୍ସ ସ୍ୱର୍ଣ୍ଣ ବିଜେତା ମରୋକୋର ସୌଫିଆନ୍ ଏଲ୍ ବକାଲି ପୁରୁଷ ୩ ହଜାର ମିଟର ଷ୍ଟିପଲଚେଜ୍ ରେସ୍‌ରେ କେନିଆର ଆଧିପତ୍ୟକୁ ପଣ୍ଡ କରି ଚାମ୍ପିୟନ ହୋଇଛନ୍ତି। କାତାରୀ ହାଇଜମ୍ପର୍ ବରଶୀମ୍ ୨.୩୭ ମିଟର ଉଚ୍ଚତା ଡେଇଁ କ୍ରମାଗତ ୩ଥର ବିଶ୍ୱ ଚାମ୍ପିୟନ୍ ହୋଇ ହ୍ୟାଟ୍ରିକ ହାସଲ କରିଥିଲେ। ଟୋକିଓରେ ବରଶୀମ୍ ଇଟାଲୀର ଜିଆନ୍‌ମାର୍କୋ ତମ୍ବାରୀଙ୍କ ସହିତ ମିଳିତ ଭାବେ ହାଇଜମ୍ପ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ମହିଳା ଟ୍ରିପଲଜମ୍ପ ଇଭେଣ୍ଟରେ ଭେନିଜୁଏଲାର ୟୁଲିମାର ରୋଜାସ୍ ପ୍ରଭାବୀ ପ୍ରଦର୍ଶନ କରିଥିଲେ। ଅଲିମ୍ପିକ୍ ଚାମ୍ପିୟନ୍ ରୋଜାସ୍ ୧୫.୪୭ମିଟର ଲମ୍ଫ ପ୍ରଦାନ କରି କ୍ରମାଗତ ୩ୟ ଥର ଟାଇଟଲ୍ ଜିତିଥିଲେ। ସେ ଏହି ଶୃଙ୍ଖଳାରେ ନିଜକୁ ବିଶ୍ୱର ଶ୍ରେଷ୍ଠ ପ୍ରମାଣିତ କରିଛନ୍ତି। ଇଥିଓପିଆର ଗୋଟିତମ୍ ଗାବ୍ରେସ୍ଲାସ୍ ମହିଳା ମାରାଥନ ଦୌଡ଼ରେ ୨ଘଣ୍ଟା ୧୮ ମିନିଟ ୧୧ସେକେଣ୍ଡ ନେଇ ଚାମ୍ପିୟନ୍ ହୋଇଛନ୍ତି। ଇଥିଓପିଆର ତମିରାଟ୍ ତୋଲା ପୁରୁଷ ମାରାଥନରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ପୁରୁଷ ୩ ହଜାର ମିଟର ଷ୍ଟିପିଲଚେଜ୍ ଫାଇନାଲରେ ଭାରତର ଅଭିନାଶ ସାବ୍‌ଲେ ବିଫଳ ହୋଇଥିଲେ। ୨୭ ବର୍ଷୀୟ ସାବ୍‌ଲେ ୮:୩୧.୭୫ ସେକେଣ୍ଡ ସମୟ ନେଇ ରେସ୍ ପୂରଣ କରିଥିଲେ ସୁଦ୍ଧା ତାଙ୍କର ଜାତୀୟ ରେକର୍ଡ ୮:୧୨.୪୮ ସେକେଣ୍ଡ ରହିଛି। ଯେଉଁ ଦେଶର ସରକାର କ୍ରୀଡ଼ାକୁ ଯେତେ ଗୁରୁତ୍ୱ ଦେଉଛନ୍ତି ସେହି ଦେଶର ଖେଳାଳି ସେତେ ସଫଳତା ପାଉଛନ୍ତି। କ୍ରୀଡ଼ାବିତ୍‌ମାନଙ୍କୁ ଭିତ୍ତିଭୂମି ଯୋଗାଇଦେବା ସହିତ ଦୀର୍ଘସୂତ୍ରୀ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଗ୍ରହଣ କରିଛନ୍ତି। ବୈଜ୍ଞାନିକ ପଦ୍ଧତିରେ ପ୍ରଶିକ୍ଷଣ ହେଉଥିଲାବେଳେ ମନସ୍ତାତ୍ତ୍ୱିକ ଦିଗକୁ ସର୍ବାଧିକ ଦୃଷ୍ଟି ଦିଆଯାଉଛି। ବିଜୟ ସମ୍ଭାବନା ରଖୁଥିବା ଖେଳାଳିମାନଙ୍କୁ ସ୍ୱତନ୍ତ୍ର କ୍ରୀଡ଼ା ପ୍ରତିଷ୍ଠାନରେ ରଖାଯାଉଛି, ଯେପରି କି ସେମାନେ ଗୋଟିଏ ଲକ୍ଷ୍ୟରେ ତାଲିମ ନେବେ। ଇଥିଓପିଆ ଓ କେନିଆକୁ ଉଦାହରଣ ଭାବେ ନିଆଯାଇପାରେ। ଏହି ଦୁଇ ଆଫ୍ରିକୀୟ ଦେଶର ଲମ୍ବାଦୌଡ଼ ପ୍ରତିଯୋଗୀମାନେ ଅନ୍ୟଦେଶ ପାଇଁ ସଫଳତାର ନମୁନା ସାଜୁଛନ୍ତି। ଏହା ପଛରେ ଦୁଇ ସରକାରଙ୍କର ନିଷ୍ଠାପର ଉଦ୍ୟମ ରହୁଛି। ନିଜ ଖେଳାଳିମାନଙ୍କର ଉନ୍ନତ ପ୍ରଦର୍ଶନ ବଳରେ ଦୁଇ ଦେଶ ପ୍ରଶଂସା ସାଉଁଟୁଛନ୍ତି। ଖେଳାଳିମାନେ ଅର୍ଜୁଥିବା ପ୍ରଶଂସା ଦେଶ ନିର୍ମାଣରେ ସହାୟକ ହୋଇପାରୁଛି। ଧନୀ ଦେଶଗୁଡ଼ିକ ପାଣ୍ଠି ସହାୟତା କରିବା ସଙ୍ଗେ ସଙ୍ଗେ ସେମାନଙ୍କର ନୈତିକ ମନୋବଳ ବଢ଼ାଉଛନ୍ତି।



ନୀରଜ ଚୋପ୍ରା

-ଶ୍ରୀ ଗୌର କୁଟୀର, ବଡ଼ବଜାର, ବାରିପଦା

## ଦକ୍ଷତା

ପରିବାର ପରମ୍ପରା ରଖିବାକୁ
ବନିଗଲେ ଆଥ୍‌ଲେଟ
ବା'ଷଠି ବର୍ଷରେ କୋର୍ଟକୁ ଡେଇଁଲେ
ପିନ୍ଧି ଜର୍ସି ଫଟାଫଟ
କୋଚ୍ ଭାବେ କରି ନାଟ
ଇଂଲଣ୍ଡ ଜନ୍ମିତ ଷ୍ଟିଭ୍ ରିଲି ମନ୍ତ୍ର
ଦକ୍ଷତା ବିକାଶ ବାଟ।

ଯେତେକାମ ଥାଉ ସିଡ୍ୟୁଲ ଭିତରେ
ବ୍ୟାଡ୍‌ମିଣ୍ଟନ ଖେଳ ରଖି
ହିରୋଇନ ତାପସ୍ୱୀ ପାନ୍ନୁ ପ୍ରତିଦିନ
ଖେଳନ୍ତି ସମୟ ଦେଖି
ଫ୍ଲପ୍ ହିରୋ ସଙ୍ଗେ ଲାଖି
ଦକ୍ଷତା ବଳରେ ସାଉଥ୍ ଇଣ୍ଡିଆନ
ଫିଲ୍ମରେ ହୋଇଛି ଲକି।

ଏକଦା ସୂତାର ଏମ୍ବ୍ରୋଡୋରୀ କାମ
କରୁଥିଲା ଯେଉଁ ହାତ
ସେ ହାତ ଲୁହାର ଓଜନ ଉଠାଇ
ଅଚିନ୍ତ ସେଉଲି ପ୍ରୀତ
ନିଜ ଦକ୍ଷତାର ମିତ
ରାଜ୍ୟଗୋଷ୍ଠୀ ସ୍ୱର୍ଣ୍ଣ ପଦକ ପାଇ ସେ
ଇଣ୍ଡିଆର ଭବିଷ୍ୟତ।

-ସୁବାସ ଚନ୍ଦ୍ର ପ୍ରଧାନ

# ଭାରତ-ବାଂଲାଦେଶ ଫାଇନାଲ ଆଜି




କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀ ଅବସରରେ ଟ୍ରଫି ସହ ଭାରତ ଓ ବାଂଲାଦେଶ କୋଚ୍ ଓ ଖେଳାଳି।

## ୨୦ ବର୍ଷରୁ କମ୍ ସାଫ୍ ଫୁଟବଲ

ଭୁବନେଶ୍ୱର, ୪।୮ (କ୍ରୀଡ଼ା ପ୍ରତିନିଧି) କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୨୦ ବର୍ଷରୁ କମ୍ ସାଫ୍ (ସାଉଥ ଏସିଆନ ଫୁଟବଲ ଫେଡେରେଶନ) ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ ଶୁକ୍ରବାର ଭାରତ ଓ ବାଂଲାଦେଶ ମଧ୍ୟରେ ଅନୁଷ୍ଠିତ ହେବ। ରାତି ୭ଟାରେ ମ୍ୟାଚ ଆରମ୍ଭ ହେବ। ଗତ ସଂସ୍କରଣର ଫାଇନାଲରେ ବାଂଲାଦେଶକୁ ୨-୧ ଗୋଲରେ ହରାଇ ଭାରତ ଚାମ୍ପିୟନ ହୋଇଥିଲା। ଏଥର ସେହି ପ୍ରଦର୍ଶନ ଦୋହରାଇବା ଲକ୍ଷ୍ୟରେ ରହିଛି ଭାରତୀୟ ଦଳ। ଏଥର ଲିଗ୍ ପର୍ଯ୍ୟାୟରେ ବାଂଲାଦେଶ ୨-୧ ଗୋଲରେ ଭାରତକୁ ହରାଇ ଦେଇଥିଲା। ତେଣୁ ଏହାର ମଧୁର ପ୍ରତିଶୋଧ ନେବା ସୁଯୋଗ ମଧ୍ୟ ଭାରତ ନିକଟରେ ରହିଛି। ଲିଗ୍ ପର୍ଯ୍ୟାୟରେ ବାଂଲାଦେଶ ୧୦ ଓ ଭାରତ ୯ ପଏଣ୍ଟ ପାଇ ଫାଇନାଲରେ ପ୍ରବେଶ କରିଛନ୍ତି। ତେଣୁ ଟାଇଟଲ ମୁକାବିଲା ସଂଘର୍ଷପୂର୍ଣ୍ଣ ହେବା ଆଶା କରାଯାଉଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିବେ।

"ଫାଇନାଲ ଖେଳିବାର ଅନୁଭୂତି ସର୍ବଦା ଭିନ୍ନ ହୋଇଥାଏ। ଏହା ସ୍ୱତନ୍ତ୍ର। ଜଣେ ଖେଳାଳି ଓ ଅଧିନାୟକଭାବେ ମୁଁ ୩ଟି ସାଫ୍ ଚାମ୍ପିୟନଶିପ୍ ଜିତିଛି। ୨ଟି ସାଫ୍ ଫାଇନାଲରେ ଜାତୀୟ ସିନିୟର ଦଳର ସହକାରୀ କୋଚ୍ ଥିଲି। ଏହାର ଅନୁଭବ ସ୍ୱତନ୍ତ୍ର" ବୋଲି ଗୁରୁବାର ଅନୁଷ୍ଠିତ ମ୍ୟାଚ ପୂର୍ବ ଖବରଦାତା ସମ୍ମିଳନୀରେ ଭାରତୀୟ ଦଳର ମୁଖ୍ୟ କୋଚ୍ ଶନମୁଗମ ଭେଙ୍କଟେଶ ପ୍ରକାଶ କରିଛନ୍ତି। କୌଣସି ପରିସ୍ଥିତିରେ ଖେଳକୁ ହାଲ୍‌କାଭାବେ ନ ନେଇ ନିଜ ଦକ୍ଷତା ଅନୁସାରେ ପ୍ରଦର୍ଶନ କରି ମ୍ୟାଚ ବିଜୟୀ ହେବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଅନ୍ୟପକ୍ଷରେ ଭାରତର ସମସ୍ତ ମ୍ୟାଚ ଦେଖି ସେହି ଅନୁସାରେ ରଣନୀତି ପ୍ରସ୍ତୁତ କରିଥିବା କହିଛନ୍ତି ବାଂଲାଦେଶ ମୁଖ୍ୟ କୋଚ୍ ପଲ୍ ସ୍ମଲି। "ଭାରତ ଆମ ବିପକ୍ଷରେ ଯେପରି ଖେଳିଥିଲା ମାଳଦ୍ୱୀପ ବିପକ୍ଷରେ ସେହି ରଣନୀତିରେ ନଜର ଆସି ନ ଥିଲା। ସେମାନେ ଖେଳରେ ଭିନ୍ନତା ଆଣୁଛନ୍ତି। ତେଣୁ ଆମେ ସେହି ଅନୁସାରେ ପ୍ରସ୍ତୁତ ହୋଇଛୁ" ବୋଲି ସ୍ମଲି କହିଛନ୍ତି। ଭାରତୀୟ ଦଳର ଦୁର୍ବଳତା ଉପରେ ଆମର ନଜର ରହିଛି ବୋଲି ସେ ପ୍ରକାଶ କରିଛନ୍ତି।

ଫାଇନାଲ ପୂର୍ବରୁ ଉଭୟ ଦଳର ଜଣେ ଲେଖାଏ ଖେଳାଳି ସସ୍‌ପେଣ୍ଡ ହୋଇଛନ୍ତି। ବାଂଲାଦେଶ ଶହିଦୁଲ ଇସଲାମ ଏବଂ ଭାରତ ପାର୍ଥିବ ଗୋଗୋଇଙ୍କ ଅନୁପସ୍ଥିତି ଅନୁଭବ କରିବ। "ଆମେ ପାର୍ଥିବଙ୍କୁ ଆଗାମୀ ମ୍ୟାଚରେ ମିସ୍ କରିବୁ। ତେବେ ଏହା ଫୁଟବଲ। ଦଳରେ ୨୩ ଖେଳାଳି ରହିଛନ୍ତି। ଆମେ ଦଳଗତଭାବେ ଖେଳିବା ସହ ବିଜୟ କିମ୍ବା ପରାଜୟରେ ବିଶ୍ୱାସ କରୁ" ବୋଲି ଶନ୍‌ମୁଗମ୍ କହିଛନ୍ତି। ଦଳର ଭଲ ପ୍ରଦର୍ଶନକୁ ନେଇ ଡିଫେଣ୍ଡର ହାଲେନ ନଙ୍ଗ୍ରୁ ମଧ୍ୟ ବେଶ୍ ଆଶାବାଦୀ। "ଆମେ ଅତ୍ୟଧିକ ଆତ୍ମବିଶ୍ୱାସରେ ନାହୁଁ। ଆମେ ଧୈର୍ଯ୍ୟର ସହ ଯୋଜନାବଦ୍ଧଭାବେ ଆଗାମୀ ମ୍ୟାଚରେ ଖେଳିବୁ। ଦଳଗତଭାବେ ଖେଳିଲେ ଯାଇ ଆମେ ବାଂଲାଦେଶକୁ ହରାଇ ପାରିବୁ ବୋଲି ଭଲଭାବେ ଜାଣିଛୁ। ପ୍ରତ୍ୟେକ ମ୍ୟାଚରେ ଆମେ କିଛିକିଛି ଶିଖିବାକୁ ପାଉଛୁ" ବୋଲି ହାଲେନ ପ୍ରକାଶ କରିଛନ୍ତି। ଏହି ଅବସରରେ ବାଂଲାଦେଶ ଅଧିନାୟକ ମହମ୍ମଦ ତନଭୀର ହୋସେନ ମଧ୍ୟ ଉପସ୍ଥିତ ଥିଲେ।

## ଦର୍ଶକଙ୍କ ପାଇଁ ଏଣ୍ଟ୍ରି ଫ୍ରି

ଭାରତ-ବାଂଲାଦେଶ ଫାଇନାଲ ପାଇଁ ଦର୍ଶକଙ୍କୁ ମାଗଣାରେ ଏଣ୍ଟ୍ରି ସୁଯୋଗ ମିଳିବ। ଷ୍ଟାଡିୟମରେ ପ୍ରବେଶ ପାଇଁ ଗେଟ୍ ଅପରାହ୍ନ ୪ଟାରୁ ଉନ୍ମୁକ୍ତ ରହିବ। ୪ ଚକିଆ ଗାଡ଼ି ନେଇ ଆସୁଥିବା ଦର୍ଶକମାନେ ଗେଟ୍ ନମ୍ବର ୮ ବାଟେ ପ୍ରବେଶ କରି କ୍ଲାଇମ୍ବିଂ ୱାଲ ପଛପଟେ ପି-୬ରେ ପାର୍କିଂ କରିପାରିବେ। ସେହିପରି ୨ ଚକିଆ ଗାଡ଼ି ୩ ନମ୍ବର ଗେଟ୍‌ବାଟେ ନେଇ ସୁଇମିଂ ପୁଲ୍ ବାହାରେ ପି-୧ ଏବଂ ସୁଇମିଂ ପୁଲ୍ ସମ୍ମୁଖରେ ପି-୨ରେ ପାର୍କିଂ କରିବେ। ଦର୍ଶକଙ୍କ ପାଇଁ ସ୍କାଏ ୱାକ୍ ୪ ନିକଟସ୍ଥ ବ୍ଲକ୍ 'ବି' ଓ 'ସି' ଗ୍ୟାଲେରୀରେ ବସିବା ବ୍ୟବସ୍ଥା କରାଯାଇଛି।










Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

## ମା' ଗୃହରେ ଚାରା ରୋପଣ କାର୍ଯ୍ୟକ୍ରମ

**ନୂଆପଡ଼ା ଅଫିସ:** ନୂଆପଡା ଜିଲା ସିନାପାଲି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ମା' ଗୃହ ପରିସରରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପିଏଚ୍‌ଓ ଅଙ୍ଗଦ ମାଝି, ବିପିଏମ୍ ଅନୀଲ ଭୋଇ, ୟାର ଅନୁଷ୍ଠାନ ଜିଲା ସଂଯୋଜକ ଅରୁଣ ବିଶ୍ୱାଳ, ଖୁସିରାମ ଭୋଇ, କବିର ମାଝି, ଜ୍ୟୋସ୍ନାମୟୀ ନିଆଲ, ଗିତାଞ୍ଜଳି ମାଝି, ନୁର ମଙ୍ଗରାଜ ପ୍ରମୁଖ ଯୋଗଦେଇଥିଲେ। ଜଙ୍ଗଲ ସୁରକ୍ଷା ସହିତ ନୂତନ ଜଙ୍ଗଲ ସୃଷ୍ଟି କରିବା, ବନ୍ୟଜନ୍ତୁଙ୍କ ସୁରକ୍ଷା, ବନ୍ୟଜନ୍ତୁଙ୍କ ଖାଦ୍ୟପେୟ ସୁବ୍ୟାବସ୍ଥା ପାଇଁ ସ୍ୱତନ୍ତ୍ର ଆଇନ ଆବଶ୍ୟକ ରହିଛି। ପ୍ରତ୍ୟେକ ନାଗରୀକଙ୍କ ନୈତିକ କର୍ତବ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

# ବର୍ଷା ନାହିଁ: ଚାଷଜମି ଫାଟି ଆଁ

**ଅମରପାଲି,୪।୮(ଡି.ଏନ.ଏ.)**

ବର୍ଷା ଅଭାବରୁ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅଞ୍ଚଳର ଚାଷ ଜମି ଫାଟି ଆଁ କଲାଣି। ଏନେଇ ଚାଷୀ ଚିନ୍ତାରେ ଅଛନ୍ତି। ବୀରମହାରାଜପୁର ବ୍ଲକ ର ଅଧିକାଂଶ ପରିବାର ଚାଷ ଉପରେ ନିର୍ଭରଶୀଳ ଥିବା ବେଳେ ପ୍ରାୟ ଜମିକୁ ଜଳସେଚନର କୌଣସି ସୁବିଧା ନାହିଁ। ବ୍ଲକର ଅଳ୍ପ କିଛି ଅଂଶ ଜମିକୁ ହରିହର ଯୋର ମଧ୍ୟମ ଜଳ ସେଚନ ପ୍ରକଳ୍ପର ପାଣି ଆସି ଥାଏ। ତେବେ ଉକ୍ତ ପ୍ରକଳ୍ପରୁ ଆସୁଥିବା ପାଣି ତଳ ମୁଣ୍ଡରେ ପହଞ୍ଚି ପାରୁନାହିଁ। ଉକ୍ତ ଅଞ୍ଚଳ ସମେତ ଅନ୍ୟ ଅଞ୍ଚଳର ଚାଷୀ ମୌସୁମି ବର୍ଷା ଓ ଲଘୁଚାପ ବର୍ଷା ଉପରେ ନିର୍ଭର କରି ଚାଷ କାର୍ଯ୍ୟ କରିଥାଏ। ଗତ ୧୫ ଦିନରୁ ଉର୍ଦ୍ଧ୍ୱ ହେଲାଣି ଅଞ୍ଚଳରେ



ଫାଟି ଯାଇଥିବା ଚାଷଜମି।

ଆଦୌ ବର୍ଷା ହୋଇନାହିଁ। ଅଞ୍ଚଳରେ ଆବଶ୍ୟକତା ଠାରୁ ବହୁତ କମ ବର୍ଷା ହୋଇଛି। ଆଗାମୀ ସପ୍ତାହେ ମଧ୍ୟରେ ଭଲ ବର୍ଷା ନ ହେଲେ ସ୍ଥିତି ଜଟିଳ ହେବା ଆଶଙ୍କାକୁ ଏଡାଇ ଦିଆଯାଇ ପାରିବ ନାହିଁ। ଏବେ ଚାଷ କାମ ଠପ୍ ହୋଇଯାଇଛି। ଶ୍ରାବଣ ମାସରେ କିଛି ଦିନ ବର୍ଷା ହୋଇଥିଲା। ଏହି ଅଞ୍ଚଳରେ ଥିବା

**ବୀରମହାରାଜପୁର ବ୍ଲକ**

ଚାଷୀଙ୍କର ୪୦ଭାଗ ଚାଷ କାର୍ଯ୍ୟ ଶେଷ ହୋଇଥିବା ବେଳେ ୬୦ ଭାଗ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି ବୋଲି ଚାଷୀ ମାନେ ପ୍ରକାଶ କରିଛନ୍ତି। ଏବେ ଚାଷ ଜମିରେ ପାଣି ନ ହେବାରୁ ରୁଆ ଓ ବିହୁଡା କାର୍ଯ୍ୟ ଆଗେଇ ପାରୁନାହିଁ। ସାଧାରଣତଃ ଶ୍ରାବଣରେ ଧାନ ଚାଷ ପାଇଁ ଭଲ ବର୍ଷା ଆବଶ୍ୟକ। ହେଲେ ଚଳିତବର୍ଷ ଚାଷପୋଯୋଗୀ ବର୍ଷା ହୋଇନାହିଁ। ବର୍ଷା ଜଳ ଉପରେ ନିର୍ଭର କରି ଚାଷ କରୁଥିବା ଚାଷୀଙ୍କ ଧାନ ବର୍ଷା ଅଭାବରୁ ତଳି ଘେରାରେ ମରୁଥିବା ଦେଖିବାକୁ ମିଳିଛି। ଆଉ ଏବେ ବୁଣା ଧାନ ଖରାରେ ଲାଇ ହୋଇ ମରିବାକୁ ବସିଲାଣି। ଆସନ୍ନ ମରୁଡି ସ୍ଥିତି ଯୋଗୁ ଚାଷୀ ହତାଶ ହୋଇ ପଡିଛି। ବୀରମହାରାଜପୁର ବ୍ଲକର ପ୍ରାୟ ସମସ୍ତ ପଞ୍ଚାୟତରେ ଏପରି ଦୃଶ୍ୟ ଦେଖିବାକୁ ମିଳିଛି। ଏନେଇ ବ୍ଲକ କୃଷି ଅଧିକାରୀ ମକରଧ୍ୱଜ ପଟେଲଙ୍କୁ ପଚରାଯିବାରେ ନିଅଣ୍ଟିଆ ବର୍ଷା ଯୋଗୁଁ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଏହାର ମୁକାବିଲା ପାଇଁ ଚାଷୀଙ୍କୁ ପରାମର୍ଶ ଦିଆଯାଉଛି ବୋଲି କହିଛନ୍ତି । ଏବେ ପ୍ରାୟ ୧୨ ରୁ ୧୫ ଦିନ ହେବ ବର୍ଷା ଗାଏବ ହୋଇଗଲାଣି। ଚାଷ ଜମିରେ ପାଣି ନ ଥିବାରୁ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ବର୍ଷା ଅଭାବରୁ ବନ୍ଧ କଟା ମଧ୍ୟ ପାଣି ଅଭାବରୁ ଶୁଖିଲା ପଡ଼ିଛି। ଧାର କରଜ କରି ଚାଷ କରିଥିବା ଚାଷୀ କିପରି ଋଣ ପରିଶୋଧ କରିବେ ଓ ପରିବାର ଚଳାଇବେ ସେ ନେଇ ଚିନ୍ତା ପଡିଛି।

## ଭୋଟର ତାଲିକା ସହ ଆଧାରକାର୍ଡ ସଂଯୁକ୍ତ ଅଭିଯାନ ଆରମ୍ଭ

**ବୌଦ୍ଧ,୪।୮(ସ୍ୱ.ପ୍ର.)**

ଆଧାରକାର୍ଡ ସଂଯୁକ୍ତ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଜିଲାସ୍ତରରେ ପ୍ରସ୍ତୁତି ଆରମ୍ଭ ହୋଇଛି। ବୌଦ୍ଧର ଭାରପ୍ରାପ୍ତ ଜିଲାପାଳ ବବିତାରାଣୀ ଦଳବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ରାଜନୈତିକ ଦଳ ପ୍ରତିନିଧିଙ୍କୁ ଡକାଯାଇ ଭୋଟର ତାଲିକାରେ ଆଧାରକାର୍ଡ ସଂଯୁକ୍ତ କରିବାକୁ ନିର୍ବାଚନ କମିଶନ ନେଇଥିବା ନିଷ୍ପତ୍ତି ସମ୍ପର୍କରେ ସୂଚନା ଦିଆଯାଇଥିଲା। ଭୋଟରମାନେ ଅନ୍‌ଲାଇନରେ ନିଜର ଭୋଟର ତାଲିକାରେ ଆଧାରକାର୍ଡ ସଂଯୁକ୍ତ କରିପାରିବେ କିମ୍ବା ବୁଥସ୍ତରୀୟ ଅଧିକାରୀଙ୍କ ଜରିଆରେ କରିପାରିବେ। ଆସନ୍ତା ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ୪ଟି ପର୍ଯ୍ୟାୟରେ ଏହି କାର୍ଯ୍ୟକ୍ରମ ହେବାକୁ ଥିବା ବେଳେ ତାଲିକାରେ ସଂଯୁକ୍ତ ହେବାକୁ ଥିବା ନୂତନ ଭୋଟରମାନେ ମଧ୍ୟ ଏହାର ଲାଭ ପାଇପାରିବେ। ପ୍ରତ୍ୟେକ ପର୍ଯ୍ୟାୟରେ ନୂତନ ଭୋଟରମାନଙ୍କ ନାମ ମୁଖ୍ୟ ତାଲିକା ସହିତ ସଂଯୁକ୍ତ ହୋଇପାରିବ। ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ବୁଥସ୍ତରୀୟ ଅଧିକାରୀମାନଙ୍କ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କେତେଜଣ ଅଧିକାରୀ ଏନେଇ ଭୁବନେଶ୍ୱରରୁ ତାଲିମ ଗ୍ରହଣ କରି ଫେରିବା ପରେ ଜିଲାସ୍ତରରେ ବୁଥସ୍ତରୀୟ ଅଧିକାରୀମାନଙ୍କୁ ତାଲିମ ପ୍ରଦାନ କରିବେ। ବୈଠକରେ ଜିଲା ନିର୍ବାଚନ ଅଧିକାରୀ ତଥା ଉପଜିଲାପାଳ ସନତ କୁମାର ନାଏକ ଭୋଟର ତାଲିକାରେ ଆଧାରକାର୍ଡ ସଂଯୁକ୍ତ ପ୍ରକ୍ରିୟା ସଂପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୌଦ୍ଧ ତହସିଲଦାର ଦେବୀ ପ୍ରସାଦ ଦାଶ,ହରଭଙ୍ଗା ତହସିଲଦାର ଶମ୍ଭୁ ପ୍ରସାଦ ମିଶ୍ର, କନ୍ଧମାଳ ଭାରପ୍ରାପ୍ତ ତହସିଲଦାର ଧନଞ୍ଜୟ ସାହୁ, ବୌଦ୍ଧ ବ୍ଲକ ଏବିଡିଓ ପ୍ରମୋଦ କୁମାର ମିଶ୍ର ଏବଂ ଜିଲା ସୂଚନା ଓ ଲୋକସଂପର୍କ ଅଧିକାରୀ ରିତାକାନ୍ତି ବଳିୟାରସିଂହଙ୍କ ସମେତ ବୁଥସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ସେହିପରି ରାଜନୈତିକ ଦଳଗୁଡିକ ପକ୍ଷରୁ ଜିଲା ଭାଜପା ସଭାପତି ବିପ୍ରଚରଣ ମହାନ୍ତି ,ଜିଲା ବିଜେଡି ସଂପାଦକ ଶିତାଂଶୁ ଶେଖର ମହାକୁଳ,ଜିଲା କଂଗ୍ରେସ କମିଟି ଉପସଭାପତି ସମରେଶ ମିଶ୍ର ଯୋଗଦେଇଥିଲେ। ସରୋଜ କୁମାର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବିଇଓଙ୍କ ଦୁର୍ବ୍ୟବହାର, ଥାନାରେ ଅଭିଯୋଗ



ବିଇଓଙ୍କ ବିରୋଧରେ ଥାନାରେ ଅଭିଯୋଗ କରିବାକୁ ଆସିଥିବା କେନ୍ଦୁପାଲି ଗ୍ରାମବାସୀ ।

**ଅମରପାଲି,୪।୮(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପକଣ୍ଠ କେନ୍ଦୁପାଲି ଗ୍ରାମର ଲୋକେ ଗୁରୁବାର ଅପରାହ୍ନରେ ବିଇଓ ଶାନ୍ତନୁ କୁମ୍ଭକାର ଗ୍ରାମର ମହିଳାଙ୍କୁ ଦୁର୍ବ୍ୟବହାର କରିଥିବା ନେଇ ସ୍ଥାନୀୟ ଆଦର୍ଶ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗମତେ ଗତ ମଙ୍ଗଳବାର ଦିନ କେନ୍ଦୁପାଲି ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ସମସ୍ୟା ନେଇ ସ୍କୁଲ ଫାଟକରେ ତାଲା ଦେଇ ଛାତ୍ରୀଛାତ୍ର, ଅଭିଭାବକ,ସ୍କୁଲ ପରିଚାଳନା କମିଟି ଓ ଗ୍ରାମବାସୀ ପ୍ରତିବାଦ କରୁଥିଲେ। ଏହି ସମୟରେ ସମସ୍ୟାର ସମାଧାନ ପାଇଁ ବୀରମହାରାଜପୁର ବରିଷ୍ଠ ଗୋଷ୍ଠୀ ଶିକ୍ଷା ଅଧିକାରୀ(ବିଇଓ)କୁମ୍ଭକାର ସ୍ଥାନୀୟ ସିଆରସିସି ଙ୍କ ସହିତ ଆନ୍ଦୋଳନସ୍ଥଳକୁ ଆସିଥିଲେ। ସେଠାରେ ଗ୍ରାମବାସୀ ଓ ବିଇଓଙ୍କ ମଧ୍ୟରେ ଆଲୋଚା ବେଳେ ଯୁକ୍ତିତର୍କ ହୋଇଥିଲା। ବିଇଓ ଆନ୍ଦୋଳନକାରୀଙ୍କୁ କେସ୍ କରିବାର ଧମକ ଦେବା ସହିତ ଫାଟକ ସମ୍ମୁଖରେ ଆନ୍ଦୋଳନକାରୀ ମହିଳାଙ୍କୁ ଗାଳିଗୁଲଜ କରିବା ସହିତ ଦୁର୍ବ୍ୟବହାର କରିଥିବା ଥାନାରେ ଅଭିଯୋଗ ହୋଇଛି। ଯଦି ବିଇଓଙ୍କ ବିରୋଧରେ ୪୮ଘଣ୍ଟା ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନିଆ ନ ଯାଏ ତେବେ ଗ୍ରାମବାସୀ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏନେଇ ବୀରମହାରାଜପୁର ଥାନା ଅଧିକାରିଣୀ ପଦ୍ମାସିନୀ ମେହେରଙ୍କୁ ପଚାରିବାରେ ତଦନ୍ତ ଜାରି ରହିଥିବା କହିଛନ୍ତି।

**ପୂର୍ବରୁ ବିଇଓ ଥାନାରେ ଅଭିଯୋଗ କରିଥିଲେ**

ସୂଚନାଯୋଗ୍ୟ, କେନ୍ଦୁପାଲି ସ୍କୁଲରେ ଶିକ୍ଷକ ନିଯୁକ୍ତିକୁ ନେଇ ଚାଲିଥିବା ଆନ୍ଦୋଳନ ବେଳେ ବିଇଓଙ୍କୁ ଆକ୍ରମଣ କରାଯିବା, ଗାଳିଗୁଲଜ କରିବା, ଦୁର୍ବ୍ୟବହାର ପ୍ରଦର୍ଶନ ନେଇ ବୁଧବାର ମିଳିତ ଶିକ୍ଷକ ସଂଘର ୫୦ଜଣ ଶିକ୍ଷକଙ୍କୁ ନେଇ ବିଇଓ କୁମ୍ଭକାର ବୀରମହାରାଜପୁର ଥାନାରେ କେନ୍ଦୁପାଲି ସ୍କୁଲ ପରିଚାଳନା କମିଟିର ସଭାପତି, ମୋ ସ୍କୁଲ ଅଭିଯାନର ସଭାପତି ଓ ଗ୍ରାମବାସୀଙ୍କ ନାମରେ ଅଭିଯୋଗ କରିଥିଲେ।

## ୧୨ ଜିଲାରୁ ଯୋଗଦେଲେ ୧୨୦ଖେଳାଳି

**ବଲାଙ୍ଗୀର ଅଫିସ, ୪।୮**

ଆସନ୍ତା ସେପ୍ଟେମ୍ବର ୨୭ରୁ ଅକ୍ଟୋବର ୧୦ ତାରିଖ ପର୍ଯ୍ୟନ୍ତ ଗୁଜୁରାଟଠାରେ ଅନୁଷ୍ଠିତ ହେବାକୁ ଥିବା ୩୬ ତମ ରାଷ୍ଟ୍ରୀୟ ଗେମରେ ରାଜ୍ୟ ଲନବଲ ଦଳ ମନୋନୟନ ସକାଶେ ମଙ୍ଗଳବାର ବଲାଙ୍ଗୀରଠାରେ ରାଜ୍ୟ ଲନବଲ ସଂଘ ତରଫରୁ ଚୟନ ଶିବିର ଅନୁଷ୍ଠିତ ହୋଇଛି। ଏହି ଶିବିରରେ ବଲାଙ୍ଗୀର, ବରଗଡ, ସମ୍ବଲପୁର, କଳାହାଣ୍ଡି, ନୂଆପଡା, ଭୁବନେଶ୍ୱର, କଟକ, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡା, ଜେଏସଏମ କଲେଜ, ଏସଟି ସେନ ଜୋସେପ ସ୍କୁଲରୁ ୧୨୦ ଜଣ ଖେଳାଳି ଯୋଗଦେଇଥିଲେ। ଭଲ ଖେଳ ପ୍ରଦର୍ଶନ କରୁଥିବା ୬ ପୁରୁଷ ଏବଂ ୭ ମହିଳା ଖେଳାଳି ୩୬ତମ ରାଷ୍ଟ୍ରୀୟ ଗେମରେ ଯୋଗ ଦେବେ ବୋଲି ସଂଘ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ସୂଚନା ଦେଇଛନ୍ତି। ଏନେଇ ଗୁରୁବାର ବଲାଙ୍ଗୀର ମ୍ୟୁନସିପାଲଟିର ଚେୟାରମ୍ୟାନ ଲିକା ସାହୁ ମୁଖ୍ୟ ଅତିଥି, ସମ୍ମାନିତ ଅତିଥିଭାବେ ରାଜ୍ୟ ସଂଘ ଉପଦେଷ୍ଟା ତଥା ପୂର୍ବତନ ଏମ୍‌ପି ପ୍ରଭାସ ସିଂ ଯୋଗ ଦେଇଥିଲେ। ବଲାଙ୍ଗୀର କ୍ରୀଡା ଅଧିକାରୀ ପଳାସର ବାଗ ଓ ରାଜ୍ୟ ସଂଘ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

## ଝାଡ଼ାବାନ୍ତି ନେଇ ସଚେତନତା କାର୍ଯ୍ୟକ୍ରମ

**ଖଡ଼ିଆଳ,୪।୮(ଡି.ଏନ.ଏ.)**

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ବାଦୀ ଗ୍ରାମପଞ୍ଚାୟତ ଜୁନାନୀଠାରେ ଝାଡ଼ାବାନ୍ତି ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଅଙ୍ଗନୱାଡ଼ି କର୍ମୀ ଗୀତାଞ୍ଜଳି ବିଶି ଓ ଦ୍ରୌପଦୀ ବାରିକ ଓ ଆଶା କର୍ମୀ କଳ୍ପନା ପାତ୍ର ଓ ପୁଷ୍ପାଞ୍ଜଳି ପଟେଲ ଗ୍ରାମର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀଛାତ୍ରମାନଙ୍କୁ ସଚେତନ କରାଇଥିଲେ। ଝାଡ଼ାବାନ୍ତି ରୋଗରୁ ଦୁରେଇ ରହିବାକୁ ହେଲେ ହାତ ସଫା ରଖିବା ପ୍ରଣାଳୀ ଶିଖାଇଥିଲେ। ଏହି ଅବସରରେ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ମମତା ପଟ୍ଟନାୟକ, ସଂଯୁକ୍ତା ପଣ୍ଡା, ମାଣିକ୍ୟ ମଞ୍ଜରୀ ପାଢ଼ୀ, ସୌଭାଗ୍ୟ ପୁରୋହିତ, ପ୍ରଶାନ୍ତ କୁମାର ବାରିକ ଉପସ୍ଥିତ ଥିଲେ।


**PARADIP PORT AUTHORITY**

**e-Tender Notice**

Name of the Work : **"Operation & Maintenance of Mechanised Coal Handling Plant".** Estimated cost : **Rs.327,61,91,365/-** excluding GST. Last date & time of submission of bid : **Dt.22.08.2022 up to 1700 Hrs.** Refer our Website for details **https://eprocure.gov.in/eprocure/app** and **www.paradiport.gov.in .**

**Executive Engineer**
**MCHP, PPA**

PPA/PR/179/22-23, Dt.03/08/2022



**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.16/ET/SBP/ENGG/2022-23, ତା.01.08.2022ରିଖ

(1)ଇ-ଟେଣ୍ଡର ସଂ.16-eT-SDENW-SBP-22

**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର (P.Way)/କଣ୍ଟାବାଞ୍ଜି ପରିସୀମା ଅଧୀନସ୍ଥ କଣ୍ଟାବାଞ୍ଜି (In)-ଟିଟିଲାଗଡ଼ (Ex) ସେକ୍ସନରେ ବିବିଧ P.Way କାର୍ଯ୍ୟ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 99,60,724.73, ବିଡ଼ ସିକ୍ୟୁରିଟି (ଟଙ୍କାରେ) : 1,99,300/- ।

(2)ଇ-ଟେଣ୍ଡର ସଂ.17-eT-SDENW-SBP-22

**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ମହାସମୁନ୍ଦ (0.500 କି.ମି.), କଣ୍ଟାବାଞ୍ଜି (1 କି.ମି.), ବାଗବାହରା (0.5 କି.ମି.), ବେଲସୋଣ୍ଡା (0.5 କି.ମି.) ଷ୍ଟେସନଗୁଡ଼ିକର ଷ୍ଟେସନ ପ୍ରବେଶ ପଥଠାରେ ମୋଟ୍ 2.50 କି.ମି. ଲମ୍ବ ନିମନ୍ତେ ଟ୍ରାକ୍ ସାଇଡ୍ ଠାରେ ଅନଧିକାର ପ୍ରବେଶ/ଜବରଦଖଲ (Trespassing/Encroachment) ରୋକିବା ନିମନ୍ତେ 2.70m ଲମ୍ବ ଏବଂ 2.25m ଉଚ୍ଚତା ବିଶିଷ୍ଟ ପରିସର ପାଚେରୀ ପ୍ୟାନେଲ, RDSO ଡ୍ରଇଂ ନଂ.RDSO/WKS/2017/3 ଅନୁଯାୟୀ ପ୍ରିକାଷ୍ଟ ପ୍ୟାନେଲ ଏବଂ କଲମ (Column) ଦ୍ୱାରା RCC ପରିସର ପାଚେରୀ ବ୍ୟବସ୍ଥା ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 1,56,23,719.22, ବିଡ଼ ସିକ୍ୟୁରିଟି (ଟଙ୍କାରେ) : 2,28,200/- ।

କାର୍ଯ୍ୟ ଶେଷ ହେବା ଅବଧି : 12 ମାସ (କ୍ରମ ସଂ.1 ପାଇଁ) ଏବଂ 06 ମାସ (କ୍ରମ ସଂ. 2 ପାଇଁ) ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.26.08.2022ରିଖ 1500 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ) ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଙ୍ଗ), ସମ୍ବଲପୁର

PR-351/N/22-23



**NTPC Limited**
(A Govt. of India enterprise)

**INVITATION FOR EXPRESSION OF INTEREST (EOI)**
**For Lifting of Dry Fly Ash on Free of Cost, First come First Served Basis from NTPC-Kaniha Thermal Power Plant**

**EOI No. 01/DFA/ 2022** **Date: 05.08.2022**

NTPC-Kaniha invites Expression of Interest (EoI) from interested Ash Users for lifting of Dry Fly Ash, for one year duration, on **'free of cost'**, **'First come First Served'** and **'as is where is'** basis from NTPC-Kaniha Thermal Power Plant, PO: Deepsikha, Angul, Odisha-759147. Lifting and Transportation of the ash shall be the responsibility of the interested Ash User.

**How to Apply**

Interested parties are requested to submit their requirement(s) in the specified standard format to **autstps@ntpc.co.in** by **17:00 hrs. of 26.08.2022. 'General Information'** and **'Standard format for application'** for Expression of Interest have been uploaded on **www.ntpctender.com.**

**Registered Office: NTPC Bhawan, Scope Complex, 7, Institutional Area, Lodi Road, New Delhi -110003. www.ntpc.co.in,CIN:L40101DL1975GOI007966**

*Leading the Power Sector*


# କ୍ଷତିପୂରଣ ଦାବିରେ ମୃତଦେହ ରଖି ଜାତୀୟ ରାଜପଥ ଅବରୋଧ



ଜାତୀୟ ରାଜପଥ ଅବରୋଧ କରାଯାଇଛି ।

**ବୌଦ୍ଧ,୪।୮(ସ୍ୱ.ପ୍ର.)**

ବୌଦ୍ଧଥାନା ହରଭଙ୍ଗା ବ୍ଲକ ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ନୂଆପଡାଠାରେ ଗତ ବୁଧବାର ସନ୍ଧ୍ୟାରେ ଏକ ଟ୍ରକ ଧକ୍କାରେ ହାଟଗାଁ ଗ୍ରାମର ଶାନ୍ତାନୁ ଉର୍ମାଙ୍କ ମୃତ୍ୟୁ ଘଟିଥିଲା ବେଳେ ଶାନ୍ତି ଉର୍ମା ଗୁରୁତର ଆହତ ହୋଇଥିଲେ। ତେବେ ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ଦାବିରେ ଗ୍ରାମବାସୀ ଗୁରୁବାର ନୂଆପଡାଠାରେ ମୃତଦେହ ରଖି ଜାତୀୟ ରାଜପଥ ଅବରୋଧ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ସଂଖ୍ୟାରେ ଗାଡି ମୋଟର ଅଟକି ରହିଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ । ପ୍ରଶାସନ ପକ୍ଷରୁ ଦୁଇ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ସରକାରଙ୍କୁ ଜଣାଯାଇଥିବା ଜଣାପଡିଛି। ରେଡକ୍ରସ ପକ୍ଷରୁ ୧୨ ହଜାର ଟଙ୍କା କ୍ଷତିପୂରଣ ଦିଆଯିବା ସହ ଗାଡି ମାଲିକ କିଛି ଆର୍ଥିକ ସହଯୋଗ କରିଥିବା ଜଣାପଡିଛି। କ୍ଷତିପୂରଣ ମିଳିବାର ପ୍ରତିଶ୍ରୁତି ମିଳିବା ପରେ ଗ୍ରାମବାସୀ ରାସ୍ତାରୋକୋରୁ ଓହରିଥିଲେ। ପ୍ରକାଶଥାଉ କି, ବୁଧବାର ସନ୍ଧ୍ୟାରେ ବୌଦ୍ଧ ପଟୁ ଚାରିଛକ ଆଡକୁ ଏକ ଟ୍ରକ (ନଂ ଏମପି ୦୯ ଏଚଏଚ ୧୮୧୬) ଯାଉଥିବା ବେଳେ ନୁଆପଡାଠାରେ ଏକ ବଡ ହମ୍ପସ ଥିବାରୁ ଭାରସାମ୍ୟ ହରାଇ ନିକଟରେ ଥିବା ଏକ ଜଳଖିଆ ଦୋକାନ ଭିତରକୁ ପଶିଯିବା ସହ ଓଲଟି ପଡିଥିଲା। ସେହି ସମୟରେ ଜଳଖିଆ ଖାଉଥିବା ହାଟଗାଁର ଶାନ୍ତାନୁ ଉର୍ମା ଓ ଶାନ୍ତି ଗୁରୁତର ଆହତ ହୋଇଥିଲେ। ଉଭୟଙ୍କୁ ବୌଦ୍ଧ ମେଡିକାଲକୁ ପଠାଯାଇଥିଲା। ମେଡିକାଲରେ ଶାନ୍ତାନୁଙ୍କ ମୃତ୍ୟୁ ଘଟିଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା।


**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା**
**(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)**
**ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ୍-୮**
**ଭୁବନେଶ୍ୱର-୭୫୧୦୧୨**

ସଂଖ୍ୟା 13533/IND-II-PH-1049 ତାରିଖ 1.8.2022

No. CAD-1365

**ବିଜ୍ଞାପନ**

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମେସର୍ସ ଏପସାଇଲୋନ କାର୍ବନ ଅଶୋକା ପ୍ରାଇଭେଟ୍ ଲିମିଟେଡ୍ (ଏପସାଇଲୋନ କାର୍ବନ ପ୍ରାଇଭେଟ୍ ଲିମିଟେଡ୍‌ର ସବ୍‌ସାଇଡାରୀ) ଓଡ଼ିଶାର ଝାରସୁଗୁଡ଼ା ଜିଲ୍ଲା, ଝାରସୁଗୁଡ଼ା ତହସିଲ ଅନ୍ତର୍ଗତ ଶ୍ରୀପୁରା ଗ୍ରାମରେ ପ୍ରସ୍ତାବିତ ଇଣ୍ଟିଗ୍ରେଟେଡ୍ କାର୍ବନ କମ୍ପ୍ଲେକ୍ସ ବାର୍ଷିକ ୫୦୦,୦୦୦ ଟନ୍ କ୍ଷମତା ବିଶିଷ୍ଟ କୋଇଲା ଟାର ଡିଷ୍ଟିଲେସନ (CTD) ୟୁନିଟ୍ ସହିତ ବାର୍ଷିକ ୪୦୦,୦୦୦ କ୍ଷମତା ବିଶିଷ୍ଟ କୋଲଟାର ଭାଲ୍ୟୁ ଏଡେଡ୍ (CTVA) ୟୁନିଟ୍, ବାର୍ଷିକ ୧୫୦,୦୦୦ ଟନ୍ କ୍ଷମତା ବିଶିଷ୍ଟ କ୍ରମାଗତ ଜିରୋ QI (CZQ) ୟୁନିଟ୍, ବାର୍ଷିକ ୩୦୦,୦୦୦ ଟନ୍ କ୍ଷମତା ବିଶିଷ୍ଟ କାର୍ବନ ବ୍ଲାକ୍ (CB) ୟୁନିଟ୍ ସହିତ ୫୪ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ କ୍ଷମତା ବିଶିଷ୍ଟ ଏକ ନିଜସ୍ୱ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ପ୍ରକଳ୍ପ (CPP), ବାର୍ଷିକ ୧୦୦,୦୦୦ ଟନ୍ କ୍ଷମତା ବିଶିଷ୍ଟ ସିନ୍ଥେଟିକ୍ ଗ୍ରାଫାଇଟ୍ ଏନୋଡ୍ (SGA) ୟୁନିଟ୍ ଏବଂ ବାର୍ଷିକ ୨୫,୦୦୦ ଟନ୍ କ୍ଷମତା ବିଶିଷ୍ଟ ପ୍ରାକୃତିକ ଗ୍ରାଫାଇଟ୍ ଏନୋଡ୍ (NGA) ୟୁନିଟ୍ ପ୍ରତିଷ୍ଠା କରିବା ନିମନ୍ତେ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ [State Environment Impact Assessment Authority (SEIAA)], ଓଡ଼ିଶା ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା୧୪।୦୯।୨୦୦୬ ରିଖ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି । ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତିପତ୍ର ଆହ୍ୱାନ କରୁଛନ୍ତି। ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି ।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକ ଯୋଗେ ଜଣାଇପାରିବେ । ଏହାଛଡା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ **ତା୧୪।୦୯।୨୦୨୨ରିଖ ଦିବା ୧୧.୦୦ ଘଟିକା ସମୟରେ ଝାରସୁଗୁଡ଼ା ଜିଲ୍ଲା, ଝାରସୁଗୁଡ଼ା ତହସିଲ ଅନ୍ତର୍ଗତ ଶ୍ରୀପୁରା ଗ୍ରାମ, ଇନ୍ଦିରା କଲୋନୀସ୍ଥିତ ନୂଆ ପଞ୍ଚାୟତ କାର୍ଯ୍ୟାଳୟରେ** ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, **ଝାରସୁଗୁଡ଼ା**।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, **ଝାରସୁଗୁଡ଼ା**।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, **ଝାରସୁଗୁଡ଼ା**।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର-୭୫୧୦୧୨ ।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, **ଝାରସୁଗୁଡ଼ା**।
୬. ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର ।

ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ www.ospcboard.orgରୁ ମଧ୍ୟ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, **ଝାରସୁଗୁଡ଼ା**ସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

ସ୍ୱା./-ସଦସ୍ୟ ସଚିବ

OIPR-08012/11/0183/2223



**The Odisha Small Industries Corporation Ltd.**
( A Government of Odisha Undertaking )
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
OSIC GST No. 21AAACO2101M1Z1

**No. CAD-1371**

**TENDER CALL NOTICE**

**Ref- OSIC/Comml-NB-RE /3354** **Dt. 04.08.2022**

The Tender Bid invited from OSIC registered MSME/Vender for "Infra up-gradation of Veterinary Dispensary / Hospitals including Repair, Rennovation & Construction of Modular Operation Theatre at Keonjhar, Mayurbhanj, Puri & Nayagarh District, under the Directorate of Animal Husbandry & Veterinary Services, Odisha, Cuttack"

| | |
|---|---|
| Date of available of the Bid Document in OSIC Website. | 04.08.2022 at 5.00 PM |
| Last date/Time of Submission of Bid | 26.08.2022 up to 1.00 PM |
| Date of opening of Bid Document | 26.08.2022 at 03.00 PM. |
| Opening of Price Bid | The date & time for opening of price bid shall be intimated to the eligible bidders over phone/mail. |

The authority reserves the right to accept or reject any one or all bids without assigning any reason thereof. Any changes, addition or alternation or modification of this bid shall be published only in the website of OSIC. The bid can be dropped in the tender box of OSIC.

**Place of receipt, opening of Bid & Address for Communication:**
**The Managing Director, The Odisha Small Industries Corporation Ltd., Madhupatna, Industrial Estate, Cuttack-10, Tel: 0671-2341204.**

By order of MD
Sd/-General Manager(O)

OIPR-14073/11/0057/2223



**ଡେବଟ୍ସ ରିକଭରି ଆପିଲେଟ ଟ୍ରିବ୍ୟୁନାଲ, କୋଲକାତା**
**୯ ଓଲ୍ଡ ପୋଷ୍ଟ ଅଫିସ୍ ଷ୍ଟ୍ରିଟ୍, ୭ମ ମହଲା, କୋଲକାତା - ୭୦୦୦୦୧**
**୨୦୧୯ର ଡାଏରୀ ନଂ. ୩୪୦**

**ବାଦୀ/ମାନେ:** **ୟୁକୋ ବ୍ୟାଙ୍କ ଏବଂ ଅନ୍ୟଜଣେ**

-ବନାମ-

**ପ୍ରତିବାଦୀ/ମାନେ: ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଏବଂ ଅନ୍ୟମାନେ**

**ପ୍ରାପ୍ତେଷୁ,**

**(୨) ମେସର୍ସ ସିଦ୍ଧାର୍ଥ ସିଷ୍ଟେକ ଲିମିଟେଡ୍, ପଞ୍ଜିକୃତ କାର୍ଯ୍ୟାଳୟ:** ସା: ପ୍ଲଟ୍ ନଂ.: ୬୨୮, ପ୍ରଥମ ମହଲା, ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୭, ଜିଲ୍ଲା: ଖୋର୍ଦ୍ଧା

**(୩) ଉମାକାନ୍ତ ନାୟକ,** ପିତା: ରମେଶ ଚନ୍ଦ୍ର ନାୟକ, ସା: ଏମ୍‌ବି-୪୬, ବଡ଼ଗଡ଼ ବ୍ରିଟ୍ କଲୋନୀ, ପୋ: ବିଜେବି ନଗର, ଥାନା: ବଡ଼ଗଡ଼, ଭୁବନେଶ୍ୱର-୭୫୧୦୧୪, ଜିଲ୍ଲା: ଖୋର୍ଦ୍ଧା

**(୪) ମେସର୍ସ ଅନନ୍ତ ଇନ୍‌ଫୋଟେକ୍, ସ୍ୱତ୍ତ୍ୱାଧିକାରୀ: ଉମାକାନ୍ତ ନାୟକ,** ପିତା: ରମେଶ ଚନ୍ଦ୍ର ନାୟକ, ସା: ଏମ୍‌ବି-୪୬, ବଡ଼ଗଡ଼ ବ୍ରିଟ୍ କଲୋନୀ, ପୋ: ବିଜେବି ନଗର, ଥାନା: ବଡ଼ଗଡ଼, ଭୁବନେଶ୍ୱର-୭୫୧୦୧୪, ଜିଲ୍ଲା: ଖୋର୍ଦ୍ଧା

**ସମନ**

୧) ଯେହେତୁ ବାଦୀ, ପ୍ରିଜାଇଡିଂ ଅଫିସର, ଡେବଟ୍ସ ରିକଭରି ଟ୍ରିବ୍ୟୁନାଲ, କଟକଙ୍କ ଦ୍ୱାରା ଜାରି ହୋଇଥିବା ନିର୍ଦ୍ଦେଶ ଏବଂ ଅନ୍ୟାନ୍ୟ ସହାୟତା ବିରୁଦ୍ଧରେ ସରଫେଶୀ ଆକ୍ଟ, ୨୦୦୨ର ଧାରା ୧୮ ଅନ୍ତର୍ଗତ ଏକ ଅପିଲ୍ ଫାଇଲ୍ କରିଛନ୍ତି। ଆପଣଙ୍କୁ ଏତଦ୍ୱାରା ଏହି ଟ୍ରିବ୍ୟୁନାଲ ସମ୍ମୁଖରେ **ତା.୦୫.୦୮.୨୦୨୨ରିଖ ପୂର୍ବାହ୍ନ ୧୦.୩୦ ଘଟିକା** କିମ୍ବା ଟ୍ରିବ୍ୟୁନାଲର ସୁବିଧା ମୁତାବକ ତତ୍‌ପରବର୍ତ୍ତୀ କୌଣସି ସମୟରେ ଦାବିର ଉତ୍ତର ପାଇଁ ଏବଂ ଲିଖିତ ବିବୃତି ନେଇ ଦାବିର ଉତ୍ତର ଦେବାପାଇଁ ସମନ ଜାରି କରାଯାଇଛି।

୨) ଅପିଲ୍‌ର ଏକ କପି ଏଥିରେ ସଂଯୁକ୍ତ କରାଯାଇଛି। ଆନେକ୍ସର କପିଗୁଡ଼ିକ ମଧ୍ୟ ଏଥିରେ ସଂଯୁକ୍ତ କରାଯାଇଛି। ଆପଣ ଟ୍ରିବ୍ୟୁନାଲରେ ଉପସ୍ଥିତ ହେବା ପୂର୍ବରୁ ସଂଲଗ୍ନ ଆନେକ୍ସର/କାଗଜପତ୍ରଗୁଡିକ ସଂଗ୍ରହ କରିବାକୁ ଆପଣଙ୍କୁ ନିର୍ଦ୍ଦେଶ ଦିଆଯାଉଛି।

୩) ଯଦି ଆପଣ କୌଣସି ଡକ୍ୟୁମେଣ୍ଟ ଫାଇଲ୍ କରିବାକୁ ଇଚ୍ଛା କରନ୍ତି, ଆପଣ ଏହାକୁ ଲିଖିତ ବିବରଣୀର ତାଲିକା ସହିତ ଫାଇଲ୍ କରିପାରନ୍ତି।

୪) ଆପଣ ଟ୍ରିବ୍ୟୁନାଲ ସମ୍ମୁଖରେ ବ୍ୟକ୍ତିଗତ ଭାବେ କିମ୍ବା ନିର୍ଦ୍ଦେଶିତ ଓକିଲଙ୍କ ମାଧ୍ୟମରେ ଉପସ୍ଥିତ ହେବା ପୂର୍ବରୁ ଆପଣଙ୍କ ପଞ୍ଜିକୃତ ଠିକଣା ଏବଂ ଆବଶ୍ୟକୀୟ ଡକ୍ୟୁମେଣ୍ଟ ଫାଇଲ୍ କରିବା ଆବଶ୍ୟକ।

୫) ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି, ଉପରଦର୍ଶିତ ତାରିଖରେ ଆପଣ ଟ୍ରିବ୍ୟୁନାଲ (ଅଦାଲତ)ରେ ହାଜିର ନହେଲେ, ଆପଣଙ୍କ ଅନୁପସ୍ଥିତିରେ ମୋକଦ୍ଦମାର ଶୁଣାଣି କରାଯାଇ ଫଏସଲା କରାଯିବ।

ମୋର ଦସ୍ତଖତ ଏବଂ ସହି ମୋହର ସହ ଟ୍ରିବ୍ୟୁନାଲରେ **ତା.୨୫.୦୭.୨୦୨୨ରିଖରେ** ଆଦିଷ୍ଟ।

ସ୍ୱା/- ରେଜିଷ୍ଟ୍ରାର୍
ଡେବଟ୍ସ ରିକଭରି ଆପିଲେଟ ଟ୍ରିବ୍ୟୁନାଲ
କୋଲକାତା

## ତୁଷୁରା ଚିକିତ୍ସାଳୟ: ଯୋଗଦେଲେ ନୂତନ ଡାକ୍ତର

ଗୁଡ଼ଭେଲା,(ଡି.ଏନ.ଏ.): ବଲାଙ୍ଗୀର ଜିଲା ତୁଷୁରା ସରକାରୀ ପ୍ରାଥମିକ ଚିକିତ୍ସାଳୟରେ ଡାକ୍ତର ଲଲାଟେନ୍ଦୁ ନାୟକ ଗୁରୁବାର ଯୋଗ ଦେଇ ଚିକିତ୍ସା ଆରମ୍ଭ କରିଛନ୍ତି। ୨୦ଦିନରୁ ଉର୍ଦ୍ଧ୍ୱ ସମୟ ହେଲା ଏହି ଚିକିତ୍ସାଳୟରେ ଡାକ୍ତର ନଥିବାରୁ ଫର୍ମାଶିଷ୍ଟ ରୋଗୀ ସେବା କରୁଥିଲେ। ପ୍ରଶାସନ ପକ୍ଷରୁ ୫ଜଣ ଡାକ୍ତରଙ୍କୁ ତୁଷୁରା ଚିକିତ୍ସାଳୟରେ ଯୋଗଦେବା ପାଇଁ ନିର୍ଦ୍ଦେଶ ଥିଲେ ମଧ୍ୟ ବିଭିନ୍ନ ଆଳ ଦେଖାଇ ସେମାନେ କାର୍ଯ୍ୟରେ ଯୋଗ ଦେଇ ନଥିଲେ। ତୁଷୁରା ଚିକିତ୍ସାଳୟ ଉପରେ ଆଖପାଖର ୫୦ଗାଁର ଲୋକେ ନିର୍ଭର କରୁଥିବାରୁ ଡାକ୍ତର ନିଯୁକ୍ତି ଅଞ୍ଚଳବାସୀଙ୍କୁ ସାମୟିକ ଆଶ୍ୱସ୍ତି ଆଣି ଦେଇଛି।

### ସଂକ୍ଷେପରେ

## ଚାରା ରୋପଣ, ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ



ଲୋଇସିଂହା,୪।୮(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଝାରମୁଣ୍ଡାଠାରେ ଚାରା ରୋପଣ ଏବଂ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ ହୋଇଯାଇଛି। ଅଙ୍ଗନୱାଡି କର୍ମୀ ଉର୍ମୀଳା ସାହୁ, ବନୀତା ନାଗ, ବିଳାସିନୀ ଧରୁଆ, ସୁଷମା କୁମ୍ଭାର, ଆଶାକର୍ମୀ ଶୈଳେନ୍ଦ୍ରୀ ଭୋଇ, କୌଶଲ୍ୟା କୁଅଁର, ସବିତାରାଣୀ ଧରୁଆ ଏବଂ ଏସ୍‌ଏଚ୍‌ଜି ମହିଳାଙ୍କ ପକ୍ଷରୁ ବିଶ୍ୱ ସ୍ତନ୍ୟପାନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ବନୀତା ମେହେର ଅତିଥିଭାବେ ଯୋଗଦେଇଥିଲେ। ଏହି ଉପଲକ୍ଷେ ପଞ୍ଚାୟତରୁ ବସ୍ତିକୁ ଏକ ସଚେତନତା ରାଲି ବାହାରିଥିଲା। ସେହିପରି ସ୍ଥାନୀୟ ଆଦର୍ଶ ବିଦ୍ୟାଳୟରେ ପ୍ରିନ୍ସିପାଲ ସସ୍ମିତା ଧରୁଆଙ୍କ ଅଧ୍ୟକ୍ଷତାରେ ଚାରା ରୋପଣ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସରପଞ୍ଚ ମେହେର ଅତିଥି ଭାବେ ଯୋଗଦେଇଥିଲେ।

## ଆଇଟିଆଇ ପ୍ରତିଷ୍ଠା ଘୋଷଣା, ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା

ବଲାଙ୍ଗୀର ଅଫିସ,୪।୮: ପଶ୍ଚିମ ଓଡିଶାର ଶିକ୍ଷିତ ବେକାର ଯୁବତୀ, ଯୁବକଙ୍କୁ ଆତ୍ମନିଯୁକ୍ତି ସୁଯୋଗ ଦେବା ସକାଶେ ପଶ୍ଚିମ ଓଡିଶା ଆଦିବାସୀ କଲ୍ୟାଣ ମହାସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦାବିପତ୍ର ଦିଆଯାଇଥିଲା। ସଂଘର ଉକ୍ତ ଦାବିକୁ ସରକାର ଗୁରୁତ୍ୱର ସହିତ ନେଇ ସମ୍ବଲପୁର ଓ ବଲାଙ୍ଗୀର ଜିଲାରେ ଶିଳ୍ପ ତାଲିମ କେନ୍ଦ୍ର (ଆଇଟିଆ) ଖୋଲିବା ପାଇଁ ମଞ୍ଜୁର ପ୍ରଦାନ କରିଛନ୍ତି। ଏଥିପାଇଁ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ସଂଘ ପକ୍ଷରୁ କୃତଜ୍ଞତା ଜଣାଯାଇଛି। କୁଚିଣ୍ଡାରେ ନୂଆ ଆଇଆଇଟି ପ୍ରତିଷ୍ଠା ହେଲେ କୁଚିଣ୍ଡା, ବାମରା ଓ ଜମନକିରାର ଯୁବ ସମାଜ ଉପକୃତ ହେବେ। ସେହିପରି ପାଟଣାଗଡଠାରେ ପ୍ରତିଷ୍ଠିତ ଆଇଆଇଟି ୪ଟି ଟ୍ରେଡ୍‌ରେ ୨୪୦ ଶିକ୍ଷିତ ବେକାର ଯୁବକଯୁବତୀ ଆତ୍ମନିଯୁକ୍ତି ପାଇପାରିବେ। ପଶ୍ଚିମ ଓଡିଶା ଆଦିବାସୀ କଲ୍ୟାଣ ମହାସଂଘ ମହାସଚିବ ତଥା ରାଜ୍ୟ ସଭା ସାଂସଦ ନିରଞ୍ଜନ ବିଶି, କଳାହାଣ୍ଡି ଜିଲା ସଭାପତି ପରମାନନ୍ଦ ମାଝି, ନୂଆପଡା ଜିଲା ସଭାପତି ସଭାପତି ଭାନୁ ପ୍ରତାପ ସିଂ ମାଝି, ସୋନପୁର ଜିଲା ସଭାପତି ଯୋଗୀନ୍ଦ୍ର ଭୋଇ, ବରଗଡ ସଭାପତି କୁଞ୍ଜ ବିହାରୀ ଭୋଇ, ପଶ୍ଚିମ ଓଡିଶା ଉପସଭାପତି ଭଦ୍ର ଚରଣ କିଶାନ, ସଂଘ ସାଧାରଣ ସମ୍ପାଦକ ବାଳକୃଷ୍ଣ ଶବର, ବନଲତା ମାଝି, ଶ୍ୟାମ ସୁନ୍ଦର ଧରୁଆ, ପ୍ରକାଶ ମାଝି, ସମ୍ବଲପୁର ଜିଲା ସଭାପତି ଅକ୍ଷର କୁମାର ଭୋଇ, ଉନ୍ମନ ମୁଣ୍ଡା ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ୩ ଦିନ ହେଲା ଜଳଯୋଗାଣ ବନ୍ଦ

## ଭିଡିଓଙ୍କୁ ଘେରିଲେ ଲୋଇସିଂହା ବସ୍ତିର ମହିଳା

ଲୋଇସିଂହା,୪।୮(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ବସ୍ତିକୁ ଗତ ୩ ଦିନ ହେଲା ପାଇପ ଜଳ ଯୋଗାଣ ବନ୍ଦ ରହିଛି। ଏହାର ପ୍ରତିବାଦ ସହ ଅବିଳମ୍ବେ ଜଳଯୋଗାଣ ଦାବିରେ ଗୁରୁବାର ମହିଳାମାନେ ବିଡିଓ ବିଜୟ କୁମାର ହୋତାଙ୍କୁ ଘେରାଉ କରିଥିଲେ। ବିଡିଓ କହିଥିଲେ ବୁର୍ଡା ପାନୀୟ ଜଳ ପ୍ରକଳ୍ପରୁ ଲୋଇସିଂହାକୁ ଜଳଯୋଗାଣ ହେଉଥିଲା। ଏବେ ତାହା ଅଚଳ ହୋଇ ପଡିଛି। ଯୁଦ୍ଧକାଳୀନ ଭିତ୍ତିରେ ମରାମତି ଚାଲିଛି। ଗୁରୁବାର ରାତି ସୁଦ୍ଧା ଜଳଯୋଗାଣ କରାଯିବ। ଲୋଇସିଂହା କୁମ୍ଭାରପଡା, ଢୋଲମହୁଲ ଓ ନୂଆପଡା ଚମାର ବସ୍ତିକୁ ଆଦୌ ପାନୀୟ ଜଳ ହେଉ ନ ଥିବା ଅଭିଯୋଗର କ୍ଷେତ୍ର ପରିଦର୍ଶନ ପରେ ସମସ୍ୟାର ସମାଧାନ କରାଯିବ ବୋଲି ସେ କହିଥିଲେ। ସଦର ବ୍ଲକ ଫାସଡସ୍ଥିତ ସୁକତେଲ ନଦୀରୁ ଲୋଇସିଂହା ଓ ବୁର୍ଡାକୁ ଜଳ ଯୋଗାଣ ହେଉଛି। ଫାସଡ ଏବଂ ଲୋଇସିଂହା ଜଳ ଯୋଗାଣ ପ୍ରକଳ୍ପର ୨୨ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବିଦ୍ୟୁତ୍ ବିଲ୍ ବକେୟା ପଡିଛି। ଏଥିପାଇଁ ବିଦ୍ୟୁତ୍ ବିଭାଗ ଫାସଡ ପମ୍ପଗୃହର ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିଛି। ସ୍ଥାନୀୟ ପଞ୍ଚାୟତ କର୍ତ୍ତୃପକ୍ଷ ପାନୀୟ ପ୍ରକଳ୍ପ ଓ ଷ୍ଟ୍ରିଟ ଲାଇଟ ବାବଦ ୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ପୈଠ କରିଛନ୍ତି। ଏହାସତ୍ତ୍ୱେ ବିଭାଗ ପକ୍ଷରୁ ବିଦ୍ୟୁତ ସଂଯୋଗ ଦିଆଯାଇନାହିଁ। ବୁର୍ଡା ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ସହ ସମନ୍ୱୟ ରଖି ଫାସଡସ୍ଥିତ ବୁର୍ଡା ପଞ୍ଚାୟତର ସ୍ୱତନ୍ତ୍ର ପ୍ରକଳ୍ପ ମୋଟରରୁ ଉଭୟ ପଞ୍ଚାୟତବାସୀଙ୍କ ଜଳ ଯୋଗାଣ କରାଯାଉଥିଲା। ହେଲେ ଓଭରଲୋଡ ଯୋଗୁଁ ଜଳଯୋଗାଣ ବାଧାପ୍ରାପ୍ତ ହୋଇଥିବା ଲୋଇସିଂହା ସରପଞ୍ଚ ନବକିଶୋର ନାଏକ କହିଛନ୍ତି। ଅପରପକ୍ଷେ ସ୍ଥାନୀୟ ସମିତି ସଭ୍ୟ ଟୁନା ପାଣ୍ଡେଙ୍କ ନେତୃତ୍ୱରେ ଅସିଥିବା ବିକ୍ଷୋଭକାରୀ ମହିଳା ଏବଂ ଯୁବକ କହିଥିଲେ ଯେ, ଗତ ୫ ବର୍ଷ ଧରି ଜଳଯୋଗାଣ ବାବଦକୁ ଟଙ୍କା ହିତାଧିକାରୀଙ୍କଠାରୁ ଆସୁଲ କରାଯାଇଛି। ଏହାସତ୍ତ୍ୱେ ବିଦ୍ୟୁତ୍ ବିଲ କାହିଁକି ପ୍ରଦାନ କରାଯାଇନାହିଁ ବୋଲି ପ୍ରଶ୍ନ କରିଥିଲେ। ଏହାକୁ ନେଇ ସେଠାରେ ଉପସ୍ଥିତ ପୂର୍ବତନ ଲୋଇସିଂହା ସରପଞ୍ଚ ସୁନୀଲ ଅଗ୍ରୱାଲ କହିଥିଲେ ସିଏଫସିଓ ଏସଏଫସି ପାଣ୍ଠି କେବଳ ପଞ୍ଚାୟତ କର୍ତ୍ତୃପକ୍ଷ ଖର୍ଚ୍ଚ କରୁଥିଲେ। ଏବେ ସରପଞ୍ଚ, ସମିତ ସଭ୍ୟ ଏବଂ ଜିଲା ପରିଷଦକୁ ସେୟାର ଦିଆଯାଇଛି। ସରପଞ୍ଚ ଏକାକୀ ଏତେ ଟଙ୍କା ପୈଠ କରିବା ସମ୍ଭବ ନୁହେଁ। ସମିତି ସଭ୍ୟ ଅନୁଦାନ ଦେଇଥିଲେ ବିଲ ପୈଠ ହୋଇ ପାରିଥାନ୍ତା। ଲୋଇସିଂହା ପଞ୍ଚାୟତରେ ବିନା କାମରେ ଜନୈକ ଠିକାଦାର ୧୦ଲକ୍ଷ ଟଙ୍କା ହଡ଼ପ କରିଥିବା ପୂର୍ବତନ ସରପଞ୍ଚ ଅଗ୍ରୱାଲ ଅଭିଯୋଗ ଆଣିଥିଲେ। ବିଡିଓଙ୍କ ଚ୍ୟାମ୍ବରରେ ଏଭଳି ଆରୋପ, ପ୍ରତ୍ୟାରୋପ ଯୋଗୁ ହୋହାଲ୍ଲା ପରିସ୍ଥିତି ସୃଷ୍ଟି ହୋଇଥିଲା। ସେହିପରି ବୁର୍ଡା ଏବଂ ଯୋଗୀସର୍ଡା ପଞ୍ଚାୟତରେ ଜଳ ଯୋଗାଣ ବନ୍ଦ ଥିବାରୁ ପଞ୍ଚାୟତବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଜିଲାପାଳ ଏ ଦିଗରେ ଦୃଷ୍ଟି ଦେଇ ସମସ୍ୟାର ସମାଧାନ କରିବାକୁ ଦାବି ହେଉଛି।



ବ୍ଲକ କାର୍ଯ୍ୟାଳୟରେ ବିଡିଓଙ୍କୁ ବିକ୍ଷୋଭକାରୀ ଘେରାଉ କରିଛନ୍ତି।

## ୧୦୦ ବୋତଲ କଫ୍‌ସିରପ ଜବତ, ୨ ଗିରଫ

ଖପ୍ରାଖୋଲ,୪।୮(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ପୋଲିସ ୨ କଫସିରପ ବେପାରୀଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଧଣ୍ଡାମୁଣ୍ଡା ଗାଁର ସତ୍ୟପ୍ରିୟ ପଟେଲ(୪୨) ଓ ବେଲପଡ ଥାନା ବେଲପଡାର ମଧୁସୂଦନ ବାଗ ଓରଫ ରଇବାରୁ(୩୫)। ବୁଧବାର ରାତିରେ ପାଟ୍ରୋଲିଂ ପୋଲିସ ଧଣ୍ଡାମୁଣ୍ଡାର ସତ୍ୟପ୍ରିୟ କଫ ସିରପ ରଖିଥିବା ଖବର ପାଇ ତାଙ୍କ ଘରେ ଚଢାଉ କରିଥିଲା। ତାଙ୍କ ଘରେ ତନଖି ବେଳେ ୨ଟି କଫ ସିରପ ବୋତଲ ଜବତ କରାଯାଇଥିଲା। ସତ୍ୟପ୍ରିୟଙ୍କ ସୂଚନା ଆଧାରରେ କଫ ସିରପ ଯୋଗାଣର ମୁଖ୍ୟ ବେଲପଡ଼ାର ମଧୁସୂଦନ ବାଗ ଓରଫ ରଇବାରୁଙ୍କ ଘରେ ଚଢ଼ାଉ କରାଯାଇଥିଲା। ସେଠାରୁ ୯୮ ବୋତଲ କଫ ସିରପ, ୧୨୦ଟି ନିଶା ବଟିକା ଓ ୬୫୦୦ ଟଙ୍କା ଜବତ କରାଯାଇଥିଲା। କଫ ସିରପ ବିକିବା ଅଭିଯୋଗରେ ଉଭୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ଏ ନେଇ ଖପ୍ରାଖୋଲ ଥାନାରେ ଏକ ମାମଲା(୯୫/୨୨) ରୁଜୁ କରି ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଖପ୍ରାଖୋଲ ଥାନା ଅଧିକାରୀ ରମାକାନ୍ତ ସାହୁ ପ୍ରକାଶ କରିଛନ୍ତି

# ପାଣି ପାଇଁ ରାଜପଥ ଅବରୋଧ



ପାଣି ପାଇଁ ମହିଳାମାନେ ଜାତୀୟ ରାଜପଥ ଅବରୋଧ କରୁଛନ୍ତି।

ଟିଟିଲାଗଡ଼, ୪।୮ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ଟିଟିଲାଗଡ ବ୍ଲକ ବିଜେପୁର ପଞ୍ଚାୟତ ଅନ୍ତର୍ଗତ ଚୋରମରା ଗ୍ରାମବାସୀ ପାନୀୟ ଜଳଯୋଗାଣ ଦାବିରେ ଗୁରୁବାର ରାସ୍ତାକୁ ଓହ୍ଲାଇଥିଲେ। ଟିଟିଲାଗଡ–ବେଲଗାଁ ଜାତୀୟ ରାଜପଥ ୫୯କୁ ଦୀର୍ଘ ସମୟ ଧରି ଅବରୋଧ ସହ ତୁରନ୍ତ ସମସ୍ୟା ସମାଧାନ ଦାବି କରିଥିଲେ। ଟିଟିଲାଗଡ ଏବଂ ସଇଁତଳା ବ୍ଲକର ୨୫ଟି ଗ୍ରାମକୁ ପାଇପ ଯୋଗେ ପାନୀୟ ଜଳଯୋଗାଣ ନେଇ ୩୯ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ପ୍ରକଳ୍ପକୁ ଗତବର୍ଷ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଥିଲେ। ହେଲେ ଗତ ଗ୍ରୀଷ୍ମଋତୁରେ ଲୋକେ ଭଲ ଭାବରେ ପାଣି ପାଇ ପାରିଲେ ନାହିଁ। ଅନେକ ଗାଁରେ ଅଧାପନ୍ତରିଆ ଭାବେ ପାଇପ ପୋତାଯାଇଛି। ପ୍ରାୟ ୧୦ହଜାର ଘରକୁ ଜଳସଂଯୋଗ ଯୋଜନା ରହିଥିବା ବେଳେ ନିର୍ମାଣକାରୀ ସଂସ୍ଥା ଏଲଏଣ୍ଡଟି ପକ୍ଷରୁ ଅନେକ ଗ୍ରାମରେ ଅଦ୍ୟାବଧି ପାଇପ ମଧ୍ୟ ବିଛା ଯାଇ ନ ଥିବା ଅଭିଯୋଗ ହୋଇଛି। ରାସ୍ତାରୋକୋ ଖବର ପାଇ ଟିଟିଲାଗଡ ତହସିଲଦାର ପ୍ରେମଲାଲ ହିଆଲ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଓମପ୍ରକାଶ ଦେହୁରୀ, କନିଷ୍ଠ ଯନ୍ତ୍ରୀ କ୍ଷିରୋଦ୍ର ରାଉତ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ୱାର୍ଡସଭ୍ୟ ଶୁଭଶ୍ରୀ ସାହୁ, ହରିପ୍ରିୟା ମହଲା, ହେମ ମାଝି, ଲଳିତା ପୃଷ୍ଟି, ସେବତୀ ମାଝି, ସୁବଳୟା ପ୍ରଧାନୀ, ଗୌରୀ ମାଝି, ପ୍ରମିଳା ରଣା, ପଦ୍ମିନୀ ଭୋଇ ପ୍ରମୁଖ ଅଧିକାରୀଙ୍କ ଉପରେ ବର୍ଷିଥିଲେ। ତହସିଲଦାର ହିଆଲ ଏଲଏଣ୍ଡଟି କମ୍ପାନୀ ପ୍ରକଳ୍ପ ପରିଚାଳକ କେ.ଏସ. ପ୍ରଦୀପଙ୍କୁ ତଲବ କରିବାରୁ ତିନିଚାରି ଦିନ ମଧ୍ୟରେ ପାଣି ଦେବୁ ବୋଲି କହିଛନ୍ତି।

## ବାଇକ୍ ଆରୋହୀଙ୍କଠାରୁ ମୋବାଇଲ, ଟାବଲେଟ ଲୁଟିଲେ

ଖପ୍ରାଖୋଲ, ୪।୮(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ–ପାଟଣାଗଡ ରାସ୍ତାର ଓଡିଶା ଆଦର୍ଶ ବିଦ୍ୟାଳୟ ନିକଟରେ ଗୁରୁବାର ଦିନ ଦ୍ୱିପ୍ରହରରେ ଜଣେ ବାଇକ ଆରୋହୀ ଲୁଟ୍‌ର ଶିକାର ହୋଇଛନ୍ତି। ଲୁଟେରାମାନେ ତାଙ୍କୁ ମାରଣାସ୍ତ୍ର ଦେଖାଇ ଭୟଭୀତ କରାଇବା ସହ ମୋବାଇଲ, ଟାବଲେଟ ଓ ଜରୁରୀ କାଗଜପତ୍ର ଲୁଟି ନେଇଥିବା ଅଭିଯୋଗ ହୋଇଛି। ବେଲପଡ଼ା ବ୍ଲକ କପାଣୀ ଗାଁର କ୍ଷିତିଶ ବେହେରା ଲାଠୋରର ଏକ ମାଇକ୍ରୋ ଫାଇନାନ୍ସ କମ୍ପାନୀରେ କାମ କରୁଛନ୍ତି। ଗୁରୁବାର ମଧ୍ୟାହ୍ନରେ କପସିପାଲି ଗାଁରୁ ଲାଠେରକୁ ବାଇକରେ ଯାଉଥିବା ବେଳେ ପଛରୁ ଏକ କଳା ବୁଲେଟରେ ୩ଜଣ ଲୁଟେରା ଆସି କ୍ଷିତିଶଙ୍କୁ ଅଟକାଇ ଲୁଟ୍‌ପାଟ୍ କରିଥିଲେ। ଲୁଟ୍‌ର ଶିକାର ଯୁବକ ଖପ୍ରାଖୋଲ ପୋଲିସକୁ ଜଣାଇଲା ପରେ ଲୁଟେରାଙ୍କୁ ଧରିବାକୁ ତନାଘନା ଚାଲିଥିବା ଥାନା ଅଧିକାରୀ ରମାକାନ୍ତ ସାହୁ ପ୍ରକାଶ କରିଛନ୍ତି।

## ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା

ସଇଁତଳା, ୪।୮(ଡି.ଏନ.ଏ.)

ବଲାଙ୍ଗୀର ଜିଲା ସଇଁତଳା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥିଭାବେ ପରିଚାଳନା କମିଟି ଉପସଭାପତି ଭୀମସେନ ସ୍ୱାଇଁ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ହେମନ୍ତ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟ ପରିଚାଳନା କମିଟିର ଯୁଗ୍ମ ସମ୍ପାଦକ ବିନୟ ଭୋଇ, କୋଷାଧ୍ୟକ୍ଷ ଭୀମସେନ ପଧାନ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ମେଳାରେ ଶିଶୁ ବର୍ଗର ୩୫, ବାଳ ବର୍ଗର ୨୫ ଓ କିଶୋର ବର୍ଗର ୩୦ ଜଣଙ୍କ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏହି ଅବସରରେ ଗଣିତ ପ୍ରଶ୍ନ, ବିଜ୍ଞାନ ପ୍ରଶ୍ନ, ସଂସ୍କୃତିଜ୍ଞାନ ମଞ୍ଚ ସହ ପତ୍ରବାଚନ, ଗଳ୍ପ କଥନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମେଳାରେ ବ୍ରାହ୍ମଣୀ ସରକାରୀ ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ କ୍ଷେତ୍ରପତି ଜାଲ, ଭଦ୍ରା ସରକାରୀ ପ୍ରାଥମିକ ବିଦ୍ୟାଳୟର ମନୋଜ ଦାଶ, ବିଦ୍ୟାମନ୍ଦିରର ପ୍ରଶାନ୍ତ ନାଏକ ବିଚାରକ ଭାବେ ଯୋଗଦେଇଥିଲେ। ଶିଶୁବର୍ଗର ୨୦, ବାଳବର୍ଗରୁ ୨୪ ଓ କିଶୋର ବର୍ଗର ୨୫ଜଣ ସଙ୍କୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳାକୁ ମନୋନୀତ ହୋଇଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କମିଟି ସମ୍ପାଦକ ଯୁବରାଜ ରଣା ପରିଚାଳନା କରିଥିଲେ। ଏହି ଅବସରରେ ଜାତୀୟ ଗ୍ରାମାଞ୍ଚଳ ମେଧାବୃତ୍ତି ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଲିପସା ମନହୀରା, ଆକାଂକ୍ଷା ବଗର୍ତି, ଅଂଶିକା ପାତ୍ର ଓ ସ୍ମୃତିଶିଖା ଦଣ୍ଡସେନାଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।



ଜ୍ଞାନ ବିଜ୍ଞାନ ମେଳାରେ ମଞ୍ଚାସୀନ ଅତିଥିଗଣ।

# ବସୁନ୍ଧରା ଯୋଜନାରୁ ବଞ୍ଚିତ ୧୫ ଭୂମିହୀନ ପରିବାର

ଲାଠୋର, ୪।୮(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ତହସିଲ ଲାଠୋର ମୌଜାର ଏକ ଜଳଚର ଜମିରେ ରହୁଛନ୍ତି ୧୫ଭୂମିହୀନ ପରିବାର। ବସୁନ୍ଧରା ଯୋଜନାରେ ସେମାନଙ୍କୁ ଭୂମି ପ୍ରଦାନ ପାଇଁ ଏହି ପରିବାରଗୁଡିକ ଲାଠୋର ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଆବେଦନ କରିଥିଲେ ସୁଦ୍ଧା କୌଣସି ସୁଫଳ ପାଇ ନାହାନ୍ତି। ୭୦ବର୍ଷରୁ ଉର୍ଦ୍ଧ୍ୱ ହେବ ପରକ୍ଷିତ ବିଶି, ଡ଼ିଙ୍ଗର ବାଗ, କୃଷ୍ଣ ପାତ୍ର, ଭାଗିରଥି ପାତ୍ର, ସନ୍ୟାସୀ ପାତ୍ର, କମଳ ବିଶି, ରଞ୍ଜିତ ବିଶି, ଶଶି ହଂସ, ଦୁର୍ଗା ହଂସ, ମକାରୁ ନିଆଲ, ପ୍ରହଲ୍ଲାଦ ସେଠ, ତାରା ଶବର, ମୁଖା ଶବର ଏବଂ ସାନ୍ତରା ଶବରଙ୍କ ପରିବାର ଲାଠୋର ରଜାକଟା(ପୋଖରୀ) ହିଡ଼ରେ ମାଟି ଖପର ଘର କରି ବାସ କରି ଆସୁଛନ୍ତି। ସମ୍ପତି ବାଡ଼ି କିଛି ନାହିଁ। ହେମାଲି କାମ କରି ପରିବାର ପ୍ରତିପୋଷଣ କରୁଛନ୍ତି। ଭୂମିହୀନମାନଙ୍କୁ ସରକାର ବସୁନ୍ଧରା ଯୋଜନାରେ ୨୦୦୫–୦୬ ବର୍ଷରୁ ୩ ରୁ ୪ଡ଼ିସମିଲ ଲେଖାଏ ଘରବାରି ପ୍ରଦାନ କରୁଛନ୍ତି। କିନ୍ତୁ ଏହି ଯୋଜନାରୁ ସେମାନେ ଲାଭ ପାଇ ପାରୁନାହାନ୍ତି। ୧୫ପରିବାର ମଧ୍ୟରୁ ଭାଗିରଥୀ ପାତ୍ରଙ୍କ ପରିବାର ବସୁନ୍ଧରା ଯୋଜନାରେ ଲାଠୋର ନିକଟ ଫଳଝର ଗ୍ରାମରେ ଭୂମି ପାଇଛନ୍ତି। ହେଲେ ଆଜିଯାଏ ରାଜସ୍ୱ ବିଭାଗ ପକ୍ଷରୁ ତାଙ୍କୁ ଜମି ଚିହ୍ନଟ ଦିଆଯାଇନାହିଁ। ରାଜସ୍ୱ ବିଭାଗକୁ ବାରମ୍ବାର ଜଣାଇଲେ ମଧ୍ୟ କର୍ଣ୍ଣପାତ କରା ଯାଉ ନ ଥିବା ସେ ଅଭିଯୋଗ କରିଛନ୍ତି। କେବଳ ଭାଗିରଥୀ ନୁହନ୍ତି, ଲାଠୋର ଗ୍ରାମରେ ଏହିପରି ଅନେକ ପରିବାର ରହିଛନ୍ତି ଯେଉଁମାନଙ୍କୁ ଜମି ମିଳିଥିଲେ ହେଁ ଚିହ୍ନଟ ଦିଆଯାଇନାହିଁ। ଅପରପକ୍ଷରେ ଅନେକଙ୍କୁ ବର୍ଷବର୍ଷ ଧରି ଆବେଦନ କଲେ ମଧ ବସୁନ୍ଧରା ଯୋଜନାରେ ସାମିଲ କରାଯାଇନାହିଁ। ଏନେଇ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ରଙ୍କୁ ପଚାରିବାରୁ ବିଧିବଦ୍ଧ ଅନୁସନ୍ଧାନ ପରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।



ବସୁନ୍ଧରା ଯୋଜନାରୁ ବଞ୍ଚିତ ବ୍ୟକ୍ତିମାନେ।

# ଶିକ୍ଷା ସାମାଜିକ ଦାୟିତ୍ୱ ନିର୍ବାହର ସାମର୍ଥ୍ୟ ଦିଏ

## ଜନସେବୀ କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ୧୦୬ ତମ ଜୟନ୍ତୀ ସମାରୋହ

ବଲାଙ୍ଗୀର ଅଫିସ,୪।୮

ପୂର୍ବତନ ରାଜ୍ୟ ସଭା ସାଂସଦ ସ୍ୱର୍ଗତ କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ୧୦୬ତମ ଜୟନ୍ତୀ ସମାରୋହ ଗୁରୁବାର ବଲାଙ୍ଗୀର ସାମ୍ବାଦିକ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସାମ୍ବାଦିକ ସଂଘ ଓ କୃଷ୍ଣଚନ୍ଦ୍ର ପଣ୍ଡା ସ୍ମୃତି କମିଟିର ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମ ଅବସରରେ 'ସାମ୍ପ୍ରତିକ ଶିକ୍ଷା ଓ ସାମାଜିକ ଉତ୍ତର ଦାୟିତ୍ୱ'ଶୀର୍ଷକରେ ସ୍ମାରକୀ ବକ୍ତୃତା ଅନୁଷ୍ଠିତ ହୋଇଥିଲା।

ଜିଲା ସାମ୍ବାଦିକ ସଂଘ ଉପସଭାପତି ଆନନ୍ଦ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ଉଦ୍‌ଘାଟକ ଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳସଚିବ ଡ. ନୃପରାଜ ସାହୁ, ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ଲମ୍ବୋଦର ଧରୁଆ, ମୁଖ୍ୟବକ୍ତା ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପବ୍ଲିକ୍ ଆଡମିନିଷ୍ଟ୍ରେସନ୍‌ର ସହକାରୀ ପ୍ରଫେସର ଡ. ସୁଜିତ କୁମାର ପୃଷେଠ ଯୋଗ ଦେଇଥିଲେ। ଉଦ୍‌ଘାଟକ କୁଳସଚିବ ଡ. ସାହୁ ତାଙ୍କ ବକ୍ତବ୍ୟରେ ସାମାଜିକ ଦାୟିତ୍ୱ ନିର୍ବାହ କରିବା ପାଇଁ ଯେଉଁ ସାମର୍ଥ୍ୟ ଲୋଡା ତାହା କେବଳ ପ୍ରକୃତ ଶିକ୍ଷାରୁ ହିଁ ଆସିପାରିବ। ଶିକ୍ଷା କହିଲେ କେବଳ ଡିଗ୍ରୀକୁ ବୁଝାଏ ନାହିଁ, ନୈତିକତା କେବଳ ଶିକ୍ଷାନୁଷ୍ଠାନରୁ ଆସେନାହିଁ। ପୂର୍ବରୁ ଶିକ୍ଷାଦାନ କରୁଥିବା ଶିକ୍ଷକମାନେ ଏତେ ଡିଗ୍ରୀଧାରୀ ନ ଥିଲେ। ତେବେ ତାଙ୍କଠାରୁ ପ୍ରାପ୍ତ ଶିକ୍ଷାରେ ସାମାଜିକ ଦାୟିତ୍ୱ ଝଲସି ଉଠୁଥିଲା। ଆଜି ଆମେ ଶିକ୍ଷା ସଂସ୍କାର କଥା କହୁଛୁ, ତେବେ ଶିକ୍ଷା, ସମାଜ ସଂସ୍କାର ଭଳି ଶବ୍ଦ ବ୍ୟବହାର ପୂର୍ବରୁ ହୃଦୟ ସଂସ୍କାରର ଆବଶ୍ୟକତା ରହିଛି। ଏଦିଗରେ ସ୍ୱର୍ଗତ ପଣ୍ଡା ଆମ ପାଇଁ ପ୍ରେରଣାର ଉତ୍ସ ବୋଲି ସେ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଡ. ପୃଷେଠ୍ ତାଙ୍କ ଚିନ୍ତାଉଦ୍ରେକକାରୀ ବକ୍ତବ୍ୟରେ ଆଗାମୀ ୨୫ବର୍ଷ ଭାରତ ଭଳି ରାଷ୍ଟ୍ର ପାଇଁ କିଭଳି ଗୁରୁତ୍ୱପୂର୍ଣ୍ଣ ବୁଝାଇଥିଲେ। ଯେଉଁ ଶିଶୁକୁ ଏବେ ୫ ବର୍ଷ ହେଉଛି ତାକୁ ଯଦି ଆମେ ବିଶ୍ୱସ୍ତରୀୟ ଜ୍ଞାନ ଆଧାରିତ ଶିକ୍ଷା ପ୍ରଦାନ କରିପାରିବା ନାହିଁ ତେବେ ସେ ଶିକ୍ଷିତ ହେବା ସତ୍ତ୍ୱେ ପଛରେ ପଡିଯିବ ବୋଲି କହିଥିଲେ। ସ୍ୱର୍ଗତ ପଣ୍ଡା ବଲାଙ୍ଗୀରରେ ଶିକ୍ଷାର ବିକାଶ କରିବା ଦିଗରେ ପ୍ରୟାସ କରିବା ସହ ବହୁ ପୂର୍ବରୁ ବଲାଙ୍ଗୀରରେ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାର ଆବଶ୍ୟକତା ଉପରେ କହିଥିଲେ।

ମୁଖ୍ୟଅତିଥି ଅତିରିକ୍ତ ଜିଲାପାଳ ଧରୁଆ ତାଙ୍କ ବକ୍ତବ୍ୟରେ ଶିକ୍ଷା ମାଧ୍ୟମରେ ହିଁ ସାମାଜିକ ପ୍ରତିବଦ୍ଧତା ଜାହିର କରିହୁଏ ଏବଂ ସ୍ୱର୍ଗତ ପଣ୍ଡା ଏଭଳି ଜଣେ ସାମାଜିକ ଦାୟିତ୍ୱସମ୍ପନ୍ନ ମଣିଷ ବୋଲି କହିଥିଲେ। ସଭା ପ୍ରାରମ୍ଭରେ ଅତିଥିମାନେ ଦେବୀ ସମଲେଶ୍ୱରୀ ଏବଂ ସ୍ୱର୍ଗତ ପଣ୍ଡାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସଂଘ ସଭାପତି ହରିନାରାୟଣ ପୂଜାରୀ ଏବଂ ସାଧାରଣ ସମ୍ପାଦକ ବଳରାମ ମିଶ୍ର ଅତିଥି ମାନଙ୍କୁ ଉପଢୌକନ, ପୁଷ୍ପଗୁଚ୍ଛ ଓ ସ୍ମାରକୀ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ବୀରେନ୍ଦ୍ର କୁମାର ଝାଙ୍କର ସଭା ପରିଚାଳନା କରିଥିଲେ। ସଭାରେ ସହରର ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ ଏବଂ ବିଭିନ୍ନ ସଙ୍ଗଠନ ପ୍ରତିନିଧି ଯୋଗଦାନ କରିଥିଲେ। ଶେଷରେ କବି ସନ୍ଦୀପ କୁମାର କୁଅଁର ଧନ୍ୟବାଦ ଅର୍ପଣ କରିଥିଲେ।




ସ୍ୱର୍ଗତ କୃଷ୍ଣଚନ୍ଦ୍ର ପଣ୍ଡା ଜୟନ୍ତୀ ସମାରୋହରେ ମଞ୍ଚାସୀନ ଅତିଥି।

ଧରିତ୍ରୀ DHARITRI
ସମ୍ବଲପୁର, ଶୁକ୍ରବାର, ୫ ଅଗଷ୍ଟ, ୨୦୨୨



## ସଂକ୍ଷେପରେ

### ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି

ବରପାଲି,୪।୮(ଡି.ଏନ.ଏ.): ବରପାଲିରେ ସ୍ୱାଧୀନତା ଦିବସ ପାଳନ ପାଇଁ ଗୁରୁବାର ପ୍ରଶାସନିକ ସ୍ତରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବରପାଲି ତହସିଲଦାର ଅକ୍ଷୟ କୁମାର ବାଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆସନ୍ତା ୧୫ ତାରିଖରେ ପାଳନ ହେବାକୁ ଥିବା ସ୍ୱାଧୀନତା ଦିବସକୁ ସରକାରୀ ଗାଇଡ ଲାଇନ ଅନୁସାରେ ନିରାଡମ୍ବର ଭାବେ ପାଳନ କରାଯିବ। ଏଥିରେ ଛାତ୍ରୀଛାତ୍ରଙ୍କ ପରେଡ କରାଯିବ ନାହିଁ। ବରଗଡ଼ ଉପ ଜିଲାପାଳ ମୁଖ୍ୟ ଅତିଥି ଭାବେ ଯୋଗ ଦେବାର ରହିଛି ବୋଲି ସୂଚନା ଦିଆଯାଇଛି।

### ନେହେରୁ ଯୁବ କେନ୍ଦ୍ରର ଯୁବ ବିକାଶ କାର୍ଯ୍ୟକ୍ରମ

ପଦ୍ମପୁର,୪।୮(ଡି.ଏନ.ଏ.): ବରଗଡ ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଯୁବକ ସଂଘ ବିକାଶ ଅଭିଯାନ ବରଗଡ଼ ଜିଲା ପଦ୍ମପୁର ବ୍ଲକ ପୁରେନା ଗ୍ରାମରୁ ଆରମ୍ଭ ହୋଇଛି। ସରପଞ୍ଚ ଡଲି ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦାନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ନେହେରୁ ଯୁବକେନ୍ଦ୍ର ମୁଖ୍ୟ ଅଧିକାରୀ ରୋଶନ ଟଣ୍ଡନ, ପରାମର୍ଶଦାତା କମିଟିର ତ୍ରିଲୋଚନ ଶତପଥୀ, ବେଣୁଧର ସାହୁ, ରମଣୀ ସାହୁ, ଜୟଲାଲ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଯୁବ ଗୋଷ୍ଠୀଙ୍କୁ ସ୍ୱଚ୍ଛ ଭାରତ, ବୃକ୍ଷରୋପଣ, ଖେଳ, ବ୍ୟାୟାମର ଆବଶ୍ୟକତା ସମ୍ପର୍କରେ ବୁଝାଇଥିଲେ। ଯୁବକମାନେ ପୁରେନା, ମୁର୍ଛାପାଲି, ଖୁଣ୍ଟପାଲି, ବଗେଇଜୁରୀ, କଦଲୀମୁଣ୍ଡା, ସତୀଭଟା ଗ୍ରାମ ପରିକ୍ରମା କରି ସଚେତନତା ବାର୍ତ୍ତା ଦେଇଥିଲେ। ଶେଷରେ ବାଲ୍ମିକୀ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

### ବାନ୍ଧୁପାଲି ଆଦର୍ଶ ବିଦ୍ୟାଳୟରେ ବୃକ୍ଷରୋପଣ

ପଦ୍ମପୁର,୪।୮(ଡି.ଏନ.ଏ.): ବରଗଡ଼ ଜିଲା ରାଜବୋଡାସମ୍ବର ବ୍ଲକର ବାନ୍ଧୁପାଲି ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ଗୁରୁବାର ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ସ୍କୁଲର ଭାରପ୍ରାପ୍ତ ଅଧକ୍ଷ ରୁଦ୍ର ନାରାୟଣ ଭୋଇଙ୍କ ସଭାପତିତ୍ୱରେ ଏକ ପରିବେଶ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏବିଡିଓ ପ୍ରିୟଦର୍ଶିନୀ ବରାଳ, ବିଏସ୍‌ଏସ୍‌ଓ ରଜନୀକାନ୍ତ ବହିଦାର, ପ୍ରକୃତିବନ୍ଧୁ ମୀନକେତନ ସାହୁ, ସରପଞ୍ଚ ଆନନ୍ଦ ବେହେରା ଅତିଥି ଭାବେ ଯୋଗଦାନ କରିଥିଲେ। ସୁରକ୍ଷିତ ଜୀବନ ପାଇଁ ବୃକ୍ଷରୋପଣର ଆବଶ୍ୟକତା ରହିଛି। ପରିବେଶ ପାଇଁ ବର୍ତ୍ତମାନଠାରୁ ସଚେତନ ନ ହେଲେ ଆଗାମୀ ଦିନରେ ମୁକ୍ତ ବାୟୁ, ଜଳ ପାଇବା ସ୍ୱପ୍ନ ହେବ ବୋଲି ଅତିଥିମାନେ ସଚେତନ କରାଇଥିଲେ। ପରେ ସ୍କୁଲ ପରିସରରେ ସମସ୍ତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ, ଅତିଥିବୃନ୍ଦ ବୃକ୍ଷରୋପଣ କରିଥିଲେ। ସୁଶାନ୍ତ ବଢେଇ, ଲିମେଷ ଦାଶ, ସମୀର କୁମାର ସିଂଦେଓ, ରଜତ ମେହେର, ଡମ୍ବରୁଧର ଗଡତିଆ ସହଯୋଗ କରିଥିଲେ।

### ବିଜେଡିରେ ଯୋଗ ଦେଲେ କଳାକାର

ବରଗଡ଼ ଅଫିସ୍,୪।୮: ବରଗଡ଼ ଧନୁଯାତ୍ରା ମହୋତ୍ସବର ବର୍ଷିୟାନ କଳାକାର ନନ୍ଦିଘୋଷ ମହାପାତ୍ର ବୁଧବାର ବିଜେଡ଼ିରେ ଯୋଗଦାନ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବଳିଷ୍ଠ ନେତୃତ୍ୱ ଏବଂ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ସେ ବିଜେଡ଼ିରେ ଯୋଗଦାନ କରିଥିବା କହିଛନ୍ତି। ତାଙ୍କ ଯୋଗଦାନ ସମୟରେ ବିଧାୟକ ଆଚାର୍ଯ୍ୟଙ୍କ ସମେତ ବ୍ଲକ ବିଜେଡ଼ି ସଭାପତି ପ୍ରଫୁଲ୍ଲ ନାଏକ, ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା, ପୂର୍ବତନ ଜିଲା ପରିଷଦ ସଭ୍ୟ ଜୟଦେବ ଗଡ଼ତିଆ, ପୂର୍ବତନ ସରପଞ୍ଚ କ୍ଷୀରୋଦ୍ର ସାହୁ, ଅଶ୍ୱିନୀ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

### କ୍ୟାନ୍‌ସର ପୀଡ଼ିତାଙ୍କ ପରଲୋକ

ବରଗଡ଼ ଅଫିସ୍,୪।୮: ବରଗଡ଼ ସହର ଉପକଣ୍ଠ ଅମ୍ବାପାଲିର ଉଦୟ ମହାନନ୍ଦଙ୍କ ସ୍ତ୍ରୀ ଲତା(୫୬)ଙ୍କ ବୁଧବାର ପରଲୋକ ହୋଇଛି । ଦୀର୍ଘ ୭ବର୍ଷ ଧରି ସେ କ୍ୟାନ୍‌ସରରେ ପୀଡିତ ହୋଇ ଶଯ୍ୟାଶାୟୀ ଥିଲେ। ସେ ୨ ପୁଅ, ୩ ଝିଅଙ୍କୁ ଛାଡ଼ି ଚାଲି ଯାଇଛନ୍ତି। ବଡ଼ପୁଅ ସୁନିଲ ମୁଖାଗ୍ନି ଦେଇଥିଲେ।

# ବିଦ୍ୟୁତ୍ ସଂଯୋଗ ଦାବିରେ ବିକ୍ଷୋଭ

ବରଗଡ଼ ଅଫିସ୍,୪।୮

ଗଭୀର ନଳକୂପ ଖୋଳାଯାଇଛି। ହେଲେ ବର୍ଷ ବର୍ଷ ଧରି ବିଦ୍ୟୁତ୍ ସଂଯୋଗ ହେଉନାହିଁ। ବରଗଡ଼ ଜିଲା ସୋହେଲା ବ୍ଲକ ପେଟୁପାଲି ପଞ୍ଚାୟତରେ ଏହା ପରିଲକ୍ଷିତ ହୋଇଛି। ବିଦ୍ୟୁତ ସଂଯୋଗ ହୋଇ ନ ଥିବାରୁ ଗଭୀର ନଳକୂପ ଖନନର ସୁଫଳ ଚାଷୀଙ୍କୁ ମିଳିପାରି ନାହିଁ। ଫଳରେ ଏହାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଗୁରୁବାର ପେଟୁପାଲି ପଞ୍ଚାୟତର ଚାଷୀମାନେ ବରଗଡ଼ ଆସି ୱେସ୍କୋ ନିର୍ବାହୀ ଯନ୍ତ୍ରୀଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଦୀର୍ଘ ୫ବର୍ଷ ହେଲା ଗଭୀର ନଳକୂପ ଖୋଳାଯାଇଥିଲେ ସୁଦ୍ଧା ବିଦ୍ୟୁତ୍ ସଂଯୋଗ ହୋଇ ନ ଥିବାରୁ ସେମାନେ ଜମିକୁ ପାଣି ମଡ଼ାଇ ପାରୁନାହାନ୍ତି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି।



ବିଦ୍ୟୁତ୍ ସଂଯୋଗ ଦାବିରେ ୱେସ୍କୋ ନିର୍ବାହୀ ଯନ୍ତ୍ରୀଙ୍କ ଅଫିସ ଆଗରେ ଚାଷୀମାନେ ।

ଅନ୍ୟପଟେ ଗଭୀର ନଳକୂପ ଖନନ ପାଇଁ ସେମାନେ ୨୦ହଜାର ଟଙ୍କା ଲେଖାଏଁ ଜମା କରିଥିବା କହିଛନ୍ତି। ବର୍ତ୍ତମାନ ବର୍ଷା ହେଉ ନ ଥିବାରୁ ଚାଷଜମି ମାଟି ଫାଟି ଆଁ କରିବା ସହିତ ଫସଲ ଉଜୁଡ଼ିଲାଣି। ଏଭଳି ସ୍ଥିତିରେ ତୁରନ୍ତ ବିଦ୍ୟୁତ୍ ସଂଯୋଗ ପାଇଁ ଚାଷୀମାନେ ଦାବି କରିଛନ୍ତି। ଦାବି ପୂରଣ ନ ହେଲେ ଚାଷୀମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି କୁଞ୍ଜବିହାରୀ ପ୍ରଧାନ, ଦେବେନ୍ଦ୍ର ଦେହେରୀ, କୃଷ୍ଣଚନ୍ଦ୍ର ସାହୁ, କୁମ୍ଭାରୁ ବାଗ, ଲକ୍ଷ୍ମଣ ରାଉତିଆ, ଅଜିତ ପ୍ରଧାନ ପ୍ରମୁଖ ଚେତାବନୀ ଦେଇଛନ୍ତି ।

# ପଦ୍ମପୁର ବାଳିକା ହାଇସ୍କୁଲର ପ୍ରତିଷ୍ଠା ଦିବସ ପାଳିତ

ପଦ୍ମପୁର,୪।୮(ଡି.ଏନ.ଏ.)

ବରଗଡ଼ ଜିଲା ପଦ୍ମପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ୫୭ତମ ପ୍ରତିଷ୍ଠା ଉତ୍ସବ ପ୍ରଧାନ ଶିକ୍ଷକ କାଳୀଚରଣ ଦୁବେଙ୍କ ସଭାପତିତ୍ୱରେ ଗୁରୁବାର ପାଳିତ ହୋଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ବରଗଡ଼ ଏଡିଇଓ ଛତ୍ରପତି ସାହୁ ମୁଖ୍ୟ ଅତିଥି, ବରଗଡ଼ ଜିଲା ବିଜ୍ଞାନ ନିରୀକ୍ଷକ ମନୋଜ କୁମାର ସାହୁ ମୁଖ୍ୟବକ୍ତା, ରାଜବୋଡ଼ାସମ୍ବର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଧର୍ମକୁମାର ଶତପଥୀ, ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ପାଳନ ଉତ୍ସବର ସଭାପତି ମନୋରଞ୍ଜନ ସିଂ ବରିହା, ସମ୍ପାଦକ ଗୋବିନ୍ଦ ପ୍ରସାଦ ଅଗ୍ରୱାଲ, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷା ବିନିଲତା ସାହୁ, ଉପାଧ୍ୟକ୍ଷା ନମିତା ସାହା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରେମାନନ୍ଦ ବେହେରା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ମିନତି ଦାଶ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଶେଷରେ ଜ୍ୟୋସ୍ନାରାଣୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଦ୍ୱିତୀୟ ଅଧିବେଶନରେ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସୁରେନ୍ଦ୍ର କୁମାର ଭୋଇ, ପ୍ରେମାନନ୍ଦ ବେହେରା ଓ ମାନସ ରଞ୍ଜନ ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ସୁଶ୍ରୀ ରବିନା ପଧାନ, ସୁଶ୍ରୀ ସଂଯୁକ୍ତା ଭୋଇ, ନୀଳିମାରାଣୀ ମହାନ୍ତି, ଜ୍ୟୋତିରେଖା ମହାନନ୍ଦ, ଶିକ୍ଷକ ଚିନ୍ତାମଣି ସାହୁ, ଗୋପାଳଜୀ ପ୍ରସାଦ ପାଣିଗ୍ରାହୀ, ସୁରେଶ ଚନ୍ଦ୍ର ଚୌହାନ ଓ ଦିପ୍ତୀରଞ୍ଜନ ମଲ୍ଲିକ ସହଯୋଗ କରିଥିଲେ।

# ଜଳଶକ୍ତି ପ୍ରକଳ୍ପ ବୁଲିଲେ କେନ୍ଦ୍ରୀୟ ପ୍ରତିନିଧି ଦଳ

ବରଗଡ଼ ଅଫିସ୍,୪।୮

ଭାରତ ସରକାରଙ୍କ ଜଳଶକ୍ତି ମନ୍ତ୍ରଣାଳୟର ଏକ ପ୍ରତିନିଧି ଦଳ ଗୁରୁବାର ବରଗଡ଼ ଜିଲା ଗସ୍ତରେ ଆସିଥିଲେ। ଏହି ଗସ୍ତରେ ଜଳଶକ୍ତି ମନ୍ତ୍ରଣାଳୟ ଉପ ସଚିବ ବେଞ୍ଜାମିନ କରୁଣାକରନ ଓ ସାଇଣ୍ଟିଫିକ୍ ଅଧିକାରୀ ଏସ୍. ଏସ୍ ଚୌହାନ ଜଳଶକ୍ତି ଅଭିଯାନ ଅଧୀନରେ ଜିଲାରେ ଚାଲିଥିବା ବିଭିନ୍ନ ବ୍ଲକର ପୁରାତନ ଜଳଉତ୍ସର ନବୀକରଣ, ବର୍ଷାଜଳ ସଂରକ୍ଷଣ ଏବଂ ଭୂତଳ ଜଳର ଅଭିବୃଦ୍ଧି ନିମିତ୍ତ ପ୍ରକଳ୍ପଗୁଡ଼ିକୁ ବୁଲି ଦେଖିବା ସହିତ ବୈଷୟିକ ପରାମର୍ଶ ପ୍ରଦାନ କରିଥିଲେ। ଅପରାହ୍ଣରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା (ଡିଆର୍‌ଡିଏ) ସମ୍ମିଳନୀ କକ୍ଷରେ ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ପ୍ରକଳ୍ପ ନିର୍ଦ୍ଦେଶକ କୃତ୍ତିବାସ ରାଉତ ପାୱାର ପଏଣ୍ଟ ମାଧ୍ୟମରେ ଜିଲାର


ଗାଇସିଲେଟ ବ୍ଲକର ଏକ ପ୍ରକଳ୍ପକୁ ଜଳଶକ୍ତି ମନ୍ତ୍ରଣାଳୟର ପ୍ରତିନିଧିମାନେ ପରିଦର୍ଶନ କରୁଛନ୍ତି ।

ଜଳଶକ୍ତି ଅଭିଯାନର ବିଭିନ୍ନ କାର୍ଯ୍ୟ ଉପରେ ତଥ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ ଜଳଶକ୍ତି କେନ୍ଦ୍ର, ଜିଲା ପରିଷଦ, ବରଗଡ଼ ତରଫରୁ ଜଳ ସମାଚାର ପୁସ୍ତିକା ଅତିଥିଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା। ସମସ୍ତ ବିଡିଓ, ଜଳ ସମ୍ପଦ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଭାରତ ସରକାରଙ୍କ ଜଳଶକ୍ତି ମନ୍ତ୍ରଣାଳୟ ତରଫରୁ ଆସିଥିବା ଉକ୍ତ ଅଧିକାରୀମାନେ ଗାଇସିଲେଟ୍, ବିଜେପୁର, ବରଗଡ଼ ବ୍ଲକ ଏବଂ ବରଗଡ଼ ମ୍ୟୁନିସିପାଲିଟିର ବିଭିନ୍ନ ପ୍ରକଳ୍ପଗୁଡ଼ିକୁ ବୁଲି ଦେଖିଥିଲେ ଏବଂ ଜଳ ସଂରକ୍ଷଣ ଉପରେ ଗୁରୁତ୍ୱାରୋପ କରିଥିଲେ ।

### ରାଜବୋଡାସମ୍ବର କୃଷକ ସଙ୍ଗଠନ ବୈଠକ

ପାଇକମାଲ,୪।୮(ଡି.ଏନ.ଏ.)

ବରଗଡ ଜିଲା ପାଇକମାଲରେ ରାଜବୋଡାସମ୍ବର କୃଷକ ସଙ୍ଗଠନ ପାଇକମାଲ ଓ ଝାରବନ୍ଧ ବ୍ଲକ ଶାଖାର ଏକ ବୈଠକ ବିଶ୍ୱନାଥ ରଣାଙ୍କ ସଭାପତିତ୍ୱରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଙ୍ଗଠନର ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା ହୋଇଥିଲା। ୨୦୨୧ ପ୍ରଧାନମନ୍ତ୍ରୀ ଫସଲ ବୀମା ଉପରେ ଆଲୋଚନା କରି ଓଡିଶା ଓ କେନ୍ଦ୍ର ସରକାରଙ୍କ ଉଦାସୀନତାର ସୁଯୋଗ ନେଇ ବୀମା କମ୍ପାନୀ ଚାଷୀମାନଙ୍କୁ ଠକି ଚାଲିଛି। ଆସନ୍ତା ଅଗଷ୍ଟ ୧୫ ଭିତରେ ବୀମା ଟଙ୍କା ଚାଷୀମାନଙ୍କ ଆକାଉଣ୍ଟକୁ ନ ଆସିଲେ ପାଇକମାଲ ଓ ଝାରବନ୍ଧ ବ୍ଲକର ସମସ୍ତ ସରକାରୀ କାର୍ଯ୍ୟାଳୟ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ କରିବା ପାଇଁ ସଙ୍ଗଠନ ତରଫରୁ ନିଷ୍ପତ୍ତି ନିଆଗଲା। ଏଥିରେ ସନ୍ତୋଷ ବେହେରା, ବାଳକୃଷ୍ଣ ବନଛୋର, ରାହାସ ସାହୁ, ପିତାମ୍ବର ସାହୁ, ପାନାଲାଲ ସେଠ, ହୁତାଶନ ପାଣ୍ଡେ, ଭଜନ ସାଗର, ଡୋଲାମଣୀ ଚୌଧୁରୀ, ଗିରିଧାରୀ ପାତ୍ର, କେଶବ ରଞ୍ଜନ ବେହେରା, ଗୁପତ ବାରିକ, ବିନୋଦ ପଟେଲ, ସୌଦାଗର ପ୍ରଧାନ ପ୍ରମୁଖ ଚାଷୀ ଉପସ୍ଥିତ ଥିଲେ ।

# ରେଳମନ୍ତ୍ରୀଙ୍କୁ ଭେଟିଲା ରେଳ ଉପଭୋକ୍ତା ସଂଘ

ବରଗଡ଼ ଅଫିସ୍,୪।୮

ବରଗଡ଼ ଜିଲା ରେଳ ଉପଭୋକ୍ତା ସଂଘର ଏକ ପ୍ରତିନିଧି ଦଳ ବୁଧବାର ନୂଆଦିଲ୍ଲୀ ସ୍ଥିତ ରେଳ ମନ୍ତ୍ରଣାଳୟରେ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଭେଟି ବିଭିନ୍ନ ଦାବି ଉପସ୍ଥାପନ କରିବା ସହିତ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ବରଗଡ଼ ଓ ବଲାଙ୍ଗୀର ଜିଲାର ଲୋକଙ୍କ ସୁବିଧା ପାଇଁ ସମ୍ବଲପୁର-ପୁରୀ ଇଣ୍ଟରସିଟିକୁ ବଲାଙ୍ଗୀର ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବା ଏବଂ ଭୁବନେଶ୍ୱର ଦେଇ ଚଳାଚଳ କରୁଥିବା ତ୍ରିସାପ୍ତାହିକ ବିଶାଖାପାଟଣା-ଅମୃତସର ହୀରାକୁଦ ଏକ୍ସପ୍ରେସକୁ ସପ୍ତାହର ଅବଶିଷ୍ଟ ୪ଦିନ ଭାୟା ଟିଟିଲାଗଡ଼, ବରଗଡ଼ ଓ ସମ୍ବଲପୁର ଦେଇ ଚଳାଇବା ପାଇଁ ସଂଘ ଦାବି କରିଛି। ଜିଲା ରେଳ ଉପଭୋକ୍ତା ସଂଘର ଉପସଭାପତି ପ୍ରୀତମ ସିଂ, କୃଷ୍ଣଚନ୍ଦ୍ର ପଣ୍ଡା, କୋଷାଧ୍ୟକ୍ଷ ଅଭିଜିତ ପ୍ରତିହାର ପ୍ରମୁଖ ରେଳ ମନ୍ତ୍ରୀଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଥିଲେ। ଆଲୋଚନା ସମୟରେ ରେଳ ଉପଭୋକ୍ତା ସଂଘର ଉକ୍ତ ପ୍ରତିନିଧିଙ୍କ ସମେତ ଛତିଶଗଡ଼ ମହାସମୁଦ ଏମ୍‌ପି ଚୁନିଲାଲ ସାହୁ, ସରାଇପାଲି ବିଧାୟକ ତ୍ରିଲୋଚନ ପଟେଲ, ସରାଇପାଲିର ଦିଲୀପ ଗୁପ୍ତା, ତିଳକ ପ୍ରସାଦ ସାହୁ, ସୋହେଲାର ସତ୍ୟଜିତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।


ରେଳ ଉପଭୋକ୍ତା ସଂଘର ପ୍ରତିନିଧିମାନେ ରେଳ ମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି ।

# ଭୋଟର ତାଲିକା ସଂଶୋଧନକୁ ଗୁରୁତ୍ୱ


ଜିଲାପାଳ ଅଫିସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଭୋଟର ତାଲିକା ସଂଶୋଧନ ବୈଠକ ।

ବରଗଡ଼ ଅଫିସ୍,୪।୮

ଭୋଟର ତାଲିକା ସଂଶୋଧନ ପାଇଁ ବରଗଡ଼ ଜିଲାପାଳଙ୍କ ଅଫିସ ସମ୍ମିଳନୀ କକ୍ଷରେ ଗୁରୁବାର ଅପରାହ୍ଣରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଭନ୍ନ ରାଜନୈତିକ ଦଳ, ସ୍ୱେଚ୍ଛାସେବୀ ସଙ୍ଗଠନର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ବୈଠକରେ ଏକ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତି ପାଇଁ ଭୋଟରଙ୍କ ନାମ ଯୋଗ, ନାମ କାଟିବା ଏବଂ ଅନ୍ୟାନ୍ୟ ସଚେତନତା ପାଇଁ ଆଲୋଚନା ହୋଇଥିଲା। ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସ୍ୱୟଂ ସହାୟକ ଗୋଷ୍ଠୀ, ବୁଥ୍‌ସ୍ତରୀୟ ଅଧିକାରୀ ଏ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ଭୋଟର ତାଲିକାରେ ନାମ ଯୋଗ ଏବଂ ସଂଶୋଧନ ପାଇଁ ୨ଟି ଦିଗ ଉପରେ ଗୁରୁତ୍ୱ ଦିଆଯାଇଥିଲା। ସମସ୍ତ ନୂତନ ଭୋଟର ଆପ୍ ବ୍ୟବହାର କରି ଅନ୍‌ଲାଇନ୍ ଆବେଦନ କରିପାରିବେ ଏବଂ ବର୍ଷକୁ ୪ଥର (ଜାନୁୟାରୀ, ଏପ୍ରିଲ, ଜୁଲାଇ ଏବଂ ଅକ୍ଟୋବର ମାସ ୧ତାରିଖ) ସେମାନଙ୍କ ନାମ ଯୋଗ କରିପାରିବେ ବୋଲି ସୂଚନା ଦିଆଯାଇଥିଲା। ବୈଠକରେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ, କଂଗ୍ରେସରୁ ପାଣ୍ଡବ କର୍ଣ୍ଣ, ତୃଣମୂଳ କଂଗ୍ରେସରୁ ଅଶୋକ ମିତ୍ତଲ, ବିଜେଡ଼ିରୁ ପଦ୍ମଲୋଚନ ମାଝି, ଭାଜପାରୁ କୁଶ କୁମ୍ଭାର ଉପସ୍ଥିତ ଥିଲେ।

### ଡିଇଓଙ୍କୁ ଶିକ୍ଷକ ସଂଘର ଫେରାଦ

ବରଗଡ଼ ଅଫିସ୍,୪।୮

ବରଗଡ଼ ଜିଲାରେ ସକାଳୁଆ ସ୍କୁଲ ସମୟକୁ ନେଇ ଶିକ୍ଷକ ମହଲରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଏହାକୁ ନେଇ ବରଗଡ଼ ଜିଲା ପ୍ରାଥମିକ ଶିକ୍ଷକ ସଂଘ ଜିଲା ଶିକ୍ଷାଧିକାରୀ (ଡିଇଓ) ମିତ୍ରଭାନୁ କଛପଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛି। ସ୍ମାରକପତ୍ରରେ ଉଲ୍ଲେଖ ରହିଛି, ବରଗଡ଼ ଜିଲା ଶିକ୍ଷାଧିକାରୀଙ୍କ ପତ୍ରସଂଖ୍ୟା-୬୪୯୧, ତା-୨୭।୭।୨୦୨୨ରିଖ କ୍ରମେ ଜିଲାରେ ଶନିବାର ସକାଳ ୬ଟା ୩୦ ମିନିଟ୍‌ରୁ ଦିନ ୧୨ଟା ୩୦ମିନିଟ୍ ପର୍ଯ୍ୟନ୍ତ ସ୍କୁଲ ଚାଲୁଛି। କିନ୍ତୁ ରାଜ୍ୟର ଅଧିକାଂଶ ସ୍କୁଲରେ ଶନିବାର ସକାଳ ୬ଟା ୩୦ମିନିଟରୁ ଦିନ ୧୧ଟା ୩୦ମିନିଟ୍ ପର୍ଯ୍ୟନ୍ତ ସ୍କୁଲ ଚାଲୁଛି। ଫଳରେ ଶନିବାର ସକାଳୁଆ ସ୍କୁଲରେ ଏହି ଦ୍ୱନ୍ଦ୍ୱ ଦୂର କରିବା ପାଇଁ ଜିଲା ପ୍ରାଥମିକ ଶିକ୍ଷକ ସଂଘ ଦାବି କରିଛି । ଏ ନେଇ ସଂଘର ସମ୍ପାଦକ ପ୍ରମୋଦ କୁମାର ହୋତାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଡିଇଓଙ୍କୁ ଫେରାଦ ହୋଇଥିଲେ ।

### ନେହେରୁ ଯୁବକେନ୍ଦ୍ରର ସ୍ୱଚ୍ଛତା ଅଭିଯାନ

ବରଗଡ଼ ଅଫିସ୍,୪।୮

ବରଗଡ଼ ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଜିଲାର ବିଭିନ୍ନ ସ୍ଥାନରେ ଗୁରୁବାର ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗାଇସିଲେଟ ବ୍ଲକ ଜାମୁଟପାଲି ହାଇସ୍କୁରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ୱଚ୍ଛତା ଉପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା ହୋଇଥିଲା। ସେହିପରି ପୁରେନା ଗ୍ରାମରେ ମଧ୍ୟ ଏହି କାର୍ଯ୍ୟକ୍ରମ ହୋଇଥିଲା। ନେହେରୁ ଯୁବକେନ୍ଦ୍ରର ଜିଲା ଯୁବ ଅଧିକାରୀ ରୋଶନ ଟଣ୍ଡନ, ପରାମର୍ଶଦାତା କମିଟି ସଭ୍ୟ ତ୍ରିଲୋଚନ ଶତପଥି ପ୍ରମୁଖ ଯୋଗଦାନ କରିଥିଲେ। କୁଇଜ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

### ଶିବିରରେ ୩୨ୟୁନିଟ୍ ରକ୍ତ ସଂଗ୍ରହ

ବରଗଡ଼ ଅଫିସ୍,୪।୮

ବରଗଡ଼ ବ୍ଲକ ସୟାଁ ଦୁର୍ଗାପୂଜା କମିଟି ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥିଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଜିଲା ପରିଷଦ ସଭ୍ୟା ପୁଷ୍ପା ଭୋଇ, ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଶିବିରରେ ୩୨ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଏହି ଅବସରରେ ଚାରା ରୋପଣ କରାଯାଇଥିଲା।

# ଚାଷୀଙ୍କୁ ବିକ୍ରି ହେଲା ଜବତ ୟୁରିଆ

ପାଇକମାଲ,୪।୮(ଡି.ଏନ.ଏ.)

ବରଗଡ ଜିଲା ପାଇକମାଲ ବ୍ଲକ ଭଗତପୁର ଗ୍ରାମରେ ବେଆଇନ ଭାବେ ୟୁରିଆ ସାର ବିକ୍ରି ବେଳେ କୃଷି ବିଭାଗ ପକ୍ଷରୁ ଗୁରୁବାର ଚଢାଉ କରାଯାଇଛି। କୃଷି ଅଧିକାରୀ ପ୍ରଣୟ କୁମାର ମନ୍ତ୍ରୀ, କୃଷି ଓଭରସିଅର ସୁରେନ୍ଦ୍ର ମଲ୍ଲିକ ସାର ଦୋକାନୀ ଗୋକୁଳ ସାହୁଙ୍କ ଦୋକାନରେ ଏହି ଚଢାଉ କରିଥିଲେ। ଚଢାଉ ବେଳେ ଦେକାନରୁ ୩୬ ପ୍ୟାକେଟ୍ ୟୁରିଆ ସାର ଜବତ ହୋଇଥିଲା। ପରେ ଏହି ସାରକୁ ଚାଷୀଙ୍କୁ ସରକାରୀ ଦରରେ ବିକ୍ରି କରାଯାଇଥିଲା। ସେହିପରି ବିନା ଲାଇସେନ୍ସରେ ସାର ବିକ୍ରି କରୁଥିବାରୁ ଅଧିକାରୀମାନେ ଗୋକୁଳଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିବା ସହ ତୁରନ୍ତ ଲାଇସେନ୍ସ କରିବାକୁ ପରାମର୍ଶ ଦେଇଥିଲେ।


କୃଷି ବିଭାଗ ପକ୍ଷରୁ ଜବତ ସାରକୁ ଚାଷୀମାନଙ୍କୁ ବିକ୍ରି କରାଯାଉଛି।

# ଡାକ କର୍ମଚାରୀଙ୍କ ବିକ୍ଷୋଭ ପ୍ରଦର୍ଶନ

**ଘରୋଇକରଣର ପ୍ରତିବାଦ**

ବରଗଡ଼ ଅଫିସ୍,୪।୮

କେନ୍ଦ୍ରର ମୋଦି ସରକାର ଡାକ ବିଭାଗକୁ ଘରୋଇକରଣ କରିବାକୁ ଯୋଜନା କରୁଛନ୍ତି। ଏହାକୁ ନେଇ କାର୍ଯ୍ୟରତ ଡାକ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଘରୋଇକରଣ ପ୍ରତିବାଦରେ ଡାକ କର୍ମଚାରୀମାନେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନକୁ ଓହ୍ଲାଇଛନ୍ତି। କାମ ସାରିବା ପରେ ଗୁରୁବାର ସନ୍ଧ୍ୟା ୫ଟା ୩୦ମିନିଟରେ ଡାକ କର୍ମଚାରୀମାନେ ବରଗଡ଼ ଥାନା ଛକରେ ଏକ ଘଣ୍ଟା ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ନ୍ୟାଶନାଲ ଫେଡ଼େରେଶନ ଡାକ କର୍ମଚାରୀ ସଂଘ, ବରଗଡ଼ ଶାଖାର ସହ ସମ୍ପାଦକ ମହେଶ କୁମାର



ବରଗଡ଼ ଥାନା ଛକରେ ଡାକ କର୍ମଚାରୀ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

ସାହୁ ଏବଂ ଅଖିଳ ଭାରତୀୟ ଗ୍ରାମୀଣ ଡାକସେବକ ସଂଘ, ବରଗଡ଼ ଶାଖାର ସମ୍ପାଦକ ଶଙ୍କର କର ଏହାର ନେତୃତ୍ୱ ନେଇଥିଲେ। ଶୁକ୍ରବାର ଅପରାହ୍ଣ ୫ଟା ୪୦ମିନିଟ୍‌ରେ ଭଟଲି ଛକରେ ଧାରଣା ଏବଂ ଶନିବାର ଅପରାହ୍ଣ ୫ଟା ୪୦ମିନିଟ୍‌ରେ ବରଗଡ଼ ମୁଖ୍ୟ ଡାକଘରୁ ଘରୋଇ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ପ୍ରତିବାଦ ଶୋଭାଯାତ୍ରା କରାଯିବ। ଆସନ୍ତା ୧୦ତାରିଖରେ ଡାକ କର୍ମଚାରୀମାନେ ଦିନିକିଆ ଧର୍ମଘଟ କରିବେ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି ।

# ମୋଦିଙ୍କ ନେତୃତ୍ୱ: ଓଡ଼ିଶା ପାଇଁ ସକାରାତ୍ମକ ଦୃଷ୍ଟିଭଙ୍ଗୀ



ଧର୍ମେନ୍ଦ୍ର ପ୍ରଧାନ

ଓଡ଼ିଶା ମାଟିର ଝିଅ ଦ୍ରୌପଦୀ ମୁର୍ମୁ ଭାରତର ପଞ୍ଚଦଶ ରାଷ୍ଟ୍ରପତି ଭାବରେ ଶପଥ ଗ୍ରହଣ କରି ଓଡ଼ିଆ ଅସ୍ମିତାର ପ୍ରତୀକ ପାଲଟି ଯାଇଛନ୍ତି। ସେ ପ୍ରଥମ ଓଡ଼ିଆ ତଥା ପ୍ରଥମ ଆଦିବାସୀ ମହିଳା, ଯିଏ ଭାରତବର୍ଷର ସର୍ବୋଚ୍ଚ ସାମ୍ବିଧାନିକ ପଦ ମଣ୍ଡନ କରିଛନ୍ତି। ଏହା ଓଡ଼ିଶାବାସୀଙ୍କ ପାଇଁ କେବଳ ଗୌରବର ବିଷୟ ନୁହେଁ, ଭାରତର ବଞ୍ଚିତ, ଅବହେଳିତ ଓ ଅନଗ୍ରସର ବର୍ଗଙ୍କ ପାଇଁ ଗରିମାର କଥା। ଓଡ଼ିଶାର ଏକ ଆଦିବାସୀବହୁଳ ଜିଲା ମୟୂରଭଞ୍ଜର ଏକ ଅଖ୍ୟାତ ପଲ୍ଲୀର ସୁକନ୍ୟା ଦ୍ରୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରର ପ୍ରଥମ ନାଗରିକର ମର୍ଯ୍ୟାଦା ପ୍ରଦାନ କରିବାରେ ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କର ଭୂମିକା ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ। ବନମାଳୀପୁରର ମହକରେ ସମଗ୍ର ଭାରତବର୍ଷକୁ ମହକିତ କରିବା କଥା କେବଳ ମୋଦିଜୀ ହିଁ ଚିନ୍ତା କରିପାରନ୍ତି ଏବଂ ତା'ର ବାସ୍ତବ ରୂପାୟନ ମଧ୍ୟ କରିପାରନ୍ତି। ସାଧାରଣ ଲୋକମାନେ କାଳେକାଳେ ଅସାଧାରଣ ପ୍ରତିଭାର ଅଧିକାରୀ ହୋଇଥା'ନ୍ତି। ଶେଷ ତଳ ପାହାଚରେ ଥିବା ଅନେକଙ୍କ ପାଖରେ ଥାଏ ଅସୀମ ଶକ୍ତି ଓ ସାମର୍ଥ୍ୟ। କିନ୍ତୁ ଏପରି ପ୍ରତିଭାମାନେ ବଣମଲ୍ଲୀ ପରି ବଣରେ ଫୁଟି ମଉଳିଯାଆନ୍ତି। ରହିଯାଆନ୍ତି ଜନସମାଜର ଆଢ଼ୁଆଳରେ। ଲୋକ ହିତ ପାଇଁ ସେମାନଙ୍କ ଶକ୍ତି ମଧ୍ୟ ବିନିଯୋଗ କରାଯାଇପାରେ ନାହିଁ। ତେଣୁ ଏପରି ବଣମଲ୍ଲୀମାନଙ୍କୁ ଖୋଜିବା ଏବଂ ଚିହ୍ନଟ କରିବା ସମାଜ ଆଗରେ ସବୁବେଳେ ଏକ ବଡ଼ ଆହ୍ୱାନ।

ଭାରତବର୍ଷ ଅନାଦି କାଳରୁ ବିବିଧ ଜାତି, ବର୍ଣ୍ଣ ଓ ଗୋଷ୍ଠୀର ବାସସ୍ଥାନ। ଅନୁସୂଚିତ ଜାତି, ଜନଜାତି, ସାମାଜିକ ଓ ଶୈକ୍ଷିକ ଅନଗ୍ରସର ଜାତି ତଥା ଅଣସଂରକ୍ଷିତ ବର୍ଗ ଭାରତବର୍ଷର ଜନସଂଖ୍ୟାର ଏକ ପ୍ରମୁଖ ଅଂଶ। ପୁଣି ଅବସ୍ଥିତି ଭିତ୍ତିରେ କେତେକ ଅଞ୍ଚଳ ମଧ୍ୟ ପଛୁଆ ରାଜ୍ୟ ଭାବରେ ପରିଗଣିତ। ଆମ ସମାଜରେ ପଛରେ ପଡ଼ିଥିବା ପଛୁଆ ବର୍ଗ ଏବଂ ପଛୁଆ ରାଜ୍ୟକୁ ଆଗକୁ ନ ଆଣିଲେ ଦେଶର ସନ୍ତୁଳିତ ବିକାଶ ଅସମ୍ଭବ।

ଭାରତର ସର୍ବାଙ୍ଗୀନ ବିକାଶ ପଛରେ ଥିବା ଏହି ସହଜ ସତ୍ୟକୁ ଅନେକ ଶାସକ ବୁଝି ମଧ୍ୟ ବୁଝିପାରନ୍ତି ନାହିଁ। ସେମାନେ ସାମାଜିକ ନ୍ୟାୟ ବିଷୟରେ ଦୀର୍ଘ ସମୟ ଭାଷଣ ଦିଅନ୍ତି, କିନ୍ତୁ କାର୍ଯ୍ୟରେ କରି ଦେଖାନ୍ତି ନାହିଁ। ଆଦିବାସୀମାନଙ୍କ ପାରମ୍ପରିକ ନୃତ୍ୟରେ ଭାଗ ନିଅନ୍ତି, କିନ୍ତୁ ସେମାନଙ୍କ ବିକାଶକୁ ତ୍ୱରାନ୍ୱିତ କରନ୍ତି ନାହିଁ। କିନ୍ତୁ ଗତ ୮ ବର୍ଷ ହେବ, ଏପରି ଦୃଷ୍ଟିଭଙ୍ଗୀରେ ବ୍ୟାପକ ପରିବର୍ତ୍ତନ ଆସିଛି। ଭାରତର ଲୋକପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସାମାଜିକ ନ୍ୟାୟ ଓ ସନ୍ତୁଳିତ ବିକାଶ ଉପରେ ସର୍ବାଧିକ ଗୁରୁତ୍ୱାରୋପ କରୁଛନ୍ତି। ଭୌଗୋଳିକ ଦୃଷ୍ଟିରୁ ଭାରତର ପୂର୍ବ ଭାଗ ବିକାଶ କ୍ଷେତ୍ରରେ ପଛରେ ପଡ଼ିଛି। ବିହାର, ଓଡ଼ିଶା ଓ ଝାଡ଼ଖଣ୍ଡ ଆଦି ରାଜ୍ୟ ଅନ୍ୟ ରାଜ୍ୟ ତୁଳନାରେ ଅନଗ୍ରସର। ମାନ୍ୟବର ମୋଦିଜୀ ଭାରତର ସନ୍ତୁଳିତ ବିକାଶକୁ ଆଖି ଆଗରେ ରଖି ପୂର୍ବ ଭାରତର ବିକାଶ ଉପରେ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ପୁଣି ପୂର୍ବ ଭାରତରେ ଓଡ଼ିଶା ତାଙ୍କର ଏକ ପ୍ରିୟ ରାଜ୍ୟ। କାରୁକାର୍ଯ୍ୟପୂର୍ଣ୍ଣ କାରିଗରି, ପ୍ରାକୃତିକ ଓ ଖଣିଜ ସମ୍ପଦ ପାଇଁ ଯେ ଓଡ଼ିଶା ତାଙ୍କ ଦୃଷ୍ଟି ଆକର୍ଷଣ କରିଛି ତା' ନୁହେଁ, ବରଂ ଓଡ଼ିଶାର ବିକାଶ ପ୍ରତି ସେ ସର୍ବଦା ସମ୍ବେଦନଶୀଳ। ପ୍ରାଚୁର୍ଯ୍ୟ ଓ ସମ୍ଭାବନାରେ ପରିପୂର୍ଣ୍ଣ ଓଡ଼ିଶାର ବିକାଶ କରିବା ପାଇଁ ମୋଦିଜୀଙ୍କ ପ୍ରତିବଦ୍ଧତାର ତୁଳନା ନାହିଁ। ଓଡ଼ିଶାର ପ୍ରତିଭାମାନଙ୍କୁ ସ୍ୱୀକୃତି ଦେବାରେ ତାଙ୍କର କାର୍ପଣ୍ୟ ନାହିଁ। ଓଡ଼ିଶାବାସୀଙ୍କ ଆଶା-ଆକାଂକ୍ଷା ପୂରଣ କରିବାରେ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ତତ୍ପରତାର ପଟାନ୍ତର ନାହିଁ।

ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦିଜୀ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଜଣେ ପରମ ଭକ୍ତ। ୨୦୧୩ ମସିହାରେ ଗୁଜରାଟର ମୁଖ୍ୟମନ୍ତ୍ରୀ ଥିବା ସମୟରେ ସେ ଶ୍ରୀଜୀଉଙ୍କୁ ଦର୍ଶନ କରିବା ପାଇଁ ପୁରୀ ଆସିଥିଲେ। ପ୍ରଧାନମନ୍ତ୍ରୀ ଭାବରେ ୨୦୧୬ ମସିହା ଫେବ୍ରୁଆରୀ ମାସରେ ପୁରୀ ଆସି ଦିଅଁ ଦର୍ଶନ କରିଥିଲେ। ତାଙ୍କ ପ୍ରଧାନମନ୍ତ୍ରିତ୍ୱ ସମୟରେ ପ୍ରଥମ ଥର ପାଇଁ ନବକଳେବର ନିମନ୍ତେ କେନ୍ଦ୍ର ସରକାର ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ପ୍ରଧାନମନ୍ତ୍ରୀ ମହୋଦୟ ନବକଳେବର ସ୍ମାରକୀ ମୁଦ୍ରାକୁ ଅନୁମୋଦନ ମଧ୍ୟ କରାଇଥିଲେ। ଓଡ଼ିଶାର ପର୍ବପର୍ବାଣି ପ୍ରତି ତାଙ୍କର ଅପ୍ରମିତ ଶ୍ରଦ୍ଧା ରହିଛି। ମହାବିଷୁବ ସଂକ୍ରାନ୍ତି, ରଜ ସଂକ୍ରାନ୍ତି, ରଥଯାତ୍ରା ଓ ନୂଆଁଖାଇ ଆଦି ଅବସରରେ ପ୍ରଧାନମନ୍ତ୍ରୀ ଓଡ଼ିଶାବାସୀଙ୍କୁ ଶୁଭେଚ୍ଛା ଜଣାଇ ତାଙ୍କ ଓଡ଼ିଶା ପ୍ରୀତିର ପରିଚୟ ଦେଇଆସୁଛନ୍ତି। ଓଡ଼ିଶା ଯେ କଳା ଓ ସଂସ୍କୃତିର ଉତ୍କର୍ଷ ଭୂମି, ଏହା ତାଙ୍କୁ ଭଲ ଭାବରେ ଜଣା। ମାଣବସା ଗୁରୁବାର, ଛଉ ନୃତ୍ୟ ଓ ରାବଣ ଛାୟାକୁ ସୂକ୍ଷ୍ମ ଐତିହ୍ୟ (ଇନ୍‌ଟେଞ୍ଜିବୁଲ ହେରିଟେଜ୍)ର ମାନ୍ୟତା ତାଙ୍କର ଅବଦାନ। ୨୦୧୮ ମସିହାରେ ଇଣ୍ଡୋନେସିଆ ରାଷ୍ଟ୍ରପତିଙ୍କ ସହିତ 'ବାଲିଯାତ୍ରା' ବିଷୟରେ ଆଲୋଚନା କରି ସେ ଓଡ଼ିଶାର ଏହି ଐତିହାସିକ ପର୍ବ ପ୍ରତି ଯଥୋଚିତ ସମ୍ମାନ ପ୍ରଦର୍ଶନ କରିଛନ୍ତି।

ଦିଲ୍ଲୀରେ ଓଡ଼ିଆମାନଙ୍କୁ ସ୍ୱୀକୃତି ଦେବାରେ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କର ଅବଦାନ ଯେ ସବା ଉପରେ, ଏହା ଅବିସମ୍ବାଦିତ। ପୂର୍ବରୁ ଓଡ଼ିଶାରୁ ଜଣେ ଦୁଇ ଜଣ କେନ୍ଦ୍ରମନ୍ତ୍ରୀ ପଦ ପ୍ରାପ୍ତ ହୋଇଥିଲେ। ତାହା ପୁଣି ରାଷ୍ଟ୍ରମନ୍ତ୍ରୀ ପାହ୍ୟାରେ। ୨୦୧୪ ପୂର୍ବରୁ କେନ୍ଦ୍ର କ୍ୟାବିନେଟ୍ ମନ୍ତ୍ରୀଙ୍କ ସଂଖ୍ୟାରେ ଓଡ଼ିଶାର ସ୍ଥାନ ଥିଲା ନଗଣ୍ୟ। କିନ୍ତୁ ମୋଦିଜୀଙ୍କ ପ୍ରଧାନମନ୍ତ୍ରିତ୍ୱ ସମୟରେ ଜୁଏଲ ଓରାମଙ୍କଠାରୁ ଅଶ୍ୱିନୀ ବୈଷ୍ଣବଙ୍କ ପର୍ଯ୍ୟନ୍ତ ଓଡ଼ିଶାର ଅନେକ ନେତା କ୍ୟାବିନେଟ୍ ମନ୍ତ୍ରୀ ହୋଇଛନ୍ତି। ଆଦିବାସୀ ନେତା ବିଶେଶ୍ୱର ଟୁଡୁ କେନ୍ଦ୍ରରେ ରାଷ୍ଟ୍ରମନ୍ତ୍ରୀ ପଦ ମଣ୍ଡନ କରିଛନ୍ତି। ତା' ପୂର୍ବରୁ ପ୍ରତାପ ଷଡ଼ଙ୍ଗୀ ରାଷ୍ଟ୍ରପାହ୍ୟା ମନ୍ତ୍ରୀ ପଦରେ ଅବସ୍ଥାପିତ ହୋଇଥିଲେ। ମୋଦିଜୀ ଦ୍ରୌପଦୀ ମୁର୍ମୁ ଓ ବିଶ୍ୱଭୂଷଣ ହରିଚନ୍ଦନଙ୍କୁ ରାଜ୍ୟପାଳ ପଦବୀରେ ଅଧିଷ୍ଠିତ କରାଇଛନ୍ତି।

ପୂର୍ବରୁ ପଦ୍ମ ପୁରସ୍କାର ତାଲିକାରେ ଓଡ଼ିଆ ଲୋକଙ୍କର ନାଁ ଖୋଜି ନିରାଶ ହେବାକୁ ପଡୁଥିଲା। କେବେ କେମିତି ଗୋଟେ ନାଁ ଆଖିରେ ପଡୁଥିଲା। କିନ୍ତୁ ୨୦୧୫ ମସିହା ପରଠାରୁ ଲଗାତର ଓଡ଼ିଶାର ପ୍ରତିଭାମାନେ ପଦ୍ମସମ୍ମାନ ପାଇ ଆସୁଛନ୍ତି। ମନୋଜ ଦାସ, ପ୍ରତିଭା ରାୟଙ୍କ ପରି ସାହିତ୍ୟିକମାନେ ପଦ୍ମଭୂଷଣ ସମ୍ମାନ ପାଇଥିବା ବେଳେ ପ୍ରସ୍ତର ଶିଳ୍ପୀ ସୁଦର୍ଶନ ସାହୁ ପଦ୍ମ ବିଭୂଷଣ ସମ୍ମାନ ପାଇଛନ୍ତି। ପଦ୍ମ ସମ୍ମାନ ପାଇଥିବା ଅନେକ ଖ୍ୟାତନାମା କବି, ଲେଖକ, ନୃତ୍ୟାଙ୍ଗନା, କଣ୍ଠଶିଳ୍ପୀ, ସ୍ଥପତିଙ୍କର ଏକ ଲମ୍ବା ତାଲିକା ଏଠାରେ ପ୍ରଦାନ କରିବା ଅନାବଶ୍ୟକ। କିନ୍ତୁ ସମାଜ ପାଇଁ, ଜନସେବା ପାଇଁ ତଥା କିଛି ନୂଆ କାମ କରିବା ପାଇଁ ନିଜକୁ ସମ୍ପୂର୍ଣ୍ଣ ସମର୍ପଣ କରିଥିବା ଅଥଚ ଦୃଷ୍ଟି ଆଢ଼ୁଆଳରେ ରହିଯାଇଥିବା ପ୍ରତିଭାମାନଙ୍କୁ ଲୋକଲୋଚନକୁ ଆଣିଛନ୍ତି କେନ୍ଦ୍ରର ମୋଦି ସରକାର। ହଳଧର ନାଗ, ମିତ୍ରଭାନୁ ଗୌନ୍ତିଆଙ୍କଠାରୁ ଆରମ୍ଭ କରି ଦୈତାରୀ ନାୟକ ଓ ପୂର୍ଣ୍ଣମାସୀ ଜାନିଙ୍କ ପର୍ଯ୍ୟନ୍ତ ଅନେକ ଏକନିଷ୍ଠ ନୀରବ ସାଧକମାନଙ୍କୁ ଯଥୋଚିତ ସମ୍ମାନ ପ୍ରଦାନ କରିଛନ୍ତି ଏବେର କେନ୍ଦ୍ର ସରକାର। ଗୁଣ ଚିହ୍ନିବାରେ ମୋଦି ସରକାର ସଦା ଅଗ୍ରଣୀ।

ଓଡ଼ିଶା କେବଳ କଳା କାରିଗରିର ଖଣ୍ଡ ନୁହେଁ, ପ୍ରାକୃତିକ ବିପର୍ଯ୍ୟୟ ଯଥା: ବଢ଼ି, ଝଡ଼ି ଓ ମରୁଡ଼ିର ଚରାଭୂଇଁ ମଧ୍ୟ। ସମ୍ରାଟ୍ ଖାରବେଳଙ୍କ ରାଜତ୍ୱର ପ୍ରଥମ ବର୍ଷ ଓଡ଼ିଶାରେ ଭୟଙ୍କର ମହାବାତ୍ୟା ସଂଘଟିତ ହୋଇଥିଲା ବୋଲି ଗବେଷକମାନେ ମତ ଦିଅନ୍ତି। ସମ୍ବେଦନଶୀଳ ମୋଦିଜୀ ଓଡ଼ିଶାର ପ୍ରାକୃତିକ ବିପର୍ଯ୍ୟୟ ପ୍ରତି ସଦା ସହାନୁଭୂତିଶୀଳ। ଓଡ଼ିଶାର ବାତ୍ୟା ପ୍ରସ୍ତୁତି ସମ୍ପର୍କରେ ସେ କେବଳ ଆଗୁଆ ସମୀକ୍ଷା କରନ୍ତି ନାହିଁ, ଆବଶ୍ୟକ ଅର୍ଥର ବନ୍ଦୋବସ୍ତ ମଧ୍ୟ କରନ୍ତି। ୨୦୧୯ ମସିହାରେ ଫନୀ ବାତ୍ୟା ସମୟରେ ସେ ୧ ହଜାର କୋଟି ଟଙ୍କାର ମଧ୍ୟବର୍ତ୍ତିକାଳୀନ ସହାୟତା ଘୋଷଣା କରିଥିଲେ ଏବଂ ବାତ୍ୟା ସ୍ଥଳଭାଗ ଛୁଇଁବା ପୂର୍ବରୁ ଅଗ୍ରିମ ୩୪୧ କୋଟି ଟଙ୍କା ସହାୟତା ମଞ୍ଜୁର କରାଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଫନୀ କ୍ଷତିଗ୍ରସ୍ତଙ୍କ ପାଇଁ ଅତିରିକ୍ତ ୩,୩୩୮ କୋଟି ଅର୍ଥାତ୍ ମୋଟ ୪,୬୭୮ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମୋଦି ସରକାର ପ୍ରଦାନ କରିଥିଲେ। ପୁନଶ୍ଚ ୨୦୨୧ ୟସ୍ ବାତ୍ୟା ବେଳେ ମୋଦିଜୀ ଭୁବନେଶ୍ୱର ଆସି ଓଡ଼ିଶାରେ ବାତ୍ୟାଜନିତ କ୍ଷୟକ୍ଷତିର ସମୀକ୍ଷା କରିବା ସହିତ ଆକାଶ ମାର୍ଗରୁ କ୍ଷୟକ୍ଷତିର ସର୍ବେକ୍ଷଣ କରିଥିଲେ। ସରକାର ଦାବି କରିବା ପୂର୍ବରୁ ସେ ୫ଶହ କୋଟି ଟଙ୍କାର ସହାୟତା ରାଶି ମଧ୍ୟ ଘୋଷଣା କରିଥିଲେ। ବିଶ୍ୱ ମହାମାରୀ କୋଭିଡ୍-୧୯ ସମୟରେ ପ୍ରଧାନମନ୍ତ୍ରୀ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦେବେନ୍ଦ୍ର ପ୍ରଧାନ, ସମାଜସେବୀ ନନ୍ଦକିଶୋର ସାହୁ, ବୃନ୍ଦାବନ କଳସ ଏବଂ କିଷାନ ସାହୁଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ।

ଊନବିଂଶ ଶତାବ୍ଦୀରେ ବ୍ରିଟିଶ୍ ବିରୋଧୀ ଆନ୍ଦୋଳନ ମଧ୍ୟରେ ପାଇକ ବିଦ୍ରୋହ ଏକ ଗୁରୁତ୍ୱପୂର୍ଣ୍ଣ ମୁକ୍ତି ସଂଗ୍ରାମ। ଏହି ଅଦ୍ୱିତୀୟ ସଂଗ୍ରାମକୁ ଦେଶବ୍ୟାପୀ ପାଳନ କରିବା ପାଇଁ କେନ୍ଦ୍ର ସରକାରଙ୍କ ତରଫରୁ ୨୦୦ କୋଟି ଟଙ୍କାର ଅନୁଦାନ ପ୍ରଦାନ କରାଯାଇଥିଲା। ୨୦୧୮ ମସିହା ସେପ୍ଟେମ୍ବର ମାସରେ ରାଉରକେଲାଠାରେ ପ୍ରଧାନମନ୍ତ୍ରୀ ପାଇକ ଇତିହାସର ସ୍ମାରକୀ ମୁଦ୍ରା ଓ ଡାକ ଟିକଟ ଲୋକାର୍ପଣ କରିଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟରେ ଗବେଷଣା ଚେୟାର ସ୍ଥାପନ କରିବା ପାଇଁ ମଧ୍ୟ ଘୋଷଣା କରାଯାଇଛି। ୨୦୧୯ ମସିହା ଡିସେମ୍ବର ମାସରେ ଭାରତର ତତ୍କାଳୀନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ବରୁଣେଇଠାରେ ପାଇକ ବିଦ୍ରୋହ ସ୍ମାରକୀ ପ୍ରତିଷ୍ଠା ନିମନ୍ତେ ଶିଳାନ୍ୟାସ କରିଥିଲେ। ଓଡ଼ିଆ ଜାତିର ବୀରତ୍ୱର ଗାଥାକୁ ସର୍ବଭାରତୀୟ ସ୍ତରରେ ସ୍ୱୀକୃତି ଦେବା କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ପ୍ରଶଂସନୀୟ ଭୂମିକା ରହିଆସିଛି।

କଳା, ସାହିତ୍ୟ ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବ୍ୟକ୍ତିବିଶେଷଙ୍କୁ ରାଜ୍ୟ ସଭାକୁ ମନୋନୀତ କରିବା ଏକ ସାମ୍ବିଧାନିକ ବ୍ୟବସ୍ଥା। ପ୍ରଥମ ଥର ପାଇଁ ବର୍ତ୍ତମାନର କେନ୍ଦ୍ର ସରକାର ବିଶିଷ୍ଟ ସ୍ଥପତି ସ୍ୱର୍ଗତ ରଘୁନାଥ ମହାପାତ୍ର ଏବଂ ଖ୍ୟାତନାମା ଓଡ଼ିଶୀ ନୃତ୍ୟାଙ୍ଗନା ସୋନାଲ ମାନ ସିଂଙ୍କୁ ରାଜ୍ୟ ସଭାକୁ ମନୋନୀତ କରିଥିଲେ। ଓଡ଼ିଶା ପ୍ରତି ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ସକାରାତ୍ମକ ମାନସିକତାର ଏହା ଉଜ୍ଜ୍ୱଳ ଦୃଷ୍ଟାନ୍ତ।

'ମନ୍ କୀ ବାତ୍' ଆମ ଲୋକପ୍ରିୟ ପ୍ରଧାନମନ୍ତ୍ରୀଙ୍କର ଏକ ଜନାଦୃତ କାର୍ଯ୍ୟକ୍ରମ। ସେହି କ୍ରମରେ ସେ ଓଡ଼ିଶାର ଅନେକ ନିଷ୍ଠାପର ତଥା ସର୍ଜନଶୀଳ ପ୍ରତିଭାଙ୍କ ସହିତ ବାର୍ତ୍ତାଳାପ କରିଛନ୍ତି। ନୀଳଗିରିର ଆଶାକର୍ମୀ ଯମୁନାମଣି ସିଂ, ଗରିବ ପିଲାମାନଙ୍କୁ ପାଠ ପଢ଼ାଉଥିବା କଟକର ଚା' ଦୋକାନୀ ସ୍ୱର୍ଗତ ଡି. ପ୍ରକାଶ ରାଓ, ନର୍ଦ୍ଦମା ନିଷ୍କାସନ ସମ୍ପର୍କରେ ମୌଳିକ ପରାମର୍ଶ ଦେଇଥିବା ଭୁବନେଶ୍ୱରର ସିତାଂଶୁ ମୋହନ ପରିଡ଼ା, ଚିତ୍ରଶିଳ୍ପୀ ବିଜୟ ବିଶ୍ୱାଳ, ଟିଙ୍ଗାରି ଆପ୍‌ର ସହ ପ୍ରତିଷ୍ଠାତା ବିଶ୍ୱାତ୍ମା ନାୟକ, ସାମରିକ ଓ ଅର୍ଦ୍ଧସାମରିକ ତାଲିମଦାତା ସିଲୁ ନାୟକ, କୋଭିଡ୍ ଟିକାକରଣ ବିଷୟରେ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଥିବା ପୁଷ୍ପା ଶୁକ୍ଳା, କ୍ଷୁଦ୍ର ଜଙ୍ଗଲ ସୃଷ୍ଟି କରିଥିବା ଅମରେଶ ସାମନ୍ତ, ହେନ୍ତାଳ ବନ ସୃଷ୍ଟି କରିଥିବା ବିଜୟ କୁମାର କବି, ୟୁଟ୍ୟୁବ୍‌ର ଚର୍ଚ୍ଚିତ ଚେହେରା ଇସାକ ମୁଣ୍ଡା ଏବଂ ପୁରୀକୁ ପ୍ଲାଷ୍ଟିକମୁକ୍ତ କରୁଥିବା ରାହୁଲ ମହାରଣାଙ୍କ ସମ୍ପର୍କରେ ମୋଦିଜୀ ନିଜ 'ମନ୍ କୀ ବାତ୍'ରେ ଉଲ୍ଲେଖ କରିଥିଲେ। ଓଡ଼ିଶାର ଏତେ ସଂଖ୍ୟକ ଲୋକଙ୍କ ସହିତ ଭାବ ବିନିମୟ କରିବା ତାଙ୍କ ଓଡ଼ିଶା ପ୍ରୀତିର ପରିଚାୟକ।

ଉଚ୍ଚ ଶିକ୍ଷା କ୍ଷେତ୍ରରେ କେନ୍ଦ୍ର ସରକାର ଓଡ଼ିଶାକୁ ମଧ୍ୟ ଯଥେଷ୍ଟ ଗୁରୁତ୍ୱ ପ୍ରଦାନ କରୁଛନ୍ତି। ୨୦୧୫ ମସିହାରେ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଦେଶରେ ଛଅ ଗୋଟି ନୂଆ ଆଇଆଇଏମ୍ ଖୋଲିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଓଡ଼ିଶା ଭାଗରେ ପଡ଼ିଥିଲା ଗୋଟିଏ, ସମ୍ବଲପୁର ଆଇଆଇଏମ୍। କେବଳ ଆଇଆଇଏମ୍ ନୁହେଁ, ବ୍ରହ୍ମପୁରରେ ଆଇଜର (ଭାରତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ସଂସ୍ଥା) ଖୋଲିବା ପାଇଁ ନିଷ୍ପତ୍ତି ନେଇଥିଲେ ମୋଦି ସରକାର।

ଏବଂ ସର୍ବୋପରି ଦେଶରେ ଓଡ଼ିଆ ଅସ୍ମିତା ପ୍ରତିଷ୍ଠିତ ହୋଇଛି ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ମାଧ୍ୟମରେ। ଆଜି ଦେଶର ରାଷ୍ଟ୍ରପତି ଜଣେ ଓଡ଼ିଆ ଝିଅ, ଆଦିବାସୀ ମହିଳା। ଏହା ଭାରତବର୍ଷର ନେତୃତ୍ୱର ଅଭୂତପୂର୍ବ ପରାକାଷ୍ଠା ନୁହେଁ କି?

– ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ, ଭାରତ ସରକାର

## ସଂକ୍ଷେପରେ

### ଗଛରେ ପିଟିହୋଇ ବୁଲେଟ ଆରୋହୀ ମୃତ

**ବଲାଙ୍ଗୀର ଅଫିସ,୪।୮:** ବଲାଙ୍ଗୀର-ସଇଁତଲା ୨୬ ନମ୍ବର ଜାତୀୟ ରାଜପଥର ରତାଖଣ୍ଡି ନିକଟରେ କ୍ଷୀପ୍ରଗତିରେ ଯାଉଥିବା ଏକ ବୁଲେଟ୍ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱ ନିମ୍ବଗଛରେ ପିଟି ହେବାରୁ ଆରୋହୀଙ୍କ ମୃତ୍ୟୁ ଘଟିଛି। ଏଥିରେ ଅନ୍ୟ ଜଣେ ଆହତ ହୋଇଛନ୍ତି। ମୃତକ କନ୍ଧମାଳ ଜିଲା ବାଲିଗୁଡା ଅଞ୍ଚଳର ଅନୀଲ କୁମାର ଦଳେଇ ବୋଲି ସୂଚନା ମିଳିଛି। ଗୁରୁତର ଅନୀଲ ସାହୁ ତୁମୁଡିବନ୍ଧ ଅଞ୍ଚଳର। ଦୁର୍ଘଟଣାସ୍ଥଳରୁ ଉଭୟଙ୍କୁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ଅଣାଯାଇଥିଲା। ସେଠାରେ ଅନୀଲ ଦଳେଇଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

### ଗାଡ଼ି ଧକ୍କାରେ ଅଗ୍ନିବୀର ଆଶାୟୀ ମୃତ

**ବଲାଙ୍ଗୀର ଅଫିସ,୪।୮:** ବଲାଙ୍ଗୀର-ବରଗଡ ୨୬ ନମ୍ବର ଜାତୀୟ ରାଜପଥର ଚୁଇଁବନ୍ଧ ନିକଟରେ ଅଜଣା ଗାଡି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ନାମ ବିକାଶ କୁମାର ପତି (୨୨)। ଗୁରୁବାର ସକାଳେ ସେ ବଲାଙ୍ଗୀର ସହରରୁ ୫ କିଲୋମିଟର ଦୂର ଛୁଇଁବନ୍ଧ ପଟକୁ ମର୍ନିଂୱାକ୍‌ରେ ଯାଇଥିବାବେଳେ ଅଜଣା ଗାଡି ତାଙ୍କୁ ଧକ୍କା ଦେଇଥିଲା। ତାଙ୍କୁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ଅଣାଯିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅଗ୍ନିବୀର ଭାବେ ଯୋଗଦାନ କରିବାକୁ ଇଚ୍ଛା ପ୍ରକାଶ କରି ଏନେଇ ଅଭ୍ୟାସ କରୁଥିବା ପରିବାର ଲୋକେ ସୂଚନା ଦେଇଛନ୍ତି।

### ସଟ୍ଟାଆଡ୍ଡା ଉପରେ ଚଢ଼ାଉ, ୩ ଗିରଫ

**ବଲାଙ୍ଗୀର ଅଫିସ,୪।୮:** ବଲାଙ୍ଗୀର ସହରର ବିଭିନ୍ନ ସ୍ଥାନରେ ଚାଲିଥିବା ସଟ୍ଟାଆଡ୍ଡା ଉପରେ ଚଢ଼ାଉ କରାଯାଇ ଗୁରୁବାର ୩ ଜଣଙ୍କୁ ଗିରଫ କରାଯାଇଛି। ଦୁର୍ଗାମନ୍ଦିର ଏବଂ ରୁଗୁଡିପଡା ନିକଟରେ ଚାଲିଥିବା ସଟ୍ଟାଆଡ୍ଡା ଉପରେ ଚଢ଼ାଉ କରାଯାଇଥିଲା। ରୁଗୁଡିପଡା ଠାରୁ ପରବେଦ ଖାନ୍‌ଙ୍କୁ ଗିରଫ କରାଯାଇଛି। ତାଙ୍କ ଠାରୁ ୧୫୩୦ ଟଙ୍କା ଜବତ କରାଯାଇଛି। ଠିକାଦାରପଡାର କୈଳାସ ଚନ୍ଦ୍ର ବିଶ୍ୱାଳଙ୍କୁ ଗିରଫ କରାଯାଇ ତାଙ୍କଠାରୁ ୭ ହଜାର ଟଙ୍କା ଏବଂ କାଲିଘନାର ସତ୍ୟ ପୋଢ଼ଙ୍କୁ ଗିରଫ କରାଯାଇ ତାଙ୍କ ଠାରୁ ୩୧୨୦ ଟଙ୍କା ଜବତ୍ କରାଯାଇଛି।

## ନ୍ୟାୟ ମିଳିଲାନି, ପେଟ୍ରୋଲ ଢାଳି ଆତ୍ମହତ୍ୟା ଉଦ୍ୟମ

ଭବାନୀପାଟଣା,୪।୮(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ କଳିଆକୁଣ୍ଡଲ ଗ୍ରାମର ଜଗନ୍ନାଥଙ୍କ ଜମିକୁ ଗ୍ରାମର ଜଣେ ବ୍ୟକ୍ତି ହଡପ କରିଥିବା ଅଭିଯୋଗ ଘଟଣାରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରିବା ସହ ନିଜ ଜମିକୁ ଫେରେଇ ଦେବା ଦାବି ନେଇ ଗତ ୨୭ ତାରିଖରେ କ୍ଷେତ୍ର ଚନ୍ଦ୍ର ନାଏକଙ୍କ ସପରିବାର ଜିଲାପାଳଙ୍କ ଅଫିସ ସମ୍ମୁଖରେ ଆମରଣ ଅନଶନ କରିଥିଲେ। ୨୮ ତାରିଖ ଦ୍ୱିତୀୟ ଦିନରେ ଘଟଣାସ୍ଥଳକୁ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଆସି ଘଟଣାର ତଦନ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ସେମାନେ ଧାରଣାରୁ ହଟିଥିଲେ। ଜିଲାପାଳଙ୍କ ପ୍ରତଶ୍ରୁତି ପରେ ମଧ୍ୟ ଘଟଣାରେ



ପ୍ରେଟ୍ରୋଲ ଢାଳି ଆତ୍ମହତ୍ୟା ଉଦ୍ୟମ କରୁଥିବା ଯୁବକଙ୍କୁ ପୋଲିସ ଉଦ୍ଧାର କରୁଛି।

କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନ ଯିବାରୁ ଗୁରୁବାର ପୁଣିଥରେ ଉପରୋକ୍ତ ପରିବାରବର୍ଗ ଜିଲାପାଳଙ୍କ ଅଫିସ ସମ୍ମୁଖରେ ଅନଶନରେ ବସିଥିଲେ।

**ଜଗନ୍ନାଥ ଜମି ହଡ଼ପ ଅଭିଯୋଗ ଘଟଣା**

ଘରକୁ ନ ଗଲେ ଗିରଫ କରାଯିବ ବୋଲି ଜିଲାପାଳ ସେମାନଙ୍କୁ କହିଥିଲେ। ଯାହାକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଥିଲା। ନ୍ୟାୟ ନ ମିଳିବାରୁ ସେମାନେ ନିଜ ଦେହରେ ପେଟ୍ରୋଲ ଢ଼ାଳି ଆତ୍ମହତ୍ୟା ଉଦ୍ୟମ କରୁଥିଲେ। ଉପସ୍ଥିତ ପୋଲିସ ସେମାନଙ୍କୁ କାବୁ କରିଥିଲା। ବର୍ତ୍ତମାନ ସେମାନେ ପୋଲିସ ହେପାଜତରେ ରହିଥିବା ଜଣାପଡିଛି। ଏପଟେ ନିଜ ହକ ନ ମିଳିବା ପର୍ଯ୍ୟନ୍ତ ଏମିତି ଅନଶନ କରିବୁ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

## ପରିତ୍ୟକ୍ତ ଅବସ୍ଥାରେ ବିଶ୍ରାମାଗାର

ପଲମ,୪।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା ନର୍ଲା ବ୍ଲକ୍ ଅଧୀନ ପଲମ ପଞ୍ଚାୟତସ୍ଥିତ କେନ୍ଦୁବାହାଲି ଛକ ନିକଟରେ ୨୦୦୨ରେ ହାତିଖୋଜ ଜଳ ବିଭଜିକା ସହାୟତାରୁ ଏକ ବିଶ୍ରାମାଗାର ନିର୍ମାଣ କରାଯାଇଥିଲା। ଏବେ ବିଶ୍ରାମାଗାର ପରିତିକ୍ତ ଅବସ୍ଥାରେ ପଡ଼ିଛି। ଆଜକୁ ୨୦ ବର୍ଷ ବିତିଯାଇଥିଲେ ସୁଦ୍ଧା ଅନେକ ଦାବି ସତ୍ତ୍ୱେ ମଧ୍ୟ ବିଶ୍ରାମାଗାର ପୁନରୁଦ୍ଧାର ହୋଇପାରି ନାହିଁ। ଫଳରେ ପଦଯାତ୍ରୀ ତଥା ବସ୍ ଯାତ୍ରୀମାନେ ବର୍ଷା ଦିନରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ଖରାଦିନେ ମଧ୍ୟ ଆଖପାଖରେ କୌଣସି ଛାଇ ନ ଥିବାରୁ ନାହିଁ ନ ଥିବା ସମ୍ମୁଖୀନ ଭୋଗୁଛନ୍ତି। ଏହି ବାବଦ ନେଇ ନର୍ଲା ବ୍ଲକ ଜେଇ ବିଚିତ୍ରା ନନ୍ଦ ନାଏକଙ୍କୁ ପଚାରିବାରୁ କହିଲେ କି ପଞ୍ଚାୟତସ୍ତରୀୟରୁ ଏକସନପ୍ଲାନ ପଠାଇଲେ ତୁରନ୍ତ ମରାମତି କରାଯିବ ବୋଲି ପ୍ରକାଶ କରିଥିଲେ।

## ବନ୍ଧରେ ଯାଆଁଳା ଛାଡ଼ିଲେ ଏସ୍‌ଏଚ୍‌ଜି ମହିଳା

ଦେଓଗାଁ, ୪।୮(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅର୍ଜୁନପୁର ପଞ୍ଚାୟତ ଅନ୍ତର୍ଗତ ମଧୁପୁରରେ ମା ଲକ୍ଷ୍ମୀ ସ୍ୱୟଂ ସହାୟକ ଦଳ ସ୍ୱାବଲମ୍ବୀ ହେବା ଲକ୍ଷ୍ୟରେ ସ୍ଥାନୀୟ ବନ୍ଧରେ ଗୁରୁବାର ମାଛ ଯାଆଁଳା ଛାଡିଛନ୍ତି । ପଞ୍ଚାୟତରୁ ନିଲାମ ସୂତ୍ରରେ ବନ୍ଧକୁ ନେବାପରେ ଏବେ ମାଛ ଚାଷ କରି ସେମାନେ ସ୍ୱାବଲମ୍ବୀ ହେବାପାଇଁ ଅଣ୍ଟା ଭିଡିଛନ୍ତି । ବ୍ଲକ ମତ୍ସ୍ୟ ଅଧିକାରୀ ପ୍ରିୟବ୍ରତ କୁମୁରା, ଓଡିଶା ଜିବିକା ମିଶନ ସଂଯୋଜିକା ସବ୍ୟାରାଣୀ ମହାଲିଙ୍ଗ, କସ୍ତୁରି ତରାଇ, ସିଆରପି ରେବତୀ ସୁନା, ଏମବିକେ ସୁଚିତ୍ରା ଛତ୍ରିଆଙ୍କ ଉପସ୍ଥିତରେ ସମସ୍ତ ସଦସ୍ୟା ୧୪ ଶହ ମାଛ ଯାଆଁଳା ବନ୍ଧରେ ଛାଡିଥିଲେ । ମାଛ ଖାଦ୍ୟରେ ୫୩.୩୩ ପ୍ରତିଶତ ରିହାତି ପ୍ରଦାନ କରାଯିବ ବୋଲି ମତ୍ସ୍ୟ ଅଧିକାରୀ ସୂଚନା ଦେଇଥିଲେ। ମାଛ ଚାଷ ପାଇଁ ବୈଷୟିକ ସହାୟତା ପ୍ରଦାନ କରାଯିବ ବୋଲି ସେ ସୂଚନା ଦେଇଥିଲେ।



ବନ୍ଧରେ ମାଛ ଯାଆଁଳା ଛାଡିବା ପୂର୍ବରୁ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନେ।

## ରେଞ୍ଜରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ନୂଆପଡ଼ା ଅଫିସ,୪।୮

ନୂଆପାଡ଼ା ଜିଲା ଖଡିଆଳ କେନ୍ଦୁପତ୍ର ଡିଭିଜନ ଅଧୀନ ତରବୋଡ କେନ୍ଦୁପତ୍ର ରେଞ୍ଜ କାର୍ଯ୍ୟାଳୟରେ ରେଞ୍ଜର ତିଳକରାମ ପ୍ରଧାନୀଙ୍କୁ ବିଦାୟୀକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବିଦାୟିକାଳୀନ ସମ୍ବର୍ଦ୍ଧନା ସଭାରେ ଖଡିଆଳ ବନଖଣ୍ଡ ଅଧିକାରୀ ପ୍ରତାପ କୁମାର ବେହେରା ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ସହକାରୀ ବନ ସଂରକ୍ଷକ ପ୍ରଭାକର ମଲ୍ଲିକ ଯୋଗଦେଇଥିଲେ। ମୁଖ୍ୟ କିରାଣି ଅଶ୍ୱନୀ କୁମାର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଚାକିରିରୁ ଅବସର ନେଇଥିବା ରେଞ୍ଜର ପ୍ରଧାନୀଙ୍କୁ ପ୍ରଶସ୍ତିପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା। ୧୯୮୮ରେ ପ୍ରଧାନୀ କାର୍ଯ୍ୟରେ ଯୋଗଦେଇ ଦୀର୍ଘ ୩୪ ବର୍ଷ ଚାକିରୀ କାଳରେ ବିଭିନ୍ନ ରେଞ୍ଜରେ ଅବସ୍ଥାପିତ ହୋଇ ସୁଚାରୁ ରୂପେ କାର୍ଯ୍ୟ ତୁଲାଇ ଥିଲେ। ଅବସରପ୍ରାପ୍ତ ରେଞ୍ଜର ପ୍ରଧାନୀ ଚାକିରି ଜୀବନର କିଛି ଅନୁଭୂତି ବ୍ୟକ୍ତ କରିବା ସହ ଉପସ୍ଥିତ ସମସ୍ତ କର୍ମଚାରୀଙ୍କୁ ସରକାରୀ କାର୍ଯ୍ୟରେ ଶୃଙ୍ଖଳା ଓ ନିଷ୍ଠାର ପଥ ଅବଲମ୍ବନ କରିବାକୁ ଆହ୍ୱାନ କରିଥିଲେ। ସନ୍ତୋଷ କୁମାର ସୁନାନୀ, ଡିସମ୍ବର ରଣା, ପ୍ରବିଣ କୁମାର ବର୍ମା, ନରେଶ ମାଝି, ଭେଙ୍କଟ ମେହେର ପ୍ରମୁଖ ସହଯୋଗ କରିଥିଲେ।

## ୯ ଚୋରା ବାଇକ୍ ଉଦ୍ଧାର, ୩ ଗିରଫ

ବଲାଙ୍ଗୀର ଅଫିସ,୪।୮

ବଲାଙ୍ଗୀର ସହରରେ ମାତିଥିବା ବାଇକ୍ ଚୋରଙ୍କ ଉପରେ ଚଢ଼ାଉ କରି ଟାଉନ୍ ପୋଲିସ ଟିମ୍ ୩ ଜଣ ଚୋରଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୯ଟି ବାଇକ୍ ଉଦ୍ଧାର କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ କଙ୍କରିଆ ଗ୍ରାମର ମହେନ୍ଦ୍ର ପଧାନ, ରାମେଶ୍ୱ ନଗରର ବିମଳ ପଧାନ ଓ ବେହେରାପାଲିର ଅନୀଲ ନାଗ। କିଛିଦିନ ହେଲା ସହରର ବିଭିନ୍ନ ସ୍ଥାନରୁ ବାଇକ୍ ଚୋରି ହେଉଥିଲା। ଏ ନେଇ ଅଭିଯୋଗ ପରେ ଟାଉନ୍ ଥାନା ପୋଲିସ ଚୋରଙ୍କୁ କାବ କରିବା ପାଇଁ ସ୍ୱତନ୍ତ୍ର ଅଭିଯାନ ଚଳାଇଥିଲା। ବିଭିନ୍ନ ସ୍ଥାନରେ ପୋଲିସ ଟିମ୍ ଚଢ଼ାଉ କରିବା ପରେ ୩ଟି ସ୍କୁଟି ସମେତ ୬ଟି ବାଇକ୍ ଉଦ୍ଧାର କରିଥିବା ସଦର ଏସଡିପିଓ ତୋଫାନ୍ ବାଗ ସୂଚନା ଦେଇଛନ୍ତି। ଏସଂକ୍ରାନ୍ତରେ ଟାଉନ୍ ଥାନାରେ ଦୁଇଟି ମାମଲା ରୁଜୁ ହୋଇଥିଲା।

## ମୁକ୍ତ ବିଚାର ମଞ୍ଚର ଆଲୋଚନାଚକ୍ର

ଖଡ଼ିଆଳ,୪।୮(ଡି.ଏନ.ଏ.)

ନୂଆପଡ଼ା ଜିଲା ଖଡ଼ିଆଳ ପବ୍ଲିକ ସ୍କୁଲ ସଭା ଗୃହରେ ମୁକ୍ତ ବିଚାର ମଞ୍ଚର ୩୯ତମ ଆଲୋଚନାଚକ୍ର ବିଚାର ମଞ୍ଚ ଅଧ୍ୟକ୍ଷ ତଥା ପ୍ରାକ୍ତନ ଆୟକର କମିଶନର ଶ୍ରୀକାନ୍ତ ଚାଟାର୍ଜୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। 'ଭାରତରେ ଜନସଂଖ୍ୟା ନିୟନ୍ତ୍ରଣ ଅସମ୍ଭବ' ଶୀର୍ଷକ ଏହି ଆଲୋଚନାଚକ୍ରରେ ସପକ୍ଷ ଆଲୋଚକ ଭାବେ ବିଜୟ କୁମାର ନାଗ, ଶିକ୍ଷକ ଭୁଲିଆସିକୁଆଁ ଓ ସୁନୀଲ କୁମାର ପ୍ରଧାନ ସମ୍ପାଦକ ଖଡ଼ିଆଳ ପବ୍ଲିକ ସ୍କୁଲ ଏବଂ ବିପକ୍ଷ ଆଲୋଚକ ଭାବେ ଡା.ଅଜିତ ପଣ୍ଡା ନିର୍ଦ୍ଦେଶକ ଆୟୁଷ୍କାମ ଖଡ଼ିଆଳ ଓ କଣ୍ଟାବାଞ୍ଜି ଆଇନଜୀବୀ ଅନୀଲ କୁମାର ଶର୍ମା ପ୍ରମୁଖ ଯୋଗଦାନ କରିଥିଲେ। ବିଚାର ମଞ୍ଚ ବରିଷ୍ଠ ସଦସ୍ୟ ତଥା ଭାରତୀୟ ଜୀବନ ବୀମା ଡିଇଓ ବିନୋଦ ବିହାରୀ ପାଢୀ ସ୍ୱାଗତ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଲୋଚନା ପରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମାବେଶର ଆୟୋଜନରେ ଡ. ଫଣିନ୍ଦ୍ରମ ଦେଓ, ପ୍ରାଧ୍ୟାପକ ଲୋହିତାକ୍ଷ ଯୋଷୀ, ପ୍ରାଧ୍ୟାପକ ସାମୁଏଲ, ଡଃ ସୁଶାନ୍ତ କୁମାର ବିଶି, ଡଃ ପଦ୍ମ ଲୋଚନ ବର୍ମା, ପବିତ୍ର ମୋହନ ପ୍ରଧାନ, ଗୌରାଙ୍ଗ କୁମାର ସାହୁ, ଅଧ୍ୟାପିକ ଅବନୀ କୁମାର ଖମାରୀ, ପ୍ରାଧ୍ୟାପକ ଅଶ୍ୱିନୀ କୁମାର ପାଢ଼ୀ, ଆଦିତ୍ୟ ନାରାୟଣ ପଣ୍ଡା, ନନ୍ଦକିଶୋର ପ୍ରଧାନୀ, ମହେନ୍ଦ୍ର କୁମାର ଯୋଷୀ, ମଞ୍ଜୁ ଭୋଇ ଓ ଲିନା ଦେବାଙ୍ଗନ ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷକ ପ୍ରକାଶ କୁମାର ଠାକୁର ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲାସ୍ତରୀୟ ଜେସିବି ଚାଳକ ସଂଘ ବୈଠକ

ଖଡ଼ିଆଳ,୪।୮(ଡି.ଏନ.ଏ.)

ପଶ୍ଚିମ ଓଡ଼ିଶା ଜେସିବି ଚାଳକଙ୍କ ସଙ୍ଗଠନ ଆହ୍ୱାନକ୍ରମେ ଜିଲାସ୍ତରୀୟ ବୈଠକ ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଟିଖାଲିସ୍ଥିତ ଡାକ ବଙ୍ଗଳାରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସମ୍ପାଦକ ହେମନ୍ତ ସାହୁ ଅଧ୍ୟକ୍ଷତା କରିଥିବା ବେଳେ ଜିଲାର ୫ଟି ବ୍ଲକ ଖଡ଼ିଆଳ, ନୂଆପଡା, କୋମନା, ବୋଡ଼େନ ଓ ସିନାପାଲି ବ୍ଲକର ଶତାଧିକ ଚାଳକ ଯୋଗଦେଇ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ବିଭିନ୍ନ ପ୍ରକଳ୍ପ କାର୍ଯ୍ୟରେ ଜେସିବି ଲାଗୁଥିବା ବେଳେ ଦୁର୍ଘଟଣା ସମୟରେ ଉଦ୍ଧାର କାର୍ଯ୍ୟରେ ଜେସିବି ଚାଳକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ। କିନ୍ତୁ ତାଙ୍କ ପ୍ରତି ବୈମାତୃକ ମନୋଭାବ ପୋଷଣ କରାଯାଉଛି। ସେମାନଙ୍କୁ କମ୍ ଦରମା ଦିଆଯାଉଥିବା ସ୍ଥଳେ ଅଧିକ କାମ କରାଉଥିବା ଓ କୌଣସି ଅଭିଯୋଗ କଲେ ମାଲିକମାନେ କାର୍ଯ୍ୟରୁ ବହିଷ୍କାର କରିଦେଉଥିବା ଅଭିଯୋଗ କରିଥିଲେ। ସେମାନଙ୍କୁ ଡ୍ରାଇଭର ନ କହି ଅପେରେଟର କହିବା, ମାସିକ ଦରମା ୨୦ ହଜାର କରିବା, ଦୈନିକ ୮ ଘଣ୍ଟା କାମରେ ଲଗାଇବା ଓ ତହିଁରୁ ଅଧିକ ହେଲେ ଘଣ୍ଟା ପ୍ରତି ଶହେ ଟଙ୍କା ପାରିଶ୍ରମିକ ଦେବା, ଦୁର୍ଘଟଣା ଜନିତ ଚିକିତ୍ସା ସହାୟତା ଓ ମୃତ୍ୟୁକାଳୀନ ବୀମାରାଶି ପ୍ରଦାନ କରିବା, ମାସିକ ଭତ୍ତା ଯୋଜନା ପ୍ରଣୟନ କରି ସମସ୍ତଙ୍କୁ ସାମିଲ କରିବା ଆଦି ଦାବି ହୋଇଥିଲା।

## ନମ୍ବର ବିହୀନ ବାଇକ୍ ସହ ଗଞ୍ଜେଇ ଜବତ

ନର୍ଲା,(ଡି.ଏନ.ଏ.): କଳାହାଣ୍ଡି ଜିଲା ନର୍ଲା ପୋଲିସ ଏକ ନମ୍ବର ବିହୀନ ବାଇକ୍ ସହ ୬ ପକେଟ ଗଞ୍ଜେଇ ଜବତ କରିଛି। ଏଥିରେ ପୋଲିସ କୌଣସି ବ୍ୟକ୍ତିଙ୍କୁ ଗିରଫ କରିନାହିଁ। ବୁଧବାର ରାତିରେ ଏକ ନମ୍ବର ବିହୀନ କଳାରଙ୍ଗର ବାଇକ୍ ସ୍ଥାନୀୟ ଅନୁପମ ଚାନ୍ଦଙ୍କ ଏକ ହୋଟେଲ ପାଖରେ ଅଜଣା ବ୍ୟକ୍ତି ବ୍ୟାଗ ଛାଡ଼ି ପଳାଇଥିଲେ। ଗୁରୁବାର ସକାଳେ ହୋଟେଲ ମାଲିକ ଆସି ବ୍ୟାଗ ଏବଂ ବାଇକ୍ ଦେଖି ସନ୍ଦେହ ହେବାରୁ ନର୍ଲା ପୋଲିସକୁ ଖବର ଦେଇଥିଲେ। ପୋଲିସ ଏବଂ ତହସିଲଦାର ପହଞ୍ଚି ଉକ୍ତ ବ୍ୟାଗରୁ ୬ ପକେଟ ଗଞ୍ଜେଇ, ୨ଟି ରେନ୍ କୋଟ ଓ ବାଇକ୍ ଜବତ କରି ତଦନ୍ତ ଚଳାଇଛି।

## ସଂକ୍ଷେପରେ

### ଏସ୍‌ଟି,ଏସ୍‌ସି ସଚେତନତା ଶିବିର

ସିନାପାଲି,୪।୮(ଡି.ଏନ.ଏ.): ନୂଆପଡ଼ା ଜିଲା ସିନାପାଲିସ୍ଥିତ ଅଗ୍ରେସନ ଭବନଠାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଲୋକଦୃଷ୍ଟି ଖଡ଼ିଆଳ ଆନୁକୂଲ୍ୟରେ ଏସଟିଏସସି ପ୍ରିଭେନ୍ସନ ଆକ୍ଟ ଉପରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଡିଓ ସଦାଶି ନାଏକ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ଡବ୍ଲୁଇଓ ସୂର୍ଯ୍ୟକାନ୍ତ ଭୋଏ, ପୋଲିସ ଏଏସଆଇ ପ୍ରଭା କର, ଆଇନଜୀବୀ ବାଣୀ ବଲ୍ଲଭ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଲୋକାଦୃଷ୍ଟି ପ୍ରକଳ୍ପ ସଂଯୋଜକ ଭୁବନେଶ୍ୱର ରାଉତ ପରିଚାଳନା କରିଥିବା ବେଳେ ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମରୁ ଏସଟିଏସସି ଭାଇଭଉଣୀମାନେ ବହୁ ସଂଖ୍ୟକ ସାମିଲ ଥିଲେ। ଏହି ଅବସରରେ ଏସଟିଏସସି ଆକ୍ଟକୁ ଆଡଭୋକେଟ ବାଣିବଲ୍ଲଭ ପାଣିଗ୍ରାହୀ ପୁଙ୍ଖାନୁପୁଙ୍ଖ ଭାବେ ଉପସ୍ଥାପନା କରିଥିଲେ। କାର୍ଯ୍ୟକ୍ରମରେ ସିନାପାଲି ଲୋକାଦୃଷ୍ଟି କାର୍ଯ୍ୟାଳୟ ସମସ୍ତ ସ୍ୱେଚ୍ଛାସେବୀମାନେ ସହଯୋଗ କରିଥିଲେ। ଲୋକାଦୃଷ୍ଟି କୃଷିବିତ କୃଷ୍ଣ ପାଣ୍ଡେ ଧନ୍ୟବାଦ ଅର୍ପଣ କରିଥିଲେ।

### ଖଡ଼ିଆଳ ପାଟଣା କ୍ଷତ୍ରିୟ ସମାଜର ବୈଠକ

ଖଡ଼ିଆଳ,୪।୮(ଡି.ଏନ.ଏ.): ନୂଆପଡା ଜିଲା ଖଡ଼ିଆଳସ୍ଥିତ ଖଡ଼ିଆଳ ପାଟଣା କ୍ଷତ୍ରିୟ ସମାଜ ଭବନ ପରିସରରେ ସମାଜ କୁଳପତି ଶମ୍ଭୁ କିଶୋର ଦଣ୍ଡସେନାଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଗତ ଦିନରେ ମୃତ୍ୟୁବରଣ ଦିବଙ୍ଗତ ଆତ୍ମାଙ୍କ ପାଇଁ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ମୁଖ୍ୟ ସଙ୍ଗଠକ ପରମେଶ୍ୱର ବାରିକ ପରିଚୟ ପ୍ରଦାନ କରିଥିଲେ। ପରେ ମୁଖ୍ୟ ସମ୍ପାଦକ ଦିଲୀପ କୁମାର ନାଏକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସମାଜର ବିଭିନ୍ନ ବିଷୟ ଉପରେ ଆଲୋଚନା ହୋଇଥିଲା। ଆସନ୍ତା ନୂଆଁଖାଇ ଭେଟଘାଟ୍ କାର୍ଯ୍ୟକ୍ରମ ଖଡ଼ିଆଳ ବ୍ଲକସ୍ଥିତ ଡୁମେରବାହାଲ ଅଞ୍ଚଳରେ ହେବ ବୋଲି ନିଷ୍ପତ୍ତି ହୋଇଥିଲା। ବୈଠକର ସମସ୍ତ ଖର୍ଚ୍ଚ ପୂର୍ବତନ କୁଳପତି ବିଜୟ ପ୍ରତାପ ସିଂ ମହାରଥା ବହନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଭବାନୀ ଶଙ୍କର ପଣ୍ଡାଙ୍କ ନେତୃତ୍ୱରେ ଏକ ଟିମ ସମାଜର ଜନଗଣନା ପାଇଁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ବୈଠକରେ ବରିଷ୍ଠ ପରାମର୍ଶ ଦାତା ଜିତେନ୍ଦ୍ର ସିଂହ ବାରିକ, ନନ୍ଦାଲାଲ ବାରିକ, ମହେଶ୍ୱର ପ୍ରସାଦ ବାରିକ, କେତନ ସିଂ ବାରିକ, ଅଶ୍ୱନୀ ପ୍ରଧାନୀ, ଦେବ ସିଂ ନାଏକ, ବିଜୟ ପ୍ରତାପ ସିଂ ମହାରଥା, ପୂର୍ବତନ ସମ୍ପାଦକ ବୃନ୍ଦାବନ ବାରିକ, ଯୁଗେଶ୍ୱର ରାଉତରାୟ, ଯୁଗ୍ମ ସମ୍ପାଦକ ଘୁମେଶ କୁମାର ଚଲାନ, କୋଷାଧକ୍ଷ ଶ୍ରୀବତ୍ସ ବାରିକ, ଯୁଗ୍ମ ସଙ୍ଗଠକ ଜଗଦୀଶ ବାରିକଙ୍କ ସମେତ ୨୯ଟି ଅଞ୍ଚଳ ସଭାପତି ଯୋଗଦାନ କରିଥିଲେ। ଉପକୋଷାଧକ୍ଷ ରାଜକପୁର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।


ଜୁନାଗଡ ଥାନା ଆଗରେ ବଳଦିଆମାଲ ଗ୍ରାମବାସୀ ବିକ୍ଷୋଭ କରୁଛନ୍ତି।

# ଚୋର ଭାବି ୨ ଯୁବକଙ୍କୁ ନିସ୍ତୁକ ମାଡ଼

ଜୁନାଗଡ଼,୪।୮(ଡି.ଏନ.ଏ.)

- ପାରିଶ୍ରମିକ ଟଙ୍କା ଧରି ଫେରୁଥିଲେ
- ମାଡ ମାରିଥିବା ଲୋକଙ୍କୁ ଗିରଫ ଦାବି
- ଥାନା ଆଗରେ ଗ୍ରାମବାସୀଙ୍କ ବିକ୍ଷୋଭ
- ଟଙ୍କା, ବାଇକ୍, ମୋବାଇଲ ଛଡାଇ ନେଇଥିବା ଅଭିଯୋଗ

କଳାହାଣ୍ଡି ଜିଲା ଜୁନାଗଡ ଥାନା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। କାମ କରିଥିବା ପାରିଶ୍ରମିକ ଟଙ୍କା ଧରି ଫେରୁଥିବା ବେଳେ ରାସ୍ତାରେ ୨ ଯୁବକଙ୍କୁ ଚୋର ଭାବି ନିସ୍ତୁକ ମାଡ ମରାଯାଇଛି। ଯାହାକି ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି କଳାହାଣ୍ଡି ଜିଲା ଜୁନାଗଡ ଥାନା ସାନଫୁର୍ଲା ଗ୍ରାମରେ। ସୂଚନା ଅନୁଯାୟୀ, ଜୁନାଗଡ ଥାନା ବଳଦିଆମାଲ ଗ୍ରାମର ଯୁଗସନ ପରାଭୋଇ ଓ ତାଙ୍କ ସମ୍ପର୍କୀୟ ଭାଇ ମଧୁ ପରାଭୋଇ ମଙ୍ଗଳବାର କାଲୋପଲା ଗ୍ରାମକୁ କାମ କରିଥିବା ପାରିଶ୍ରମିକ ଟଙ୍କା ମାଗିବାକୁ ଯାଇଥିଲେ। ସେଠାରୁ ସେମାନେ ପାରିଶ୍ରମିକ ଟଙ୍କା ଧରି କେନାଲ ରାସ୍ତା ଦେଇ ଫେରୁଥିବାବେଳେ ସାନଫୁର୍ଲାଠାରେ ଶୋଷ ହେବାରୁ ଗ୍ରାମର ଏକ ନଳକୂପକୁ ପାଣି ପିଇବାକୁ ଯାଇଥିଲେ। ଏହି ସମୟରେ ଗ୍ରାମର କେତେଜଣ ଲୋକ ହଠାତ୍ ତାଙ୍କୁ ଚୋର ଭାବି ଏକ କ୍ଲବ ଘରେ ପୁରାଇ ନିସ୍ତୁକ ମାଡ ମାରିଥିଲେ। ଏପରି କି ତାଙ୍କ ଟଙ୍କା, ବାଇକ୍, ମୋବାଇଲ ମଧ ଛଡାଇ ନେଇଥିବା ଅଭିଯୋଗ କରିଛନ୍ତି। ସେମାନେ ନିଜ ଠିକଣା ଦେଲେ ବି ସମ୍ପୃକ୍ତ ବ୍ୟକ୍ତିମାନେ ତାଙ୍କୁ ନିସ୍ତୁକ୍ତ ମାଡ ମାରିଥିଲେ। ଖବର ପାଇ ଜୁନାଗଡ ପୋଲିସ ସେଠାରେ ପହଞ୍ଚି ଉଭୟେଙ୍କୁ ଉଦ୍ଧାର କରିଥିଲେ। ବିନାଦୋଷରେ ସାନଫୁର୍ଲା ଗ୍ରାମର କେତେଜଣ ଲୋକ ତାଙ୍କୁ ମାଡ ମାରିଥିବାରୁ ଏ ନେଇ ଯୁଗସେନ ଜୁନାଗଡ ଥାନାରେ ବୁଧବାର ସନ୍ଧ୍ୟାରେ ଅଭିଯୋଗ କରିଥିଲେ। ଏହି ଘଟଣା ନେଇ ବଳଦିଆମାଲ ଗ୍ରାମରେ ତୀବ୍ର ପ୍ରତିକ୍ରିୟା ଦେଖିବାକୁ ମିଳିଛି। ଗୁରୁବାର ସନ୍ଧ୍ୟାରେ ଶତାଧିକ ଗ୍ରାମବାସୀ ମାଡ ମାରିଥିବା ସାନଫୁର୍ଲା ଗ୍ରାମର ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ଶୀଘ୍ର ଚିହ୍ନଟ କରି ଗିରଫ ଦାବିରେ ଥାନା ଆଗରେ ବିକ୍ଷୋଭ କରିଥିଲେ। ଜୁନାଗଡ ଆଇଆଇସି ଉତ୍ତମ କୁମାର ସାହୁ ଖୁବଶୀଘ୍ର ସମ୍ପୃକ୍ତ ବ୍ୟକ୍ତିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଉତ୍ତ୍ୟକ୍ତ ଗ୍ରାମବାସୀ ଥାନାରୁ ହଟିଥିଲେ।

# ବେସରକାରୀ ଲୋକଙ୍କ କବ୍‌ଜାରେ ଜଙ୍ଗଲ, ଜମି



ଜୁନାଗଡ଼ ତହସିଲ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଜୁନାଗଡ଼,୪।୮(ଡି.ଏନ.ଏ.)

- ତହସିଲ ଅଫିସ ସମ୍ମୁଖରେ ଗଣବିକ୍ଷୋଭ
- ପ୍ରକୃତି ଓ ପରିବେଶ ସୁରକ୍ଷା ପାଇଁ ଅଣ୍ଟା ଭିଡ଼ିଲେ ତେନ୍ତୁଳିପଡ଼ାବାସୀ

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ବୁଡିଦର ପଞ୍ଚାୟତ ତେନ୍ତୁଳିପଡ଼ାବାସୀ ପ୍ରକୃତି ଓ ପରିବେଶ ସୁରକ୍ଷା ପାଇଁ ଗୁରୁବାର ସ୍ଥାନୀୟ ତହସିଲ ଅଫିସ ସମ୍ମୁଖରେ ଗଣ ବିକ୍ଷୋଭ କରିଛନ୍ତି। ଏ ନେଇ ସେମାନେ ତହସିଲଦାରଙ୍କୁ ଏକ ଲିଖିତ ଅଭିଯୋଗ ପତ୍ର ମଧ ପ୍ରଦାନ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଜୁନାଗଡ଼ ବ୍ଲକ ଅନ୍ତର୍ଗତ ବୁଢ଼ୀଦର ପଞ୍ଚାୟତ ତେନ୍ତୁଳିପଡ଼ା ଗ୍ରାମର ରୋଗବଲା ନାଳ ନିକଟ ପଡ଼ିଆରେ ଗତ ୨୦୦୭-୦୮ରେ ୨୦ ଏକର ଜମିରେ ବନ ବିଭାଗ ପକ୍ଷରୁ ସାବୁନ ଗଛ ସହିତ ବିଭିନ୍ନ ପ୍ରକାର ଗଛ ଲଗାଯାଇଥିଲା। ହେଲେ ବାଙ୍କପଲାସ ଓ ତେନ୍ତୁଳିପଡ଼ା ଗ୍ରାମର ୨ଜଣ ବ୍ୟକ୍ତି ମିଶି ୨ ଏକର ଜାଗାରେ ଲାଗିଥିବା ମୂଲ୍ୟବାନ ଗଛଗୁଡିକୁ କାଟିବା ସହିତ ଜେସିବି ମେଶିନ ଲଗାଇ ଜୋର ଜବରଦସ୍ତ ନୂତନ ଜମି ତିଆରି କରିଛନ୍ତି। ଏ ନେଇ ଗତ ଜୁଲାଇ ୨୩ରେ ଜୁନାଗଡ଼ ଥାନା ଅଧିକାରୀ ଓ ୨୫ ତାରିଖରେ ଜୁନାଗଡ଼ ରେଞ୍ଜର ଓ ତହସିଲଦାରଙ୍କୁ ଗ୍ରାମବାସୀ ଲିଖିତ ଅଭିଯୋଗ କରିଥିଲେ। ହେଲେ ସମ୍ପୃକ୍ତ ୨ଜଣଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ତେଣୁ ପ୍ରକୃତି ଓ ପରିବେଶ ସୁରକ୍ଷା ପାଇଁ ଜବରଦଖଲ ହୋଇଥିବା ୨ ଏକର ଜମିକୁ ଫେରାଇ ଆଣିବା, ଜମି କରାଯାଇଥିବା ସ୍ଥାନରେ ବୃକ୍ଷ ରୋପଣ କରାଯାଇ ଗ୍ରାମ୍ୟ ଜଙ୍ଗଲ ସୁରକ୍ଷା କରାଯିବା ସହିତ ୨ ଜଣଙ୍କ ବିରୋଧରେ ଫୌଜଦାରୀ ମାମଲା ରୁଜୁ କରିବାକୁ ଦାବି କରିଛନ୍ତି। ଗଣ ବିକ୍ଷୋଭ ପୂର୍ବରୁ ଗ୍ରାମବାସୀ ଜୁନାଗଡ଼ ଥାନା ନିକଟରୁ ତହସିଲ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା କରିଥିଲେ।

## ଗାଁରେ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କଲେ ବ୍ୟାଙ୍କ ଅଧିକାରୀ

ସିନାପାଲି,୪।୮(ଡି.ଏନ.ଏ.)

ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ଲୋକଙ୍କ ପାଖରେ ପହଞ୍ଚଇବା ପାଇଁ ନୂଆପଡା ଜିଲାପାଳ ହେମକାନ୍ତ ସାଏ କିଛିଦିନ ତଳେ ଘୋଷଣା କରିଥିଲେ। ଏହି କ୍ରମରେ ଗାଁରେ ପ୍ରଶାସନ ଅଭିଯାନ ଚଳାଇ ପ୍ରତି ପଞ୍ଚାୟତରେ ଅଭିଯୋଗ ଶୁଣାଣି ଶିବିର ଆୟୋଜନ କରଯାଇଛି। ସେହିଭଳି ଅସହାୟ ବୃଦ୍ଧବୃଦ୍ଧା ଭତ୍ତା ଆଣିବା ପାଇଁ ବ୍ୟାଙ୍କକୁ ଯାଇପାରୁ ନ ଥିବାରୁ ବ୍ୟାଙ୍କ ଅଧିକାରୀ ସମ୍ପୃକ୍ତ ହିତାଧିକାରୀଙ୍କ ନିକଟରେ ପହଞ୍ଚି ଭତ୍ତା ଟଙ୍କା ପ୍ରଦାନ କରୁଛନ୍ତି। ବୁଧବାର ସିନାପାଲି ବ୍ଲକ ଅନ୍ତର୍ଗତ ଭରୁଆମୁଣ୍ଡା ପଞ୍ଚାୟତ ଚଟରାଭଟା ଗ୍ରାମରେ ହାତିବନ୍ଧା ବ୍ୟାଙ୍କ ଶାଖା ପରିଚାଳକ କ୍ଷୀରୋଦ ସାହୁଙ୍କ ସମେତ ବିଭାଗୀୟ ଅଧିକାରୀ ଅସହାୟ ବୃଦ୍ଧବୃଦ୍ଧାଙ୍କୁ ଭତ୍ତା ପ୍ରଦାନ କରିଥିଲେ। ଭତ୍ତା ଟଙ୍କା ପ୍ରଦାନ ସମୟରେ ସ୍ଥାନୀୟ ସମିତି ସଭ୍ୟ ଲୋକେଶ ମାଝି ସହଯୋଗ କରିଥିଲେ। ସୂଚନା ଯୋଗ୍ୟ ଯେ ଭତ୍ତା ବଣ୍ଟନରେ ସ୍ୱଚ୍ଛତା ଆଣିବା ପାଇଁ ବର୍ତ୍ତମାନ ବ୍ୟାଙ୍କ ଆକାଉଣ୍ଟରେ ଭତ୍ତା ଟଙ୍କା ପ୍ରଦାନ କରାଯାଉଛି। ଯେଉଁ ହିତାଧିକାରୀମାନେ ବ୍ୟାଙ୍କକୁ ଯାଇପାରୁ ନାହାନ୍ତି ତାଙ୍କୁ ବ୍ୟାଙ୍କ ଅଧିକାରୀ ଘରକୁ ଆଣି ଦେଉଛନ୍ତି। ପ୍ରଶାସନର ଏଭଳି ପ୍ରୟାସକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି।

# ବର୍ଷା ଅଭାବରୁ ଚାଷଜମି ଫାଟି ଆଁ

କର୍ଲାମୁଣ୍ଡା,୪।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକରେ ଖରିଫ ଚାଷ ପାଇଁ ଆବଶ୍ୟକ ବର୍ଷା ଅଭାବରୁ ଚାଷ କାର୍ଯ୍ୟ ଆଗାଇ ପାରୁ ନ ଥିବା ଦେଖିବାକୁ ମିଳିଛି। କେତେକ ଜାଗାରେ ଧାନ ରୁଆ ହୋଇ ସାରିଥିଲେ ହେଁ ପାଣି ଅଭାବ ଯୋଗୁ ଧାନ ବିଲ ମାଟି ଫାଟି ଆଁ କରିବାକୁ ବସିଲାଣି। ମିଳିଥିବା ତଥ୍ୟ ଅନୁଯାୟୀ ଏହି ବ୍ଲକରେ ମୋଟ ୧୪ ହଜାର ୮୩୦ ହେକ୍ଟର ଚାଷ ଜମି ରହିଛି। ଏଥିମଧ୍ୟରୁ ପ୍ରାୟ ୮ ହଜାର ୭ ଶହ ୮୦ ହେକ୍ଟର ଧାନ ଚାଷ ଓ ୬ ହଜାର ୫୦ ହେକ୍ଟର ଜମିରେ ମାଣ୍ଡିଆ, ଗୁରୁଜୀ, କାଙ୍ଗୁ, କଦୋ, କପା, ଚିନାବାଦାମ, ମୁଗ, ହରଡ, ମକା ପ୍ରଭୃତି ଚାଷ ହୋଇଛି। ତେବେ ଠିକ୍ ସମୟରେ ବର୍ଷା ହେଉ ନ ଥିବାରୁ ଚାଷୀ ଚାଷ କାର୍ଯ୍ୟକୁ ଆଗେଇ ପାରୁ ନ ଥିବା ବରିଷ୍ଠ ଚାଷୀ ଜବରସିଂ ମାଝି କହିଛନ୍ତି। ଅନ୍ୟପଟେ ଗତ ମେ ମାସରେ ୨ ମି.ମି, ଜୁନ ମାସରେ ୧୪୦.୬୦ ମିମି, ଜୁଲାଇ ମାସରେ ୩୩୯.୧୦ ମି.ମି ବର୍ଷା ହୋଇଛି। ଅଗଷ୍ଟ ପ୍ରଥମ ସପ୍ତାହ ସୁଦ୍ଧା ବର୍ଷା ହୋଇ ନ ଥିବା ଜଣାପଡିଛି। ବିଶେଷ ଭାବେ ବ୍ଲକର ରିଞ୍ଜା, ସ.ମାଲପଡା, ପୌରକେଲା, ଗଜବାହାଲ, ଯୋରାଡବ୍ରା, ରେଗଡା, ସାପଲହରା, କର୍ଲାମୁଣ୍ଡା, ତେରେସିଂହା, ରିଷିଡା ପଞ୍ଚାୟତର ଅଧିକାଂଶ ଗାଁରେ ଚାଷୀ ହାତବାନ୍ଧି ବସିଥିବା ଦେଖିବାକୁ ମିଳିଛି। କର୍ଲାମୁଣ୍ଡା ବ୍ଲକରେ ଉତେଇ ଜଳ ସେଚନ ବ୍ୟବସ୍ଥା ଥିଲେ ହେଁ କେନାଲର ଶେଷ ଭାଗକୁ ପାଣି ପହଞ୍ଚି ପାରୁ ନ ଥିବାରୁ ଚାଷୀଙ୍କ ଚାଷ କାର୍ଯ୍ୟ ଆଗେଇ ପାରୁନାହିଁ ବୋଲି କୃଷକ କଲ୍ୟାଣ ମଞ୍ଚ ସଭ୍ୟ ମଧୁସୂଦନ ବାଗ କହିଛନ୍ତି।


ପାଣି ଅଭାବରୁ ଚାଷ ଜମି ଫାଟି ପଡ଼ିଛି।

# ୪ ଦିନ ହେଲା ପିଲାଙ୍କୁ ଛାଡୁନାହାନ୍ତି ଅଭିଭାବକ

କର୍ଲାମୁଣ୍ଡା,୪।୮(ଡି.ଏନ.ଏ.)

**ଦାଣ୍ଡିଭଜା ପ୍ରାଥମିକ ବିଦ୍ୟାଳୟ**
- ଜିଦ୍‌ରେ ଅଟଳ ଗ୍ରାମବାସୀ
- ପ୍ରଧାନ ଶିକ୍ଷକଙ୍କୁ ସସ୍‌ପେଣ୍ଡ, ହେରଫେର ଅର୍ଥ ଫେରସ୍ତ ଦାବି

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରେଗଡା ପଞ୍ଚାୟତ ଦାଣ୍ଡିଭଜା ସ୍କୁଲରେ ପ୍ରଧାନ ଶିକ୍ଷକ ଶଙ୍କର ବାଗଙ୍କ ଦ୍ୱାରା ଦୁର୍ନୀତି ହୋଇଥିବା ନେଇ ଗ୍ରାମବାସୀ ଜିଲାପାଳ ଯୁଗ୍ମ ଜନଶୁଣାଣି ଶିବିରେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ଧରିତ୍ରୀରେ ଖବର ପ୍ରକାଶ ପରେ ବୁଧବାର କର୍ଲାମୁଣ୍ଡା ବ୍ଲକ ଗୋଷ୍ଠୀ ଶିକ୍ଷା ବିଭାଗ ବିଦ୍ୟାଳୟକୁ ଯାଇ ସମସ୍ତ କାଗଜ ପତ୍ର ଯାଞ୍ଚ କରିଛି। ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ଶଙ୍କର ବାଗଙ୍କୁ ସସ୍‌ପେଣ୍ଡ ଓ ହେରଫେର ଅର୍ଥ ଫେରସ୍ତ ନ ହେବା ପର୍ଯ୍ୟନ୍ତ ପିଲାମାନଙ୍କୁ ସ୍କୁଲକୁ ଛାଡ଼ିବୁ ନାହିଁ ବୋଲି ଅଭିଭାବକମାନେ ଜିଦ୍‌ରେ ଅଟଳ ରହିଛନ୍ତି। ଅଭିଭାବକମାନେ ପିଲାଙ୍କୁ ଗତ ୪ ଦିନ ହେବ ସ୍କୁଲକୁ ଛାଡୁନାହାନ୍ତି। ବ୍ଲକ ଗୋଷ୍ଠୀ ଶିକ୍ଷା ବିଭାଗ ପକ୍ଷରୁ ଅଭିଭାବକମାନଙ୍କୁ ଯେତେ ଅନୁରୋଧ କଲେ ବି ସେମାନେ ତାଙ୍କ ଜିଦ୍‌ରେ ଅଟଳ ରହିବା ଦ୍ୱାରା ସ୍କୁଲରେ ପାଠପଢା ଠପ୍ ହୋଇଯାଇଛି। ଫଳରେ ଶିକ୍ଷା ବିଭାଗର ମୁଣ୍ଡବ୍ୟଥାର କାରଣ ପାଲଟିଛି। ଗୁରୁବାର ବିଦ୍ୟାଳୟ ନୂତନ ଭାବେ ଯୋଗଦେଇ ଥିବା ପ୍ରଧାନ ଶିକ୍ଷକ ଶୁଭକେଶୀ କୁମାର ଓ ସହକାରୀ ଶିକ୍ଷକ ସୁବାଷ ସାହୁ ଘର ଘର ବୁଲି ପିଲାଙ୍କୁ ସ୍କୁଲକୁ ଛାଡିବାକୁ ଅନୁରୋଧ କରିଥିଲେ ହେଁ ବିଫଳ ହୋଇଥିଲେ। ଏ ନେଇ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସହଦେବ ସୁନାଙ୍କୁ ପଚାରିବାରୁ ଆମେ ଗ୍ରାମବାସୀଙ୍କୁ ଯେତେ ବୁଝାଇଲେବି ସେମାନେ ତାଙ୍କ ଜିଦ୍‌ରେ ଅଟଳ ରହୁଥିବାରୁ ଏଭଳି ସମସ୍ୟା ଉପୁଜିଛି। ଆମେ ଗ୍ରାମବାସୀଙ୍କୁ ସମୟ ମାଗିଥିଲୁ, ସମସ୍ତ କାଗଜ ପତ୍ର ଯାଞ୍ଚ ପରେ ହିଁ ଯାହା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲୁ। ହେଲେ ସେମାନେ ଆମ କଥା ଶୁଣୁ ନାହାନ୍ତି ବୋଲି କହିଛନ୍ତି।



ଦାଣ୍ଡିଭଜା ପ୍ରାଥମିକ ବିଦ୍ୟାଳୟ।

# ସିନାପାଲି ସ୍ୱାସ୍ଥ୍ୟକେନ୍ଦ୍ର ଦୁରବସ୍ଥା ନେଇ ଜିଲାପାଳଙ୍କ ଦ୍ୱାରସ୍ଥ

ସିନାପାଲି,୪।୮(ଡି.ଏନ.ଏ.)

ନୂଆପଡ଼ା ଜିଲା ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆଜକୁ ଦୀର୍ଘ ବର୍ଷ ହେଲା ଦୁରବସ୍ଥା ଦେଇ ଗତି କରୁଛି। ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ ସମସ୍ୟା ସମାଧାନ କିମ୍ବା ସୁଧୁରିବାର ନାଁ ଧରୁନି। ଅଞ୍ଚଳବାସୀ ଆବଶ୍ୟକ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଏ ନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ଏକ ପ୍ରତିନିଧି ଦଳ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟା ଉପରେ ଅବଗତ କରାଇବା ସହ ତୁରନ୍ତ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି। ଏଠାରେ ଆବଶ୍ୟକ ଡାକ୍ତର ତଥା ଆନୁସଙ୍ଗିକ ବ୍ୟବସ୍ଥା ସମସ୍ୟା ଲାଗି ରହିଥିବାରୁ ସାମାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ହେଲେ ମଧ ବାହାରକୁ ଯାଇ ରୋଗୀଙ୍କୁ ହଇରାଣ ହେବାକୁ ପଡୁଛି। ଅପରପକ୍ଷେ ସିନାପାଲି ଅଞ୍ଚଳର ଯୁବକମାନଙ୍କ ସଚେତନତା କାରଣରୁ ଏଠାରେ ଯଥେଷ୍ଟ ସଂଖ୍ୟକ ରକ୍ତଦାତା ଅଛନ୍ତି। ନିୟମିତ ସ୍ୱେଚ୍ଛାକୃତ ରକ୍ତଦାନ କରି ଅନ୍ୟର ଜୀବନ ବଞ୍ଚିବାରେ ସହାୟକ ହେଉଛନ୍ତି। ଏଠାରେ ରୋଗୀଙ୍କ ପାଇଁ ଆବଶ୍ୟକ ରକ୍ତ ଯଥା ସମୟରେ ମିଳିଥାଏ। ହେଲେ ଡାକ୍ତରଖାନାରେ ରକ୍ତଦେବା କିମ୍ବା ନେବାର କୌଣସି ବ୍ୟବସ୍ଥା ନ ଥିବାରୁ ଉଭୟ ରକ୍ତଦାତା ଓ ରୋଗୀଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି। ଏଣୁ ସିନାପାଲି ଡାକ୍ତରଖାନାରେ ଥିବା ଡାକ୍ତର ସମସ୍ୟା ସମାଧାନ କରିବା ସହିତ ରକ୍ତଦେବା ଓ ନେବାର ବ୍ୟବସ୍ଥା କରିବା ସହ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଏହି ପ୍ରତିନିଧି ଦଳରେ ସୋମନାଥ ଦାସ, ଲକ୍ଷ୍ମଣ ରଣା, ସୁରଜ ମେହେର, ପ୍ରଭାତ ମେହେର, ରାହୁଲ ମେହେର, ଆଲୋକ ମେହେର, ଅରୁଣ ମେହେର, ବୁଦ୍ଧଦେବ ମେହେର ପ୍ରମୁଖ ସାମିଲ ଥିଲେ।

# ସ୍ଥିତି ପରଖିଲେ, ଚାଷୀଙ୍କ ସହ ଆଲୋଚନା

ଟିଟିଲାଗଡ଼, ୪।୮ (ଡି.ଏନ.ଏ.)

- ଜଳସମ୍ପଦ ମନ୍ତ୍ରୀ, ଉଚ୍ଚସ୍ତରୀୟ ଅଧିକାରୀଙ୍କ ଟିଟିଲାଗଡ ଗସ୍ତ
- କୃଷିର ବିକାଶ ପାଇଁ ପ୍ରତିଷ୍ଠା ହେବ ୩୬ ପ୍ରକଳ୍ପ

ବଲାଙ୍ଗୀର ଜିଲା ଟିଟିଲାଗଡ ଏବଂ ସଇଁତଳା ବ୍ଲକରେ କୃଷିର ବିକାଶ ପାଇଁ ୩୬ ନୂତନ ଜଳସେଚନ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଯୋଜନା ଆରମ୍ଭ ହୋଇଛି। ଏଥିପାଇଁ ୧୦ପ୍ରକଳ୍ପର ଟେଣ୍ଡର ପ୍ରକ୍ରିୟା ଖୁବ ଶୀଘ୍ର ଆରମ୍ଭ ହେବ ବୋଲି ଜଣା ପଡିଛି। ଏନେଇ ଜଳସମ୍ପଦ ମନ୍ତ୍ରୀ ଟୁକୁନୀ ସାହୁ ଗୁରୁବାର କ୍ଷୁଦ୍ର ଜଳସେଚନ, ବୃହତ ଉଠାଜଳସେଚନ, ଜଳସମ୍ପଦ ବିଭାଗର ଏକ ଉଚ୍ଚସ୍ତରୀୟ ଟିମ ସହ ଏହି ଦୁଇ ବ୍ଲକର ବିଭିନ୍ନ ଅଞ୍ଚଳ ଗସ୍ତ ସହ ସମୀକ୍ଷା କରିଛନ୍ତି।

ମନ୍ତ୍ରୀଙ୍କ ସହ ରାଜ୍ୟ କ୍ଷୁଦ୍ର ଜଳସେଚନ ବିଭାଗ ତଥା ବୃହତ ଉଠାଜଳସେଚନ ବିଭାଗ ମୁଖ୍ୟଯନ୍ତ୍ରୀ ଚିନ୍ମୟ ରାଉତ, କ୍ଷୁଦ୍ର ଜଳସେଚନ ବିଭାଗ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ସୁନିଲ ରାଉତ ବିଜେପୁର ପଞ୍ଚାୟତ ମାଥନପଲା ବନ୍ଧ ଗସ୍ତରେ ଯାଇ ଚାଷୀଙ୍କ ସହ ଆଲୋଚନା କରିଥିଲେ। ୧୯୭୫ରେ ପ୍ରତିଷ୍ଠିତ ଏହି ପ୍ରକଳ୍ପରୁ ପ୍ରାୟ ୧୩୦୦ ହେକ୍ଟର ଚାଷ ଜମିକୁ ୨୯ କିଲୋମିଟର ମୁଖ୍ୟ ଏବଂ ଶାଖା କେନାଲ ଜରିଆରେ ପାଣି ମାଡୁଥିଲା। ତେବେ ବର୍ଷାଭାବ ନେଇ ବନ୍ଧରେ ବହୁ ବର୍ଷ ହେଲା ଜଳ ପୂରଣ ହେଉନାହିଁ। ଶ୍ରାବଣରେ ମାତ୍ର ୮ ଫୁଟ ଜଳ ରହିଛି। ଏହା ସହ କେନାଲ ଗେଟ, ଶର୍ଟର ଭାଙ୍ଗିରୁଜି ଯିବା ନେଇ ପ୍ରାୟ ୬୦ ପ୍ରତିଶତ ଅଞ୍ଚଳ ଚାଷ ଜମିକୁ କେବଳ ଖରିଫରେ ପାଣି ମାଡୁଛି। କେତେକ ଗ୍ରାମକୁ ଆଦୌ ପାଣି ମାଡୁ ନାହିଁ। ଏଥିଯୋଗୁ କେନାଲ କଡ ଚାଷଜମିରେ ଚଳିତ ଖରିଫରେ ଅଦ୍ୟାବଧି ରୁଆବିହୁଡା ହୋଇପାରିନାହିଁ। ଏନେଇ ଉପସ୍ଥିତ ସ୍ଥାନୀୟ ପାଣି ପଞ୍ଚାୟତ କମିଟି ତଥା ଜୟକିଷାନ କୃଷକ ସଂଗଠନ ସଦସ୍ୟଙ୍କ ସହ ମନ୍ତ୍ରୀ ଆଲୋଚନା କରିଥିଲେ। କୃଷକ ସଂଗଠନ ପକ୍ଷରୁ ସଭାପତି ରଜନି ଗଡତିଆ, ସମ୍ପାଦକ ନନ୍ଦ ମହଲା, ଆଇନ ପରାମର୍ଶଦାତା ଉମେଶ ପଣ୍ଡା, ଉପଦେଷ୍ଟା ବିକାଶ ପାଣିଗ୍ରାହୀ, ସରପଞ୍ଚ ହୃଷିକେଶ ବାଗ ଜଳସମ୍ପଦ ମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ସିହିନି ପଞ୍ଚାୟତର ଉଦେପୁର ଆନିକଟ ପ୍ରକଳ୍ପ ମନ୍ତ୍ରୀ ଗସ୍ତ କରିଥିବା ବେଳେ ଏହାର ନବୀକରଣ ପାଇଁ ଚାଷୀମାନେ ପ୍ରସ୍ତାବ ଦେଇଥିଲେ। କୁମୁଡା ପାହାଡ ସନ୍ନିକଟସ୍ଥ ଜମୁନା ଜୋରକୁ ମନ୍ତ୍ରୀ ବୁଲି ଦେଖିବା ସହ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ଏଠାରେ ଏକ ଚେକଡ୍ୟାମ ନିର୍ମାଣ ସହ ସୌନ୍ଦର୍ଯ୍ୟକରଣ ପାଇଁ ଅଟକଳ ପ୍ରସ୍ତୁତ କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଟିଟିଲାଗଡ କୃଷକ ସଂଘର୍ଷ ଅଭିଯାନ ଆବାହକ ବାଲକୃଷ୍ଣ ଷାଣ୍ଢ ପ୍ରତିଷ୍ଠା ହୋଇଥିବା ବୃହତ ଉଠାଜଳସେଚନ ପ୍ରକଳ୍ପଗୁଡିକରୁ ଚାଷୀ ଠିକ ଭାବରେ ପାଣି ପାଇବା ପାଇଁ ପ୍ରତ୍ୟେକ ୨ ହେକ୍ଟର ଜମି ପାଇଁ ଗୋଟିଏ ଲେଖାଏଁ ଆଉଟଲେଟ ଏବଂ ବିଭିନ୍ନ ଜଳସେଚନ ପ୍ରକଳ୍ପର ଉନ୍ନତୀକରଣ ନେଇ ଦାବିପତ୍ର ପ୍ରଦାନ କରିଥିଲେ। ପରେ ମନ୍ତ୍ରୀ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଜଳସମ୍ପଦ ବିଭାଗର ଯନ୍ତ୍ରୀ, ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ବଲାଙ୍ଗୀର କ୍ଷୁଦ୍ର ଜଳସେଚନ ବିଭାଗରେ ନିର୍ବାହୀ ଯନ୍ତ୍ରୀ ନ ଥିବା, ତିଖାରି ଡ୍ୟାମରୁ ବାଙ୍କେଲ ଡ୍ୟାମକୁ ସଂଯୋଗ ପ୍ରସ୍ତାବ ବିଳମ୍ବିତ ହେବା, ବାଙ୍କେଲ ଡ୍ୟାମରୁ ଟିଟିଲାଗଡ ବ୍ଲକର ବିଭିନ୍ନ ଅଞ୍ଚଳକୁ ପାଣି ଠିକ୍ ଭାବରେ ଆସୁ ନ ଥିବା ନେଇ ଆଲୋଚନା ହୋଇଥିଲା। ମନ୍ତ୍ରୀଙ୍କ ଗସ୍ତ କାଳରେ ଟିଟିଲାଗଡ ଉପଜିଲାପାଳ ମନୋଜ ସତ୍ୟୱାନ ମହାଜନ, ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ସୀତାଂଶୁ ଶେଖର ଦାଶ, ଭବାନୀପାଟଣା କ୍ଷୁଦ୍ର ଜଳସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ କନ୍ଦର୍ପ ପ୍ରଧାନ, ଟିଟିଲାଗଡ ବୃହତ ଉଠା ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ମନୋଜ ବରାଇ, ମନ୍ତ୍ରୀଙ୍କ ପ୍ରତିନିଧି ଅରୁଣ ମିଶ୍ର, ପ୍ରେମ ଜୈନ, ଟିଟିଲାଗଡ ବ୍ଲକ ଅଧକ୍ଷା ସଂଯୁକ୍ତା ନାଏକ, ବ୍ଲକ ସରପଞ୍ଚ ସଂଘ ସଭାପତି ବିରବର ସାହୁ, ପୌର ଉପାଧକ୍ଷା ପୁଷ୍ପାଞ୍ଜଳି ଜାଲ, ଜିଲା ପରିଷଦ ସଭ୍ୟା ଗିତା ବିଶି, ବ୍ଲକ ବିଜେଡି ସଭାପତି ପଦ୍ମଲୋଚନ ପୋଢ ପ୍ରମୁଖ ଉପସ୍ଥିତ ଥିଲେ।


ମାଥନପଲା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ସ୍ଥଳରେ ମନ୍ତ୍ରୀ ଟୁକୁନୀ ସାହୁ ଓ ବିଭାଗୀୟ ଯନ୍ତ୍ରୀ।

## ନୂତନ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଯୋଗଦାନ

ବୌଦ୍ଧ,(ସ୍ୱପ୍ର): ବୌଦ୍ଧ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଭାବରେ ପ୍ରତାପ ଚନ୍ଦ୍ର ପ୍ରଧାନ ବୁଧବାର ଯୋଗଦାନ କରିଛନ୍ତି। ପୂର୍ବରୁ ସେ ରାୟଗଡା ଉପଜିଲାପାଳ ଭାବରେ କାର୍ଯ୍ୟରତ ଥିଲେ। ଏହାପୂର୍ବରୁ ସେ ବୌଦ୍ଧରେ ଅତିରିକ୍ତ ତହସିଲଦାର ଭାବରେ ୨୦୦୦ରୁ ୨୦୦୪ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ। ଜିଲାରେ ସେ ଦକ୍ଷତାର ସହିତ କାର୍ଯ୍ୟ କରିବେ ବୋଲି ତାଙ୍କ ଯୋଗଦାନ ପରେ ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅଶ୍ୱିନୀ କୁମାର ମେହେର ଆଶାପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ରାତିଅଧିଆ ହମ୍ପସ ଉଚ୍ଛେଦ

**ଦୁର୍ଘଟଣା ପରେ ଜାତୀୟ ରାଜପଥ ବିଭାଗର ପଶିଲା ଚେତା**

ବୌଦ୍ଧ,୪।୮(ସ୍ୱ.ପ୍ର.): ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ନୂଆପଡାଠାରେ ଥିବା ଏକ ବଡ ହମ୍ପସ ଯୋଗୁ ଦୁର୍ଘଟଣା ଘଟି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିବା ପରେ ଜାତୀୟ ରାଜପଥ ବିଭାଗର ଚେତା ପଶିଛି। ରାତିଅଧିଆ ଉକ୍ତ ହମ୍ପସ୍ ଉଠାଇ ଦିଆଯାଇଛି। ବୌଦ୍ଧ ଜିଲା ଦେଇଯାଇଛି ଖୋର୍ଦ୍ଧା-ବଲାଙ୍ଗୀର (୫୭ନଂ) ଜାତୀୟ ରାଜପଥ। ଜାତୀୟ ରାଜପଥ ବୌଦ୍ଧରେ ପ୍ରାୟ ୧୧୦ କିମି ଯାଇଛି। ଉକ୍ତ ଜାତୀୟ ରାଜପଥରେ ପ୍ରତ୍ୟହ ଛୋଟବଡ ଦୁର୍ଘଟଣା ଘଟିବାରେ ଲାଗିଛି। ଜିଲାରେ ଜାତୀୟ ରାଜପଥ ଚାରିଛକ ଠାରୁ ବାଣିଗୋଛା ପର୍ଯ୍ୟନ୍ତ ବୁଲାଣି ଥିବାରୁ ବହୁ ଦୁର୍ଘଟଣା ଘଟୁଛି। ଏହାସହ ଜାତୀୟ ରାଜପଥ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ବଡ ବଡ ହମ୍ପସ ନିର୍ମାଣ କରାଯିବାରୁ ଦୁର୍ଘଟଣା ବଢ଼ିବାରେ ଲାଗିଛି। ଜାତୀୟ ରାଜପଥର ନୂଆପଡା ଠାରେ ଏକ ବଡ ହମ୍ପସ ଥିବାରୁ ବାଇକ୍ ଓ କାର ବହୁ ସମୟରେ ଦୁର୍ଘଟଣାର ସମ୍ମୁଖୀନ ହୋଇ ଆସୁଥିଲା। କିନ୍ତୁ ଗତ ବୁଧବାର ସନ୍ଧ୍ୟାରେ ଉକ୍ତ ହମ୍ପସରେ ଏକ ବଡ ଟ୍ରକ ଭାରସାମ୍ୟ ହରାଇ ନିକଟସ୍ଥ ଏକ ଜଳଖିଆ ଦୋକାନକୁ ପଶିଯାଇ ଓଲଟି ପଡିଥିଲା। ଫଳରେ ଜଳଖିଆ ଖାଉଥିବା ହାଟଗାଁର ଶାନ୍ତାନୁ ଉର୍ମାଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରତର ହୋଇ ବୁର୍ଲା ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଦୁର୍ଘଟଣା ଯୋଗୁ ଜଳଖିଆ ଦୋକନ ଓ ଦୁଇଟି ମୋଟର ସାଇକେଲେ ଭାଙ୍ଗି ଚୁରମାର ହୋଇଛି। ଏହିକ ଦୁର୍ଘଟଣା ପରେ ବିଭାଗ ପକ୍ଷରୁ ରାତିଅଧିଆ ଉକ୍ତ ହମ୍ପସକୁ ଉଠାଇ ଦିଆଯାଇ ରାସ୍ତାକୁ ସମତଳ କରାଯାଇଛି। ଯଦି ଜାତୀୟ ରାଜପଥ ବିଭାଗ ପୂର୍ବରୁ ସର୍ତକତା ଅବଲମ୍ବନ କରିଥାନ୍ତା ତେବେ ଅକାଳରେ ଜଣେ ବ୍ୟକ୍ତିଙ୍କ ଜୀବନ ଯାଇ ନ ଥାନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

### ରାସ୍ତା ମଝିରେ ଓଲଟିଲା ପ୍ଲାଏଉଡ ବୋଝେଇ ଟ୍ରକ

ଉଲୁଣ୍ଡା,୪।୮(ଡି.ଏନ.ଏ.): ସୋନପୁର-ସମ୍ବଲପୁର ମୁଖ୍ୟରାସ୍ତାର ବେହେରାମାଲ ଛକ ନିକଟରେ ଏକ ପ୍ଲାଏଉଡ ବୋଝେଇ ଟ୍ରକ ଦୁର୍ଘଟଣାଗ୍ରସ୍ତ ହୋଇ ଓଲଟି ପଡିଛି। ଦୁର୍ଘଟଣାରୁ ଗାଡିଚାଳକ ଚନ୍ଦନ ଯାଦବ ବର୍ତ୍ତି ଯାଇଥିବା ଜଣାପଡିଛି। ସୂଚନା ମୁତାବକ, ଗୁରୁବାର ଟ୍ରକ(ନଂ-ଓଡି ୧୪ ଏନ ୭୩୩୬)ଟି ବିଶାଖାପାଟଣାରୁ ପ୍ଲାଏଉଡ ନେଇ ରାଉଲକେଲା ଅଭିମୁଖେ ଯାଉଥିଲା। ମାତ୍ର ଟ୍ରକଟି ଦ୍ରୁତଗତିରେ ଯାଉଥିବାରୁ ସକାଳ ୯ଟା ସମୟରେ ବେହେରାମାଲ ଛକ ନିକଟରେ ଓଲଟି ପଡିଥିଲା। ସ୍ଥାନୀୟ ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡିକୁ ଜବତ କରିଛି।

# ପୋଲିସ କବ୍‌ଜାରେ ୫ ଡକାୟତ

ସୋନପୁର,୪।୮(ନି.ପ୍ର.)

ସୁବର୍ଣ୍ଣପୁର ଟାଉନ ପୋଲିସକୁ ବଡ ସଫଳତା ମିଳିଛି। ସୋନପୁର ଓ ଆଖପାଖ ଅଞ୍ଚଳର ଏକ ଡକାୟତ ଗ୍ୟାଙ୍ଗର ୫ ଜଣଙ୍କୁ ପୋଲିସ ଗୁରୁବାର ଗିରଫ କରିଛି। ଅଭିଯୁକ୍ତମାନେ ଜିଲା ଓ ଜିଲା ବାହାରେ ଅପରାଧ ଘଟାଇବା ସହ ଲୋକଙ୍କୁ ଧମକ ଚମକ ଦେଇ ଟଙ୍କା ଆଦାୟ କରୁଥିଲେ। ସେମାନଙ୍କ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ମାମଲା ରହିଛି। ତେବେ ଆହୁରି କିଛି ଅପରାଧରେ ଅଭିଯୁକ୍ତମାନେ ସମ୍ପୃକ୍ତ ଅଛନ୍ତି ବୋଲି ସୁବର୍ଣ୍ଣପୁର ଏସ୍‌ପି ଅମରେଶ କୁମାର ପଣ୍ଡା ଗୁରୁବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ତେବେ ଭୟରେ ପୀଡିତମାନେ ପୂର୍ବରୁ ଥାନାରେ ଅଭିଯୋଗ କରି ନାହାନ୍ତି। ସେମାନେ ଏବେ ଅଭିଯୋଗ କଲେ ଅଭିଯୁକ୍ତଙ୍କ ନାମରେ ମାମଲା ରୁଜୁ କରାଯିବ ବୋଲି ଏସ୍‌ପି କହିଛନ୍ତି।

ଗିରଫ ଅଭିଯୁକ୍ତ ହେଲେ ସୋନପୁର ସହର ପଟାଭାଡିର ଶଶାଙ୍କ ମିଶ୍ର(୩୯), ଇନ୍ଦ୍ରଜିତ ସାହୁ(୨୪), କଳିଙ୍ଗନଗରର ଛୋଟୁ ଘଡିଆ(୨୬), ମଝିପଡାର ସୟଦ ନସିବ ଅଲି(୨୪) ଓ ସୋନପୁର ବ୍ଲକ ବାଲିଜୁରି ଅଞ୍ଚଳର ପୁରୁଷୋତ୍ତମ ସୁନା(୨୯)। ସେମାନଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତଙ୍କ ନିକଟରୁ ଏକ ଟାଟା ଆଲଟରୋଜ କାର (ନଂ ଓଡି୩୧ଜେ-୪୦୭୭), ୮ ହଜାର ୨୦୦ ଟଙ୍କା, ୫ଟି ମୋବାଇଲ, ଗୋଟିଏ ହକି ଷ୍ଟିକ୍, ପ୍ଲାଷ୍ଟିକ୍ ପାଇପ ଓ ଷ୍ଟିଲ ରଡ ପୋଲିସ ଜବତ କରିଛି। ଗତ ସୋମବାର ରାତିରେ ସୋନପୁର ଥାନା ହରଡଖୋଲର ମନୋଜ କୁମାର ପୁରୋହିତଙ୍କୁ ଡକାୟତ ଦଳ ତେଲ ନଦୀରେ ନିର୍ମାଣଧୀନ ବୈଦ୍ୟନାଥ ବ୍ରିଜ୍‌କୁ ନେଇ ଯାଇ ସେଠାରେ ମାଡ ମାରିଥିଲେ। ପରେ ମନୋଜଙ୍କ ନିକଟରୁ ୩ ହଜାର ଟଙ୍କା ଲୁଟି ନେଇଥିଲେ। ଏହି ଘଟଣା ପୋଲିସ କିମ୍ବା ଅନ୍ୟ କାହାରିକୁ ଜଣାଇଲେ ଜୀବନରୁ ମାରି ଦେବାକୁ ସେମାନେ ଧମକ ଦେଇଥିଲେ। ମନୋଜ ଏ ସମ୍ପର୍କରେ ମଙ୍ଗଳବାର ସୋନପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (୧୬୦/୨୨)ରୁଜୁ କରିଥିଲା। ଏସଆଇ ସୌମ୍ୟରଞ୍ଜନ ସାହୁ ଘଟଣାର ତଦନ୍ତ ଜାରି ରଖିଥିଲେ। ଡକାୟତଙ୍କୁ ଧରିବା ପାଇଁ ପୋଲିସର ତନାଘନା ପରେ ସଫଳତା ମିଳିଥିଲା। ଜବତ କାର ଗିରଫ ଡକାୟତ ଶଶାଙ୍କ ମିଶ୍ରଙ୍କ ନାମରେ ରହିଛି। ସେ ଏହି କାରକୁ ଡକାୟତି କାର୍ଯ୍ୟରେ ବ୍ୟବହାର କରୁଥିଲେ। ସେହିପରି ତଦନ୍ତ ସମୟରେ ଅଭିଯୁକ୍ତମାନେ ଗତ ମଙ୍ଗଳବାର ବୌଦ୍ଧ ଜିଲା ମନମୁଣ୍ଡା ଛକରେ ଡକାୟତି କରିଥିବା ଓ କରନ ମେହେରଙ୍କ ଠାରୁ ୪ ହଜାର ଟଙ୍କା ଲୁଟ୍ କରିଥିବା ପୋଲିସ ନିକଟରେ ସ୍ୱୀକାର କରିଛନ୍ତି। କରନଙ୍କ ଅଭିଯୋଗ କ୍ରମେ ମନମୁଣ୍ଡା ଥାନାରେ ୧୨୬/୨୨ ମୂଳେ ଏକ ମାମଲା ରୁଜୁ ହୋଇଛି। ବିନିକା ଥାନା କେସ ନଂ ୧୮୬/୨୨ରେ ଅଭିଯୁକ୍ତମାନେ ସମ୍ପୃକ୍ତ ଥିବା ସ୍ୱୀକାର କରିଥିବା ଏସ୍‌ପି କହିଛନ୍ତି। ଜୁଲାଇ ୧୮ ତାରିଖରେ ଡକାୟତମାନେ ବିନିକା ଥାନା ଅଞ୍ଚଳରେ ସମ୍ବଲପୁର ଜିଲା ବଡମାଳର ଯଶୋବନ୍ତ ସାହୁଙ୍କ ନିକଟରୁ ୧୦ ହଜାର ଟଙ୍କା ଲୁଟି ନେଇଥିଲେ। ଅଧିକ ତଦନ୍ତ ଜାରି ରହିଛି। ଆବଶ୍ୟକ ପଡିଲେ ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ଅଣାଯିବ ବୋଲି ଏସ୍‌ପି ପଣ୍ଡା ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ପୁଷ୍ପାଞ୍ଜଳି ନିଙ୍ଗୀ, ସୋନପୁର ଆଇଆଇସି କୃଷ୍ଣଚନ୍ଦ୍ର ମେହେର ଉପସ୍ଥିତ ଥିଲେ।



ଏସ୍‌ପି ଅମରେଶ କୁମାର ପଣ୍ଡା ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

**କାର, ହକି ଷ୍ଟିକ୍, ରଡ, ଟଙ୍କା ଓ ମୋବାଇଲ ଜବତ**

## ସ୍ୱାଧୀନତା ଦିବସ ଲାଗି ପ୍ରସ୍ତୁତି ବୈଠକ

ତରଭା,୪।୮(ଡି.ଏନ.ଏ.)

ସ୍ୱାଧୀନତା ଦିବସ ପାଳନ ପାଇଁ ଗୁରୁବାର ଏନଏସି ଅଧକ୍ଷା ବନ୍ଦିତା ନାୟକଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣପୁର ଜିଲାପାଳଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୭୮୪୧/୨।୮।୨୨କୁ ଭିତ୍ତି କରି ପ୍ରସ୍ତୁତି ବୈଠକରେ ମୁଖ୍ୟ କିରାଣି ନାରାୟଣ ମେହେର ପ୍ରସ୍ତାବ ଆଗତ କରିଥିଲେ। ଚିଠିକୁ ଆଧାର କରି କୋଭିଡ ନିୟମାବଳୀ ପାଳନ କରି ସାଧାରଣ ପରେଡ଼ କରଯିବ ନାହିଁ ବୋଲି ଏନଏସି ପକ୍ଷରୁ ସୂଚନା ଦିଆଯାଇଥିଲା। ଅପରପକ୍ଷରେ ବୈଠକରେ ଉପସ୍ଥିତ ଥିବା ବୁଦ୍ଧିଜୀବୀ, ନିର୍ବାଚିତ ପ୍ରତିନିଧି ଓ ଅନ୍ୟ ବ୍ୟକ୍ତିବିଶେଷ ଏହାକୁ ବିରୋଧ କରି ଅସନ୍ତୋଷ ପ୍ରକାଶ କରିଥିଲେ। ଯେହେତୁ ତରଭା ଅଞ୍ଚଳରେ କରୋନା ସଂକ୍ରମଣ ବ୍ୟାପିନାହିଁ, ଏଣୁ ଏହାର ବିଚାର କରିବା ପାଇଁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ଲାଗି ପ୍ରସ୍ତାବ ଗୃହୀତ ହୋଇଥିଲା। ବୈଠକରେ ଉପନଗରପାଳ ଗଗନ ଅଗ୍ରୱାଲ, କାଉନସିଲର ସୁଜାତା ରଥ, ଗୋଲାପୀ ବର୍ମା, ଆକବର ଅଲ୍ଲୀ, ଜେଏନଭି ଅଧକ୍ଷ ଜୟରାମ ନାଏକ,ନାଗରିକ କମିଟି ସଭାପତି ହରିବନ୍ଧୁ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ।

# ବୀରମହାରାଜପୁରରେ ଯୁବ କଂଗ୍ରେସର ପଦଯାତ୍ରା




ବୀରମହାରାଜପୁରରେ ଯୁବ କଂଗ୍ରେସର ପଦଯାତ୍ରାରେ ସାମିଲ ନେତା ଓ କର୍ମୀ।

ଅମରପାଲି,୪।୮(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକରେ ଜିଲା ଯୁବ କଂଗ୍ରେସ ପକ୍ଷରୁ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପଦଯାତ୍ରା ସ୍ଥାନୀୟ ଚମ୍ପାପୁରଠାରୁ ବାହାରି ମୁଖ୍ୟଛକ ଦେଇ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିବା ପରେ ଉପଜିଲ୍ଲାପାଳ ଅଶୋକ ଭୋଇଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ବୀରମହାରାଜପୁରକୁ ତୁରନ୍ତ ବିଜ୍ଞାପିତ ଅଞ୍ଚଳ ପରିଷଦ ଘୋଷଣା କରିବା ସମେତ ଦେଉଳି-ବାଉଁଶୁଣୀ ମହାନଦୀରେ ସେତୁ ନିର୍ମାଣ, କେନ୍ଦ୍ର ସରକାରଙ୍କ ଅଗ୍ନିପଥ ଯୋଜନାକୁ ତୁରନ୍ତ ପ୍ରତ୍ୟାହାର କରିବା, ଓଡିଶା ସରକାରୀ ନିଯୁକ୍ତିରେ ବୟସ ସୀମାକୁ ୩୨କୁ ୪୨ ବର୍ଷକୁ ବୃଦ୍ଧି କରିବା, ଯୁବତୀଯୁବକଙ୍କୁ ଚାକିରି କ୍ଷେତ୍ରରେ ସ୍ଥାୟୀ ନିଯୁକ୍ତି ଦିଆଯିବା ସହିତ ଚୁକ୍ତିଭିତ୍ତିକ ନିଯୁକ୍ତିକୁ ସମ୍ପୂର୍ଣ୍ଣ ଭାବରେ ଉଚ୍ଛେଦ କରାଯିବା, ଶିକ୍ଷିତ ଯୁବତୀଯୁବକଙ୍କୁ ଜିଲାଭିତ୍ତିକ ନିଯୁକ୍ତିରେ ଅଗ୍ରାଧିକାର ଦିଆଯିବା, ଜିଲାଗୁଡିକରେ ଥିବା ପ୍ରତ୍ୟେକ ସରକାରୀ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ଅନୁପାତରେ ଶିକ୍ଷୟିତ୍ରୀ ଶିକ୍ଷକ ନିୟୋଜିତ କରାଯିବା, ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ହେଉଥିବା ଦୁର୍ନୀତିକୁ ତଦନ୍ତ ପରିସରଭୁକ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା, ରାଜ୍ୟରେ ପ୍ରତ୍ୟେକ ମଣ୍ଡି ସମ୍ବନ୍ଧୀୟ ସମସ୍ୟାର ସମାଧାନ, ନିଶାମୁକ୍ତ ଓଡିଶା ଗଠନ କରିବା ପାଇଁ ସରକାର ପ୍ରାଥମିକତା ଦେବା, ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବାରେ ତୁରନ୍ତ ସୁଧାର ଆଣିବା ଆଦି ଦାବି କରାଯାଇଛି। ରାଜ୍ୟ ଯୁବ କଂଗ୍ରେସ ସଭାପତି ଡ.ସ୍ମୃତିରଞ୍ଜନ ଲେଙ୍କାଙ୍କ ଆହ୍ୱାନକ୍ରମେ ଜିଲା ଯୁବ କଂଗ୍ରେସ ସଭାପତି ପ୍ରିୟବ୍ରତ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓଡିଶା ପ୍ରଭାରୀ ଶେଷ ନାରାୟଣ ଓଝା, ସହପ୍ରଭାରୀ ଅଭିନବ ସିଦ୍ଧାର୍ଥ ଭଗତ, ରାଜ୍ୟ ସାଧାରଣ ସମ୍ପାଦକ ତ୍ରିଲୋଚନ ପାଣିଗ୍ରାହୀ, ରାଜ୍ୟ ସାଧାରଣ ସମ୍ପାଦକ ରାକେଶ ସାହୁ, ରାଉରକେଲା ଯୁବ କଂଗ୍ରେସ ସଭାପତି ଜ୍ଞାନେନ୍ଦ୍ର ଦାସ, ରାଜ୍ୟ ସମ୍ପାଦକ ବିଶ୍ୱଜିତ ଲେଙ୍କା, ଆସିଫ ରାଜ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅମିତ କୁମାର ନାୟକ, ଜିଲା କଂଗ୍ରେସ ସଭାପତି ଗୌରୀଶ୍ୟାମ ପଣ୍ଡା, ବ୍ଲକ କଂଗ୍ରେସ ସଭାପତି ବସନ୍ତ ମହାକୁର, ବ୍ଲକ ଯୁବ କଂଗ୍ରେସ ସଭାପତି ବିଦ୍ୟାଧର ଖୁର୍ଡିଆ, ସୋନପୁରର ପୂର୍ବତନ ବିଧାୟକ ବିନୋଦ ପାତ୍ର, ଜିତେନ୍ଦ୍ର ପଟ୍ଟନାୟକ, ରାଜଗୋପାଳ ପାଣିଗ୍ରାହୀ, ସୁଧିର ପଣ୍ଡା, ରାଜେଶ ମିଶ୍ର, ମାଧବ କୁମ୍ଭାର, ସୂର୍ଯ୍ୟକାନ୍ତି ବାଘ, ପ୍ରଦୀପ ସେଠୀ, ନରସିଂହ ପାଣିଗ୍ରାହୀଙ୍କ ସମେତ ବହୁ କର୍ମକର୍ତ୍ତା ଏଥିରେ ସାମିଲ ହୋଇଥିଲେ।

**ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ**

## ବିଭିନ୍ନ ହୋଟେଲ, ରେଷ୍ଟୁରାଣ୍ଟରେ ଖାଦ୍ୟର ମାନ ଯାଞ୍ଚ

ଡୁଙ୍ଗୁରିପାଲି,୪।୮(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ସହରର ବିଭିନ୍ନ ସ୍ଥାନରେ ଥିବା ହୋଟେଲ, ରେଷ୍ଟୁରାଣ୍ଟରେ ଗୁରୁବାର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ଟିମ୍ ଖାଦ୍ୟର ମାନ ଯାଞ୍ଚ କରିଛନ୍ତି। ହୋଟେଲ ଓ ରେଷ୍ଟୁରାଣ୍ଟରେ ବାସି ଖାଦ୍ୟ ବିକ୍ରି ହେଉଥିବା ଅଭିଯୋଗ କ୍ରମେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ବିଶ୍ୱ ରଞ୍ଜନ ପତିଙ୍କ ନିର୍ଦ୍ଦେଶ କ୍ରମେ ଯାଞ୍ଚ କରାଯାଇ ହୋଟେଲ ଓ ରେଷ୍ଟୁରାଣ୍ଟ ମାଲିକମାନଙ୍କୁ ସଚେତନ କରାଯାଇଥିଲା। ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମନୋଜ କୁମାର ଅଦାବରଙ୍କ ନେତୃତ୍ୱରେ ଏହି ଟିମ୍ ସହରରେ ଥିବା ଆଲୋକ ଡ଼େଲୀ ନିଡ଼ସ, ଜୟ ଦୁର୍ଗା ହୋଟେଲ, ଡୋର ହୋଟେଲ, ରାଜ ହୋଟେଲ, ରାଜ ଚାଟ, ମା' ତାରିଣୀ ହୋଟେଲ, କ୍ୟୁଟ ରେଷ୍ଟୁରେଣ୍ଟ ସମେତ ବିଭିନ୍ନ ସ୍ଥାନରେ ଥିବା ହୋଟେଲ, ରେଷ୍ଟୁରାଣ୍ଟ, ଜଳଖିଆ ଦୋକାନ, ଫାଷ୍ଟ ଫୁଡ ସେଣ୍ଟରକୁ ଯାଞ୍ଚ କରିଥିଲେ। ଏହି ଅବସରରେ ବାସିଖାଦ୍ୟ, ଦୂଷିତ ପାଣି ଗ୍ରାହକ ଙ୍କୁ ନ ଦେବା ପାଇଁ ହୋଟେଲ, ରେଷ୍ଟୁରାଣ୍ଟ ଓ ଜଳଖିଆ ଦୋକାନୀଙ୍କୁ ତାଗିଦ କରାଯାଇଥିଲା। ଏହି ଟିମ୍‌ରେ ଖାଦ୍ୟ ନିରାପତ୍ତା ଅଧିକାରୀ ସସ୍ମିତା ନାଏକ, ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରମୋଦ କୁମାର ନାଏକ, ଜନ୍ମ ମୃତ୍ୟୁ ଜିଲା ସଂଯୋଜକ ରୁଚିକାନ୍ତ ଭୋଇ, ଏମଟିଏସ ରାଜୀବ ପଧାନ, ଶ୍ରୀବନ୍ତ ଖଣ୍ଡଗିରି, ରାଜେଶ ମହାନା ଓ ଡୁଙ୍ଗୁରିପାଲି ଥାନା ଏଏସଆଇ ମୋହନ ବରିହା, ଏଏସଆଇ ଜାହ୍ନବୀ ତାଣ୍ଡି ପ୍ରମୁଖ ସାମିଲ ଥିଲେ।



ସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କ ଦ୍ୱାରା ଏକ ରେଷ୍ଟୁରାଣ୍ଟରେ ଖାଦ୍ୟର ମାନ ଯାଞ୍ଚ କରାଯାଉଛି।

# ହର୍ ଘର୍ ତ୍ରିରଙ୍ଗା ଅଭିଯାନ

ସୋନପୁର,୪।୮(ନି.ପ୍ର.)

**ସୁବର୍ଣ୍ଣପୁରରେ ଭାଜପାର ପ୍ରସ୍ତୁତି**

ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ସ୍ୱାଧୀନତାର ଅମୃତ ମହୋତ୍ସବ ପାଇଁ କେନ୍ଦ୍ର ସରକାର ହର୍ ଘର୍ ତ୍ରିରଙ୍ଗା ଅଭିଯାନର ଡାକରା ଦେଇଛନ୍ତି। ଏଥିପାଇଁ ସୋନପୁର ପୁରୁଣା ଟାଉନ ହଲରେ ଭାଜପାର ଏକ ପ୍ରସ୍ତୁତି ବୈଠକ ଜିଲା ସଭାପତି ପ୍ରମୋଦ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଜପାର ପ୍ରାକ୍ତନ ରାଜ୍ୟ ସଭାପତି ତଥା ପ୍ରାକ୍ତନ ମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଯୋଗଦେଇ ସମସ୍ତେ ତ୍ରିରଙ୍ଗା ପତାକା କିଣି ଆସନ୍ତା ୧୩ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ନିଜ ଘର ଛାତ ଓ ସମସ୍ତ କାର୍ଯ୍ୟାଳୟରେ ଉଡାଇବା ଅଭିଯାନରେ ସାମିଲ ହେବା ପାଇଁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଜପା ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ପୂଜାରୀ, ବିଜୟ ମହାକୁର, ଉଷା କୁମାରୀ, ଏମ୍‌ପିଙ୍କ ପ୍ରତିନିଧି ଶରତ ଶତପଥୀ, ପ୍ରାକ୍ତନ ଜିଲା ସଭାପତି ସୁରେଶ ମହଲା, ପ୍ରାକ୍ତନ ଜିଲା ପରିଷଦ ସଭାପତି ଆନନ୍ଦ ବାରିକ, ଜିଲା ପରିଷଦ ସଭ୍ୟା ପ୍ରମିଳା କଲତା ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଜିଲାରେ ସଫଳ କରିବା ପାଇଁ ତୃଣମୂଳସ୍ତରରୁ କାର୍ଯ୍ୟକର୍ତ୍ତାମାନେ ଉଦ୍ୟମ କରିବାକୁ ପରାମର୍ଶ ଦିଆ ଯାଇଥିଲା। ପ୍ରସ୍ତୁତି ବୈଠକରେ ନଗର ସଭାପତି ଜଗଜ୍ୟୋତି ତ୍ରିପାଠୀ, ସମ୍ପାଦକ ସୁରେଶ ବିଶ୍ୱାଳ, ସାନନ୍ଦ ମେହେର, ଜିଲା ସମ୍ପାଦକ ହେମନ୍ତ ବିଶ୍ୱାଳ, କାଉନସିଲର ଗଙ୍ଗାଧର ତରିଆ ଓ ସୁକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ପ୍ରସ୍ତୁତି ବୈଠକରେ ଉପସ୍ଥିତ ନେତୃବୃନ୍ଦ।

# ଡ୍ରପଆଉଟ କିଶୋରୀଙ୍କ ପୁନଃ ନାମଲେଖାକୁ ଗୁରୁତ୍ୱ

ସୋନପୁର,୪।୮(ନି.ପ୍ର.)

ସୁବର୍ଣ୍ଣପୁର ଜିଲାରେ ବାଲ୍ୟ ବିବାହ ତଥା କିଶୋରୀ ମାତୃତ୍ୱକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଜିଲାପାଳ ଆବୋଲି ସୁନିଲ ନରୱଣେଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏହି ବୈଠକ ହୋଇଥିଲା। ଚଳିତ ଶିକ୍ଷାବର୍ଷରେ ଜିଲାର କୌଣସି ଗୋଟିଏ ମଧ୍ୟ ଝିଅ ଯେପରି ସ୍କୁଲ ବାହାରେ ନ ରହିବେ ସେଥିପ୍ରତି ସମ୍ପୃକ୍ତ ବିଭାଗଗୁଡିକ ଯତ୍ନବାନ ହୋଇ ପଦକ୍ଷେପ ନେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏପରି କି ଯଦି କୌଣସି ଝିଅ ନିର୍ଦ୍ଦିଷ୍ଟ ବୟସ ପୂର୍ବରୁ ବାହା ହେଇ କିମ୍ବା ଅନ୍ୟ କୌଣସି କାରଣରୁ ପାଠ ଛାଡିଛନ୍ତି ଅଥବା ଗାଁର ବାହାରକୁ ଚାଲି ଯାଇଛନ୍ତି, ତାଙ୍କର ସମସ୍ତ ତଥ୍ୟ ଖୋଜି କି ବାହାର କରିବା ସହ ସେମାନଙ୍କୁ ପୁନଃ ସ୍କୁଲରେ ପଢିବା ନିମନ୍ତେ ଉତ୍ସାହିତ କରିବା ଉପରେ ପଦକ୍ଷେପ ନେବାକୁ ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ଏହି ପରିପ୍ରେକ୍ଷୀରେ ଗତ ସମୀକ୍ଷା ବୈଠକ ତଥ୍ୟ ଅନୁଯାୟୀ,ସମୁଦାୟ ଡ୍ରପ ଆଉଟ ଛାତ୍ରୀଛାତ୍ରଙ୍କ ସଂଖ୍ୟା ୨୭୦୧ ରହିଥିବା ବେଳେ ତନ୍ମଧ୍ୟରୁ ଅଦ୍ୟାବଧି ୧୫୨୮ ଜଣ ବିଭିନ୍ନ ସ୍କୁଲ ଓ ଆଇଟିଆଇରେ ନାମ ଲେଖାଇ ଶିକ୍ଷା ଗ୍ରହଣ ପୂର୍ବକ ପୁନଃ ଶିକ୍ଷା କ୍ଷେତ୍ରକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏବେ ସ୍କୁଲ ବାହାରେ ୧୧୭୩ ଜଣ ଛାତ୍ରୀଛାତ୍ର ରହିଥିବା ସୂଚନା ଦିଆଯାଇଛି। ଏହି କାର୍ଯ୍ୟକୁ ଅଧିକ ବ୍ୟବସ୍ଥିତ ଓ ସୁନିଶ୍ଚିତ କରିବା ନିମନ୍ତେ ସମସ୍ତ ବିଇଓ ୨୦୨୦-୨୧,୨୦୨୧-୨୨ରେ ବିଦ୍ୟାଳୟ ଆସୁ ନ ଥିବା ୧୫ ରୁ ୧୮ ବର୍ଷର ଝିଅଙ୍କ ତାଲିକା ଅନୁଯାୟୀ ସମସ୍ତେ ଯେପରି ପୁନଃ ଶିକ୍ଷା କ୍ଷେତ୍ରକୁ ପ୍ରତ୍ୟାବର୍ତ୍ତନ କରିବେ ସେଥିପ୍ରତି ଯତ୍ନବାନ ହେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଯଦି କୌଣସି ବିଦ୍ୟାଳୟ ବାହାରେ ଥିବା କିଶୋରୀର ବାହାଘର ହୁଏ କିମ୍ବା କିଶୋରୀ ମାତୃତ୍ୱ ହୁଏ ଅଥବା ଅଧାରୁ ପାଠ ଛାଡିଥାଏ ତେବେ ସମ୍ପୃକ୍ତ ଅଞ୍ଚଳରେ ଥିବା ସ୍କୁଲର ପ୍ରଧାନଶିକ୍ଷକ, ସିଆରସିସି, ସିଡିପିଓ, ସୁପରଭାଇଜର ସେମାନଙ୍କ ଘରକୁ ଯାଇ ପରାମର୍ଶ କରି ପୁନର୍ବାର ବିଦ୍ୟାଳୟକୁ ଫେରାଇ ଆଣିବା ନିମନ୍ତେ ପ୍ରୟାସ କରିବାକୁ କୁହାଯାଇଛି। ଏହି ପରିପ୍ରେକ୍ଷୀରେ ବିଇଓ, ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଆନ୍ତରିକ ଉଦ୍ୟମରେ ସ୍କୁଲ ବାହାରେ ଥିବା ଛାତ୍ରୀଛାତ୍ର ବାହାଘର ପରେ ମଧ୍ୟ ପୁନର୍ବାର ବିଦ୍ୟାଳୟରେ ପାଠପଢା ଜାରି ରଖିଛନ୍ତି ଯାହା ପ୍ରଶଂସନୀୟ ବୋଲି ଜିଲାପାଳ କହିଛନ୍ତି। ଜିଲା ବାଲ୍ୟ ବିବାହ ପରାମର୍ଶ ଦାତା ରାକେଶ ପ୍ରଧାନ ବାଲ୍ୟ ବିବାହ ଓ କିଶୋରୀ ମାତୃତ୍ୱ ଉପରେ ବିବରଣୀ ପ୍ରଦାନ କରିଥିଲେ। ସୋନପୁର ଉପଜିଲାପାଳ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର ବୈଠକରେ ବିଭିନ୍ନ ବ୍ଲକ ସ୍ତରରେ ଡ୍ରପ ଆଉଟ ରହିଥିବା ଛାତ୍ରୀଛାତ୍ରଙ୍କ ତଥ୍ୟ ପଚାରି ବୁଝିବା ସହ ସମସ୍ତେ ମିଳିତ ଭାବେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ବୈଠକରେ ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ଜିଲା ସାମାଜିକ କଲ୍ୟାଣ ଅଧିକାରିଣୀ ଗୌରମଣି ହାଁସଦା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଚତୁଃର୍ଭୁଜ ଦାଶ, ଜିଲା ଶ୍ରମ ଅଧିକାରୀ ଡିଲେଶ୍ୱର ଖାଖା , ସମସ୍ତ ସିଆରସିସି, ସୋନପୁର ଆଇଟିଆଇ ଅଧ୍ୟକ୍ଷ, ସମସ୍ତ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ ପ୍ରମୁଖ ଯୋଗଦାନ କରି ନିଜ ନିଜର ମତାମତ ପ୍ରଦାନ କରିଥିଲେ।



ସମୀକ୍ଷା ବୈଠକରେ ଜିଲାପାଳ ଓ ଅନ୍ୟ ଅଧିକାରୀ ବୃନ୍ଦ।

**ବାଲ୍ୟବିବାହ ନିରାକରଣ ଟାସ୍କ ଫୋର୍ସ କମିଟି ବୈଠକ**

**■ ସ୍କୁଲ ବାହାରେ ଅଛନ୍ତି ୧୧୭୩ ଛାତ୍ରୀଛାତ୍ର**